# ମେ' ପହିଲା– ବିଶ୍ୱ ଶ୍ରମିକ ଦିବସ

ଜନାର୍ଦ୍ଦନ ପତି

ମେ' ପହିଲା ହେଉଛି ଆନ୍ତର୍ଜାତିକ ଶ୍ରମିକ ଦିବସ । ପୁଞ୍ଜିବାଦର ଶୋଷଣ ବିରୁଦ୍ଧରେ ବିଶ୍ୱ ଶ୍ରମିକ ଶ୍ରେଣୀର ସଂହତିର ଦିବସ ହେଉଛି ମେ' ପହିଲା । ଅଷ୍ଟ୍ରେଲିଆଠାରୁ କାଲିଫର୍ଣ୍ଣିଆ ପର୍ଯ୍ୟନ୍ତ ବିଶ୍ୱର ସବୁ ମହାଦେଶର ଶ୍ରମିକମାନେ ମେ' ଦିବସକୁ ସେମାନଙ୍କ ବିଜୟ ଦିବସ ଓ ସଂକଳ୍ପ ଦିବସ ଭାବେ ପାଳନ କରିଥାନ୍ତି ।

ମେ' ଦିବସର ଇତିହାସ ହେଉଛି ରକ୍ତକ୍ଷୟୀ ସଂଗ୍ରାମର ଇତିହାସ । ଏହି ସଂଗ୍ରାମର ଭିତ୍ତି ପଡିଥିଲା ଆମେରିକା ମହାଦେଶରେ ।

ବର୍ତ୍ତମାନ ଅବସ୍ଥାରେ ଯେତେବେଳେ ଗୋଟିଏ ଦିଗରେ ପୁଞ୍ଜିପତି ଓ ଅନ୍ୟ ଦିଗରେ ଖଟିଖିଆ ମଜଦୁରମାନଙ୍କ ମାଧ୍ୟମରେ ଉତ୍ପାଦନ ହେଉଛି, କେବଳ ଏହି ଅବସ୍ଥାରେ ପୁଞ୍ଜିପତି ଶ୍ରେଣୀ ଶ୍ରମିକର ଅବୈତନିକ ଶ୍ରମକୁ ଶୋଷଣ କରୁଛି, ଏକଥା ବିଚାର କଲେ ଭୁଲ୍ ହେବ । ବାସ୍ତବ ଘଟଣା ହେଉଛି ଚିରକାଳ ଧରି ପଦାନତ ଶ୍ରେଣୀକୁ ଅବୈତନିକ ଶ୍ରମ କରିବାକୁ ହୋଇଛି । ଯେତେବେଳେ କ୍ରୀତଦାସ ଯୁଗ ବଳବତ୍ତର ଥିଲା, ସେତେବେଳେ ସାରା ଯୁଗ ଧରି କ୍ରୀତଦାସମାନଙ୍କୁ ବଞ୍ଚି ରହିବା ପାଇଁ ଯେତିକି ଦରକାର କେବଳ ସେତିକି ଦିଆଯାଉଥିଲା । ଅଥଚ ତା'ଠାରୁ କେଇଗୁଣ ଶ୍ରମ ମୂଲ୍ୟ ସେମାନଙ୍କଠାରୁ ଆଦାୟ କରାଯାଉଥିଲା ।

ଭୂମୀ ଦାସ ଯୁଗରେ କୃଷକମାନେ ବିନା ମଜୁରୀରେ ଜମିଦାର ଜମିରେ କାମ କରୁଥିଲେ । ବସ୍ତୁତଃ ଏହି ଅବସ୍ଥାରେ କୃଷକ ଯେତିକି ସମୟ ନିଜ ଜମିରେ ଶ୍ରମ କରୁଥିଲା, ତା'ଠାରୁ ଢେର ଅଧିକ ଦିନ ଭୂସ୍ୱାମୀ ଜମିରେ ଶ୍ରମ କରୁଥିଲା, ତାହା ହେଉଛି ଅବୈତନିକ ଶ୍ରମ । ଯେତେଦିନ ପର୍ଯ୍ୟନ୍ତ ଉତ୍ପାଦନ ଯନ୍ତ୍ର ଉପରେ ସମାଜର ଏକ ଅତି କ୍ଷୁଦ୍ର ଅଂଶର ଏକଚାଟିଆ ପ୍ରଭୁତ୍ୱ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଶ୍ରମିକ ସ୍ୱାଧୀନ ହେଉ ବା ପରାଧୀନ ହେଉ, ତାକୁ ତା'ର ପ୍ରାଣ ଧାରଣ ପାଇଁ ପ୍ରୟୋଜନୀୟ ଶ୍ରମ ସମୟ ଓ ମାଲିକମାନଙ୍କ ମୁନାଫା ପାଇଁ ଅତିରିକ୍ତ ଶ୍ରମ ସମୟ ଦେବାକୁ ହେବ ।

ପୁଞ୍ଜିପତି ଯେଉଁ ଶ୍ରମିକମାନଙ୍କୁ ନିଯୁକ୍ତି ଦିଏ, ସେହି ଶ୍ରମିକମାନଙ୍କୁ ଦୁଇ ପ୍ରକାର ଶ୍ରମ କରିବାକୁ ହୁଏ । ଶ୍ରମ ସମୟର ଏକ ଅଂଶର ମୂଲ୍ୟ ସେ ପୁଞ୍ଜିପତିଠାରୁ ପାଏ । ଶ୍ରମିକର ଏହି ଶ୍ରମକୁ ମାର୍କ୍ସ କହିଛନ୍ତି ଆବଶ୍ୟକ ଶ୍ରମ । କିନ୍ତୁ ତା'ପରେ ସେ ଯେଉଁ ଶ୍ରମ କରେ, ସେଇଟା ସେ କରେ ପୁଞ୍ଜିପତି ପାଇଁ, ତାହା ହିଁ ହେଉଛି ଉଦ୍‌ବୃତ୍ତ ଶ୍ରମ । ଏଇଟା ହେଉଛି ମାଲିକର ମୁନାଫା ।

ପୁଞ୍ଜିପତିର ସ୍ୱାର୍ଥ ହେଉଛି, ଶ୍ରମ ଦିବସକୁ ଯେତେ ସମ୍ଭବ ଲମ୍ବା କରିବା । ଶ୍ରମ ସମୟ ଯେତେ ଅଧିକ ହେବ, ଉଦ୍‌ବୃତ୍ତ ମୂଲ୍ୟ ସେତେ ବେଶୀ ଉତ୍ପନ୍ନ ହେବ । ଶ୍ରମିକ ନ୍ୟାଯ୍ୟ ଭାବେ ଅନୁଭବ କରେ ଯେ ମଜୁରୀ ବାବଦକୁ ଶ୍ରମ କରିବା ସମୟକୁ ବାଦ୍ ଦେଲେ ଆଉ ଯେତେ ଅତିରିକ୍ତ ସମୟ ସେ କାମ କରୁଛି, ସେସବୁ ଶ୍ରମ ଅନ୍ୟାୟ ଭାବେ ତା'ଠାରୁ ନିଆଯାଉଛି ।

ଇତିହାସର ରଙ୍ଗମଞ୍ଚରେ ପ୍ରଥମେ ଯେଉଁଦିନ ସ୍ୱାଧୀନ ଶ୍ରମିକ ଦେଖା ଦେଇଥିଲା, ସେହିଦିନଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଚାଲୁ ରହିଛି କାମ କରିବା ପାଇଁ ଶ୍ରମ ସମୟ ନିର୍ଦ୍ଧାରଣ କରିବାର ସଂଗ୍ରାମ । ଏହି ସଂଗ୍ରାମର ଏକ ଅଧ୍ୟାୟର ପରିଣତି ହେଉଛି ମଇ ପହିଲା ।

ମେ' ପହିଲାର ପ୍ରଧାନ ଥିଲା ଶ୍ରମ ସମୟ କମାଇବା ଦାବି କରି ଶ୍ରମିକମାନଙ୍କର ଆନ୍ଦୋଳନ । ଊନବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ଶ୍ରମିକମାନଙ୍କୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କାମ କରିବାକୁ ହେଉଥିଲା । କିନ୍ତୁ ଏତିକିରେ ଶ୍ରମ ସମୟ ଶେଷ ହେଉନଥିଲା । ବହୁ କାରଖାନାରେ ଶ୍ରମିକମାନେ ଦିନକୁ ୧୮ରୁ ୨୦ ଘଣ୍ଟା ପର୍ଯ୍ୟନ୍ତ କାମ କରୁଥିଲେ । ଶିଶୁ ଓ ମହିଳା ଶ୍ରମିକମାନଙ୍କୁ ମଧ୍ୟ ବହୁ ସମୟ

ଧରି କାର୍ଯ୍ୟ କରିବାକୁ ହେଉଥିଲା । ସେତେବେଳେ ଇଂଲଣ୍ଡର ଏକ ଇସ୍ପାତ ଉତ୍ପାଦନକାରୀ ମାଲିକ ଶିଶୁ ଶ୍ରମିକମାନଙ୍କୁ ରାତିରେ କାମ କରାଉଥାଏ । ସେହି ମାଲିକର ମନ୍ତବ୍ୟ ଥିଲା– ଏହି ପିଲାମାନେ ରାତିରେ କାମ କଲେ ବି ସେମାନେ ଦିନବେଳା ସମ୍ପୂର୍ଣ୍ଣ ବିଶ୍ରାମ ନେଇପାରନ୍ତି ନାହିଁ । କିନ୍ତୁ ଏହି ଧାରାକୁ ପରିବର୍ତ୍ତନ କରିହେବନାହିଁ ।

ଆଠ ଘଣ୍ଟା ଶ୍ରମ କରିବାର ଦାବି ପ୍ରଥମେ ଆମେରିକା ଶ୍ରମିକମାନେ ଉଠାଇଥିଲେ । ଶ୍ରମିକମାନେ ପ୍ରଥମେ ଦିନକୁ ୧୦ ଘଣ୍ଟା ଶ୍ରମ ସମୟ ପାଇଁ ଦାବି କରୁଥିଲେ । ୧୮୩୭ ମସିହାରେ ଆମେରିକା ସରକାର ୧୦ ଘଣ୍ଟା ଶ୍ରମ ସମୟ ପାଇଁ ଆଇନ କଲାପରେ ଶ୍ରମିକମାନେ ଉତ୍ସାହିତ ହୋଇ କେତେକ କାରଖାନାରେ ଆଠ ଘଣ୍ଟା ପାଇଁ ଅଡି ବସିଥିଲେ ।

ଆମେରିକାର ନ୍ୟାସନାଲ୍ ଲେବର ୟୁନିୟନ ୧୮୬୬ ମସିହାରେ ଏହାର ପ୍ରଥମ ସମ୍ମିଳନୀରେ ଆଠ ଘଣ୍ଟା ଶ୍ରମ ଦିବସ ପାଇଁ ପ୍ରସ୍ତାବ ଗ୍ରହଣ କଲା ଓ ଏହାକୁ ହାସଲ ପାଇଁ ସଂଗ୍ରାମ କରିବ ବୋଲି ଘୋଷଣା କଲା । ସେହି ସମ୍ମିଳନୀରେ କୁହାଗଲା ଯେ ପୁଞ୍ଜିବାଦର ଦାସତ୍ୱ କବଳରୁ ମୁକ୍ତ ହେବା ପାଇଁ ସଂଗ୍ରାମ ଜାରି ରହିବ ।

ନ୍ୟାସନାଲ ଲେବର ୟୁନିୟନ ୧୮୬୬ ମସିହା ଅଗଷ୍ଟ ମାସରେ ଏହି ସିଦ୍ଧାନ୍ତ ଗ୍ରହଣ କଲାପରେ, ସେହିବର୍ଷ ସେପ୍ଟେମ୍ବର ମାସରେ ପ୍ରଥମ ଆନ୍ତର୍ଜାତିକର ଜେନିଭା କଂଗ୍ରେସରେ ମଧ ସେହି ଆଠ ଘଣ୍ଟା ଶ୍ରମ ଦିବସ ପ୍ରସ୍ତାବ ଗୃହୀତ ହେଲା ।

ମାର୍କ୍ସ କହିଥିଲେ ଦେଖ, ଆମେରିକାର ବାଲ୍ଟି ସହରରେ ଆଠ ଘଣ୍ଟା ଶ୍ରମ ଦିବସ ପାଇଁ ଶ୍ରମିକ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହେବାର ଦୁଇ ସପ୍ତାହ ଭିତରେ ସୁଇଜରଲ୍ୟାଣ୍ଡର ଜେନିଭା ନଗରୀରେ ଏବଂ ଆନ୍ତର୍ଜାତୀୟ କଂଗ୍ରେସରେ ଅନୁରୂପ ପ୍ରସ୍ତାବ ଗୃହୀତ ହୋଇଛି । ଆଟଲାଣ୍ଟିକ ମହାସାଗରର ଦୁଇପାର୍ଶ୍ୱରେ ଅବସ୍ଥିତ ଦୁଇ ସହରରେ ଏକା ଧରଣର ପ୍ରସ୍ତାବ ଗୃହୀତ ହେବା ଦର୍ଶାଏ ଯେ ଶ୍ରମିକ ଶ୍ରେଣୀ ନିଜର ଅଧିକାର ପାଇଁ ଅଣ୍ଟା ଭିଡିଛି । ୧୮୭୧ ମସିହାର ପ୍ୟାରିସ ବିପ୍ଳବ ପରେ ୧୮୭୨ରେ ପ୍ରଥମ ଆନ୍ତର୍ଜାତିକ ଭାଙ୍ଗିଗଲା ଓ ଏହାର କେନ୍ଦ୍ର ଅଫିସ୍ ଲଣ୍ଡନରୁ ନ୍ୟୁୟର୍କକୁ ସ୍ଥାନାନ୍ତରିତ କରାଗଲା । ଫ୍ରାନ୍ସ ବିପ୍ଳବର ଏକଶତ ବର୍ଷ ଉପଲକ୍ଷେ ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତିକ ପ୍ୟାରିସ ଅଧିବେଶନ, ୧୮୮୯ରେ ମେ' ପହିଲାକୁ ଆନ୍ତର୍ଜାତିକ ଶ୍ରମ ଦିବସ ଭାବେ ଘୋଷଣା କରାଗଲା ।

## ମେ' ଦିବସର ରକ୍ତକ୍ଷୟୀ ସଂଗ୍ରାମ

ଆଠଘଣ୍ଟା ଶ୍ରମ ସମୟ ଦାବି କରି ଆମେରିକାର ହଜାର ହଜାର ଶ୍ରମିକ ଧର୍ମଘଟରେ ସାମିଲ ହେଲେ । ୧୮୮୧ରୁ ୧୮୮୫ ମଧ୍ୟରେ ଶ୍ରମିକ ଧର୍ମଘଟର କେନ୍ଦ୍ରବିନ୍ଦୁ ଥିଲା ଚିକାଗୋ । ଚିକାଗୋ ବ୍ୟତୀତ ନ୍ୟୁୟର୍କ, ବାଲ୍ଟିମୋର, ୱାଶିଂଟନ୍, ପିଟସବର୍ଗ ଆଦି ସହରରେ ଧର୍ମଘଟକାରୀ ଶ୍ରମିକମାନେ ବହୁ ସଂଖ୍ୟାରେ ଏକତ୍ରିତ ହେଲେ । ଚିକାଗୋ ସହର ସେତେବେଳେ ବାମପନ୍ଥୀ ଆନ୍ଦୋଳନର ଶକ୍ତିଶାଳୀ କେନ୍ଦ୍ର ଥିଲା । ମେ' ପହିଲା ପୂର୍ବ ରବିବାର ଦିନ ଶ୍ରମିକମାନେ ବିକ୍ଷୋଭର ଡାକରା ଦେଲେ ଓ ଏଥିରେ ପ୍ରାୟ ୨୫,୦୦୦ ଶ୍ରମିକ ଅଂଶ ନେଇଥିଲେ ।

ମେ' ପହିଲା, ୧୮୬୬ ଚିକାଗୋରେ ଶ୍ରମିକମାନେ ଏକ ସୁବିଶାଳ ସମାବେଶ କରାଇଲେ । ମାତ୍ର ଶ୍ରମିକମାନଙ୍କ ଶୋଭାଯାତ୍ରା ଉପରକୁ ଆକ୍ରମଣ କରାଗଲା । ମେ' ୩ ତାରିଖ ଦିନ ଶ୍ରମିକମାନଙ୍କ ଉପରେ ପୁଲିସ ଗୁଳି ଚଳାଇ ଛଅଜଣ ଶ୍ରମିକଙ୍କୁ ହତ୍ୟା କଲା । ଏହାର ପ୍ରତିବାଦ କରି ମେ ୪ ତାରିଖ ଦିନ ଏକ ପ୍ରତିବାଦ ସଭା ଡକାଗଲା ହେ' ମାର୍କେଟ ଛକରେ । ସଭା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣଭାବେ ଚାଲିଥିବା ବେଳେ ଜନାକୀର୍ଣ୍ଣ ସଭା ଉପରକୁ ବୋମା ନିକ୍ଷେପ କରାଗଲା ଓ ଜଣେ ପୁଲିସ ସର୍ଜେଣ୍ଟଙ୍କ ମୃତ୍ୟୁ ଘଟିଲା । ଏହି ଘଟଣା ପରେ ଗଣ୍ଡଗୋଳର ସୂତ୍ରପାତ ହେଲା ଓ ପୁଲିସ ଗୁଳି ଚଳାଇଲା । ସାତ ଜଣ ପୁଲିସ ଓ ଚାରି ଜଣ ଶ୍ରମିକ ପ୍ରାଣ ହରାଇଲେ । ତା'ପରେ ଆରମ୍ଭ ହେଲା ବ୍ୟାପକ ଆକ୍ରମଣ ଓ ଗିରଫଦାରୀ । ଏହି ମାମଲାର ବିଚାର କରାଯାଇ ୪ଜଣ ଶ୍ରମିକ ନେତାଙ୍କୁ ଫାଶୀ ଦିଆଗଲା । ପାରସନ, ସ୍ପାଇଜ, ଫିଶ୍ଚର ଓ ଏଙ୍ଗେଲ୍ସଙ୍କୁ ଫାଶୀ ଦେବାବେଳେ ସେମାନେ ଦୃଢ କଣ୍ଠରେ କହିଥିଲେ– 'ଆମର ମୃତ୍ୟୁ ବ୍ୟର୍ଥ ହେବନାହିଁ ।' ଆମର ନିରବତା, ଆମ ଆବାଜଠାରୁ ଅଧିକ ଶକ୍ତିଶାଳୀ ହେବ ।

୧୮୬୬ ମସିହା, ମେ ୪ ତାରିଖ ହେ' ମାର୍କେଟ ଘଟଣାରେ ସ୍ତବ୍ଧ ହୋଇଗଲା ଶ୍ରମିକ ଶ୍ରେଣୀ ମୁହୂର୍ତ୍ତକ ପାଇଁ । ତା'ପରେ ସେମାନେ ଗର୍ଜି ଉଠିଲେ ଶତ ସିଂହର ବଳ ନେଇ । ପାରସନ, ସ୍ପାଇଜ, ଫିଶ୍ଚର ଓ ଏଙ୍ଗେଲସଙ୍କ ହତ୍ୟାର ପ୍ରତିଶୋଧ ନେଲା ବିଶ୍ୱ ଶ୍ରମିକ ସମୁଦାୟ । ୨୩ବର୍ଷ ପରେ ୧୮୮୯ରେ ପ୍ୟାରିସ୍‌ଠାରେ ବ୍ରାଷ୍ଟାଇଲ ଦୁର୍ଗ ପତନର ଶତ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତିକ ଘୋଷଣା କଲା– ମେ' ପହିଲାକୁ ବିଶ୍ୱ ଶ୍ରମିକ ଦିବସ ଭାବେ ପାଳନ କରିବାକୁ । ୧୮୬୬ ମସିହା ମେ' ୪ତାରିଖଠାରୁ ବିଶ୍ୱର ବିଭିନ୍ନ ଦେଶରେ ଆଠ ଘଣ୍ଟା ଶ୍ରମ ସମୟ ଦାବି କରି ଆନ୍ଦୋଳନ ସଙ୍ଗଠିତ ହେଲା ।

ଭାରତରେ ଶ୍ରମିକ ଆନ୍ଦୋଳନ

ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ (୧୮୫୭), ଭାରତର ରାଜନୈତିକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା । ଇଷ୍ଟଇଣ୍ଡିଆ କମ୍ପାନୀ ହାତରୁ ବ୍ରିଟିଶ ସରକାର ନିଜେ କ୍ଷମତା ଗ୍ରହଣ କଲେ ଓ ଭାରତରେ ଆଗାମୀ ବିଦ୍ରୋହକୁ ଦମନ କରିବା ପାଇଁ ରେଳପଥ ଓ ଟେଲିଫୋନ ବ୍ୟବସ୍ଥା ପ୍ରଚଳନ କଲେ । ବ୍ରିଟିଶ ଶିଳ୍ପପତିମାନେ ଭାରତର ବଜାରକୁ ଇଷ୍ଟଇଣ୍ଡିଆ କମ୍ପାନୀ ହାତରେ ଏକଚାଟିଆ ଭାବରେ ରଖିବାକୁ ଚାହୁଁ ନଥିଲେ । ଏହି ବିଦ୍ରୋହ ସେମାନଙ୍କ ଲକ୍ଷ୍ୟ ଓ ଆକାଂକ୍ଷାକୁ ପୂରଣ କଲା । ୧୮୫୮ରେ ବ୍ରିଟିଶ ସରକାର ସିଧାସଳଖ ଭାରତର ଶାସନ ଦାୟିତ୍ୱ ନେବା ପରେ ଭାରତରେ ବ୍ରିଟିଶ୍ ଶିଳ୍ପର ବିକାଶ ଘଟିବା ସହିତ, ବ୍ରିଟିଶ ଶିଳ୍ପପତି ଓ ଭାରତୀୟ ଶିଳ୍ପପତିଙ୍କ ମଧ୍ୟରେ ପ୍ରତିଯୋଗିତା ତୀବ୍ର ହେଲା ଓ ଭାରତରେ ସ୍ୱଦେଶୀ ଆନ୍ଦୋଳନର ସୂତ୍ରପାତ ଘଟିଲା ।

୧୮୯୦ ମସିହା ବେଳକୁ ଭାରତରେ ବଡ ବଡ ଶିଳ୍ପରେ ୩୦୦, ୦୦୦ ଶ୍ରମିକ କାମ କରୁଥିଲେ । ୧୮୯୦ରୁ ୧୯୧୪ (ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ) ପର୍ଯ୍ୟନ୍ତ ଭାରତରେ ଶିଳ୍ପର ବିକାଶ ଘଟିଲା ଓ ଶ୍ରମିକ ସଂଖ୍ୟା ମଧ୍ୟ ବଢିଲା । ୧୯୧୪ରେ ଭାରତରେ ୨୯୩୬ଟି କାରଖାନା ପ୍ରତିଷ୍ଠା ହୋଇଥିଲା ଓ ଏଥିରେ ୯ଲକ୍ଷ ୫୦ ହଜାର ଶ୍ରମିକ କାମ କରୁଥିଲେ । ବମ୍ବେର ସୂତାକଳମାନଙ୍କରେ ଶ୍ରମିକମାନେ ସର୍ବନିମ୍ନ ୧୨ ଘଣ୍ଟା କାମ କରୁଥିଲେ । କେତେକ କ୍ଷେତ୍ରରେ ଦିନକୁ ୧୫ରୁ ୧୬ ଘଣ୍ଟା ମଧ୍ୟ କାମ କରୁଥିଲେ । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଶ୍ରମିକମାନେ କାମ କରିବାକୁ ବାଧ୍ୟ ହେଉଥିଲେ । କେତେକ କାରଖାନାରେ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ ହେଉଥିଲା । ଶ୍ରମିକମାନଙ୍କ ଶ୍ରମ ସମୟ କମାଇବା ଓ ମଜୁରୀ ବଢାଇବା ଦାବି କରି କଲିକତାରେ ବ୍ରାହ୍ମସମାଜ 'ୱାର୍କଂମେନ୍ସ ମିଶନ' ନାମକ ସଙ୍ଗଠନ ତିଆରି କଲେ । ବମ୍ବେରେ ୧୮୯୦ ମସିହାରେ ମଧ୍ୟ ଶ୍ରମିକମାନେ ସଙ୍ଗଠନ ତିଆରି କଲେ ଓ ଏପ୍ରିଲ ମାସରେ ଏକ ଶ୍ରମିକ ସଭାରେ ୧୦ ହଜାର ଶ୍ରମିକ ଯୋଗ ଦେଇଥିଲେ । ୧୮୮୧ରୁ ୧୮୯୦ ମଧ୍ୟରେ ୱାର୍ଦ୍ଧା ମିଲ୍‌ରେ ୪ଥର ଧର୍ମଘଟ ସଙ୍ଗଠିତ ହୋଇଥିଲା । ମାନ୍ଦ୍ରାଜରେ କୋଏମ୍ବାଟୁର ତନ୍ତଶିଳ୍ପର ଶ୍ରମିକମାନେ ୧୮୯୧ରେ ଧର୍ମଘଟ କଲେ ।

୧୯୦୭ ମସିହାରେ ରେଳ ଶ୍ରମିକମାନେ ଶ୍ରମ ସମୟ କମାଇବା ପାଇଁ ଧର୍ମଘଟ କରିଥିଲେ । ଏହି ଧର୍ମଘଟରେ ବମ୍ବେରେ ୩୦୦୦ ରେଳ ଶ୍ରମିକ ଅଂଶ ଗ୍ରହଣ କରିଥିଲେ । ବାଲ ଗଙ୍ଗାଧର ତିଳକଙ୍କ ଗିରଫ (୨୪.୦୬.୧୯୦୮)ର ପ୍ରତିବାଦ କରି ବମ୍ବେର ଶ୍ରମିକମାନେ ଧର୍ମଘଟ କରିଥିଲେ । ଏହି ଧର୍ମଘଟ ଅଭୂତପୂର୍ବ ଥିଲା । ଲେନିନ୍ ଏହି ଆନ୍ଦୋଳନକୁ ଲକ୍ଷ୍ୟ କରି କହିଥିଲେ, ଭାରତର ଶ୍ରମିକମାନଙ୍କର ଏ ହେଉଛି ରାଜନୈତିକ ସଂଗ୍ରାମ । ତା' ପରେ ବମ୍ବେର ବନ୍ଦର ଶ୍ରମିକମାନେ ଧର୍ମଘଟରେ ଯୋଗ ଦେଇଥିଲେ । ସେତେବେଳେ ଏହି ଧର୍ମଘଟରେ ଏକ ଲକ୍ଷ ଶ୍ରମିକ ଯୋଗ ଦେଇଥିଲେ ।

ଭାରତରେ ମଧ୍ୟ ଆଠ ଘଣ୍ଟା ଶ୍ରମ ଦିବସ ପାଇଁ ଲଗାତର ଆନ୍ଦୋଳନ ହୋଇଛି ଓ ବିଶ୍ୱ ଶ୍ରମିକ ଦିବସ ଭାବେ ମେ' ପହିଲାକୁ ପାଳନ କରିବାକୁ ଦ୍ୱିତୀୟ ଆର୍ନ୍ତଜାତିକ ଘୋଷଣା କରିବା ପରେ ଭାରତରେ ମେ' ପହିଲାକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି ।

ଦ୍ୱିତୀୟ ଆର୍ନ୍ତଜାତିକ ୧୮୮୯ରେ ପ୍ରତିଷ୍ଠା ହୋଇ ୧୯୧୪ ପର୍ଯ୍ୟନ୍ତ ତିଷ୍ଠି ଥିଲା, କାରଣ ୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେ ଦ୍ୱିତୀୟ ଆର୍ନ୍ତଜାତିକର ଅଂଶୀଦାରମାନେ ଭିନ୍ନ ଭିନ୍ନ ମତ ପୋଷଣ କରିବାରୁ ଏହି ବିଶ୍ୱ ସଙ୍ଗଠନର ବିଲୟ ଘଟିଲା କିନ୍ତୁ ମେ' ଦିବସ ପାଳନର ସଂକଳ୍ପ ଦୁର୍ବଳ ନହୋଇ ଦୃଢୀଭୂତ ହେଲା ।

ଏବେ ବି ଆମ ଦେଶ ଓ ରାଜ୍ୟରେ 'ମେ ଦିବସ'ର ସଂଗ୍ରାମର ନବୀକରଣର ଆବଶ୍ୟକତା ଦେଖାଦେଇଛି । ପୁଞ୍ଜିବାଦ ସଙ୍କଟକୁ ଲୋପ କରେ ନାହିଁ, ସଙ୍କଟ ସୃଷ୍ଟି କରେ । ପୁଞ୍ଜିବାଦ ଯେଉଁଠି ବି ଶକ୍ତିଶାଳୀ ହୋଇଛି, ସେଠାରେ ମୂଲ୍ୟବୃଦ୍ଧି, ଦାରିଦ୍ର୍ୟ ଲୋପ ପାଇନାହିଁ । ମେ' ଦିବସର ଆହ୍ୱାନ କେବଳ ଆଠ ଘଣ୍ଟା ଶ୍ରମ ଦିବସ ନୁହେଁ । ମେ' ଦିବସର ଆହ୍ୱାନ ହେଉଛି ପୁଞ୍ଜିବାଦର ଦାସତ୍ୱରୁ ନିଜକୁ ମୁକ୍ତ କରିବା ଓ ପୁଞ୍ଜିବାଦକୁ ଧ୍ୱଂସ କରି ସମାଜବାଦ ପ୍ରତିଷ୍ଠା କରିବା । ସେହି ଲକ୍ଷ୍ୟ ପୂରଣ ଦିଗରେ ଶତ ବାଧା ପ୍ରତିବନ୍ଧକ ଆସିଲେ ବି ଶ୍ରମିକ ଶ୍ରେଣୀ ଦିନେ ନା ଦିନେ ଏହି ସଂଗ୍ରାମରେ ବିଜୟ ଲାଭ କରିବ । ଏହା ହିଁ ମେ' ଦିବସର ତାତ୍ପର୍ଯ୍ୟ ।

ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

❖ ❖ ❖

# ମଇ ଦିବସ

**ବିଜୟ କୁମାର ପଢ଼ିହାରୀ**

ମଇ ପହିଲା । ମଇ ଦିବସ ବା ଆନ୍ତର୍ଜାତୀୟ ଶ୍ରମିକ ଦିବସ ରୂପେ ଏହା ସାରା ବିଶ୍ୱରେ ପାଳିତ ହେଉଛି । ମଇ ପହିଲାକୁ ବିଶ୍ୱ ଶ୍ରମିକ ଦିବସ ରୂପେ ପାଳନ କରାଯିବାର ତାତ୍ପର୍ଯ୍ୟ କ'ଣ ଏବଂ କାହିଁକି ସବୁ ଶ୍ରେଣୀର ଶ୍ରମିକ ସେଦିନ ଏକଜୁଟ ହୋଇ ସଭା ସମିତି ସମାବେଶମାନ କରି ନାନା ପ୍ରକାର ବୈପ୍ଳବିକ ସ୍ଲୋଗାନ ଦେଇ ଗଗନ ପବନ ମୁଖରିତ କରନ୍ତି ? ଆଜି ସେ ଦିବସର କ'ଣ କିଛି ପ୍ରାସଙ୍ଗିକତା ରହିଛି ? ଏହି ପ୍ରବନ୍ଧ ମାଧ୍ୟମରେ ଏଠାରେ ତା'ର ଏକ ସଂକ୍ଷିପ୍ତ ପର୍ଯ୍ୟାଲୋଚନା କରାଯାଇଛି ।

ବିଶ୍ୱ ଶ୍ରମିକ ଆନ୍ଦୋଳନର ଇତିହାସରେ ମଇ ପହିଲା ଥିଲା ଏକ ରକ୍ତରଞ୍ଜିତ ଅଧ୍ୟାୟ । ବିଶ୍ୱରେ ସଂଗଠିତ ଶ୍ରମିକ ଆନ୍ଦୋଳନର ଆଦ୍ୟ ଝଙ୍କାର । ୧୮୮୬ ମସିହା ମେ'ମାସ ପହିଲା ଦିନ ଆମେରିକାର ଚିକାଗୋ ସହରରେ ସର୍ବନିମ୍ନ ଦୈନିକ ଆଠ ଘଣ୍ଟା କାମ କରିବାର ଅଧିକାର ପାଇଁ ସଂଗଠିତ ହୋଇଥିଲା ଧର୍ମଘଟ । ସମଗ୍ର ଆମେରିକାରେ ହୋଇଥିବା ଧର୍ମଘଟର ଏହା ଥିଲା ଏକ ଅଂଶ । ଆମେରିକା କ'ଣ ସମଗ୍ର ୟୁରୋପ ମହାଦେଶରେ ସେତେବେଳେ କାମ କରିବାର କୌଣସି ସର୍ବନିମ୍ନ କାର୍ଯ୍ୟନିର୍ଘଣ୍ଟ ନଥିଲା । ଦୈନିକ ୧୨ ଘଣ୍ଟାରୁ ୧୮ ଘଣ୍ଟା ଯାଏ ଶ୍ରମିକମାନଙ୍କୁ କାମ କରିବାକୁ ପଡୁଥିଲା । ଶ୍ରମିକମାନେ ଯେବେ କାକୁତି ମିନତି ହେଲେ, ଦାବିପତ୍ର ପରେ ଦାବିପତ୍ର ଦେଲେ, ସଭାସମିତି କଲେ, ଧର୍ମଘଟ କଲେ ମଧ୍ୟ ମାଲିକମାନେ ସେଥିପ୍ରତି କର୍ଣ୍ଣପାତ କରିନଥିଲେ । ଶ୍ରମିକମାନେ କଳକାରଖାନାର ମାଲିକମାନଙ୍କ ଦ୍ୱାରା ଶୋଷିତ ହେଉଥିଲେ ।

୧୮୪୮ ମସିହାରେ କାର୍ଲମାର୍କ୍ସଙ୍କ ଦ୍ୱାରା ଲିଖିତ 'କମ୍ୟୁନିଷ୍ଟ ଇସ୍ତାହାର' ପ୍ରକାଶିତ ହେଲା । ସମଗ୍ର ବିଶ୍ୱରେ ଶ୍ରମଜୀବୀ ଜନଗଣଙ୍କ ମଧ୍ୟରେ ଏହି ପୁସ୍ତକ ଏକ ନବଜାଗରଣ ସୃଷ୍ଟି କରି ଶ୍ରମିକ ଶୋଷଣ ଓ ତାର ମୁକ୍ତିର ବାଟ ସୂଚିତ କରିଥିଲା । 'ଦୁନିଆର ମଜଦୁର ଏକ ହୁଅ' ସ୍ଲୋଗାନ ଶ୍ରମଜୀବୀ ଜନତାର ପ୍ରାଣରେ ନବ ଉନ୍ମାଦନା ଜାଗ୍ରତ କଲା । ଶ୍ରମଜୀବୀ ଜନସାଧାରଣ ଏକଜୁଟ ହୋଇ ମାଲିକ ବିରୁଦ୍ଧରେ ଲଢେଇ କଲେ, ନିଶ୍ଚୟ ତାଙ୍କର ହକ୍ ଅଧିକାର ପାଇପାରିବେ, ଏହି ଆତ୍ମବିଶ୍ୱାସ ସୃଷ୍ଟି କରିଥିଲେ କାର୍ଲମାର୍କ୍ସ ।

ଧୀରେ ଧୀରେ ଶ୍ରମିକମାନେ ଏକଜୁଟ ହୋଇ ନିଜର ଦାବିହାସଲ ପାଇଁ ଲଢେଇ କଲେ । ବିଭିନ୍ନ ଶିଳ୍ପରେ ଶ୍ରମିକ ସଂଘମାନ ଗଠିତ ହେଲା । ୧୮୬୬ ମସିହା ଅଗଷ୍ଟ ୨୦ ତାରିଖ ଦିନ ଆମେରିକାର କେତେକ ଶ୍ରମିକ ସଂଘ ଏକାଠି ହୋଇ ଏକ ମିଳିତ ଶ୍ରମିକ ସଂଘ ଗଠନ କଲେ । ତାର ନାମ ଥିଲା– 'ନ୍ୟାସନାଲ ଲେବର ୟୁନିଅନ୍' (ଜାତୀୟ ଶ୍ରମିକ ସଂଘ) । ଏହି ଜାତୀୟ ଶ୍ରମିକ ସଂଗଠନର ନେତୃତ୍ୱ ନେଲେ ୱିଲିୟମ୍ ଏଚ୍ ସିଲଭିସ୍ । ସେ ଜଣେ ନିର୍ଭୀକ ଯୁବକ । ଆମେରିକାର ଶ୍ରମିକମାନଙ୍କୁ ଆଠଘଣ୍ଟା କାମ କରିବାର ଅଧିକାର ପ୍ରଦାନ ପାଇଁ ବଦ୍ଧପରିକର ହେଲା ଜାତୀୟ ଶ୍ରମିକ ସଂଘ । ଶ୍ରମିକମାନଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ପୁଞ୍ଜିପତି ଓ କଳକାରଖାନା ମାଲିକମାନଙ୍କ ବିରୁଦ୍ଧରେ ଐକ୍ୟବଦ୍ଧ ସଂଗ୍ରାମର ଡାକରା ଦେଲା ଏହି ସଂଗଠନ । ଏହି ଡାକରାର ପ୍ରଭାବରେ ଦେଶ ସାରା ପ୍ରତିବାଦର ଧ୍ୱନି ଗୁଞ୍ଜରିତ ହେଲା । ସାରା ଆମେରିକାରେ ଛୋଟ ବଡ ଅନେକ ଧର୍ମଘଟ, କାର୍ଯ୍ୟବନ୍ଦ ଆନ୍ଦୋଳନ, ସଭାସମିତି ସଂଗଠିତ ହେଲା । ଯାହା ଫଳରେ ୧୮୬୮ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା କଂଗ୍ରେସ (ପାର୍ଲିଆମେଣ୍ଟ)ରେ ସର୍ବନିମ୍ନ ଆଠ ଘଣ୍ଟିଆ କାର୍ଯ୍ୟ ନିର୍ଘଣ୍ଟ ବିଲ୍ ଅନୁମୋଦିତ ହେଲା । ମାତ୍ର ଆମେରିକାର ପୁଞ୍ଜିପତି ଓ ଶିଳ୍ପ ମାଲିକମାନେ ଏହି ଆଇନ ସହଜରେ ଗ୍ରହଣ କଲେ ନାହିଁ । ପରନ୍ତୁ

ମାଲିକ ସପକ୍ଷବାଦୀ ଶ୍ରମିକ ସଂଗଠନ ଗଠନ କରି ଶ୍ରମିକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କଲେ । ମାତ୍ର ଜାତୀୟ ଶ୍ରମିକ ସଂଘ ନେତୃତ୍ୱରେ ଏହି ୮ଘଣ୍ଟିଆ ସର୍ବନିମ୍ନ କାର୍ଯ୍ୟ ନିର୍ଘଣ୍ଟ ପାଇଁ ଦେଶସାରା ଆନ୍ଦୋଳନ ଜାରି ରଖିଲା । ଦୁର୍ଭାଗ୍ୟର କଥା, ହଠାତ୍ ଶ୍ରମିକ ନେତା ସିଲଭିସ୍ଙ୍କର ମୃତ୍ୟୁ ଘଟିଲା । ପ୍ରିୟ ନେତାଙ୍କ ବିୟୋଗରେ କିଛି ଦିନ ପାଇଁ ଆନ୍ଦୋଳନ ଧିମେଇ ଗଲା । ମାତ୍ର ଆନ୍ଦୋଳନ ସମ୍ପୂର୍ଣ୍ଣ ଲୋପ ହେଲା ନାହିଁ । ଗୋଟିଏ ନୂତନ ଶ୍ରମିକ ସଂଗଠନ– ଆମେରିକାନ୍ ଫେଡେରେସନ୍ ଅଫ୍ ଲେବର' ଗଠିତ ହେଲା । ଧୀରେ ଧୀରେ ଶ୍ରମିକମାନେ ଫେଡେରେସନ ନେତୃତ୍ୱରେ ସଂଗଠିତ ହେଲେ ।

୧୮୭୫ ମସିହାରେ କୋଇଲା ଖଣି ଶ୍ରମିକମାନେ ଆଠଘଣ୍ଟା କାମ କରିବା ଅଧିକାର ପାଇଁ ଧର୍ମଘଟ କଲେ, ମାତ୍ର ତାହା ସଫଳ ହୋଇପାରିଲା ନାହିଁ । ସେହି ଆନ୍ଦୋଳନର ୧୦ଜଣ ଲଢୁଆ ନେତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା । ଶତ ନିର୍ଯାତନା, ଦଣ୍ଡ, ଜେଲ ଓ ଫାଶୀକୁ ଭ୍ରୁକ୍ଷେପ ନକରି ଶ୍ରମିକମାନେ ଆହୁରି ଅଧିକ ଧର୍ମଘଟ କଲେ । ୧୮୭୭ ମସିହାରେ ଆମେରିକାରେ ପୁଣି ଧର୍ମଘଟ ହେଲା । ପୁଞ୍ଜିପତି, କଳକାରଖାନା ମାଲିକ ଓ ସରକାରଙ୍କ ମିଳିତ ସହାୟତାରେ ଆନ୍ଦୋଳନକୁ ଦବେଇ ଦିଆଗଲା, ଆନ୍ଦୋଳନ ବିଫଳ ହେଲା ।

ଉକ୍ତ ଆନ୍ଦୋଳନର ଶିକ୍ଷା ସେମାନଙ୍କୁ ଆହୁରି ଆନ୍ଦୋଳନମୁଖୀ କଲା । ବିଭିନ୍ନ ସହରରେ ଆଠ ଘଣ୍ଟିଆ କାର୍ଯ୍ୟନିର୍ଘଣ୍ଟ ପାଇଁ ସଭା ସମିତିମାନ ହେଲା । ସାରା ଆମେରିକାର ଶ୍ରମିକ ଶ୍ରେଣୀ ଲଢେଇ ପାଇଁ ପୁଣି ଉତ୍ସାହିତ ହେଲେ । ଏହାର ପ୍ରଭାବରେ ଅସଂଗଠିତ ଶ୍ରମିକମାନେ ଅଧିକରୁ ଅଧିକ ସଂଗଠିତ ହେଲେ । ଦେଶରେ ଧର୍ମଘଟ, ତାଲାବନ୍ଦ ସଂଖ୍ୟା ବଢିବାକୁ ଲାଗିଲା । ୧୮୮୪ରେ ୫୦୦ରୁ କମ୍ ଧର୍ମଘଟ ହୋଇଥିଲାବେଳେ ୧୮୮୫ରେ ୭୦୦ ଧର୍ମଘଟ ହୋଇଥିଲା ଏବଂ ସେଥିରେ ୨,୫୦,୦୦୦ ଶ୍ରମିକ ଯୋଗ ଦେଇଥିଲେ । ନିଜ ଦାବି ହାସଲ ପାଇଁ ଶ୍ରମିକ ଶ୍ରେଣୀ ସଚେତନ ହେଲେ ଓ ଲଢେଇ ପାଇଁ ନିଜକୁ ପ୍ରସ୍ତୁତ କଲେ । 'ଆମେରିକାନ୍ ଫେଡେରେସନ୍ ଅଫ୍ ଲେବର'ର ନେତୃତ୍ୱରେ ୧୮୮୬ ମସିହା ମଇ ପହିଲା ଦିନ ଆମେରିକାରେ ଏକ ସଂଗଠିତ ଧର୍ମଘଟ ପାଇଁ ଶ୍ରମିକମାନେ ମିଳିତ ହୋଇ ଡାକରା ଦେଲେ ।

ଏହି ଧର୍ମଘଟ ଆମେରିକାର ନ୍ୟୁୟର୍କ ବାଲ୍ଟିମୋର, ୱାସିଙ୍ଗଟନ, ସିଲଓ୍ୱଇକି, ସିନ୍‌ସିନାଟି, ସେଣ୍ଟ ଲୁଇସ, ପିଟ୍‌ସବର୍ଗ ଓ ଡେଟ୍ରୋଇଟ ସହରରେ ଖୁବ୍ ଜୋରଦାର ହୋଇଥିଲା । ମାତ୍ର ଧର୍ମଘଟର କେନ୍ଦ୍ର ଥିଲା ଆମେରିକାର ଚିକାଗୋ ସହର । କଳକାରଖାନା, ଦୋକାନ-ବଜାର, ଅଫିସ୍-କଚେରୀ ଛାଡି ହଜାର ହଜାର ଶ୍ରମିକ ଭାଗ ନେଇଥିଲେ ଧର୍ମଘଟରେ । ଚିକାଗୋ ରାଜରାସ୍ତା ସେଦିନ ସଂଗ୍ରାମୀ ଶ୍ରମିକମାନଙ୍କ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା । ସହରର ବିଭିନ୍ନ ରାସ୍ତା ଓ ଗଳିକନ୍ଦିରୁ ମାଡି ଆସୁଥିଲା ଜନ ଜୁଆରର ଢେଉ । ପୃଥିବୀ ଇତିହାସରେ ତାହା ଥିଲା ଶ୍ରମିକମାନଙ୍କର ପ୍ରଥମ ସଂଗଠିତ ପ୍ରତିବାଦର ସମାବେଶ । ଶ୍ରମିକମାନଙ୍କର ଏହି ଏକତା ଆଉ ଲଢୁଆ ମନୋଭାବକୁ ଦେଖି ଏକଜୁଟ ହୋଇଥିଲେ ପୁଞ୍ଜିପତି, କାରଖାନା ମାଲିକ ଓ ଶାସକ ଗୋଷ୍ଠୀ । ଅଚାନକ ଭାବେ ସୈନ୍ୟବାହିନୀ ଷଣ୍ଢଆସୀ ଆକ୍ରମଣ କରିଥିଲା ଏହି ବିଶାଳ ସମାବେଶ ଉପରେ । ଗୁଳିମାଡରେ ରକ୍ତାକ୍ତ ହୋଇ ଶହୀଦ ହୋଇଥିଲେ ଶତାଧିକ ଶ୍ରମିକ । ସେମାନଙ୍କ ତାଜା ରକ୍ତରେ ରକ୍ତ ରଞ୍ଜିତ ହୋଇଥିଲା ଚିକାଗୋର ରାଜରାସ୍ତା । ବହୁ ଶ୍ରମିକ କ୍ଷତ ବିକ୍ଷତ ହେଲେ ତଥା ଶହ ଶହ ଶ୍ରମିକନେତାଙ୍କୁ ବନ୍ଦୀ କରାଗଲା । ବିଶିଷ୍ଟ ଶ୍ରମିକ ନେତା ଓ ସଂଗଠକ ପାରସନ୍ସ, ସ୍ୱାଇସ୍, ଫିସେର ଓ ଏଙ୍ଗେଲ୍‌ଙ୍କୁ ଫାଶୀଦଣ୍ଡ ଦିଆଗଲା ।

ଅତ୍ୟାଚାର, ଦମନ ଓ ସଂହାରଲୀଳା ସେଦିନ ଦବାଇ ପାରି ନଥିଲା ଶ୍ରମିକ ଶ୍ରେଣୀକୁ । ଏହି ଦମନଲୀଳାର ବାର୍ତ୍ତା ବିଜୁଳି ପରି ଖେଳିଯାଇଥିଲା ସାରା ବିଶ୍ୱକୁ । ମଇ ଦିବସର ସେହି ଆନ୍ଦୋଳନ ପ୍ରତି ସଂହତି ଜଣାଇ ପୃଥିବୀ ସାରା ସଂଘଟିତ ହେଲା ଶ୍ରମିକମାନଙ୍କ ସଭା, ସମାବେଶ ଓ ବିକ୍ଷୋଭ । ପରିଶେଷରେ ଶ୍ରମିକ ଶ୍ରେଣୀର ଏକମାତ୍ର ଦାବି– ଦୈନିକ ଆଠ ଘଣ୍ଟା କାମ କରିବାର ଅଧିକାର ହାସଲ ହୋଇଥିଲା । ଏହି ମଇ ଦିବସ ଶ୍ରମିକମାନଙ୍କୁ ଦେଖାଇଲା ନୂତନ ବୈପ୍ଲବିକ ମାର୍ଗ–

'ଦାବି ହାସଲର ଗୋଟିଏ ବାଟ–
ଲଢେଇ ଆଉ ଧର୍ମଘଟ ।'

ଦୁନିଆରେ ଶ୍ରମିକ ଏକଜୁଟ ହେଲେ । ନିଜର ଦାବି ହାସଲ ପାଇଁ ଆନ୍ଦୋଳନର ଜୁଆର ସାରା ବିଶ୍ୱରେ ପ୍ଲାବିତ ହେଲା । ସେଥିରେ ଓଡ଼ିଶା ମଧ୍ୟ ପଛରେ ପଡିନଥିଲା । ବିପ୍ଳବୀ କବି ମନମୋହନ ମିଶ୍ରଙ୍କ ଭାଷାରେ–

'ଆଜି ମଇ ପହିଲାରେ ଆଜି ମଇ ପହିଲା
ମିସିସିପି ଦରପଣେ କୋଣାରକ ଚାହିଁଲା ।

ଓଡ଼ିଶାର ଶ୍ରମିକମାନେ ଏକଜୁଟ ହେଲେ, କଟକ ପ୍ରେସ୍ କର୍ମଚାରୀ ସଂଘଠାରୁ ବାରଙ୍ଗ କାଚ କାରଖାନା ଓ ବ୍ରଜରାଜ ନଗର କାଗଜ କଳ ଯାଏ ଗଠିତ ହେଲା ଶ୍ରମିକ ସଂଗଠନ । ଗଢି ଉଠିଲା ଦୁର୍ବାର ଶ୍ରମିକ ଆନ୍ଦୋଳନ । ଏହି ଶ୍ରମିକ ଆନ୍ଦୋଳନକୁ ଲକ୍ଷ୍ୟ କରି ସେଦିନ କବି ଅନନ୍ତ ପଟ୍ଟନାୟକ ଲେଖିଥିଲେ–

'ଆମେ ମୂଲିଆର ଜାତି ଜାଗିବୁ
ମରୁଛୁତ ନିତି ଭୋକ ଉପାସରେ
ଥରେ ହେଲେ ଶିର ତୋଳିବୁ ।'

ଏହାଥିଲା ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାରେ ଶ୍ରମିକ ସଂଗଠନର ଆଦ୍ୟରୂପ ।

୧୮୮୯ ମସିହାରେ ଦ୍ୱିତୀୟ ଆନ୍ତର୍ଜାତିକରେ ମଇ ପହିଲାକୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଗଲା । ସେହି ଦିନରୁ ଏହି ଦିବସଟି 'ବିଶ୍ୱ ଶ୍ରମିକ ଦିବସ' ରୂପେ ପାଳିତ ହୋଇ ଆସୁଅଛି ।

ଆଗେଇ ଚାଲିଲା ଶ୍ରମିକମାନଙ୍କର ଜୟଯାତ୍ରା । ଶ୍ରମିକ ଶ୍ରେଣୀ ତା'ର ସଂଗ୍ରାମ ଫଳରେ ହାସଲ କଲା ସର୍ବନିମ୍ନ ମଜୁରୀ, ଚିକିତ୍ସା ଭତ୍ତା, ମହଙ୍ଗା ଭତ୍ତା, ପ୍ରୋଭିଡେଣ୍ଟ ଫଣ୍ଡ ଆଦି ଅନେକ ସାମାଜିକ ନିରାପତ୍ତାର ଦାବି । ପୁଞ୍ଜିବାଦ, ସାମନ୍ତବାଦ, ଫାଶୀବାଦ ଓ ସାମ୍ରାଜ୍ୟବାଦ ବିରୋଧରେ ଲଢେଇ କରି ଶ୍ରମିକଶ୍ରେଣୀ ଶେଷରେ ଦଖଲ କଲା ଶାସନ କ୍ଷମତା । ୧୯୧୭ ସାଲ୍ ନଭେମ୍ବର ୭ତାରିଖ ଦିନ ବିଶ୍ୱର ପ୍ରଥମ ଶ୍ରମିକ ଶ୍ରେଣୀର ରାଷ୍ଟ୍ର 'ସୋଭିଏତ୍ ସଂଘ' ଗଠିତ ହୋଇଥିଲା ।

ଇତିହାସର ବିଡମ୍ବନା । ପୃଥିବୀର ପ୍ରଥମ ସମାଜବାଦୀ ଦେଶ– ସୋଭିଏତ୍ ୟୁନିଅନର ବିଘଟନ ପରେ ସାମ୍ରାଜ୍ୟବାଦୀ ଶକ୍ତି ବଳଶାଳୀ ହୋଇଉଠିଲେ । ଜଗତିକରଣର ଅର୍ଥନୀତି ଗ୍ରାସକଲା ସାରା ଦୁନିଆଁକୁ । ଶ୍ରମିକଶ୍ରେଣୀ ଉପରେ ଚଡକ ପଡିଲା । ଶତ ସଂଗ୍ରାମ ଲବ୍ଧ ଅଧିକାରକୁ ଛଡାଇନେବା ପାଇଁ ଚେଷ୍ଟା କଲେ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ ଶକ୍ତି । ମାତ୍ର ଯେଉଁଠି ଶ୍ରମିକ ଶ୍ରେଣୀ ସଂଗଠିତ ଆଉ ଜାଗ୍ରତ, ସେଠି ସଫଳ ହୋଇପାରିଲା ନାହିଁ ସାମ୍ରାଜ୍ୟବାଦୀ ଚକ୍ରାନ୍ତ ଆଉ ତାଙ୍କ ଜଗତିକରଣ ଅର୍ଥନୀତି । ଅପରପକ୍ଷରେ ସାମ୍ରାଜ୍ୟବାଦର ମଉଡମଣି ଆମେରିକା ଅର୍ଥନୈତିକ ମହାସଙ୍କଟର ସମ୍ମୁଖୀନ ହେଲା । ସାମ୍ରାଜ୍ୟବାଦୀ ଅପରିଣାମଦର୍ଶିତାର ଶରାହତ ହେଲେ ସାଧାରଣ ଜନତା ଆଉ ଶ୍ରମିକ ଶ୍ରେଣୀ । ବେକାରୀ, ଦରଦାମ ବୃଦ୍ଧି ସଙ୍ଗେ ସଙ୍ଗେ ବିପନ୍ନ ହେଲା ସାମାଜିକ ନିରାପତ୍ତା । କେନ୍ଦ୍ର ସରକାରଙ୍କ ଆମେରିକାର ଗୋଡାଣିଆ ନୀତି ଯୋଗୁଁ କୋଟି କୋଟି ନିମ୍ନ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକେ ରୋଜଗାର ହରାଇ କାଙ୍ଗାଳରେ ପରିଣତ ହୋଇଯାଇଛନ୍ତି । ଏବେ ଧନୀମାନେ ମହାଧନୀ ଓ ଗରିବ, ଗରିବତର ହୋଇଯାଉଛି । ସୁଖର କଥା ଓଡ଼ିଶା କେନ୍ଦ୍ରର ଏହି ସାମ୍ରାଜ୍ୟବାଦ– ପୁଞ୍ଜିବାଦ ତୋଷଣ ନୀତି ବିରୁଦ୍ଧରେ ଦୃଢ ସ୍ୱରରେ ପ୍ରତିବାଦ କରୁଛି ।

ଆଜି ଶ୍ରମିକ ଶ୍ରେଣୀକୁ ମଙ୍ଗ ଧରିବାର ବେଳ ଆସିଛି । ବିଶ୍ୱ ଜନତାକୁ ଶୋଷଣ, କଷଣରୁ ମୁକ୍ତ କରିବା ପାଇଁ ଦୁର୍ବାର ସଂଗ୍ରାମ କରିବାକୁ ପଡିବ । ସାଲିସହୀନ ଐକବଦ୍ଧ ସଂଗ୍ରାମ ହିଁ ସୃଷ୍ଟି କରିବ ନୂତନ ସମ୍ଭାବନା । ପୃଥିବୀ ବକ୍ଷରୁ ଲୋପ ହେବ ସାମ୍ରାଜ୍ୟବାଦୀ ଶୋଷଣ ଓ କଷଣ । ଆଜିର ମଇ ଦିବସର ଆହ୍ୱାନ ହେଉ–

'ପ୍ରାପ୍ୟ ଆମର ନେବୁରେ ମୁକର ଆମେ ଶ୍ରମିକର ଜାତି
ଫୁଟାଇବୁ ଆମେ ରକ୍ତ ପ୍ରଭାତ ଚିରି ଅନ୍ଧାର ରାତି ।'

ସାଧାରଣ ସମ୍ପାଦକ, ଇସ୍‌କଫ୍
ବାରବାଟୀ ଷ୍ଟାଡିୟମ୍, କଟକ–୫

❖ ❖ ❖

# ରାଷ୍ଟ୍ରୀୟ ଶ୍ରମନୀତିର ଉନ୍ମେଷ ଓ ଉତ୍ତରଣ

**ଲକ୍ଷ୍ମୀଚରଣ ସାମନ୍ତରାୟ**

ଆମ ଭାରତ ପରି ଏକ ଜନମଙ୍ଗଳ ରାଷ୍ଟ୍ରରେ ଶ୍ରମିକର ସ୍ୱାଧିକାର ଓ ସୁରକ୍ଷା ସମ୍ପର୍କରେ କିଛି ଲେଖିବାକୁ ଗଲାବେଳେ ପ୍ରଥମେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟି ମନରେ ଆସେ, ତାହା ହେଉଛି ଆମର ରାଷ୍ଟ୍ରୀୟ ଶ୍ରମନୀତିର ସ୍ୱରୂପ ଓ ଧାରା।

ଭାରତର ଶ୍ରମ ନୀତିକୁ ପ୍ରଭାବିତ କରୁଥିବା ତିନିଗୋଟି ବିଭାଗ ହେଲା-(୧) ଶ୍ରମିକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ (୨) ଉତ୍ପାଦନ ପ୍ରକ୍ରିୟାରେ ଶ୍ରମିକର ଶ୍ରମଦାନ ତଥା ଅର୍ଥନୈତିକ ବିକାଶ ସାଧନ (୩) ଶ୍ରମିକ ଓ ମାଲିକଙ୍କ ଉଭୟଙ୍କୁ ଶିଳ୍ପାୟନ ପ୍ରକ୍ରିୟାରେ ଦୁଇ ସହଯୋଗୀ ଅଂଶୀଦାର ରୂପେ ଗ୍ରହଣ କରି ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ସମ୍ପୃକ୍ତ କରିବା ।

ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ବସ୍ତୁତଃ ବହୁ ଶିଳ୍ପରେ ଅସହଣୀ କାର୍ଯ୍ୟ ପରିବେଷଣ, ଆର୍ଥିକ ତଥା ଦୈହିକ ଶୋଷଣ ଉପରେ ସେଭଳି ଅଙ୍କୁଶ ନଥିଲା । ଏଭଳି ଅମାନୁଷିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମ ସମ୍ବିଧାନରେ ଶ୍ରମିକର ସୁରକ୍ଷା ନିମିତ୍ତ କେତେକ ଆଇନ ପ୍ରଣୟନ କରାଯାଇଛି । ଜଣେ ସାଧାରଣ ନାଗରିକର ମୌଳିକ ଅଧିକାର (ଧାରା ୧୨,୧୪, ଏବଂ ୧୬) ଓ ସାଙ୍ଗଠନିକ ସ୍ୱାଧିକାର ବ୍ୟତୀତ ଶ୍ରମିକଙ୍କ ପାଇଁ କେତୋଟି ନିର୍ଦ୍ଦେଶ ରହିଛି, ତେବେ ୨୩ ଧାରା ଅନୁସାରେ ଶ୍ରମିକଙ୍କୁ ପଣ୍ୟରୂପେ ନମଣିବା ଲାଗି ସ୍ପଷ୍ଟ ଉଲ୍ଲେଖ ଅଛି । ପୁନଶ୍ଚ ୨୪ ଧାରା ଅନୁସାରେ ୧୪ ବର୍ଷରୁ କମ୍ ବୟସର ବାଳକ ବାଳିକାଙ୍କୁ ବିପଦ ସଙ୍କୁଳ କାମରେ ନିୟୋଜିତ ନକରିବା ଲାଗି ନିର୍ଦ୍ଦେଶ ଅଛି । ୪୩ ଧାରାରେ ଶିଳ୍ପ ପରିଚାଳନାରେ ଶ୍ରମିକର ସକ୍ରିୟ ଅଂଶ ଗ୍ରହଣ ଆଦି ବିଷୟରେ ଉଲ୍ଲେଖ ରହିଛି । ବିଗତ ବର୍ଷମାନଙ୍କରେ ପ୍ରଣୀତ ଆଇନକୁ ନିମ୍ନୋକ୍ତ ଶ୍ରେଣୀରେ ମୁଖ୍ୟତଃ ବିଭକ୍ତ କରାଯାଇପାରେ । ଯଥା-(୧) ସାଙ୍ଗଠନିକ ଅଧିକାର (ଶ୍ରମ ସଂଗଠନ ଆଇନ-୧୯୨୬), (୨) ଶିଳ୍ପ ନିୟୋଜନ (ସ୍ଥାୟୀ) ଆଦେଶ ଆଇନ- ୧୯୪୬, (୩) କାର୍ଯ୍ୟ ସମୟ, ବିଶ୍ରାମ, ଛୁଟି, ନିଯୁକ୍ତି, ସ୍ୱାସ୍ଥ୍ୟ କଲ୍ୟାଣ ବ୍ୟବସ୍ଥା ନିୟନ୍ତ୍ରଣ ନିମନ୍ତେ (କ) କାରଖାନା ଆଇନ-୧୯୪୮, (ଖ) ଖଣି ଆଇନ-୧୯୫୨, (୪) ଶିଶୁ ଶ୍ରମିକ ନିୟୋଗ ଓ ନିବାରଣ ଆଇନ-୧୯୮୬, (୫) ସାମାଜିକ ସୁରକ୍ଷା ଦେବା ପାଇଁ (କ) କର୍ମଚାରୀ ବୀମା ଆଇନ (ଖ) କର୍ମଚାରୀ ଭବିଷ୍ୟ ନିଧି ଆଇନ ।

ଏବେ ମଧ ଆମ ଦେଶରେ ୩୬ଟିରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ଶ୍ରମ ଆଇନ ଏବଂ ତାର ନିୟମାବଳୀ ରହିଛି । ଏହା ସ୍ୱାଧୀନତା ପ୍ରାପ୍ତି ପୂର୍ବର ଦୁଃସ୍ଥିତିକୁ ସୁଧାରିବାରେ ଅନେକଟା ସହାୟକ ହୋଇଥିଲେ ହେଁ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟରେ ପରିଣତ ହେଉନାହିଁ । ପ୍ରତ୍ୟେକ ଶ୍ରମିକକୁ କାମ କରିବାର ଅଧିକାର ଦିଆଯାଇ ନାହିଁ । ବହୁ କ୍ଷେତ୍ରରେ ସେମାନେ ପାଉଥିବା ମଜୁରି, ସରକାର ନିର୍ଦ୍ଧାରିତ ମଜୁରି ହାରଠାରୁ ଯଥେଷ୍ଟ କମ୍ । ଆବଶ୍ୟକତାକୁ ନଜରରେ ରଖି ବାସ୍ତବମୁଖୀ ନୀତି ନିର୍ଦ୍ଧାରଣ ଓ ତା'ର ସଫଳ ରୂପାୟନ ହିଁ ଆଜିର ଆହ୍ୱାନ । ଭାରତରେ ସମୁଦାୟ ଲୋକସଂଖ୍ୟାର ପ୍ରାୟ ୨୮ କୋଟି ଲୋକ ହେଉଛନ୍ତି କର୍ମଜୀବୀ ଏବଂ ସେଥିମଧ୍ୟରୁ ୧୦.୫କୋଟି ଦରମାପ୍ରାପ୍ତ ଶ୍ରମିକ କର୍ମଚାରୀ ରହିଥିବା ବେଳେ ବଳକା ୧୬.୫କୋଟି ଆତ୍ମନିଯୁକ୍ତି କ୍ଷେତ୍ରରେ ଅନ୍ତର୍ଭୁକ୍ତ । ଆତ୍ମନିଯୁକ୍ତି କ୍ଷେତ୍ରରେ କୃଷକଙ୍କ ସଂଖ୍ୟା ହେଉଛି ପ୍ରାୟ ୧୩ କୋଟି । ସରକାରୀ ଉଦ୍ୟୋଗ ଏବଂ କେନ୍ଦ୍ର ଓ ରାଜ୍ୟ ସରକାର କର୍ମଚାରୀଙ୍କ ସଂଖ୍ୟା ୧୯.୦୫ ନିୟୁତ ଥିବାବେଳେ ଘରୋଇ ଉଦ୍ୟୋଗରେ ପ୍ରାୟ ୬.୬୮ ନିୟୁତ ଶ୍ରମିକ କାର୍ଯ୍ୟ କରନ୍ତି । ବହୁ କ୍ଷେତ୍ରରେ ଶ୍ରମିକ

ନିରକ୍ଷର ଓ ଅଣ ସଂଗଠିତ ଏବଂ ରାଜନୈତିକ ନେତୃବୃନ୍ଦଙ୍କ ଦ୍ୱାରା ପ୍ରତାରିତ । ସଙ୍ଗଠିତ ଭାବରେ କାର୍ଯ୍ୟ କରୁଥିବା ଶ୍ରମିକ କର୍ମଚାରୀମାନେ ଟ୍ରେଡ୍ ୟୁନିୟନ୍ କରିଥିବା ବେଳେ ଅସଙ୍ଗଠିତ କ୍ଷେତ୍ରରେ ଟ୍ରେଡ୍ ୟୁନିୟନର ଅଭାବ ରହିଛି । ବିଶେଷକରି କୃଷି ଶ୍ରମିକମାନେ ଅସଙ୍ଗଠିତ । ଏହି କୃଷି ଶ୍ରମିକମାନେ ଦରିଦ୍ର । ଏମାନଙ୍କୁ ସାମାଜିକ ନିରାପତ୍ତା ହାସଲ କରିବା ପାଇଁ ବିଧିବଦ୍ଧ ଭାବେ ଏ ପର୍ଯ୍ୟନ୍ତ କୌଣସି ଆଇନ ପ୍ରଣୟନ କରାଯାଇନାହିଁ ।

ଶୋଷଣହୀନ ସମାଜ ପ୍ରତିଷ୍ଠା କରିବାକୁ ହେଲେ ଆମର ଶ୍ରମନୀତିକୁ ଅର୍ଥପ୍ରଦ, ଶୋଷଣ ମୁକ୍ତ କରିବାକୁ ହେବ । ନ୍ୟାଯ୍ୟ ଆର୍ଥିକ ଓ ସାମାଜିକ ନ୍ୟାୟ ପ୍ରଦାନ ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ପଡିବ । ଅସଙ୍ଗଠିତ ଶ୍ରମିକମାନଙ୍କୁ ସଙ୍ଗଠିତ କରିବା, ମହିଳା ଶ୍ରମିକମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବା, ଶିଶୁ ଶ୍ରମିକ ପ୍ରଥାର ବିଲୋପ କରିବା ଏବଂ ଦାଦନ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ ଇତ୍ୟାଦି ବହୁ କାର୍ଯ୍ୟରେ ଶ୍ରମିକ ଶ୍ରେଣୀ ନେତୃତ୍ୱ ନେବାର ବର୍ତ୍ତମାନ ଆବଶ୍ୟକତା ରହିଛି ।

ଶ୍ରମିକ ଶ୍ରେଣୀ ଭାରତର ମୁକ୍ତି ସଂଗ୍ରାମରେ ଯେପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ, ଠିକ୍ ସେହିପରି ଆଦର୍ଶଗତ ଭୂମିକା ନେବାର ବେଳ ଉପସ୍ଥିତ । ସାମ୍ପ୍ରତିକ ପରିସ୍ଥିତିରେ ଆମର ଶ୍ରମନୀତି ଆହୁରି ବାସ୍ତବାଭିମୁଖୀ ନହେଲେ ଭାରତର ଶ୍ରମିକ ସୁରକ୍ଷିତ ହେବା ସମ୍ଭବ ନୁହେଁ ।

ଆଇନଜୀବୀ,
ଖାଜାସାହି, ବ୍ରହ୍ମପୁର–୭୬୦୦୦୧

❖ ❖ ❖

# ସଂସ୍କୃତି ମନ୍ତ୍ରୀଙ୍କ ପ୍ରକୋଷ୍ଠରେ କୌଶଳ ତାଲିମ୍ ସମୀକ୍ଷା

ସଚିବାଳୟସ୍ଥ ସଂସ୍କୃତି ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ନଗର ଉନ୍ନୟନ ବିଭାଗ ଅଧୀନରେ ପୁରୀଠାରେ ଚାଲିଥିବା କୌଶଳ (SKILL) ତାଲିମ୍ ସମ୍ପର୍କରେ ସଂସ୍କୃତି, ପର୍ଯ୍ୟଟନ, ଯୋଜନା ସମନ୍ୱୟ ଓ ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି ସମୀକ୍ଷା କରିଛନ୍ତି । ପୁରୀ ପୌରସଂସ୍ଥା ଏବଂ ରାଜ୍ୟ ନଗର ଉନ୍ନୟନ ଏଜେନ୍ସି ମିଳିତ ଆନୁକୂଲ୍ୟରେ ବିଭିନ୍ନ ବୈଷୟିକ ଅନୁଷ୍ଠାନ ଦ୍ୱାରା ବେକାରୀ ଶିକ୍ଷିତ ଓ ଅଶିକ୍ଷିତ ଯୁବକମାନଙ୍କୁ ପୁରୀଠାରେ ସଂକ୍ଷିପ୍ତ ତାଲିମ୍ ପ୍ରଦାନ ପାଇଁ ୧୭୦୦ ଜଣଙ୍କୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୮୩ ଜଣଙ୍କୁ ତାଲିମ୍ ପ୍ରଦାନ କରାଯାଇ ସାରିଛି ବୋଲି ସୁଡାର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ମଞ୍ଜୁ ସ୍ୱାଇଁ ପ୍ରକାଶ କରିଥିଲେ । ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଶ୍ରୀ ବିକାଶ ମହାପାତ୍ର ବୈଷୟିକ ତାଲିମ୍ ଓ ନିଯୁକ୍ତି ଉପରେ ବର୍ତ୍ତମାନ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଥିଲେ । ନଗରପାଳ ଶାନ୍ତିଲତା ପ୍ରଧାନ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ମାରିକ୍ ଏବଂ କମ୍ୟୁନିଟି ଅର୍ଗାନାଇଜର୍ସମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମନ୍ତ୍ରୀ ଶ୍ରୀଯୁକ୍ତ ମହାନ୍ତି ସାମ୍ପ୍ରତିକ ଆବଶ୍ୟକତା ମତେ ବୈଷୟିକ ବିଷୟରେ ସଂକ୍ଷିପ୍ତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ତଦନୁଯାୟୀ ନଗର ଉନ୍ନୟନ ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଭବିଷ୍ୟତରେ ଗୋଷ୍ଠୀ ସଂଗଠକମାନେ ଦିନକୁ ଦୁଇଥର ତାଲିମ୍ ପ୍ରଦାନ ସମ୍ପର୍କରେ ତଦାରଖ କରି ପୌର କର୍ତ୍ତୃପକ୍ଷଙ୍କୁ ନିୟମିତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବେକାରୀ ଯୁବକ ଯୁବତୀମାନେ ଉକ୍ତ ପ୍ରଶିକ୍ଷଣ ପରେ ଯେପରି ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନିଯୁକ୍ତି ପାଇବେ ସେ ଦିଗରେ ଦୃଷ୍ଟି ଦେବାକୁ ହେବ ବୋଲି ପ୍ରକାଶ କରିଥିଲେ ।

# ଆସ, ମୈତ୍ରେୟ ବୁଦ୍ଧ !!

ଚିନ୍ମୟ ରାୟ



ଦୁଇ ହଜାର ପାଞ୍ଚଶହ ବର୍ଷ ତଳେ ଜନ୍ମ ନେଇଥିଲେ ଗୌତମ ବୁଦ୍ଧ । ସମଗ୍ର ଏସିଆର ଆଲୋକ ବିଶ୍ୱ ପାଇଁ ପରମ ମାନବିକତାର ପୁଲକ । ସଦାଚାରର ଭୂଙ୍ଗିମା, ନୈତିକତାର ସୀମା, ପ୍ରଜ୍ଞାର ଗଭୀରତା କ'ଣ ସେ ବିଶ୍ୱକୁ ଜଣାଇ ଯାଇଛନ୍ତି । (ଏତେ) ପ୍ରାଚୀନ ସମୟରେ, ଜନସମାଜରେ ସଂଘ, ସଂଗଠନ, ଗଣକଲ୍ୟାଣ ଓ ମାନବର ଚିତ୍ତ ସଂସ୍କାର ପରି ତାଙ୍କର ମୌଳିକ ସାଧନଗୁଡ଼ିକୁ ଆଜି ଭାବିଲେ ବିସ୍ମିତ ହେବାକୁ ହୁଏ ।

ନିଖିଳ ବିଶ୍ୱରେ (ଇତିହାସ ସମର୍ଥିତ) ସଚଳ ପ୍ରାମାଣିକ ପୁରୁଷ ହିଁ ଗୌତମ ବୁଦ୍ଧ । କାରଣ, ବିଜ୍ଞାନ ପ୍ରସୂତ ଫଟୋ ଗ୍ରାଫିର ସମ୍ପୂର୍ଣ୍ଣ ଅନୁପସ୍ଥିତି କାଳରେ ସ୍ଥପତି ଓ ଭାସ୍କର ମଣ୍ଡଳୀ ଯାହାକୁ ବିପୁଳତାର ସହିତ ଖୋଦନ କରିଗଲେ (ତାହା) ବୁଦ୍ଧଙ୍କର ନାନାଦି ଅବସ୍ଥାର (ଜୀବନର, ନାନା ମୁଦ୍ରାର, ଧ୍ୟାନର, ଦୈବତ୍ୱର) ଶିଳ୍ପାନ୍ୱିତ ଗାରିମା ଓ ସୁଷମା । ଚିତ୍ରକାର ଓ ରଞ୍ଜନକାରୀ ମହାରାଷ୍ଟ୍ରର 'ଅଜଣ୍ଟା, ଏଲ୍ଲୋରା'କୁ କଳାକାର ପାଇଁ ବିଶ୍ୱଜନତାକୁ ରଙ୍ଗମୟ ଉପହାର ଦେଇଯାଇଛନ୍ତି । ପୁରାଣ, ଲୋକକଥା, କିମ୍ୱଦନ୍ତୀ (ଏମିତିକି) ଶ୍ରୀ ଜୟଦେବଙ୍କର ବିଶ୍ୱବିଖ୍ୟାତ 'ଶ୍ରୀ ଗୀତଗୋବିନ୍ଦ'ର ଦଶାବତାର ସ୍ତୋତ୍ରରେ ବୁଦ୍ଧଙ୍କୁ ନବମ ଅବତାରର କେଶବ ଧୃତ, ବୁଦ୍ଧ ଶରୀର ଜୟ ଜଗଦୀଶହରେ !) ମାନ୍ୟତା ମିଳିପାରିଛି ।

ଗୌତମ ବୁଦ୍ଧଙ୍କର (ଯେତେ) ବାଣୀ ବ୍ୟାଖ୍ୟାନ, ପ୍ରବଚନ, ସଂଘଶରଣ, ଭିକ୍ଷୁବରଣ ସର୍ବୋପରି 'ତ୍ରିପିଟକ' ଓ ଜାତକ କଥାର ପ୍ରଯୁକ୍ତ ଭାଷା ମୂଳତଃ ପାଲି । ଓଡ୍ର-କୋଶଳ-କଳିଙ୍ଗରେ (ଦିନେ) ପାଲି ଭାଷାର ବିପୁଳ ବିସ୍ତାର ଭରିଥିଲା । ଗୌତମବୁଦ୍ଧ, ବୌଦ୍ଧଧର୍ମ, ସ୍ଥାପତ୍ୟ ଓ ବୁଦ୍ଧଙ୍କର (ସିଦ୍ଧିଲାଭ ପରେ) ପ୍ରଥମ ଦୁଇ ଶିଷ୍ୟ: ତପ୍‌ପସୁ ଓ ଭଲ୍ଲିକ ଦୁହେଁ କଳିଙ୍ଗର ବଣିକ-ଏସବୁ କଳିଙ୍ଗର ପ୍ରାଚୀନ ସଂଯୋଗ ବୁଦ୍ଧଙ୍କ ସହିତ ଦୃଢ଼ୀଭୂତ କରୁଅଛି ।

ପାଲି ଭାଷା ବିଶେଷଜ୍ଞ ଓ ସୁଖ୍ୟାତ ବୌଦ୍ଧ ପଣ୍ଡିତ ଶ୍ରୀ ପ୍ରହ୍ଲାଦ ପ୍ରଧାନ ଉଲ୍ଲେଖ କରିଥିଲେ – ବୁଦ୍ଧଙ୍କର ଅନ୍ୟନାମ ଭୁବନେଶ୍ୱର, ସେଇ ସାରା ଅଞ୍ଚଳକୁ ସେ କାଳରେ ହିଁ ବୁଦ୍ଧେଶ୍ୱର କୁହାଯାଉଥିଲା । ଗୌତମ ନଗର, ବୁଦ୍ଧନଗର, ମା' ବୁଦ୍ଧେଶ୍ୱରୀ (ଷ୍ଟେସନ ନିକଟ) ଭୁବନେଶ୍ୱରରେ ଆଜି ମଧ୍ୟ ରହିଛନ୍ତି । ଆଜି ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ (ପ୍ରାୟ) ବୌଦ୍ଧଭିତ୍ତିର ସାମଗ୍ରୀ (ତାଙ୍କର ନାନା ଭଙ୍ଗିମାର ପ୍ରତିମା ସହିତ) ବହୁ ପରିମାଣରେ ଉପଲବ୍ଧ ହେଉଛି ।

ଅତୀତରେ ଯେମିତି ଭାଗବତ ଟୁଙ୍ଗି ଘର ଭାଗବତ ପାରାୟଣ ସହିତ ଜନଜୀବନରେ ନାନାଦି ସମସ୍ୟାର ନୈତିକ ମୀମାଂସା କରୁଥିଲା, ଠିକ୍ ସେମିତି ବୁଦ୍ଧଙ୍କର ପରବର୍ତ୍ତୀ ସମୟରେ ସାଂଘାରାମ ରହିଥିଲା । ଆମେ ଏବେ ଗୋଟିଏ ଘରୋଇ ବ୍ୟବହୃତ ଶବ୍ଦ: ସଂଘା, ସଂଗା (ଚାଳଘରେ) ଭୁଲିଗଲୁଣି । ଆଜି (କିନ୍ତୁ) ବୌଦ୍ଧ ଜିଲ୍ଲାରେ ଟୁଟୁ ସିଙ୍ଗା, ମାଉଳିଶିଙ୍ଗା, ବଉଳଶିଙ୍ଗା, ଲୋଇସିଙ୍ଗା ଇତ୍ୟାଦି ସ୍ଥାନ (ଗ୍ରାମ) ରହିଛି । ଏଇ ସଂଘା ଗ୍ରାମଗୁଡ଼ିକରେ ବୌଦ୍ଧଧର୍ମର ତତ୍ତ୍ୱ-ସାରାଂଶ ଆଲୋଚିତ ହେଉଥିଲା । ଓଡ଼ିଶାର

ବୌଦ୍ଧ–ସମୃଦ୍ଧି ଯେ ବିଶ୍ୱରେ ଅନନ୍ୟ, ତା'ର ସଚଳ ପ୍ରମାଣ: ରତ୍ନଗିରି, ଲଳିତଗିରି ଓ ଉଦୟଗିରି । ୨୦୧୩ ମସିହା ଫେବୃୟାରୀ ମାସ (ପ୍ରଥମ ସପ୍ତାହ)ରେ ରତ୍ନଗିରିଠାରେ ଆନ୍ତର୍ଜାତିକ ବୌଦ୍ଧ ମହୋତ୍ସବରେ ଯୋଗଦେଇ ବିଶିଷ୍ଟ ବୌଦ୍ଧବିଦ୍ୱାନ ମାନନୀୟ ଡୋନାଲଡ୍‌ସନ୍ ମହାଶୟ ଅକାଟ୍ୟ ଅଭିମତ ଦେଇଗଲେ । ଓଡ଼ିଶାର ସକଳ ବୌଦ୍ଧ–ବିଭବକୁ ନଜାଣିଲେ ବିଶ୍ୱ ଗୌତମ ବୁଦ୍ଧଙ୍କୁ ସମ୍ପୂର୍ଣ୍ଣ ଜାଣିପାରିବ ନାହିଁ । ହଜାର ହଜାର ବର୍ଷ ତଳର ବୌଦ୍ଧକୀର୍ତ୍ତି ଆମ ରାଜ୍ୟ ପାଇଁ ଆଜି ଲୁପ୍ତ, ସୁପ୍ତ ଗୌରବ ।

ଆଜି ସାରାବିଶ୍ୱ ବୌଦ୍ଧଧର୍ମର ଗୁରୁତ୍ୱ ଅନୁଭବ କଲାବେଳେ ଆମରି ଓଡ଼ିଶା ରାଜ୍ୟ ଯେ ବିଶ୍ୱକୁ ଜ୍ଞାନାଲୋକ, ସ୍ଥାପତ୍ୟ ଗୌରବ ଓ ଧାର୍ମିକ ଉଦାରତା ଦେଇଛି, ଏଥିରେ ସନ୍ଦେହ ନାହିଁ । କୁହାଯାଏ, ବୁଦ୍ଧ ସାତ (୭) ଫୁଟ୍ ପାଖାପାଖି ଉଚ୍ଚ ଶରୀର ଓ ହେମଗୌରକାନ୍ତି ଧାରଣ କରିଥିଲେ । ତାଙ୍କର ହାତର ପାପୁଲି ଓ ପାଦତଳିପାରେ ସ୍ୱସ୍ତିକ ଚିହ୍ନ ରହିଥିଲା । (ନଚେତ୍) ଜନ୍ମଲଗ୍ନରେ ପଣ୍ଡିତ ମଣ୍ଡଳୀ ନିର୍ଭୁଲ୍ କରି କେମିତି ଗଣନା କରିଥିଲେ, (ଯଦି) ଏଇ ଯୋଗଜନ୍ମା ଶିଶୁ ରାଜାହେବ, ତେବେ ଚକ୍ରବର୍ତ୍ତୀ ରାଜା ହୋଇ ପୃଥ୍ୱୀ ପାଳିବ (କିମ୍ବା) ବିଶ୍ୱ ବିଖ୍ୟାତ ସନ୍ଥ ହୋଇ କାଳକାଳକୁ ବନ୍ଦନୀୟ ହେବ । ସନ୍ଥ ନିର୍ଣ୍ଣୟ ହିଁ ତାଙ୍କ ଜୀବନର ସତ୍ୟ ହେଲା । ରାଜଉଆସ, ପିତାମାତା, ସୁନ୍ଦରୀପତ୍ନୀ, ଶିଶୁପୁତ୍ର ଏଇ ସକଳ ଆସକ୍ତି ପରିତ୍ୟାଗ କରି ଗୌତମ ସନ୍ନ୍ୟାସ ଗ୍ରହଣ କଲେ । ଆତ୍ମଉଦ୍‌ବୋଧନ ଶକ୍ତି କେତେ ଉଚ୍ଚାଙ୍ଗ ଓ ଜୀବନଦର୍ଶନ କେତେ ଗଭୀର ଥିଲେ ହିଁ ରାଜପୁତ୍ର ଗୌତମ– ବୁଦ୍ଧ ବିଶ୍ୱବନ୍ଦ୍ୟ ହୋଇଯାଏ । ଏହା ସବୁଠୁଁ ବିସ୍ମୟକର ରୋମାଞ୍ଚ ।

ଏକଦା ବୁଦ୍ଧ ତାଙ୍କର ଭିକ୍ଷୁ, ଶ୍ରମଣ, ଅନୁଗାମୀ ମେଳରେ ପାହାଡର ଘାଟୀ ରାସ୍ତାରେ ଚାଲି ଗଲାବେଳେ (ତାଙ୍କର) କିଛି ବିରୋଧୀ ମଦମତ୍ତ ହସ୍ତୀକୁ ସେସମୟରେ ପ୍ରେରଣ କଲେ । ଉଦ୍ଦେଶ୍ୟ: ଗୈରିକ ଚୀବର (ବୁଦ୍ଧଙ୍କ ପରିଧାନ) ଧାରୀ ଗୌତମକୁ ଦଳିମକ୍ଷି ମାରିଦେବ। ବୁଦ୍ଧ ତୁରନ୍ତ ତାଙ୍କର ଅନୁଗାମୀକୁ ପଛେଇ ଯିବାକୁ କହି ବିରାଟ ଗଜକୁ ସମ୍ବୋଧିଲେ: ଯୋଉ ଉଦ୍ଦେଶ୍ୟରେ ମୋ' ପାଇଁ ତୁମେ ଆସିଛ, ଚରିତାର୍ଥ କର, ଅଟକି ଗଲ କାହିଁକି ? (କିନ୍ତୁ) ସେଇ ମଦମତ୍ତ ହସ୍ତୀ ଶୁଣ୍ଢଟେକି, ଆଣ୍ଠୁମାଡି ବୁଦ୍ଧଙ୍କର ପାଦତଳେ ପଡି ଶରଣ ନେଲା । ଇଏତ ପାଶବିକ ମାର୍ମିକତାର କ୍ଷୁଦ୍ର ନମୁନାଟିଏ । ଏମିତି ଶତ ଶତ ଘଟଣାରେ ବୁଦ୍ଧଙ୍କର ଗଣାର୍ପିତ ଜୀବନ ପରିପୂର୍ଣ୍ଣ ହୋଇଛି ।

ଏକଦା ସୁନ୍ଦରୀଗଣିକା ଆମ୍ରପାଲ୍ଲୀ ବୁଦ୍ଧଙ୍କୁ ତାଙ୍କରି ନିବାସରେ ଥରୁଟେ ଭୋଜନ ପାଇଁ ଯିବାକୁ ବିନମ୍ର ଅନୁରୋଧ କଲା । କାରୁଣିକ ଗୌତମ ତା'ର ନିମନ୍ତ୍ରଣକୁ ସମ୍ମତି ଦେଲେ । ତାଙ୍କର ଫେରିବା ବାଟ ଓଗାଳି ଲିଚ୍ଛବୀ ରାଜବାଳା ହୀରାହାର, ମୋତିମାଳ ଯାଚି ବୁଦ୍ଧଙ୍କୁ ରାଜ ଆତିଥ୍ୟର ଆଡମ୍ବର ଦେବା ପାଇଁ ମୁଁ ଯାଉଥିବାରୁ ତୋ'ର ଭୋଜନ ନିମନ୍ତ୍ରଣ ପାଶୋରି ଦେ' ବୋଲି ଆମ୍ରପାଲିଙ୍କୁ ସେ ତାଗିଦ୍ କଲେ । ରୋକ୍‌ଠୋକ୍ ଉତ୍ତର ଦେଲେ ଆମ୍ରପାଲ୍ଲୀ: ଏଇ ତୁଚ୍ଛ ଉପହାର କ'ଣ (ଯଦି) ତୁମ ରାଜ୍ୟର ସକଳ ସମ୍ପଦାର ଅର୍ଦ୍ଧଭାଗ ବି ଦିଅ ମୋ'ର ନିମନ୍ତ୍ରଣ ପ୍ରତ୍ୟାହାର କରିବାର ନାହିଁ । ବାକ୍ୟୁଦ୍ଧ ସାରି ଦୁହେଁ ଯାଇ ବୁଦ୍ଧଙ୍କର ଶରଣ ନେଲେ । ବିଚାର ମଞ୍ଜୁଳ ବୁଦ୍ଧ ତାଙ୍କୁ ସାନ୍ତ୍ୱନା ଦେଲେ: ହେ ରାଜଦୁହିତା ! ତୁମ ଆଗରୁ ସେ ମୋତେ ନିମନ୍ତ୍ରଣ ଦେଇଛନ୍ତି ମୁଁ ନିଶ୍ଚୟ ତାଙ୍କର ନିବାସରେ ହିଁ ଭୋଜନ କରିବି । ଭଦ୍ରେ ! ତୁମରି ଶ୍ରଦ୍ଧା ମୁଁ ଅନୁଭବ କରୁଛି, ତେଣୁ ତୁମେ ଚାହିଁଲେ (ସେଠି) ଚାମରସେବା ଓ ଜଳପାନର ବ୍ୟବସ୍ଥା କରିପାରିବ । ଏମିତି ଥିଲା: ପରମକାରୁଣିକ ଗୌତମ ବୁଦ୍ଧଙ୍କର ମହାର୍ଘନୈତିକତା !! ସେସମୟରେ ନିଷ୍ଠୁର ପଶୁବଳି, ଜାତିଭେଦ, ପ୍ରତିମାପୂଜନ, ଅନ୍ଧବିଶ୍ୱାସ ଏସବୁକୁ ବିରୋଧ କରି ଗୌତମବୁଦ୍ଧ ଅନେକଙ୍କର ଈର୍ଷାରପାତ୍ର ହୋଇଥିଲେ ସତ, ଆଜି ସେ ହୀନମତିମାନେ କାହାନ୍ତି ? କିଏ, କେଉଁଠି ତାଙ୍କୁ ଲୋଡୁଛି ? ଅଥଚ ଭାରତରୁ ଶ୍ରୀଲଙ୍କା, ନେପାଳ, ତିବ୍ବତ, ଚୀନ୍, ବ୍ରୁନେଇ, ଜାପାନ୍, ଭୂଟାନ୍, ଆଫଗାନିସ୍ଥାନ, ଇଣ୍ଡୋନେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଇତ୍ୟାଦି ରାଷ୍ଟ୍ର ସମୂହରେ ବୌଦ୍ଧାଦୃତି କେବେଠୁଁ ରହିଛି, ଥାଟ୍‌ରେ ଅଛି ଓ ରହିଥିବ । ପ୍ରଶାନ୍ତି ନିଳୟର ଶ୍ରୀସତ୍ୟସାଇ ଆଶ୍ରମରେ ଆନ୍ତର୍ଜାତିକ ସ୍ତରର ବୁଦ୍ଧପୂର୍ଣ୍ଣିମା ପ୍ରତିବର୍ଷ ପାଳିତ ହୁଏ ।

ଭାରତରେ ଅଢେଇ ହଜାର ବର୍ଷ ତଳେ ଜଣେ ରାଜପୁତ୍ର ତା'ର ଦାର୍ଶନିକ ଅବବୋଧରେ, ମାନବୀୟ କଲ୍ୟାଣ କାରିତା ଓ ଶୁଭଚିନ୍ତନରେ, ଦୂରଦର୍ଶୀ ସାଂଗଠନିକତାରେ ଯେ ଏତେ ପ୍ରବୀଣ, ଆଜି ବିସ୍ମିତ ହେବା ସହିତ ଆମର ଗୌରବବୋଧ ଆସେ । ସେ ନବୀନତା ପ୍ରବର୍ତ୍ତନର ଉଦ୍‌ଯୋଗୀ ଓ ସହଭାଗୀ ଥିଲେ । ବୁଦ୍ଧଙ୍କର ଅନ୍ୟତମ ମର୍ମବାଣୀ: ଆତ୍ମୋଦୀପଭବ ବା ସେଲ୍‌ଫଇଲୁମିନେସନ୍ ଏବଂ ସେଲ୍‌ଫ ଆକ୍ଟୁଆଲାଇଜେସନ୍ ଓ ଆତ୍ମ ସମୀକ୍ଷା ତାଙ୍କର ସବୁଠୁଁ ପ୍ରଶସ୍ତ ପ୍ରଜ୍ଞାନୁଶୀଳନ । ସେମିତି ଯଥାର୍ଥ ଅନୁଶୀଳନରେ ଆଦି ଆମର ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା, ଓଡ଼ିଆଜାତି ଉଦ୍ଦୀପିତ ହୋଇ ବୁଦ୍ଧବରଣ ଓ ପ୍ରଜ୍ଞା ଶରଣର ମହିମାକୁ ମର୍ଯ୍ୟାବିତ କରୁ । 'ବୁଦ୍ଧଂ ଶରଣଂ ଗଚ୍ଛାମି', 'ସଂଘମ୍, ଶରଣଂ ଗଚ୍ଛାମି' !!!

ଶାସନ ପଡିଆ
ପୁରୁଣା ଭୁବନେଶ୍ୱର, ଭୁବନେଶ୍ୱର–୨

# ଭୀମଭୋଇ : ସାର୍ଥକ ସାଧକ ଓ ଚିନ୍ମୟ ଚିନ୍ତକ

ଡକ୍ଟର ନାରାୟଣ ପଣ୍ଡା

Modesty is a Virtue not often found in poets, for almost everyone of them thinks himself the greatest in the world: **cervantes.**

ସନ୍ଥକବି ଭୀମଭୋଇ ସନ୍ଥ ପରମ୍ପରାର ଜଣେ ସାର୍ଥକ ମାନବବାଦୀ, ସତ୍ୟଦର୍ଶୀ ସାରସ୍ୱତ ସାଧକ । ସେ ଓଡ଼ିଆ ଭାଷା ଓ କାବ୍ୟକଳାର ବିଦଗ୍ଧ ବିନ୍ଧାଣୀ । ଜୀବନାଦର୍ଶ, ବିଭୂ ପ୍ରଣୋଦିତ ଆତ୍ମ ଜିଜ୍ଞାସା, ଦୁଃଖ ଯନ୍ତ୍ରଣା ଜର୍ଜରିତ ବିଶ୍ୱ ମାନବର ଆର୍ତ୍ତି, ଧର୍ମଧ୍ୱଜୀମାନଙ୍କର ଶଠତା, ପ୍ରବଞ୍ଚନା ଏବଂ ଅସହାୟବୋଧ ଭୀମଭୋଇଙ୍କ ସୃଷ୍ଟିରେ ସୁସ୍ପଷ୍ଟ । ତାଙ୍କ ଜୀବନବ୍ୟାପୀ ସାଧନା ଓ ଗଭୀର ନିଷ୍ଠା ମାନବ ସମାଜକୁ ନୂତନ ପଥ ନିର୍ଦ୍ଦେଶ କରିଛି । ମାନବ ସମାଜର ମଙ୍ଗଳ ପାଇଁ ଭୀମଭୋଇଙ୍କ ଜୀବନ ସମର୍ପିତ ଓ ଉତ୍ସର୍ଗୀକୃତ । ତାଙ୍କ ପ୍ରାଣର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ଯାହା ସରସ ସୁନ୍ଦର କବିତା ଭାବରେ ଆତ୍ମପ୍ରକାଶ କରିଛି, ତାହା ଅନାୟସରେ ଓଡ଼ିଆ ସାହିତ୍ୟରେ ଅମୂଲ୍ୟ ସମ୍ପଦ ଭାବରେ ପରିଗଣିତ ହୋଇଛି ।

ଜୀବନର ବ୍ୟାପକ ଅନୁଭବକୁ ଓ ବ୍ୟକ୍ତିଗତ ଜୀବନର ଉପଲବ୍ଧକୁ ସେ ଭଜନ, ଚଉତିଶା, ସ୍ତୁତି ମାଧମରେ ଉପସ୍ଥାପନ କରିଛନ୍ତି । ମାନବ ଧର୍ମର ପ୍ରଚାର ଓ ପ୍ରସାରରେ ଭୀମଭୋଇଙ୍କ ଭୂମିକା ଅଗ୍ରଗଣ୍ୟ । ମାନବିକ ମୂଲ୍ୟବୋଧ ସୁରକ୍ଷାର ସେ ଥିଲେ ସାର୍ଥକ ପ୍ରତିନିଧି । ତାଙ୍କ କାବ୍ୟ କବିତାରେ ବିଶ୍ୱତୋମୁଖୀ ଚିନ୍ତାଚେତନାର ସ୍ୱର ଅନୁରଣିତ ହୋଇଥିଲା । ଜନଗଣର ଦୁଃଖକୁ କାୟମନ ବାକ୍ୟରେ ସେ ପ୍ରାଣେ ପ୍ରାଣେ ଅନୁଭବ କରିଥିଲେ । ଶୂନ୍ୟବାଦ ତାଙ୍କ ସୃଷ୍ଟିର ସୌଷ୍ଠବ । ତାଙ୍କ ଅପରୂପ ସୃଷ୍ଟି ଓଡ଼ିଆ ନିର୍ଗୁଣ ସାହିତ୍ୟକୁ ସମୃଦ୍ଧ କରିଛି କହିଲେ ସତ୍ୟର ଅପଳାପ ହେବନାହିଁ । ଭୀମଭୋଇଙ୍କ ହୃଦୟ ଥିଲା ଆଧାତ୍ମିକ ଭାବନାରେ ପରିପୂର୍ଣ୍ଣ । ସେଥିଲେ ସାର୍ଥକ ସମର୍ପିତ ଭକ୍ତ । ଆରତ ଓ କରୁଣାରେ ସେ ସର୍ବଦା ବିଗଳିତ । ଦୁଃଖ ଥିଲା ତାଙ୍କ ଜୀବନର ଚିର ସହଚର । ଗଣଚେତନାର କଳାକାର ଓ ଭକ୍ତ ହୃଦୟର ସୂତ୍ରଧର ଭୀମଭୋଇଙ୍କ ସୃଷ୍ଟି ପାଷାଣକୁ ଦେଇଛି ପ୍ରାଣ, ମାନବ ଜାତିକୁ ଦେଇଛି ଅଶେଷ କଲ୍ୟାଣ । ଭୀମଭୋଇଙ୍କ ଜୀବନ ରହସ୍ୟମୟ । ସାରସ୍ୱତ ସୃଷ୍ଟି ତାଙ୍କ ପ୍ରତିଭାର ପରିଚୟ ।

ଭୀମଭୋଇଙ୍କ ଶ୍ୟାମଳ ଶୈଶବ ବହୁଘାତ ପ୍ରତିଘାତ ଦୁଃଖ ଯନ୍ତ୍ରଣାରେ ପରିପୂର୍ଣ୍ଣ । ତାଙ୍କ ଜୀବନ ଉତ୍‌ଥାନ ପତନ ଦେଇ ଗତି କରିଛି । ଯୌବନର ଆରମ୍ଭରେ ଅଲେଖ ଧର୍ମ ବା ମହିମା ଧର୍ମର ଆଦିଗୁରୁ ଅସାଧାରଣ ବ୍ୟକ୍ତିତ୍ୱ ମହିମା ଗୋସ୍ୱାମୀଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଥିଲେ, ଯାହାଙ୍କ ଆଶୀର୍ବାଦରୁ ତାଙ୍କଠାରେ କବିତ୍ୱର ନୈସର୍ଗିକ ପରିସ୍ଫୂର୍ତ୍ତି ଘଟିଥିଲା । ଜନଶ୍ରୁତି ଅଛି, ଚାରିବର୍ଷ ବୟସରେ ଭୀମ ଚରଡା ଖୋଲରେ ମହିମା ଗୋସ୍ୱାମୀଙ୍କ ଦର୍ଶନ ଲାଭ କରିଥିଲେ । କାର୍ତ୍ତିକ ଶୁକ୍ଳ ଦଶମୀ ଥିଲା ତାଙ୍କ ଜୀବନର ଏକ ଶୁଭ ଦିବସ । ଉକ୍ତ ଦିବସରେ ସେ ମହିମା ଗୋସ୍ୱାମୀଙ୍କଠାରୁ ମହିମା ଧର୍ମର ଦୀକ୍ଷା ଗ୍ରହଣ କରିଥିଲେ । କବିତା ରଚନା ସହ ଗୁରୁ ଉପଦିଷ୍ଟ ମହିମା ଧର୍ମର ତତ୍ତ୍ୱ ଓ ଉପଦେଶ ଓଡିଶାର ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଥିଲେ ।

ଜାତି–ବର୍ଣ୍ଣ–ଧର୍ମ ନିର୍ବିଶେଷରେ ତାଙ୍କ ସୃଷ୍ଟିର ସୌରଭ ପ୍ରତ୍ୟେକ ପାଠକକୁ ମୁଗ୍ଧ ଓ ଚକିତ କରିଛି । 'ସ୍ତୁତି ଚିନ୍ତାମଣି' 'ବୃହତ ଭଜନମାଳା' 'ବ୍ରହ୍ମ ନିରୂପଣ ଗୀତା' 'ଆଦିଅନ୍ତ ଗୀତା' 'ଅଷ୍ଟକ ବିହାରୀ ଗୀତା', ଚଉତିଶା ଗ୍ରନ୍ଥମାଳା' 'ନିର୍ବେଦ ସାଧନା' 'ଶ୍ରୁତି ନିଷେଧ ଗୀତା' ବଙ୍ଗଳା ଆଠଭଜନ ଏ ସମସ୍ତ ଏକତ୍ର ହୋଇ 'ଭକ୍ତକବି ଭୀମଭୋଇ ଗ୍ରନ୍ଥାବଳୀ' ଶୀର୍ଷକରେ

ଧର୍ମଗ୍ରନ୍ଥ ଷ୍ଟୋର କର୍ତ୍ତୃକ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ବୀରକିଶୋର ଦାସଙ୍କ ଦ୍ୱାରା ସଙ୍କଳିତ 'ଭୀମଭୋଇ ଗ୍ରନ୍ଥାବଳୀ ମଧ୍ୟ ଜେ. ମହାପାତ୍ର ଏଣ୍ଡକୋଙ୍କ ଦ୍ୱାରା ପ୍ରକାଶିତ । ଗ୍ରନ୍ଥାବଳୀରେ ଭୀମଭୋଇଙ୍କର ଯେଉଁ ରଚନା ସବୁ ସନ୍ନିବେଶିତ ହୋଇଛି, ସେଗୁଡିକ ହେଲା (କ) ସ୍ତୁତି ଚିନ୍ତାମଣି (ଖ) ଶ୍ରୁତି ନିଷେଧଗୀତା (ଗ) ନିର୍ବେଦ ସାଧନ (ଘ) ଆଦିଅନ୍ତଗୀତା (ଙ) ଅଷ୍ଟକ ବିହାରୀ ଗୀତା (ଚ) ବ୍ରହ୍ମ ନିରୂପଣ ଗୀତା (ଛ) ପଦ୍ମକଳ୍ପ ଗୀତା (ଜ) ଭଜନମାଳା (ଝ) ବ୍ରହ୍ମଚାଳକ (ଞ) ଚଉତିଶା ମଧୁଚକ୍ର । ଏସବୁ ପ୍ରକାଶିତ ଲେଖା ବ୍ୟତୀତ ତାଙ୍କର ଅନେକ ଅପ୍ରକାଶିତ ଲେଖା ରହିଛି । ବିଶିଷ୍ଟ ଗବେଷକ ଭାଗୀରଥି ନେପାକ ଭୀମଭୋଇଙ୍କ ଲେଖା ସମ୍ପର୍କରେ ସୂଚନା ଦେବାକୁ ଯାଇ ପ୍ରକାଶ କରିଛନ୍ତି– ଭୀମଭୋଇଙ୍କ ରଚିତ ଅଧାବଙ୍ଗଳା ଭାଷାରେ ଲିଖିତ 'ମହିମା ବିନୋଦ ନାମରେ ଚାରୋଟି ବିରାଟ ଗ୍ରନ୍ଥ ଖଳିଆପାଲି ଗାଦିରେ ରହିଛି । ଶ୍ରୀଯୁକ୍ତ ନରେନ୍ଦ୍ର ନାଥ ବସୁ ତାଙ୍କ ଗ୍ରନ୍ଥରେ 'କଳି ଭାଗବତ' ନାମକ ଆଉ ଏକ ପୋଥିରୁ ଅଂଶମାନ ଉଦ୍ଧାର କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । କିନ୍ତୁ ଏ ପୋଥି ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ । ଖଳିଆପାଲି ଗାଦିରେ 'ବ୍ରହ୍ମ ସଂଯୁକ୍ତ ଗୀତା' ବୋଲି ଭୀମଭୋଇଙ୍କର ଏକ ଅସମାପ୍ତ ପୋଥି ଥିବାର ଅଧ୍ୟାପକ ଚିତ୍ତରଞ୍ଜନ ଦାସ ତାଙ୍କର 'ଓଡ଼ିଶାର ମହିମାଧର୍ମ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଉକ୍ତ ଗ୍ରନ୍ଥରେ (୧୦୭ ପୃଷ୍ଠା) ଭୀମଭୋଇଙ୍କ ଦ୍ୱାରା ବିରଚିତ ଅପ୍ରକାଶିତ 'ମନୁମଣ୍ଡଳ' ଶୀର୍ଷକ ଗ୍ରନ୍ଥର ଉଦ୍ଧୃତି ଉଲ୍ଲେଖ କରାଯାଇଛି । ଏହାବ୍ୟତୀତ ସ୍ଥାନୀୟ ଅନୁସନ୍ଧାନରୁ ଜଣାଯାଏ ଯେ ଭୀମଭୋଇ ଆହୁରି ଅନେକ ଭଜନ, ଜଣାଣ, ଚଉତିଶା, ରସରକେଳି, ଡାଲଖାଇ, ବଉଳି ଇତ୍ୟାଦି ସଙ୍ଗୀତଧର୍ମୀ କବିତା ଓ ଲୋକଗୀତ ରଚନା କରିଛନ୍ତି । ପ୍ରକାଶିତ ଗ୍ରନ୍ଥ ଓ ଉପର ଲିଖିତ ଅପ୍ରକାଶିତ ଗ୍ରନ୍ଥ ବ୍ୟତୀତ ସେ ବ୍ରହ୍ମ ସଂଯତ 'ନବୀନ ବିହାରୀ ଗୀତା' 'ଭବିଷ୍ୟତ ମାଳିକା' ଅଂହିସାଧର୍ମ' 'ବ୍ରହ୍ମଗୀତା' 'ପୂର୍ଣ୍ଣ ସଂହିତା' 'ଯଶୋବନ୍ତ ମହାମଣ୍ଡଳ' 'ମନୁସଭା ମଣ୍ଡଳ' ଓ 'କଳିଯୁଗ ଗୀତା' ପ୍ରଭୃତି ଗ୍ରନ୍ଥ ରଚନା କରିଥିବା ଜଣାଯାଏ ।

ଭୀମଭୋଇ ପ୍ରଥମ ଜୀବନରେ ଜଣେ ଧୂରୀଣ ଆଶୁକବି ଥିଲେ । ରସରକେଳି, 'ଡାଲ୍‌ଖାଇ', 'ବଉଳ', ହଳିଆ ଗୀତ, 'ଜାଇଫୁଲ' ଇତ୍ୟାଦି ସଂଗୀତ ତାଙ୍କ କୈଶୋର ପ୍ରତିଭାର ପରିଚୟ । ମହିମାସ୍ୱାମୀ କପିଳାସରୁ ରେଢାଖୋଲର କନ୍ଧରା ଆସି ଭୀମଭୋଇଙ୍କୁ ଧର୍ମ ଉପଦେଶ ଦେବା ସହିତ କବିତ୍ୱଶକ୍ତି ପ୍ରଦାନ କରିଥିଲେ । 'ଆଦିଅନ୍ତ ଗୀତା'ରେ କବି ଭୀମଭୋଇ ଯଥାର୍ଥରେ ପ୍ରକାଶ କରିଛନ୍ତି–

'ଶ୍ରୀଗୁରୁ କୃପାରେ ମୋର ଗୋ କବିପଣ
ବାଳକ ବୟସ ବୁଦ୍ଧି ମୋ ନାହିଁ ଜ୍ଞାନ ।'

(ଆଦିଅନ୍ତଗୀତା– ୪ର୍ଥ ଅଧ୍ୟାୟ)

ଭୀମଭୋଇଙ୍କ କବିତ୍ୱ ଅନନ୍ୟ ସାଧାରଣ କନ୍ଧରାର ଲୋକମାନେ କହନ୍ତି, ଭୀମଙ୍କୁ ତାଙ୍କର ମାଳିକ ମାଣେ ଅରୁଆ ଚାଉଳ ଦିଅନ୍ତି । ସେ ରେଢାଖୋଲ– କିଆକଟା ସଡକର ଦକ୍ଷିଣ କଡରେ ଥିବା ବାଂଶବଣକୁ ଆସି କିପରି ରାନ୍ଧୁଥିଲେ, କିପରି ଖାଉଥିଲେ, ତାହା କେହି ଜାଣି ପାରୁନଥିଲେ । କିନ୍ତୁ ସେ ଲତା ଦୋଳିରେ ବସି ମନକୁ ମନ ଗୀତ ଗାଉଥିଲେ । ସେ ତାଙ୍କର 'ଆଦିଅନ୍ତ ଗୀତା'ରେ ପ୍ରକାଶ କରିଛନ୍ତି–

'ଯେତେବେଳେ ଗୁରୁ କହି ଯେ ଦ୍ୟନ୍ତି ଭେଦ ।
ତେଣୁ ସେ ଯୋଡଇ କବି ଯେ କୃତ୍ୟ ପଦ ।
ଗୁରୁ ନକହିଲେ ମୋତେ ଯେ ନ ଆସଇ ।
ଶ୍ରୀଗୁରୁ ବ୍ୟତୀକେ ଅନ୍ୟ ଯେ ଆଜ୍ଞା ନାହିଁ ।
ଏ ପ୍ରତିବଚନ ବାକ୍ୟ ଯେ ସତ୍ୟ ସତ୍ୟ
ଗୀତରେ ଭଣିଲେ ଭୀମ ଯେ ଅରକ୍ଷିତ' ।

ସତ୍ୟପଥର ପଥିକ ଥିଲେ ଭୀମଭୋଇ । ଜୀବନର କଣ୍ଟକିତ ପଥର ସେ ଥିଲେ ଯାତ୍ରୀ । ସଂଗ୍ରାମ ଓ ସଂଘର୍ଷ ତାଙ୍କୁ ସାଧନା ପଥରୁ ବିଚ୍ୟୁତ କରିପାରି ନଥିଲା । ଆରତ ଅବିରତ ଭିତରେ ସେ ଥିଲେ ସାର୍ଥକ ସାଧକ ଓ ସମାଜର ଚିନ୍ମୟ ଚିନ୍ତକ । ଗୁରୁପ୍ରଦତ୍ତ ପ୍ରତିଭାରେ ସେ ଥିଲେ ଭାସ୍ୱର ଓ ଦୟା କରୁଣାର ଅନନ୍ତ ନିର୍ଝର । ଗୁରୁଙ୍କ ଆଶୀର୍ବାଦକୁ ପାଥେୟ କରି ତାଙ୍କ ଲେଖନୀ ଥିଲା ଚଳଚଞ୍ଚଳ ଓ ଗତିଶୀଳ । ପୂର୍ବ ଜନ୍ମର ସୁକୃତ ନଥିଲେ କେହି ପ୍ରତିଭାବାନ ହୋଇପାରେ ନାହିଁ । କଥାରେ ଅଛି– 'ପୂର୍ବାର୍ଜିତ ଯଦାଧନ, ପୂର୍ବାର୍ଜିତ ଯଦା ବିଦ୍ୟା, ଅଗ୍ରେ ଧାବତି ଧାବତି ।' ।

'ସ୍ତୁତି ଚିନ୍ତାମଣି' ଓଡ଼ିଆ ଭାଷା ସାହିତ୍ୟକୁ କବିଙ୍କ ଅନ୍ୟତମ ଅନୁପମ ଅଭିନବ ଅର୍ଘ୍ୟ । ସାରସ୍ୱତ ସୃଷ୍ଟି ନୈସର୍ଗିକ କବି ପ୍ରତିଭାର ଏକ ଜ୍ୱଳନ୍ତ ନିଦର୍ଶନ । ମଧ୍ୟ ଯୁଗୀୟ ସନ୍ଥକବିମାନଙ୍କ ପରି ଭୀମଭୋଇଙ୍କ ରଚନାରେ ଜୀବନ ଓ ଜଗତର ଅଳିକତା ତଥା ନଶ୍ୱରତା ସମ୍ପର୍କରେ ଅନାସକ୍ତ ବ୍ୟଞ୍ଜକ ବୈରାଗ୍ୟର ବାଣୀ ଉଚ୍ଚାରିତ ହୋଇଥିଲେ ମଧ୍ୟ ବାସ୍ତବ ଜୀବନ

ସମ୍ପର୍କରେ କବିଙ୍କର ବ୍ୟକ୍ତିଗତ ଜୀବନର କ୍ରିୟା ପ୍ରତିକ୍ରିୟାର ମର୍ମଳଛବି ପରିଲକ୍ଷିତ ହୁଏ । 'ସ୍ତୁତି ଚିନ୍ତାମଣି' କେବଳ ଶୂନ୍ୟ ଅଲେଖ ଓ ନିଜର ଗୁରୁ ଦେବ, ମହିମା ଗୋସ୍ୱାମୀଙ୍କର ନୀରସ ତତ୍ତ୍ୱ ଓ ସ୍ତୁତିରେ ଭାରାକ୍ରାନ୍ତ ନୁହେଁ, ଏଥିରେ ଅତ୍ୟାଚାରିତ କବି ଜୀବନର କରୁଣ ଚିତ୍ର ପ୍ରତିଫଳିତ । 'ସ୍ତୁତି ଚିନ୍ତାମଣି'ର ପଦଲାଳିତ୍ୟ ଶ୍ରୋତାକୁ ଯେପରି ମୁଗ୍ଧ କରେ ପାଠକକୁ ସେପରି ଚକିତ କରେ । ଧର୍ମ ପ୍ରଚାର କାଳରେ ରାଜା ଓ ସମ୍ଭ୍ରାନ୍ତ ଶ୍ରେଣୀ ଏବଂ ସେମାନଙ୍କର ସ୍ତାବକମାନଙ୍କର ଷଡଯନ୍ତ୍ର ତଥା ଅତ୍ୟାଚାରରେ କବିଙ୍କ ଆତ୍ମାର ବିଦ୍ରୋହର ସ୍ୱର 'ସ୍ତୁତିଚିନ୍ତାମଣି'ର ବିଭିନ୍ନ ସ୍ତୁତିରେ ପ୍ରତିଫଳିତ । ସ୍ତୁତି ଚିନ୍ତାମଣିର ଗୋଟିଏ 'ବୋଲି'ରେ ନିଜ ଜୀବନର ଯନ୍ତ୍ରଣାଦାୟକ ଅନୁଭୂତିକୁ ବର୍ଣ୍ଣନା କରିବାକୁ ଯାଇ କବି ପ୍ରକାଶ କରିଛନ୍ତି–

କିରସ୍ତାନ ବୋଲି ଦେଉଛନ୍ତି ଗାଳି ନିନ୍ଦା କରୁଛନ୍ତି ଲୋକ<br>
ଅଲେଖ ଅଲେଖ ବୋଲିବାରୁ ସ୍ୱାମୀ ଦେଉଛ ଦୁର୍ଦ୍ଦଣ୍ଡ ଦୁଃଖ<br>
ବସନ ପରାୟେ ଘୋଡାଇଛି କାୟେ କଳଙ୍କ ପାପ ବକଳ<br>
ସତ୍ୟଧର୍ମ ସତ୍ୟଧର୍ମ ବୋଲିବାରୁ ନିନ୍ଦୁଅଛନ୍ତି ସକଳ ।

ଥଟ୍ଟା ଗାଳିକୁ ପାଦର ଧୂଳିକରି, ନୀଳକଣ୍ଠଙ୍କ ପରି ସଂସାରର ସମସ୍ତ ଦୁଃଖ ଯନ୍ତ୍ରଣାର ହଳାହଳକୁ ଆକଣ୍ଠ ଚିତ୍ତରେ ପାନକରି, ଗୁରୁଙ୍କ ପଦଚରଣରେ କାୟ–ମନ–ବାକ୍ୟରେ ଭୀମଭୋଇ ପ୍ରଣତି ବାଢିଛନ୍ତି । ଜନ୍ମଦାତା ପିତାମାତା ଓ ଶ୍ରୀଗୁରୁଙ୍କ ଚରଣକୁ ଶତବାର ପ୍ରଣତି ଜଣାଇ କବି 'ସ୍ତୁତିଚିନ୍ତାମଣି'ରେ ପ୍ରକାଶ କରିଛନ୍ତି–

ପିତା ଅଟନ୍ତି ମୋ ଅନାଦି ଠାକୁର<br>
ମାତା ଆଦିଶକ୍ତି ନାରୀ ।<br>
ଦୂତୀ ଯୁଗଳରୁ ଜନମ ଲଭିଛି<br>
କବି କୃତ କଳା ଧରି ।

ଆଧାତ୍ମିକ ଦର୍ଶନ ସାଧାରଣ ଜନ ଜୀବନରେ ଆଣେ ନୂତନତାର ଭାବ ସ୍ପନ୍ଦନ । ସମାଜର କେତେ ଲୋକ ସୁଖ ବିଳାସରେ କାଳାତିପାତ କରୁଥିଲା ବେଳେ, ଆଉ କେତେ ଲୋକ ଦୁଃଖ ଯନ୍ତ୍ରଣାରେ ଅଶ୍ରୁମୋଚନ କରି କପାଳରେ କରମାରି, ଭାଗ୍ୟକୁ ଆଦରି ଜୀବନ ଅତିବାହିତ କରନ୍ତି । ଅଭାବ, ଅନଟନ, ଅନାହାର ଭିତରେ ପେଷିହୋଇ ସନ୍ତୁଳିତ ଜୀବନଯାପନ କରୁଥିବା ମଣିଷର ଆର୍ତ୍ତ ଚିତ୍କାରରେ କବି ମର୍ମାହତ । ପ୍ରାଣୀମାନଙ୍କର ଦୁଃଖ ମୋଚନ କରିବା ପାଇଁ କବି ଅଶ୍ରୁ ବିସର୍ଜନ କରିଛନ୍ତି ଓ ସମସ୍ତ ପ୍ରକାର ଯାତନାକୁ ମଥାପାତି ସହ୍ୟ କରିଛନ୍ତି । 'ସ୍ତୁତି ଚିନ୍ତାମଣି'ରେ କବି ପ୍ରକାଶ କରିଛନ୍ତି–

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ<br>
ଦେଖୁ ଦେଖୁ କେବା ସହୁ<br>
ମୋ' ଜୀବନ ପଛେ ନର୍କେ ପଡିଥାଉ<br>
ଜଗତ ଉଦ୍ଧାର ହେଉ ।

ସଂସାରରେ ସୁଖ ଅପେକ୍ଷା ଦୁଃଖର ପରିମାଣ ଅଧିକ । ଜୀବନର ଅନ୍ୟନାମ ଯନ୍ତ୍ରଣା ଓ ଯନ୍ତ୍ରଣାର ଅନ୍ୟନାମ ଜୀବନ । ବିଶିଷ୍ଟ କବି ମନୀଷୀ P.B.Shelley ଜୀବନ ସମ୍ପର୍କରେ ସୁନ୍ଦର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି–

'Life, Like a dome of many coloured glass,<br>
Stains the white radiance of eternity.<br>
Until death tramples it to fragments.

କବି ଜୀବନକୁ ଅନୁଭବ କରିଥିଲେ । ଯେଉଁ ଜୀବନ କବି ବଞ୍ଚିଥିଲେ, ସେହି ଜୀବନର ଚିତ୍ର ସେ ନିଜ କବିତାରେ ଅଙ୍କନ କରିଥିଲେ । ଜୀବନ ଓ ଜଗତ ପ୍ରତି ବ୍ୟକ୍ତିଗତ ଅନୁଭବକୁ କବି ନିଜ କବିତାରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ସମାଜର ବାସ୍ତବ ଦୃଶ୍ୟକୁ ଚିତ୍ରଣ କରିଛନ୍ତି । 'ମଣିଷ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ' ଏ ଆଦର୍ଶରେ କବି ଅନୁପ୍ରାଣିତ ଥିଲେ । କନିଷ୍ଠ ଜ୍ୟେଷ୍ଠ ସମସ୍ତଙ୍କୁ ଜାତି–ଧର୍ମ–ବର୍ଣ୍ଣ ନିର୍ବିଶେଷରେ ସମ୍ମାନ ଓ ଶ୍ରଦ୍ଧା ନିବେଦନ କରୁଥିଲେ । କାହାରି ହୃଦୟକୁ ବାଧିଲା ପରି, ଆଘାତ ଦେଲାପରି ରୁକ୍ଷ, କର୍କଶ ବାକ୍ୟ ପ୍ରୟୋଗ କରୁନଥିଲେ । ସଦାସର୍ବଦା ସଦାଚାର, ବିନୟ ନମ୍ର ସ୍ୱଭାବର ଜୀବନ ଅତିବାହିତ କରୁଥିଲେ । ଗୁରୁନିଷ୍ଠ ଜୀବନ ତାଙ୍କୁ ସତ୍‌ପଥରେ ଚାଳିତ କରିଥିଲା ଓ ବିନୟ, ସତ୍ୟବାଦୀତା ତାଙ୍କୁ କୁସଂସ୍କାରଠାରୁ ଦୂରେଇ ରଖିଥିଲା । ଜୀବନ ଥିଲା ତାଙ୍କର ସାଧନା ଓ ସାଧନା ଥିଲା ତାଙ୍କର ଜୀବନ । ଗଭୀର ଅନୁଭବ ଭିତରୁ ଭୀମଭୋଇଙ୍କ କବିତାର ଜନ୍ମ । କବିତାରେ ସେ ଯାହା ପ୍ରକାଶ କରିଛନ୍ତି ତାହା ପାଷାଣ ଗାର ସଦୃଶ । ଅନୁଭବର କଷଟି ପଥରରେ କବି ଜୀବନକୁ ପରୀକ୍ଷା କରିଛନ୍ତି । କବି ଯଥାର୍ଥରେ ପ୍ରକାଶ କରିଛନ୍ତି–

'ପଦ ବାନ୍ଧିଅଛି ମୁହିଁ ପାଷାଣର ଗାର ଗୋ<br>
ଭେଦ କରୁ କରୁ ଅର୍ଥ ଅଣ ଅଗୋଚର ଗୋ'

ଗୁରୁଙ୍କ କୃପାଲାଭ କରି କବି କବିତା ରଚନା କରିଛନ୍ତି, ଏକଥା ଦୃଢ ସ୍ୱରରେ ସେ ସ୍ୱୀକାର କରିଛନ୍ତି । ପ୍ରାରମ୍ଭରେ କବିଙ୍କ

କବିତାଗୁଡିକ ସରଳ ଓ ବୋଧଗମ୍ୟ ଥିଲା କିନ୍ତୁ ପରିପକ୍ୱ ବୟସର କବିତାଗୁଡିକ କ୍ଲିଷ୍ଟ ହୋଇଉଠିଛି । ସେଥିପାଇଁ ଓଡ଼ିଆରେ ଅଛି–

'ଜଗନ୍ନାଥ ଦାସଙ୍କ ଠାର
ଅଚ୍ୟୁତାନନ୍ଦଙ୍କ ଗାର
ଚୈତନ୍ୟ ଦେବଙ୍କ ବାଦ୍ୟ
ଭୀମଭୋଇଙ୍କ ପଦ୍ୟ ।'

ଭୀମଭୋଇ ନିଜ ଭିତରେ ଯେଉଁ କାବ୍ୟିକ ଆବେଗ ଅନୁଭବ କରିଥିଲେ, ତାହାକୁ ସେ ମହିମା ଧର୍ମ ଦର୍ଶନ ପ୍ରକାଶରେ ସ୍ୱଚ୍ଛନ୍ଦ ଉପଯୋଗ କରି ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । କବିଙ୍କ ଜୀବନ କାହାଣୀ 'ସ୍ତୁତିଚିନ୍ତାମଣି' ନିଜ ଜୀବନର ବାଲ୍ୟ, କୈଶୋରଠାରୁ ଆରମ୍ଭ କରି ମହିମା ଗୋସାଇଁଙ୍କ ସହ ସାକ୍ଷାତ୍, ଦୀକ୍ଷା ଗ୍ରହଣ, କବିତ୍ୱ ପ୍ରାପ୍ତି ଓ ମହିମାଧର୍ମ ପ୍ରଚାର ପ୍ରଭୃତି ଘଟଣା ଅତ୍ୟନ୍ତ ସରଳ ଓ ମର୍ମସ୍ପର୍ଶୀ ଭାଷାରେ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ପ୍ରକାଶିତ । 'ସ୍ତୁତି ଚିନ୍ତାମଣି'ରେ କବିଙ୍କର ବିବିଧ ମାନସର ଚିତ୍ର ସ୍ପଷ୍ଟ । କେଉଁ ବୋଲିରେ ତାଙ୍କର ଚିନ୍ତାଧାରା, ଶାନ୍ତ, ସ୍ୱଚ୍ଛ ଏକ ପବିତ୍ର ସ୍ୱର୍ଣ୍ଣଦୀ ପରି ପ୍ରବାହିତ ଓ ଅନ୍ୟ କେଉଁ ବୋଲିରେ ତାହା ଭୀଷଣ ଭୟଙ୍କର ସ୍ରୋତସ୍ୱିନୀର ରୂପ ଗ୍ରହଣ କରିଛି । ଦୁଃଖ ଓ ଯନ୍ତ୍ରଣାର ଗରଳକୁ ଆଞ୍ଜୁଳା ଆଞ୍ଜୁଳା ପାନକରି କେଉଁ ବୋଲିରେ ସେ ନୀଳକଣ୍ଠ ସାଜିଛନ୍ତି ତ ଅନ୍ୟ କେଉଁ ବୋଲିରେ କ୍ରୋଧ ଜର୍ଜରିତ ହୋଇ ବ୍ରହ୍ମଙ୍କୁ ଗାଳିଗୁଲଜ କରିବାକୁ କୁଣ୍ଠିତ ହୋଇ ନାହାନ୍ତି । ତଥାପି ତାଙ୍କର 'ଅନୁରାଗ'ର ସ୍ନେହ ସଜଳ ପ୍ରତିଧ୍ୱନି, ସବୁ ନିନ୍ଦା, କଳଙ୍କ ଯାତନା ବେଦନାକୁ ଏକ କ୍ଷମା ସ୍ନିଗ୍ଧ ହୃଦୟରେ ଗ୍ରହଣ କରି ଉଦାର କଣ୍ଠରେ ଉଚ୍ଚାରଣ କରିଛନ୍ତି–

'ଆତ୍ମା ଭଗତିରେ ଦୋଷାଦୋଷ ହେଲେ ବଜ୍ର ପଡୁ ମୋ ମୁଣ୍ଡକୁ
କହେ ଭୀମଭୋଇ ବ୍ରହ୍ମଶାପ ଦେଇ ଜାଳିଦିଅ ମୋ ପିଣ୍ଡକୁ ।

ଭୀମଭୋଇଙ୍କ 'ଆଦିଅନ୍ତଗୀତା' ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଅନନ୍ୟ ଅର୍ଘ୍ୟ । ଶରୀର ଭେଦ ତତ୍ତ୍ୱର ସାରସ୍ୱତ ସାର୍ଥକ ପ୍ରତିରୂପ 'ଆଦିଅନ୍ତଗୀତା' । ସ୍ୱାମୀ ପରମର ପ୍ରତୀକ ଓ ସ୍ତ୍ରୀ ଜୀବର ପ୍ରତୀକ ଭାବରେ ଉକ୍ତ ଗ୍ରନ୍ଥରେ ପ୍ରକୀର୍ତ୍ତିତ । ଶରୀର ଭେଦ ତତ୍ତ୍ୱର ସ୍ୱରୂପକୁ ନିର୍ଣ୍ଣୟ କରିବା ସଙ୍ଗେ ସଙ୍ଗେ ଜୀବ ପରମର ଆହାର ବିହାରକୁ କବି 'ଆଦିଅନ୍ତଗୀତା'ରେ ବର୍ଣ୍ଣନା କରିଛନ୍ତି । ଶରୀରର ଦଶଦ୍ୱାର, ଦଶ ଅବତାର, ସାପଦ୍ୱୀପ, ନବରନ୍ଧ୍ର ଓ ଦଶସିଦ୍ଧିର ଚିତ୍ର କବି ଉପସ୍ଥାପନ କରିବା ସହିତ କୋକଶାସ୍ତ୍ର ସମ୍ମତ ପତିପତ୍ନୀ ଭାବ ଶରୀରାର୍ଥ ମାର୍ଗରେ ଗ୍ରନ୍ଥରେ ଅବତାରଣା କରିଛନ୍ତି । ଦ୍ୱାଦଶ ଅଧ୍ୟାୟ ବିଶିଷ୍ଟ 'ଆଦିଅନ୍ତ ଗୀତା'ରେ କବି ବ୍ରହ୍ମର ଲକ୍ଷଣ ଓ ବ୍ରହ୍ମ ପ୍ରାପ୍ତିର ଉଦ୍ଦେଶ୍ୟ, ଉପାୟକୁ ସୁନ୍ଦର ଭାବରେ ନିର୍ଣ୍ଣୟ କରିଛନ୍ତି । ରାମାୟଣ କଥା ଓ ବହୁ ପୁରାଣର ଚିତ୍ରିତ ଚରିତ୍ରମାନଙ୍କୁ ଶରୀର ମଧ୍ୟରେ ଅବସ୍ଥାପିତ କରି ଏକ କୌତୁହଳ ଉଦ୍ଦୀପକ ବିଷୟର ବର୍ଣ୍ଣନା କରିଛନ୍ତି କବି ।

'ଶ୍ରୁତି ନିଷେଧ ଗୀତା'ରେ କବି ଭୀମଭୋଇଙ୍କ ଓଡ଼ିଆ ସାହିତ୍ୟକୁ ଅନନ୍ୟ ଅବଦାନ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କର କଥୋପକଥନ ଶୈଳୀରେ ଯେପରି 'ଶ୍ରୀମଦ ଭାଗବତ ଗୀତା' ପରିକଳ୍ପିତ ସେହିପରି ଗୋବିନ୍ଦ ଓ ଅନାଦିଙ୍କର ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ ଶ୍ରୁତି ନିଷେଧ ଗୀତା' ରଚିତ । ଉକ୍ତ ଗ୍ରନ୍ଥରେ ଗୁରୁ ହେଉଛନ୍ତି ଅନାଦି ଓ ଶିଷ୍ୟ ହେଉଛନ୍ତି ଗୋବିନ୍ଦ । ଗୋବିନ୍ଦଙ୍କ ମହିମାଧର୍ମ ତଥା ପରବ୍ରହ୍ମଙ୍କ ସମ୍ପର୍କୀୟ ପ୍ରଶ୍ନର ଉତ୍ତର ପ୍ରଦାନ କରିଛନ୍ତି ଗୁରୁଦେବ ଅନାଦି । 'ଶ୍ରୁତି ନିଷେଧ ଗୀତା'ରେ କବି ଯଥାର୍ଥରେ ପ୍ରକାଶ କରିଛନ୍ତି–

'ଘଟରେ ବ୍ରହ୍ମଙ୍କୁ ନଚିହ୍ନି । ବାହ୍ୟରେ ଭ୍ରମୁଥାନ୍ତି ପ୍ରାଣୀ
ଚିତ୍ର ପଟକୁ ନେତ୍ରେ ଦେଖି । ମନ ଆନନ୍ଦେ ହୋଇ ସୁଖୀ
ଏ ଘଟେ ଜଗନ୍ନାଥ ଅଛି । ପ୍ରତିମା ମିଛରେ ପୂଜିଛି ।
ମୂର୍ତ୍ତି ପ୍ରତିମା ଶୁଷ୍କ କାଠ । ସେ ପୁଣି ନେବ କି ବୈକୁଣ୍ଠ
ମିଥ୍ୟାରେ ବୁଲି ମରେ ପ୍ରାଣୀ । ଘଟ ପ୍ରତିମାକୁ ନଚିହ୍ନି ।'

ଜାତିପ୍ରଥାର ଊର୍ଦ୍ଧ୍ୱରେ ସେ ଅବସ୍ଥାନ କରୁଥିଲେ । ସଂକୀର୍ଣ୍ଣତା ତାଙ୍କୁ ତିଳେହେଲେ ସ୍ପର୍ଶ କରିନଥିଲା । ସମସ୍ତଙ୍କୁ ସମାନ ଭାବରେ ଅବଲୋକନ କରୁଥିଲେ ଓ ବିଶ୍ୱଜନୀନ ଭାବରେ ଆବିଷ୍ଟ ଥିଲେ । ଗ୍ରନ୍ଥର ଉପସଂହାରରେ କବି ଜାତି–ବର୍ଣ୍ଣ–ଧର୍ମ ନିର୍ବିଶେଷରେ ମହିମା ଧର୍ମ ଗ୍ରହଣ କରି ମହିମା ଗୋସାଇଁଙ୍କ ଶରଣାପନ୍ନ ହେବାକୁ ଉପଦେଶ ପ୍ରଦାନ କରିଛନ୍ତି ।

'ପ୍ରେମଭକ୍ତି ବ୍ରହ୍ମଗୀତା'ରେ କବି ଶୂନ୍ୟବାଦର ମହିମା ଉପସ୍ଥାପନ କରିଛନ୍ତି । କବିଙ୍କ ମତରେ ଆତ୍ମାର ଅବସ୍ଥାନ ଶୂନ୍ୟରେ । ସେଠାରେ ଅକ୍ଷର ଓ ଆକାର ନଥିଲା, ଥିଲା କେବଳ ଶବ୍ଦ । ଶବ୍ଦ ହେଉଛି ବାୟୁର ଗୁଣ । ତେଣୁ ବାୟୁ ଓ ଚେତନା ଥିଲେ ଏକ ସଙ୍ଗରେ । ଶବ୍ଦ ଓ ବାୟୁର ତଳେ ଥିଲା ଶୂନ୍ୟ ଓ ଏହି ଶୂନ୍ୟ ତଳେ ଥିଲା ଜ୍ୟୋତି । ଏହି ଜ୍ୟୋତିତଳେ ଥିଲା ଶୂନ୍ୟ ।

ପ୍ରଥମ ଶୂନ୍ୟରୁ ଗ୍ରହ, ନକ୍ଷତ୍ର ଓ ଦ୍ୱିତୀୟ ଶୂନ୍ୟରୁ ପୃଥିବୀ ଜାତ ହେଲା । ତା'ପରେ ଉର୍ମ, ଧୂର୍ମ, ଜ୍ୟୋତି, ଜ୍ୱାଳା ଓ ବିନ୍ଦୁ ସମେତ ଜାତ ହେଲା ପ୍ରକୃତି । ଏହାକୁ ପ୍ରକାଶ କରିବାକୁ ଯାଇ ଶ୍ରୀକୃଷ୍ଣଙ୍କ ମୁହଁରେ କବି ପ୍ରକାଶ କରିଛନ୍ତି–

ନଥିଲା ନାମ ରୂପ ଗୁଣ । ସଂସାର ଯେ ବିଧି ଭିଆଣ<br>
ସେକାଳେ ଥାଏ ମୋର ମନ । ଗଗନ ଯେହ୍ନେ ସର୍ବଶୂନ୍ୟ ।<br>
ଯେ ଶୂନ୍ୟ ପରେ ଜ୍ୟୋତି ଜାଣ । ତା'ପରେ ଥିଲା ଶୂନ୍ୟପୁଣ<br>
ସେ ଶୂନ୍ୟ ଉପରେ ଚେତନା । ଚେତନା ମଧ୍ୟେ ମୋର ଠଣା<br>
ଅଣଅକ୍ଷର ନିରାକାରେ । ବୁଦ୍‌ବୁଦ୍ ପ୍ରାୟେ ମୁଁ ଶୂନ୍ୟରେ

ସେବା–ଭକ୍ତି–କର୍ମର କବି ଥିଲେ, ତ୍ରିବେଣୀ ସଙ୍ଗମ । ମାନବ ସେବାରେ ସେ ନିଜକୁ ଉତ୍ସର୍ଗ କରିଥିଲେ । ଭକ୍ତି ଥିଲା ତାଙ୍କ ଜୀବନର ଧ୍ୟେୟ ଓ ଦୟା–କ୍ଷମା–ଶାନ୍ତି ଥିଲା ଜୀବନର ଶ୍ରେୟ । ମାନବୀୟ ଗୁଣରେ ସେ ଥିଲେ ସଶକ୍ତ ସଂସାର ପ୍ରତି ଥିଲେ ନିର୍ବିକାର ଓ ଅନାଶକ୍ତ । ଅପୂର୍ଣ୍ଣତାରୁ ପୂର୍ଣ୍ଣତା, ମୃତ୍ୟୁରୁ ଅମୃତ, ଜୀବନରୁ ଜ୍ୟୋତି ଅନ୍ଧକାରରୁ ଅନ୍ତରୀକ୍ଷ, ଭବସିନ୍ଧୁରୁ ଭାବସିନ୍ଧୁ, ପ୍ରଜ୍ଞାରୁ ପ୍ରତ୍ୟୟ, ବେଦରୁ ନିର୍ବେଦ, ସାକାରରୁ ନିରାକାରର ସନ୍ଧାନୀ ଥିଲେ କବି । ସେ ଥିଲେ ନିଖିଳର ଅଧିଶ୍ୱର ଓ ମହିମାର ମାନ୍ତ୍ରିକ । ଜନଜୀବନର ସାର୍ଥକ ରୂପକାର ଭାବରେ ସେ ଯେପରି ସର୍ବବାଦୀ ସମ୍ମତ ଜଣେ ନୀତିନିଷ୍ଠ ସାଧକ ଭାବରେ ସେପରି ସୁପରିଚିତ । ଗଣଜୀବନରେ ତାଙ୍କର କାବ୍ୟଧାରା ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସଂସାରକୁ କରିଛି ସଂଯତ ଓ ମଣିଷକୁ କରିଛି ମହତ ।

ବିଭାଗ ମୁଖ୍ୟ<br>
ସ୍ନାତକୋତ୍ତର<br>
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ<br>
ଫକୀରମୋହନ ବିଶ୍ୱବିଦ୍ୟାଳୟ<br>
ବାଲେଶ୍ୱର

ସହାୟକ ଗ୍ରନ୍ଥସୂଚୀ

୧) ସନ୍ଥକବି ଭୀମଭୋଇ: ଡକ୍ଟର କାହ୍ନୁଚରଣ ମିଶ୍ର

୨) ସନ୍ଥକବି ଭୀମଭୋଇ: ସାରଳା ସାହିତ୍ୟ ସଂସଦ

୩) ଭୀମଭୋଇ ଗ୍ରନ୍ଥାବଳୀ: ବୀରକିଶୋର ଦାସ

୪) କନ୍ଧକବି ଭୀମଭୋଇ: ନିରାକାର ମହାଳିକ

୫) ଓଡ଼ିଆ ସାହିତ୍ୟର ତିନି ଭୀମ: ଭାଗୀରଥି ନେପାକ

୬) ସନ୍ଥବୋଧ ଓ କବି ଭୀମ ଭୋଇ: ସମ୍ପାଦନା, ଗଗନବିହାରୀ ସ୍ୱାଇଁ, ପଣ୍ଡିତ ଦୈତାରି ମହାପାତ୍ର

❖ ❖ ❖

# ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ପାଇଁ ଓଡ଼ିଶା ପୁରସ୍କୃତ

ଚଳିତ ମାସ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ କେରଳର ଥିରୁଭାନନ୍ତପୁରମ୍‌ଠାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାର ପଞ୍ଚମ ରାଷ୍ଟ୍ରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ୬୫ ପ୍ରତିଶତ ବିପିଏଲ୍ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ସେବା ପ୍ରଦାନ କରାଯାଇ ଥିବାରୁ ଓଡ଼ିଶାକୁ ପ୍ରଥମ ରାଜ୍ୟଭାବେ ବିବେଚିତ କରାଯାଇ କେନ୍ଦ୍ର ଶ୍ରମମନ୍ତ୍ରୀ କେ. ସୁରେଶଙ୍କ ଦ୍ୱାରା ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ସେହିଭଳି ଏହି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ସଚିବ ସିଟିଏମ୍ ସୁଗୁଣାଙ୍କୁ ଏହି ଯୋଜନାର ସଫଳ ରୂପାୟନ ପାଇଁ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ କରାଯାଇ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ପାଇଁ ତାଙ୍କର ଅବଦାନ ଲାଗି ପୁରସ୍କୃତ କରାଯାଇଛି । ଏହି କର୍ମଶାଳାରେ ଶ୍ରମ କମିଶନର ହେମନ୍ତ ଶର୍ମା ଉପସ୍ଥିତ ଥିଲେ । ୨୦୧୧–୧୨ ବର୍ଷରେ ରାଜ୍ୟର ୧୪୯୫୩୪ ସ୍ମାର୍ଟକାର୍ଡଧାରୀ ୫୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପାଇଛନ୍ତି ।

# ଶ୍ରୀଜୟଦେବ ଓ ବୈଷ୍ଣବ ଧର୍ମ

ଡକ୍ଟର ଅଜିତ କୁମାର ତ୍ରିପାଠୀ

ଶ୍ରୀଜୟଦେବ ଥିଲେ ବୈଷ୍ଣବ ଧର୍ମର ଉପାସକ । ସେତେବେଳେ ଅବଶ୍ୟ ଓଡ଼ିଶାରେ ସେ ଧର୍ମକୁ ଅଲଗା ଭାବେ ବୈଷ୍ଣବ ଧର୍ମ କୁହାଯାଉ ନଥିଲା । ସେମାନଙ୍କୁ ସନାତନ ଧର୍ମର ବିଷ୍ଣୁଭକ୍ତ ଭାବେ ଗ୍ରହଣ କରାଯାଉଥିଲା । ଦ୍ୱାଦଶ ଶତାବ୍ଦୀରେ ଶ୍ରୀବିଷ୍ଣୁସ୍ୱାମୀ, ଶ୍ରୀରାମାନୁଜାଚାର୍ଯ୍ୟ, ଆଚାର୍ଯ୍ୟ ନିମ୍ବାର୍କ, ଶ୍ରୀମାଧ୍ୱାଚାର୍ଯ୍ୟ ପ୍ରମୁଖ ବୈଷ୍ଣବ ଧର୍ମର ପ୍ରବକ୍ତା ଭାରତର ବିଭିନ୍ନ ସ୍ଥାନରେ ନିଜ ନିଜର ମତ ଓ ଦର୍ଶନ ପ୍ରଚାର କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ନିଜେ ପୁରୁଷୋତ୍ତମ କ୍ଷେତ୍ରକୁ ଆସି କିମ୍ବା ନିଜର ଶିଷ୍ୟମାନଙ୍କୁ ପଠାଇ ନିଜ ନିଜର ମଠମାନ ପ୍ରତିଷ୍ଠା କରିଥିଲେ । ପୁରୀରେ ଯେଉଁ ଧର୍ମମତ ଆଦୃତ ଓ ଗୃହୀତ ହେଉଥିଲା, ତାହା ସର୍ବଭାରତୀୟ ସ୍ତରରେ ପ୍ରଚାରିତ ହୋଇପାରୁଥିଲା ।

ଗୁପ୍ତବଂଶର ରାଜୁତି ବେଳୁ ଓଡ଼ିଶାରେ ମାଧବ ଉପାସନା ଆରମ୍ଭ ହୋଇଥିଲା । ମାଠରର ବଂଶର ରାଜାମାନେ କୃଷ୍ଣ ବାସୁଦେବ ଓ ନାରାୟଣଙ୍କର ଉପାସକ ଥିଲେ । ଷଷ୍ଠ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ମାଠର ବଂଶ ଶକ୍ତିଶାଳୀ ଥିଲେ । ତା'ପରେ ଆସିଥିଲେ ଶୈଳୋଦ୍ଭବ ବଂଶ ମହେନ୍ଦ୍ରଗିରି ଅଞ୍ଚଳରୁ ଏବଂ ଏକ ପରାକ୍ରମଶାଳୀ କଙ୍ଗୋଦ ରାଜ୍ୟ ସେମାନେ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନର ଖୋର୍ଦ୍ଧା, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ସେମାନେ ଏହି ରାଜ୍ୟ ପ୍ରତିଷ୍ଠା କରିଥିଲେ । ତାଙ୍କ ପରେ ଆସିଥିଲେ ପରାକ୍ରମଶାଳୀ ଭୌମକର ବଂଶ, ଯେଉଁମାନେ ବର୍ତ୍ତମାନ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଅଧିକାର କରିଥିଲେ କିମ୍ବା ପଦାନତ କରିଥିଲେ । ସେମାନେ ପୁରୁଷୋତ୍ତମ ଓ ମାଧବ ଉପାସନାକୁ ଜନପ୍ରିୟ କରାଇଥିଲେ । ସେହି ବଂଶର ରାଣୀ ତ୍ରିଭୁବନ ମହାଦେବୀ ନିଜକୁ ପରମ ବୈଷ୍ଣବୀ ବୋଲି ଘୋଷଣା କରିଥିଲେ । ଭଞ୍ଜ ବଂଶର ଶତ୍ରୁ ଭଞ୍ଜ ଥିଲେ ପୁରୁଷୋତ୍ତମ ବିଷ୍ଣୁଙ୍କ ଉପାସକ ।



ସେହି ସମୟରେ ଦକ୍ଷିଣ କୋଶଳରେ ରାଜୁତି କରୁଥିବା ନଳ ବଂଶ ବାସୁଦେବ କୃଷ୍ଣଙ୍କର ଉପାସକ ଥିଲେ । ସେମାନଙ୍କର ରାଜଧାନୀ ଥିଲା କୋରାପୁଟ ଜିଲ୍ଲାର ନନ୍ଦପୁର ନିକଟବର୍ତ୍ତୀ ପୁଷ୍କାରି । ସୋମବଂଶୀ ରାଜତ୍ୱବେଳେ ଓଡ଼ିଶାରେ ଶୈବ ଓ ବୈଷ୍ଣବ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇଥିଲା । ଲିଙ୍ଗରାଜଙ୍କୁ ଭୁବନେଶ୍ୱରଠାରେ ହରିହର ଯୁଗ୍ମ ଭଗବାନ ଭାବେ ସ୍ଥାପିତ କରାଯାଇ ବିଷ୍ଣୁଙ୍କ ଦ୍ୱାରପାଳ ଭାବେ ଜୟବିଜୟଙ୍କୁ ମନ୍ଦିର ଦ୍ୱାରର ପ୍ରହରୀଭାବେ ପ୍ରତିଷ୍ଠା କରାଯାଇଥିଲା । ହରି ଓ ହର ଉଭୟଙ୍କର ଏକତ୍ର ବାସ ଯୋଗୁଁ ଲିଙ୍ଗରାଜ ପାଖରେ ହେଉଥିବା ଅନ୍ନ ଭୋଗକୁ

ମଧ୍ୟ ମହାପ୍ରସାଦ କୁହାଯାଏ । ସମ୍ରାଟ ଚୋଡଗଙ୍ଗଦେବ ମୂଳରୁ ହିଁ ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ତାଙ୍କ ରାଜତ୍ୱର ପ୍ରଥମ ଭାଗରେ ରାମାନୁଜାଚାର୍ଯ୍ୟ ପୁରୀ ଆସିଥିଲେ । ଚୋଡଗଙ୍ଗଦେବ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ଏବଂ ଏମାରମଠ ପ୍ରତିଷ୍ଠା ଦିଗରେ ସାହାଯ୍ୟ କରିଥିଲେ । ଚୋଡଗଙ୍ଗଦେବଙ୍କ ସମୟରେ ରାଜକୀୟ ପୃଷ୍ଠପୋଷକତାରେ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରସାର ପର୍ବ ଆରମ୍ଭ ହୋଇଥିଲା, ଯାହାକି ପ୍ରତାପରୁଦ୍ର ଦେବଙ୍କ ପର୍ଯ୍ୟନ୍ତ ଚାଲିଥିଲା । ପ୍ରାଚୀ ଉପତ୍ୟକାରେ ମାଧବ ଉପାସନା ଅତ୍ୟନ୍ତ ଜନପ୍ରିୟ ହୋଇଥିଲା । ଜୟଦେବଙ୍କ ଜନ୍ମଭୂମି କେନ୍ଦୁବିଲ୍ୱ ଶାସନ ନିକଟରେ ପ୍ରବାହିତ ହୋଇଥିବା ପ୍ରାଚୀ ନଦୀ କୂଳରେ ଦ୍ୱାଦଶ ଶମ୍ଭୁଙ୍କ ପ୍ରତିବେଶୀ ଭାବେ ଦ୍ୱାଦଶ ମାଧବ ମନ୍ଦିର ଅବସ୍ଥିତ ଥିଲା । ମାଧବ ଗ୍ରାମର ମାଧବାନନ୍ଦ ମନ୍ଦିର ଏଥିମଧ୍ୟରୁ ସବୁଠାରୁ ବିଖ୍ୟାତ ଥିଲା ।

ଶ୍ରୀଗୀତଗୋବିନ୍ଦର ଏକ ବୈଶିଷ୍ଟ୍ୟ ହେଉଛି ରାଧାକୃଷ୍ଣଙ୍କର ପ୍ରେମ ଓ ଶୃଙ୍ଗାର ରସର ଅନବଦ୍ୟ ବର୍ଣ୍ଣନା । ଏକାଦଶ ଓ ଦ୍ୱାଦଶ ଶତାବ୍ଦୀର ମହାକବି କ୍ଷେମେନ୍ଦ୍ରଙ୍କର ଦଶାବତାର ଚରିତମ୍ କାବ୍ୟରେ ମହାରାଷ୍ଟ୍ର ଅନ୍ତର୍ଗତ କଲ୍ୟାଣୀର ଚାଲୁକ୍ୟ ବଂଶୀୟ ନରପତି ପ୍ରତାପ ଚକ୍ରବର୍ତ୍ତୀ ଜଗଦେବ ମଲ୍ଲଙ୍କ ରଚିତ ସଂଗୀତ ଚୂଡାମଣି ଗ୍ରନ୍ଥରେ ଓଡ଼ିଶାର ମହାକବି ଶ୍ରୀହର୍ଷଙ୍କ ରଚିତ ନୈଷଧୀୟ ଚରିତମ୍ ମହାକାବ୍ୟରେ, ବିଲ୍ୱମଙ୍ଗଳଙ୍କର କର୍ଣ୍ଣାମୃତରେ, ଗୋବର୍ଦ୍ଧନ ଆଚାର୍ଯ୍ୟାଙ୍କର ଆର୍ଯ୍ୟାସପ୍ତଶତୀରେ, ଗୁଜୁରାଟ ପ୍ରସିଦ୍ଧ ଜୈନକବି ହେମଚନ୍ଦ୍ର ତାଙ୍କର କାବ୍ୟାନୁଶାସନମ୍ କାବ୍ୟରେ ରାମଚନ୍ଦ୍ର ନାଟ୍ୟ ଦର୍ପଣ ଗ୍ରନ୍ଥରେ ରାଧାକୃଷ୍ଣ ପ୍ରେମ ବର୍ଣ୍ଣନା କରିଛନ୍ତି । ଏମାନଙ୍କ ପୂର୍ବରୁ କବି ବାଣଭଟ୍ଟ, ମହାକବି ଭବଭୂତି, କାଳିଦାସ ଆଦି କବି ମଧ୍ୟ ପ୍ରେମ ଓ ଶୃଙ୍ଗାର ରସ ରଚନାରେ ଅପୂର୍ବ ପାରଦର୍ଶିତା ହାସଲ କରିଥିଲେ । ଦ୍ୱାଦଶ ଶତାବ୍ଦୀ ଓ ତା'ପୂର୍ବରୁ ଭାରତ ତଥା ଓଡ଼ିଶାର ଆଧ୍ୟାତ୍ମିକ ପରିବେଶ, ମାଧବ ପୂଜା ପରମ୍ପରା, ବୈଷ୍ଣବ ସାହିତ୍ୟ ତଥା ପ୍ରାଚୀ ଉପତ୍ୟକାର ପରିବେଶ ଜୟଦେବଙ୍କୁ ଗୀତଗୋବିନ୍ଦ ଲେଖିବା ପାଇଁ ପ୍ରେରିତ ଓ ପ୍ରଭାବିତ କରିଥିଲା ।

ଦ୍ୱାଦଶ ଶତାବ୍ଦୀ ବେଳକୁ ଆରବମାନଙ୍କ ଦ୍ୱାରା ସିନ୍ଧୁପ୍ରଦେଶ ଅଧିକୃତ ହୋଇସାରିଥିଲା । ସୁଲତାନ ମାମୁଦ ସତର ଥର ଭାରତ ଆକ୍ରମଣ କରି ସୋମନାଥ ମନ୍ଦିର ଲୁଣ୍ଠନ କରିସାରିଥିଲେ । ଆଫଗାନମାନଙ୍କ ଆକ୍ରମଣ ଉତ୍ତର ପଶ୍ଚିମ ସୀମାନ୍ତରୁ ଘନଘନ ଚାଲିଥିଲା । କେରଳ ଓ ପଶ୍ଚିମ ଉପକୂଳରେ ଖ୍ରୀଷ୍ଟିୟାନ୍ ଧର୍ମର ଅନୁପ୍ରବେଶ ହୋଇସାରିଥିଲା । ତହିଁ ପୂର୍ବରୁ ବୌଦ୍ଧଧର୍ମ ମଧ୍ୟ ଦେଶର ବିଭିନ୍ନ ପ୍ରାନ୍ତରେ ବ୍ୟାପିଥିଲା । ହିନ୍ଦୁ ଧର୍ମରେ ଶୈବ ଓ ବୈଷ୍ଣବଙ୍କ ମଧ୍ୟରେ ମୈତ୍ରୀ ଦୂରେ ଥାଉ ଶତ୍ରୁତା ବୃଦ୍ଧି ପାଉଥିଲା । ତନ୍ତ୍ରର ପ୍ରଭାବ ଅତି ଉତ୍କଟ ହୋଇଥିଲା । ସମାଜର ନିମ୍ନ ଶ୍ରେଣୀର ଲୋକଙ୍କୁ ପୁରୋହିତମାନଙ୍କର ତନ୍ତ୍ର ଓ ଯାଦୁବିଦ୍ୟା ଆକର୍ଷିତ କରୁଥିଲା । ତେଣୁ ସମାଜରେ ତାନ୍ତ୍ରିକମାନେ ଧର୍ମଗୁରୁର ସ୍ଥାନ ନେଇଥିଲେ । ଏକ ଦିଗରେ ଅନ୍ୟ ଧର୍ମଗୁଡ଼ିକର ସରଳତା ଓ ତନ୍ତ୍ର ନିମ୍ନ ବର୍ଗର ଲୋକଙ୍କୁ ଆକୃଷ୍ଟ କଲାବେଳେ ମଧ୍ୟମ ଓ ଉଚ୍ଚବର୍ଗର ଲୋକମାନେ ଧର୍ମକୁ ଏକ ବୌଦ୍ଧିକ ଖେଳ ବୋଲି ଭାବୁଥିଲେ । ବିଭିନ୍ନ ବାଦ, ତର୍କ ବିତର୍କ ଭିତରେ ଧର୍ମର ମୂଳମନ୍ତ୍ରଗୁଡ଼ିକ ବୁଡ଼ିଥିବାରୁ ଧର୍ମରୁ ଲୋକଙ୍କୁ କୌଣସି ମନୋରଞ୍ଜନ ମିଳୁ ନଥିଲା ।

ଶିବପାର୍ବତୀଙ୍କର ପ୍ରେମ, ମା'କାଳୀ ଓ ଚଣ୍ଡୀଙ୍କର ମନ୍ତ୍ରତନ୍ତ୍ରର ଶକ୍ତି, ବୌଦ୍ଧମାନଙ୍କର ତନ୍ତ୍ର ଉପରେ ନିର୍ଭର ଓ ବୁଦ୍ଧଙ୍କର ଅତି ମାନବୀୟ କ୍ଷମତାଗୁଡ଼ିକର ପରିପ୍ରଚାର ଆଦି ଜନପ୍ରିୟ ହେଲାବେଳେ ବୈଷ୍ଣବ ଧର୍ମରେ ରାମାୟଣର ଦୁଃଖାନ୍ତ କାହାଣୀ, ମହାଭାରତର କଳହ, ବିବାଦ ଓ ସ୍ୱାର୍ଥର ଲଢ଼େଇ ଆଦି ବିଶେଷ ଆକର୍ଷଣୀୟ ନଥିଲା । ଯଦିବା ଶ୍ରୀମଦ୍ ଭାଗବତ ସେତେବେଳକୁ ଲେଖା ସରିଥିଲା, ତା'ର ଏତେଟା ପ୍ରଚାର ପ୍ରସାର ହୋଇନଥିଲା । ସେଥିରେ ଥିବା ବିଭିନ୍ନ ଆଖ୍ୟାନ ଓ ଉପାଖ୍ୟାନକୁ ଭିତ୍ତିକରି ନାଟକ, ଉପନ୍ୟାସ, ସଂଗୀତ ଆଦି ଲେଖିବା ଜରୁରୀ ଥିଲା ।

ଶ୍ରୀକୃଷ୍ଣ ଓ ଗୋପୀକାମାନଙ୍କର ପ୍ରେମକୁ ନାରଦ ଭକ୍ତି ସୂତ୍ରରେ ସର୍ବୋଚ୍ଚ ଭକ୍ତିଭାବେ ବର୍ଣ୍ଣିତ କରାଯାଇଥିଲା । କିନ୍ତୁ ଏହି ଭକ୍ତିଭାବର ମାନବୀୟ ପରିପ୍ରକାଶର ଅଭାବରେ ଏହା ଶିବ, ସତୀ, ପାର୍ବତୀଙ୍କ ପ୍ରେମ କଥା ଭଳି ହୃଦୟଗ୍ରାହୀ ହେଉନଥିଲା । କେବଳ ପ୍ରେମ ଓ ଶୃଙ୍ଗାର ରସରେ ବହିଟିଏ ଲେଖିବା ଯଥେଷ୍ଟ ନୁହେଁ । ଲୋକଙ୍କୁ ମନ୍ଦିର ଆଡ଼କୁ ଆକୃଷ୍ଟ କରିବା ପାଇଁ ଅନ୍ୟ ଧର୍ମ ଆଡୁ ଟାଣି ଆଣିବା ପାଇଁ ମନୋରଞ୍ଜନର ଆବଶ୍ୟକତା ଥିଲା । କିନ୍ତୁ ଏ ମନୋରଞ୍ଜନ କେବଳ ପାର୍ଥିବ ବା ଅଶ୍ଳୀଳ ହେଲେ ତା'ର ସାମାଜିକ ମୂଲ୍ୟ ରହିବ ନାହିଁ । ତେଣୁ ଐଶ୍ୱରୀୟ ଅପ୍ରାକୃତିକ ପ୍ରେମର ନୃତ୍ୟନାଟିକା ଲେଖି ଜୟଦେବ ବୈଷ୍ଣବ ଧର୍ମକୁ କେବଳ ମନୋରଞ୍ଜନର ଉପାଦାନ ଯୋଗାଇଲେ ତା'ନୁହେଁ, ମନ୍ଦିରଗୁଡ଼ିକୁ ପୁଣିଥରେ ବୌଦ୍ଧିୟ ସଂଘ ଓ ବିହାର ଭଳି ଏକାଠି ହେବାର ସ୍ଥାନରେ ପରିଣତ କରାଇଲେ ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲୋକେ ମନ୍ଦିରକୁ ବା ନାଟମଣ୍ଡପକୁ କିମ୍ବା ରଙ୍ଗମଞ୍ଚକୁ ଆସି ରାଧାକୃଷ୍ଣ ପ୍ରେମଲୀଳା

ଦେଖିଲେ । ସୈନ୍ୟମାନେ ବର୍ଷ ବର୍ଷ ଧରି ଘର ବାହାରେ ଯୁଦ୍ଧରେ ବ୍ୟସ୍ତ ଥିଲାବେଳେ ଗୋଟିପୁଅ ନାଚ ଜରିଆରେ ଗୀତଗୋବିନ୍ଦର ମଜା ଚାଖିଲେ । ଗାଁରେ ଓ ସହରରେ ରାମଲୀଳା ବ୍ୟତୀତ ଆଉ ଲୀଳା ନଥିଲା । ଗୀତଗୋବିନ୍ଦ ଲୀଳା ତା'ର ସ୍ଥାନ ନେଲା । ଓଡିଆରେ ଓ ବିଭିନ୍ନ ଆଞ୍ଚଳିକ ଭାଷାରେ ଏହି ଢାଞ୍ଚାରେ କାବ୍ୟ ରଚନା କରାଯାଇ ଅଭିନୀତ ହେଲା ।

ବୈଷ୍ଣବ ସନ୍ଥକବିମାନେ ଗୀତଗୋବିନ୍ଦର ମୂଳ ତଥ୍ୟ ଓ ତତ୍ତ୍ୱକୁ ନେଇ ଅନେକ ଅନୁବାଦ, ଅନୁକୃତି ସୃଷ୍ଟି କଲେ । ଏହିଭଳି ହିନ୍ଦୁଧର୍ମ ଯାହାକି ମନୋରଞ୍ଜନ ଓ ସାମାଜିକ ଏକତାର ମୌଳିକ ଉପାଦାନର ଅଭାବରେ ଶୁଷ୍କ ଓ ପାଣ୍ଡିତ୍ୟମୟ ହୋଇ ଲୋପ ହୋଇଯିବାକୁ ବସିଥିଲା, ତାହା ବଞ୍ଚିଗଲା ଏବଂ ଅନେକାଂଶରେ ଧର୍ମାନ୍ତରୀକରଣକୁ ରୋକି ଦିଆଯାଇପାରିଲା । ଗୀତଗୋବିନ୍ଦର ପରବର୍ତ୍ତୀ ଇତିହାସ ହେଉଛି ଏହି ଇତିହାସ ଯେଉଁଥିରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜ୍ଞାନ, ଜ୍ଞାନ ମିଶ୍ରିତ ଭକ୍ତିର ଆନ୍ଦୋଳନ ଯାହା ବିଭିନ୍ନ ବାଦ ବିବାଦ ଆଡକୁ ଟାଣି ହୋଇଯାଇଥିଲା ତା'ର ଦିଗକୁ ମୋଡି ଦିଆଗଲା ପଣ୍ଡିତମାନଙ୍କଠାରୁ ଗଣଆଡକୁ, ଶୁଷ୍କ ସାଂଖ୍ୟଯୋଗରୁ ଭକ୍ତିମାର୍ଗକୁ, ନିରାକାର ନିର୍ଗୁଣ ପରମାତ୍ମାଙ୍କ ଧ୍ୟାନରୁ ସାକାର ସଗୁଣ ଭଗବାନ ଶ୍ରୀକୃଷ୍ଣଙ୍କ ଆଡକୁ ।

ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅନେକଥର ଘୋଷଣା କରିଛନ୍ତି, ମୁଁ ହେଉଛି ପରଂବ୍ରହ୍ମ, ମୁଁ ହିଁ ମହେଶ୍ୱର, ମୁଁ ହେଉଛି ଏ ଜଗତର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକର୍ତ୍ତା । ମୋତେ ଆଶ୍ରୟ କଲେ ପରମଗତି ପାଇବ ଯଦିବା ତୁମେ ମହାପାପୀ ହୋଇଥାଅ । ଏସବୁ ନିର୍ଘୋଷଣା ବେଦାନ୍ତିକ ଓ ଜ୍ଞାନୀମାନଙ୍କୁ ଅନେକ ପ୍ରଭାବିତ କଲା । କିନ୍ତୁ ଭଗବାନ ଶ୍ରୀକୃଷ୍ଣ ଗରିବର ଭଗବାନ ବା ଅଜ୍ଞାନୀର ଭଗବାନ ହୋଇପାରି ନଥିଲେ । ଜୟଦେବଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଆନ୍ଦୋଳନରେ ଏକଥା ସମ୍ଭବ ହୋଇପାରିଲା ଯାହା କି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ପୁଣିଥରେ ଉଦ୍‌ଘୋଷଣା କଲେ ଯେ ସଗୁଣ ସାକାର ବାସୁଦେବ କୃଷ୍ଣ ହିଁ ପରମାତ୍ମା । ରାଧା ଭାବରେ ତାଙ୍କୁ ଭକ୍ତି କରିବା ସର୍ବଶ୍ରେଷ୍ଠ ମାର୍ଗ ।

ମହାପ୍ରଭୁ ଶ୍ରୀଚୈତନ୍ୟଙ୍କର ଅବଦାନ ଏ କ୍ଷେତ୍ରରେ ସବୁଠାରୁ ବେଶୀ । ମଧ୍ୟଭାରତର ଅନ୍ୟାନ୍ୟ ବୈଷ୍ଣବ ସନ୍ଥମାନେ ଯେପରି ସନ୍ଥ ଜ୍ଞାନେଶ୍ୱର, ଶଙ୍କରଦେବ, ତୁକାରାମ ଏବଂ ଆହୁରି ଅନେକ ମହାତ୍ମାମାନେ ଏଥିରେ ଯୋଗଦାନ କରିଛନ୍ତି । ଧର୍ମକୁ ବହି ଆଲମୀରା, ଯଜ୍ଞକୁଣ୍ଡ ଓ ଠାକୁର ଘରର ପୋଥି ବାକ୍ସରୁ ରାଜରାସ୍ତାକୁ ଆଣି ଲୋକଙ୍କୁ ତା' ପାଇଁ ପାଗଳ କରାଇବାରେ ଯଦି ବୈଷ୍ଣବୀୟ ସନ୍ଥ ପରମ୍ପରାର ଅବଦାନ ସବୁଠାରୁ ବେଶୀ ତେବେ ଜୟଦେବ ହେଉଛନ୍ତି ତା'ର ଅଗ୍ରଣୀ ଓ ଅଗ୍ରଜ । ଏହି କଥା ସ୍ମରଣ କରିବା ପାଇଁ ଶ୍ରୀଚୈତନ୍ୟଙ୍କ ଓ ପଞ୍ଚସଖାଙ୍କ ଯାଇଥିବା ମାର୍ଗରେ ୧୯୯୧ ଠାରୁ ଜୟଦେବ ସାଂସ୍କୃତିକ ପରିଷଦ ଆରମ୍ଭ କରିଛନ୍ତି ସଂକୀର୍ତ୍ତନ ଯାତ୍ରା, ଯାହା ପ୍ରତିବର୍ଷ ଅନନ୍ତ ବାସୁଦେବଙ୍କ ମନ୍ଦିରରୁ ଅକ୍ଷୟ ତୃତୀୟା ଦିନ ଆରମ୍ଭ କରାଯାଇ ବାଳକାଟି, ଶିଶୁ ଅନନ୍ତ ପୀଠ, ଭିଙ୍ଗାରପୁର, କେନ୍ଦୁବିଲ୍ୱ ଯାଏ । ତା'ପରେ ରାତିରେ କଣ୍ଟାପଡାରେ ରହଣି କରେ । ଅଡସପୁର, ନିଆଳୀ, ମାଧବ, ଚାରିଛକ ଦେଇ କାକଟପୁର ଯାଇ ରାତିରେ ରହେ । ସେଠାରୁ ସେମାନେ କୋଣାର୍କ, ରାମଚଣ୍ଡୀ, ବେଲେଶ୍ୱର ଦେଇ ତୃତୀୟ ଦିନ ସନ୍ଧ୍ୟାରେ ପୁରୀରେ ପହଞ୍ଚି ନଗର ଓ ଶ୍ରୀମନ୍ଦିର ପରିକ୍ରମା କରନ୍ତି । ଷୋଡଶ ଶତାବ୍ଦୀର ପ୍ରଥମ ଭାଗରେ ଏହି ଯାତ୍ରା ଓ ଏଭଳି ଅନ୍ୟ ଅନେକ ମାର୍ଗରେ ସଂକୀର୍ତ୍ତନ ଯାତ୍ରା ଶ୍ରୀଚୈତନ୍ୟ ଆରମ୍ଭ କରିଥିଲେ ଏବଂ ଓଡ଼ିଶାରେ ବୈଷ୍ଣବ ଧର୍ମକୁ ଲୋକପ୍ରିୟ କରାଇଥିଲେ । ଏବେ ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏ ଦିଗରେ ସମସ୍ତ ପଦକ୍ଷେପ ନେଉଛନ୍ତି ଏବଂ ଶ୍ରୀଜୟଦେବ ଫାଉଣ୍ଡେସନ୍ ଟ୍ରଷ୍ଟ ଆବଶ୍ୟକୀୟ ସହଯୋଗ କରୁଛନ୍ତି । କ୍ରମଶଃ ଏହା ଏକ ଜନଆନ୍ଦୋଳନର ରୂପ ନେଉଛି । ରାସ୍ତାରେ ଥିବା ନରନାରୀ ଓ ସଂକୀର୍ତ୍ତନ ମଣ୍ଡଳୀମାନଙ୍କର ସ୍ୱତଃସ୍ଫୂର୍ତ୍ତ ସମ୍ବର୍ଦ୍ଧନା ଓ ସଂକୀର୍ତ୍ତନରେ ଯୋଗଦାନ ନଦେଖିଲେ ବିଶ୍ୱାସ କରିହେବନାହିଁ । ସଂକୀର୍ତ୍ତନ ମଣ୍ଡଳୀ ଗଠନ ଓ କୀର୍ତ୍ତନ ପ୍ରତିଯୋଗିତା ମଧ୍ୟ ଏଥିରେ ଉତ୍ସାହିତ ହୋଇ ଅନେକ ଗଢି ଉଠିଛି ଏବଂ ଓଡ଼ିଶାର ସଂକୀର୍ତ୍ତନ ସଂସ୍କୃତିର କେତେକାଂଶରେ ପୁନରୁଦ୍ଧାର ହୋଇଛି । ଜୟଦେବ ଜୟନ୍ତୀ ଏବେ ଓଡ଼ିଶାର ସବୁ ଜିଲ୍ଲା ସଦର ମହକୁମାରେ ପାଳିତ ହେଉଛି ।

ରାଜ୍ୟ ନିର୍ବାଚନ କମିଶନର, ଓଡ଼ିଶା
କ୍ୱା.ନଂ.– ୬ଆର୍–୧
ୟୁନିଟ୍–୬, ଭୁବନେଶ୍ୱର

❖ ❖ ❖

# ଭକ୍ତି ଓ ପ୍ରୀତିର କାବ୍ୟ ଗୀତଗୋବିନ୍ଦ

ଡକ୍ଟର ତ୍ରିନାଥ ପଟ୍ଟନାୟକ

ପୁରାଣ ପ୍ରସିଦ୍ଧ ପ୍ରାଚୀ ତଟର ନୈସର୍ଗିକ ପରିବେଶରେ ଜନ୍ମିତ ଓ ପ୍ରକୃତି ଦ୍ୱାରା ପ୍ରେରିତ ହୋଇ ଜୟଦେବ ଦ୍ୱାଦଶ ଶତାବ୍ଦୀରେ ଅମର ଲେଖନୀ ଚାଳନା କରି ବିଶ୍ୱ ଦରବାରରେ ମହାନ କବିତ୍ୱର ପରମ୍ପରା ସୃଷ୍ଟି କରିଥିଲେ । ସେ ତାଙ୍କ ଦ୍ୱାରା ରଚିତ 'ଗୀତଗୋବିନ୍ଦମ୍'ର କାବ୍ୟରେ ଶ୍ରୀରାଧା-ମାଧବଙ୍କର ପ୍ରଣୟର ମନୋଜ୍ଞ ବର୍ଣ୍ଣନା କରିଛନ୍ତି ।

ଶୃଙ୍ଗାର ରସର ବିପ୍ରଲମ୍ଭ ତଥା ସମ୍ଭୋଗ ଦୁଇ ପକ୍ଷର ଚରମୋତ୍କର୍ଷ ଉକ୍ତ ଗୀତଗୋବିନ୍ଦରେ ଦେଖିବାକୁ ମିଳେ । ଶ୍ରୀଜୟଦେବ କବିଙ୍କର ବିଶେଷତ୍ୱ ହେଉଛି ବିପ୍ରଲମ୍ଭପ ପରିପୁଷ୍ଟ ସମ୍ଭୋଗ ଶୃଙ୍ଗାର, ଯାହାକି ସହୃଦୟମାନଙ୍କୁ ଅଧିକ ସୁଖପ୍ରଦ ପ୍ରତୀତ ହୋଇଥାଏ । ଗୀତଗୋବିନ୍ଦମ୍ ଗ୍ରନ୍ଥଟି ବାରସର୍ଗ ଏବଂ ଚବିଶି ପ୍ରବନ୍ଧରେ ନିବଦ୍ଧ । ଗୀତଗୋବିନ୍ଦର ପ୍ରଖ୍ୟାତ ବ୍ୟାଖ୍ୟାକାର କୁମ୍ଭକର୍ଣ୍ଣ ନୃପତିଙ୍କ କହିବା ଅନୁସାରେ ଚବିଶି ନୁହେଁ ୨୮ଟି ପ୍ରବନ୍ଧରେ ଗୀତଗୋବିନ୍ଦ ସମ୍ପୂର୍ଣ୍ଣ ହୋଇଛି । ପ୍ରତ୍ୟେକ ପ୍ରବନ୍ଧରେ ଗୋଟିଏ ଗୋଟିଏ ଅଷ୍ଟପଦୀ ସନ୍ନିବେଶିତ ।

ଶ୍ରୀଜୟଦେବ ପ୍ରତ୍ୟେକ ସର୍ଗକୁ ବିଷୟାନୁକୂଳ ନାମ ମଧ୍ୟ ରଖିଛନ୍ତି । ପ୍ରଥମ ସର୍ଗର ନାମ 'ସାମୋଦ ଦାମୋଦର', ଦ୍ୱିତୀୟ ସର୍ଗ- 'ଅକ୍ଳେଶ କେଶବ', ତୃତୀୟ ସର୍ଗ- 'ମୁଗ୍ଧ ମଧୁସୂଦନ', ଚତୁର୍ଥ ସର୍ଗ- 'ସ୍ନିଗ୍ଧ ମଧୁସୂଦନ', ପଞ୍ଚମ ସର୍ଗ- 'ସାକାଂକ୍ଷ ପୁଣ୍ଡରୀକାକ୍ଷଂ', ଷଷ୍ଠ ସର୍ଗ- 'ଧୃଷ୍ଟ ବୈକୁଣ୍ଠ', ସପ୍ତମ ସର୍ଗ- 'ନାଗର ନାରାୟଣ', ଅଷ୍ଟମ ସର୍ଗ- 'ବିଲକ୍ଷ ଲକ୍ଷ୍ମୀପତି', ନବମ ସର୍ଗ- 'ମୁଗ୍ଧ ମୁକୁନ୍ଦ', ଦଶମ ସର୍ଗ- 'ମୁଗ୍ଧ ମାଧବ', ଏକାଦଶ ସର୍ଗ-'ସାନନ୍ଦ ଦାମୋଦର' ତଥା ଅନ୍ତିମ ସର୍ଗର ନାମ 'ସୁପ୍ରୀତି ପୀତାମ୍ବର' ରଖିଛନ୍ତି ।

ଏଥିରୁ ସ୍ପଷ୍ଟ ହେଉଛି ଯେ ଭଗବାନଙ୍କର ବିଭିନ୍ନ ମନଃ ଅବସ୍ଥାକୁ ଦୃଷ୍ଟିରେ ରଖି ସମସ୍ତ ସର୍ଗର ନାମକରଣ ହୋଇଅଛି । ଶ୍ରୀରାଧା ଭଗବାନଙ୍କର ପ୍ରିୟତମା ତଥା ଅନନ୍ୟ ପ୍ରେୟସୀ । ମନସ୍ଥିତିର ପରିବର୍ତ୍ତନର ମୂଳ ହେଉଛନ୍ତି ସେ ନିଜେ ।

ଗୀତଗୋବିନ୍ଦର ପ୍ରତ୍ୟେକ ବିଷୟ ଅଲଗା ଅଲଗା । ପ୍ରଥମ ପ୍ରବନ୍ଧରେ କବି ଶ୍ରୀଭଗବାନଙ୍କର ଦଶ ଅବତାରକୁ ସ୍ତୁତି କରି ସ୍ପଷ୍ଟ କହିଛନ୍ତି ଯେ ଶ୍ରୀକୃଷ୍ଣ ଭଗବାନ ହିଁ ଦଶ ଅବତାର ଧାରଣ କରିଛନ୍ତି । ବିଶେଷ ପ୍ରୟୋଜନକୁ ଦୃଷ୍ଟି ଆଗରେ ରଖି ଭଗବାନ ଲୋକୋପକାରାର୍ଥେ ମତ୍ସ୍ୟ, କୂର୍ମ, ଯଜ୍ଞ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍କୀ ଏହି ଦିବ୍ୟ ଶରୀର ଧାରଣ କରିଥିଲେ । ବିଷ୍ଣୁ ସବିତୃ ମଣ୍ଡଳ ମଧ୍ୟବର୍ତ୍ତୀ କାଳୀୟ ଦଳନ, ମଧୁରିପୁ ଆଦି ରୂପ ବର୍ଣ୍ଣିତ । ତୃତୀୟ ପ୍ରବନ୍ଧରେ ସଖୀ ରାଧାଙ୍କୁ କହୁଥିଲା ଯେ ଭଗବାନ ଶ୍ରୀକୃଷ୍ଣ ବ୍ରଜ ଯୁବତୀମାନଙ୍କ ସହିତ ଯମୁନା ତଟରେ ବିହାର କରୁଥିବା ସମୟରେ 'ବସନ୍ତୋତ୍ସବ' ପାଳନ କରୁଛନ୍ତି । ଶ୍ରୀରାଧାଙ୍କ ପ୍ରତି ଏହା ଅସହ୍ୟ ହେଲା । ସେ ସଖୀ ପ୍ରେରଣ କରି ଏହାର ସତ୍ୟାସତ୍ୟ ଜାଣିଥିଲେ । ଶ୍ରୀରାଧାଙ୍କ ପ୍ରତି ଉପେକ୍ଷା ହୋଇଥିବା ଜାଣି ସେ ଅସହ୍ୟ ଅପମାନ ଅନୁଭବ କରିଥିଲେ ।

ଏହିଠାରୁ ଆରମ୍ଭ ହୋଇଛି ପ୍ରୀତି ମିଳନର ଅପୂର୍ବ କାବ୍ୟ 'ଗୀତଗୋବିନ୍ଦ' ।ପ୍ରଥମ ସର୍ଗର ନାମ ରଖାଯାଇଛି 'ସାମୋଦ ଦାମୋଦର' । କବି ପ୍ରକାଶ କରିଛନ୍ତି- ଶ୍ରୀକୃଷ୍ଣ ପ୍ରେମ-ବିହ୍ୱଳା ଶ୍ରୀମତୀ ବ୍ୟାକୁଳ ହୋଇ ଉପବନ ସାରା ଶ୍ରୀକୃଷ୍ଣଙ୍କୁ ଖୋଜିଛନ୍ତି । ସେହି ସମୟରେ ରାଧାଙ୍କୁ ସଖୀ ଦେଖାଇ ଦେଇଛନ୍ତି- 'ହରିରିହ ମୁଗ୍ଧ ବଧୂନିକରେ, ବିଳସିତ ବିଳାସିନୀ କେଳିପୁରେ' । ଏହି ଦେଖ ସଖୀ ତୋର ଦାମୋଦର ଅର୍ଥାତ୍ ଶ୍ରୀକୃଷ୍ଣ ଆଜି ଅନ୍ୟ ନାୟିକା ସହ ଆମୋଦରେ ବିହ୍ୱଳ । ତେଣୁ କବି ଏହି ସର୍ଗର ନାମକରଣ କରିଛନ୍ତି 'ସାମୋଦ ଦାମୋଦର' ।

ଦ୍ୱିତୀୟ ସର୍ଗର ବିଷୟ ବସ୍ତୁ ହେଉଛି ଶ୍ରୀକୃଷ୍ଣ ଗୋପାଙ୍ଗନାମାନଙ୍କୁ ନେଇ ବୃନ୍ଦାବନରେ କ୍ରୀଡା ରଚୁଥିବା ବେଳେ ଦୂରରୁ ବୃଷଭାନୁ ଜେମା ଶ୍ରୀରାଧା ସେ ଦୃଶ୍ୟ ଦେଖୁଛନ୍ତି ଓ ମନେ ମନେ ଭାବୁଛନ୍ତି ଶ୍ରୀହରି ଅନ୍ୟ ନାରୀ ପ୍ରେମରେ ନିମଗ୍ନ । ଅତୀତ କଥା ତାଙ୍କ ସ୍ମୃତି ପଟ୍ଟରେ ଜାଗି ଉଠିଲା । ଏହି ମଧୁବନରେ ସେ ଶ୍ରୀକୃଷ୍ଣଙ୍କ ସହିତ କେତେ ରାତି ପୁହାଇ ଦେଇଛନ୍ତି । ସେ କେତେ ଫୁଲହାର ଗୁନ୍ଥି ତାଙ୍କ ଗଳାରେ ଲମ୍ବାଇ ଦେଇଛନ୍ତି । ସେକଥା ପ୍ରିୟତମ ଭୁଲିଗଲେ, ଅନ୍ୟ ନାୟିକା ପ୍ରେମରେ ପଡିଛନ୍ତି । ସେ ପୁଣି ଭାବିଛନ୍ତି 'ହାତୀ ବନସ୍ତରେ ବୁଲିଲେ ମଧ ରାଜାଙ୍କର, ସେହିଭଳି ଶ୍ରୀକୃଷ୍ଣ ଯେଉଁଠାରେ ଥିଲେ ସୁଦ୍ଧା ସେ ମୋର ପ୍ରିୟତମ, ମୁଁ ତାଙ୍କର ପ୍ରିୟତମା । ସେ ମୋର, ମୁଁ ତାଙ୍କର ।'

ଶ୍ରୀକୃଷ୍ଣ ଗୋପୀମାନଙ୍କ ଗହଣରେ ଥିଲେ ସୁଦ୍ଧା ସବୁ ଗୋପୀଠାରେ ରାଧାଙ୍କ ରୂପ ଦେଖୁଛନ୍ତି । ଏହି ପ୍ରେମରେ ନାହିଁ ଈର୍ଷା କିମ୍ବା ଦୁଃଖ । ସଦା ସର୍ବଦା ରାଧାଙ୍କ ଅନ୍ତରରେ ଶ୍ରୀକୃଷ୍ଣ ହିଁ ଶ୍ରୀକୃଷ୍ଣ । ଅପୂର୍ବ ରାସଲୀଳା ।

ତଥାପି ରାଧାଙ୍କଠାରେ ଯେଉଁ ଅଭିମାନ ଓ ଈର୍ଷାଭାବ ଉଦ୍ରେକ ହୋଇଥିଲା, ତାହା କେବଳ ରସର ପ୍ରୟୋଜନ ହେତୁ ମାତ୍ର । ଏହି ଅଭିମାନ ଭରା ରସ ଯୋଗୁଁ ଶ୍ରୀରାଧା କୃଷ୍ଣଙ୍କର ପ୍ରେମଲୀଳା ଅଧିକ ମଧୁର ହୋଇପାରିଛି । ଏଣୁ ଦ୍ୱିତୀୟ ଶ୍ଳୋକର ନାମ 'ଅକ୍ଳେଶ କେଶବ' ।

ତୃତୀୟ ସର୍ଗରେ ଗୋପୀମାନଙ୍କର ସଙ୍ଗ ତ୍ୟାଗ କରି ଶ୍ରୀମତୀ ରାଧାଙ୍କର ଅନୁସନ୍ଧାନରେ ଶ୍ରୀକୃଷ୍ଣ ଚାଲିଯାଇଛନ୍ତି । ସେ ଜାଣନ୍ତି ତାଙ୍କ ବିନା ଅଭିମାନିନୀ ଶ୍ରୀରାଧା ହୃଦୟ ଭିତରେ କଠିନ ବ୍ୟଥା ପାଇଛନ୍ତି । କିନ୍ତୁ ସେ ଏବେ କେଉଁଠି ? କେଉଁଠୁ ତାଙ୍କୁ ଖୋଜି ପାଇବେ ?

ବିଶ୍ୱ ବ୍ରହ୍ମାଣ୍ଡ ଯେଉଁ ଭଗବତ ସତ୍ତାକୁ ଖୋଜି ବୁଲେ, ସେ ପୁଣି ଉନ୍ମାଦ ହୋଇ ଖୋଜି ବୁଲୁଛନ୍ତି ଶ୍ରୀରାଧାଙ୍କୁ । କବି ଜୟଦେବ ରାଧାପ୍ରେମମୁଗ୍ଧ ଶ୍ରୀକୃଷ୍ଣଙ୍କର ଆକୁଳତାକୁ ଲକ୍ଷ୍ୟକରି ବର୍ଣ୍ଣନା କରିଛନ୍ତି । ଶ୍ରୀକୃଷ୍ଣ ଭାବୁଛନ୍ତି– ମୋ ହୃଦୟର କଥା କାହା ଆଗରେ ଜଣାଇବି । ବହୁ ସୁନ୍ଦରୀ ଗୋପାଙ୍ଗନା ପରିବେଷ୍ଟିତ ହୋଇଥିଲେ ସୁଦ୍ଧା ମୋର ମନ ବନ୍ଧା ହୋଇଛି ଶ୍ରୀରାଧାଙ୍କ ପ୍ରେମ ଡୋରିରେ । ତେଣୁ ମୁଗ୍ଧ ମଧୁସୂଦନ କହିଛନ୍ତି–

ତାମହଂ ହୃଦି ସଂଗତାମନିଶଂ ଭୃଶଂ ରମୟାମି
କିଂ ବନେଽନୁସରାମି ତାମିହ କିଂ ବୃଥା ବିଳପାମି ।

ତାର ଓ ମୋର ହୃଦୟ ଅଭିନ୍ନ । ସେତ ମୋ ହୃଦୟ ଭିତରେ ବିଦ୍ୟମାନ । ମୁଁ କାହିଁକି ବାହାରେ ତାଙ୍କୁ ଖୋଜି ବୁଲୁଛି ସେଥିପାଇଁ ଏହି ସର୍ଗର ନାମ ରଖାଯାଇଛି 'ମୁଗ୍ଧ ମଧୁସୂଦନ' ।

ଚତୁର୍ଥ ସର୍ଗରେ ଶ୍ରୀମତୀଙ୍କୁ ଖୋଜି ଖୋଜି ଶ୍ରୀକୃଷ୍ଣ ବ୍ୟାକୁଳ ହୋଇ ଉଠିଛନ୍ତି । ପୁଣି ମନେ ମନେ ଶଙ୍କା ଜାତ ହୋଇଛି, କାଳେ ଶ୍ରୀମତୀ ତାଙ୍କ ଉପରେ କ୍ରୋଧକରି କଥାବାର୍ତ୍ତା ନ କରିବେ ? ଠିକ୍ ଏହି ସମୟରେ ଶ୍ରୀରାଧାଙ୍କର ଜଣେ ପ୍ରିୟ ସଖୀ ଆସି ଶ୍ରୀକୃଷ୍ଣଙ୍କୁ ଦେଖା କରିଛି । ସଖୀ ଶ୍ରୀକୃଷ୍ଣଙ୍କୁ ଜଣାଇଛି । ରାଧା ରାଗିବା ତ ଦୂରର କଥା, ଶ୍ରୀକୃଷ୍ଣଙ୍କ ବିନା ସେ ବିରହ ସହ୍ୟ କରିପାରୁ ନାହାଁନ୍ତି । ସେ ସୂର୍ଯ୍ୟରଶ୍ମିରେ ଝାଉଁଳି ଯାଇଥିବା ଓ ବୃନ୍ତରୁ ଖସି ପଡିଥିବା କୁସୁମ କଳିକା ଭଳି ମ୍ରିୟମାଣ ହୋଇ ପଡିଛନ୍ତି । ଶ୍ରୀକୃଷ୍ଣଙ୍କୁ ଦେଖିବା ନିମନ୍ତେ ବ୍ୟାକୁଳ ହୋଇ ଉଠୁଛନ୍ତି । ଏକଥା ଶୁଣି ଡରି ଯାଇଥିବା ଶ୍ରୀକୃଷ୍ଣ ସ୍ନିଗ୍ଧ ଓ ଆଶ୍ୱସ୍ତ ହୋଇଛନ୍ତି । ଏହି ସର୍ଗରେ କବି ଶ୍ରୀକୃଷ୍ଣଙ୍କୁ ଚିନ୍ତାମୁକ୍ତ କରି ସ୍ନିଗ୍ଧ କରିଥିବା ଯୋଗୁଁ ସର୍ଗର ନାମ 'ସ୍ନିଗ୍ଧ ମଧୁସୂଦନ' ରଖିଛନ୍ତି ।

ପଞ୍ଚମ ସର୍ଗରେ କବି ଜୟଦେବ ଶ୍ରୀକୃଷ୍ଣଙ୍କ ମନୋଭାବକୁ ସଖୀ ଦ୍ୱାରା ଶ୍ରୀରାଧାଙ୍କ ନିକଟରେ ନିବେଦନ କରିଛନ୍ତି । ଆଉ ମଧ ଦୂତି ମୁଖରୁ ବିରହିଣୀ ଶ୍ରୀରାଧାଙ୍କର ଦୁର୍ଦ୍ଦଶା କଥା ଶୁଣାଇଛନ୍ତି । ମାତ୍ର ଅନ୍ୟ ନାରୀ ସହିତ ସହବାସ କରିଥିବା ଅପରାଧରେ ଅପରାଧି ଶ୍ରୀକୃଷ୍ଣ ଲଜ୍ଜା ଓ ଭୟରେ ଶ୍ରୀରାଧାଙ୍କ ସମ୍ମୁଖୀନ ହୋଇପାରି ନାହାଁନ୍ତି । ତେଣୁ ସେ ସଖୀକୁ ଅନୁରୋଧ କରିଛନ୍ତି, ସଖୀ ମୋ ପାଇଁ ତୁମେ ଶ୍ରୀରାଧାଙ୍କୁ ଅନୁରୋଧ କର ଓ ମୋ ନିକଟକୁ ଘେନିଆସ । ସଖୀଯାଇ ବିରହ–ବିଧୁରା ଶ୍ରୀମତୀଙ୍କୁ ଶ୍ରୀକୃଷ୍ଣଙ୍କ ପାଇଁ ବହୁତ ମିନତି କରିଛନ୍ତି । ଦୂତି ଶ୍ରୀହରିଙ୍କ ପକ୍ଷ ନେଇ ତାଙ୍କ ଅନ୍ତରର କଥାକୁ ଶ୍ରୀରାଧାଙ୍କ ନିକଟରେ ନିବେଦନ କରିଛନ୍ତି । ଆଉ କହିଛନ୍ତି ମଧ ଶୀଘ୍ର ଅଭୀସାର ନିମନ୍ତେ ବାହାରି ପଡିବା ପାଇଁ । ରାଧା ମଧ ସଙ୍ଗେ ସଙ୍ଗେ ଅଭିସାର ନିମନ୍ତେ ବାହାରି ପଡିଛନ୍ତି । ଶ୍ରୀକୃଷ୍ଣଙ୍କର ଆକାଂକ୍ଷା ପରିପ୍ରକାଶ ଘଟିଥିବା ଯୋଗୁଁ ଏହି ସର୍ଗର ନାମ 'ସାକାଂକ୍ଷ ପୁଣ୍ଡରୀକାକ୍ଷ' ।

ଷଷ୍ଠ ସର୍ଗର ନାମ ହେଉଛି 'ଧୃଷ୍ଟ ବୈକୁଣ୍ଠ' । ଶ୍ରୀରାଧା ସଖୀଠାରୁ ସବୁ କଥା ଶୁଣିଲେ ମାତ୍ର ଅଭିସାର ନିମନ୍ତେ ପ୍ରସ୍ତୁତ ହେଲେ ନାହିଁ । ମନ କହୁଛି ମନମୋହନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ନିମନ୍ତେ ଛୁଟି ଯିବି । ଏଣେ ଦୁର୍ଜ୍ଜୟ ମନ ପାଦକୁ ଶୃଙ୍ଖଳ ଭଳି ବାନ୍ଧି ରଖୁଛି । ଯାହା ଜଣା ପଡୁଛି ଅପରାଧି ନିଜେ ଆସି କ୍ଷମା ନମାଗିଲେ ଏ ଅଭିମାନ ଭାଙ୍ଗିବ ନାହିଁ । ସଖୀମାନେ କଣ କରିବେ

ଜାଣିପାରୁ ନାହାଁନ୍ତି । ରାଧାକୃଷ୍ଣଙ୍କ ମିଳନ ବ୍ୟତୀତ ସେମାନଙ୍କର ଏ ପୃଥିବୀରେ ଆଉ ଆନନ୍ଦ ଦାୟକ ପଦାର୍ଥ ଅନ୍ୟ କିଛି ନାହିଁ । ତେଣୁ ଜଣେ ସଖୀ ସେଠାରୁ ଶ୍ରୀକୃଷ୍ଣଙ୍କ ନିକଟକୁ ଫେରି ଆସିଲା ଓ ଅସଲ କଥାକୁ ଘୋଡାଇ ରଖି କହିଲା– 'କୃଷ୍ଣ ବିରହରେ ଶ୍ରୀରାଧା ମର୍ମାନ୍ତିକ ଦୁଃଖ ଅନୁଭବ କରୁଛନ୍ତି । ଯଦି ଶ୍ରୀକୃଷ୍ଣ ଅପରାଧର ଭୟ ଭୁଲିଯାଇ ଉପଯାଚକ ହୋଇ କୁଞ୍ଜକୁ ଆସି ପାରନ୍ତେ ବିରହିଣୀ ରାଧାଙ୍କର ମାନ ରକ୍ଷା ହୋଇଯାଆନ୍ତା ।'

ସପ୍ତମ ସର୍ଗରେ କବି ଜୟଦେବ ମାଧବଙ୍କର ପ୍ରେମଲୀଳା ବର୍ଣ୍ଣନା କରିଛନ୍ତି । ବିଳମ୍ବିତ ରାତି, ଯମୁନା କୂଳରେ ବୃନ୍ଦାବନ ଧାମ । ବନଭୂମି ଚନ୍ଦ୍ର କିରଣର ରୂପେଲି ରଙ୍ଗ ସବୁଆଡେ ବିଚ୍ଛୁରିତ କରି ଦେଇଛି । ବିରହ ବେଦନାରେ ଜର୍ଜରିତା ଶ୍ରୀରାଧା କୁଞ୍ଜରେ ଶ୍ରୀକୃଷ୍ଣଙ୍କ ପ୍ରତୀକ୍ଷାରେ ବସିଛନ୍ତି । ସମୟ ଅତିବାହିତ ହୋଇଯାଉଛି ମାତ୍ର ଶ୍ୟାମ ଆସିଲେ ନାହିଁ । ଅଙ୍ଗରୁ ମୃଗମଦ ଚନ୍ଦନ ଶୁଖିଯାଉଛି । ପୁଣି ଶୁଖିଯାଉଛି ଗଳାର ମାଳତି ହାର । ସଖୀ ଯାଇଛି ଶ୍ରୀକୃଷ୍ଣଙ୍କୁ ଡାକି ଆଣିବା ନିମନ୍ତେ । ଟିକିଏ ପତ୍ର ଶବ୍ଦ ହେଲେ ଶ୍ରୀରାଧା ଭାବୁଛନ୍ତି କାନ୍ତ ଆସିଲେକି ? କିନ୍ତୁ ସବୁ ବୃଥା । ସଖୀ ଏକା ଏକା ଫେରିଆସିଲା । ପ୍ରିୟତମଙ୍କୁ ନପାଇ ଶ୍ରୀରାଧାଙ୍କର ଆଖିରୁ ବର୍ଷାଧାରା ଭଳି ଅଶ୍ରୁ ଝରିପଡୁଛି । ସେ ଭାବିଲେ ତାଙ୍କର ନାରାୟଣ ଆଜି ନାଗର ରୂପରେ ଅନ୍ୟ ଯୁବତୀ ସଙ୍ଗେ ନିଶି ବିତାଉଛନ୍ତି । ଶ୍ରୀରାଧାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଛି । ସେ ଦୁଃଖରେ ଭାଙ୍ଗି ପଡିଛନ୍ତି । ସେ ମନଃଚକ୍ଷୁରେ ଦେଖିବାକୁ ପାଇଲେ ତାଙ୍କର ସେହି ନାଗର ନାରାୟଣ କିପରି ଅନ୍ୟ ଗୋପାଙ୍ଗନା ସଙ୍ଗେ ପ୍ରେମରେ ରତ ହୋଇଛନ୍ତି । କବି ଏଠାରେ ମାଧବଙ୍କର ପରକୀୟା ପ୍ରୀତିର କଥା ପରିପୃଷ୍ଟ କରି ସର୍ଗର ନାମ ଦେଇଛନ୍ତି– 'ନାଗର ନାରାୟଣ' ।

ଅଷ୍ଟମ ସର୍ଗର ବିଶେଷ ମହତ୍ତ୍ୱ ଅଛି । ସାରାରାତି ଶ୍ରୀକୃଷ୍ଣଙ୍କ ପ୍ରତୀକ୍ଷାରେ କଟିଛି । ଦୁଃଖରେ ମ୍ରିୟମାଣ ହୋଇ ରାଧାଙ୍କ ଅନ୍ତର ଗୁରୁ ବେଦନାରେ କମ୍ପିବାକୁ ଲାଗିଲା । ଅଭିମାନୀର ଆଖିରୁ ଲୋତକ ଧାର ଧାର ହୋଇ ବହିଯାଉଥାଏ । ପାହାନ୍ତି ପ୍ରହରକୁ ଶ୍ରୀକୃଷ୍ଣ ଆସି ରାଧାଙ୍କ କୁଞ୍ଜରେ ପହଞ୍ଚିଲେ । ଅପରାଧି ଭଳି ତଳକୁ ମୁହଁକରି ସେ ଠିଆ ହେଲେ । ଶ୍ରୀକୃଷ୍ଣଙ୍କୁ ଦେଖି ଶ୍ରୀରାଧାଙ୍କର କ୍ରୋଧ ଓ ଅଭିମାନ ଦ୍ୱିଗୁଣିତ ହୋଇଯାଇଛି । ସେ ଦେଖିଲେ ମାଧବଙ୍କର ଅଙ୍ଗରେ କାମକେଳୀର ଚିହ୍ନମାନ ବାରି ହୋଇପଡୁଛି । କେଉଁ ନାରୀର ଆଲିଙ୍ଗନ ଦ୍ୱାରା ଫୁଲମାଳ ସବୁ ଶୁଖି ଯାଇଛି । କେଉଁ ନାୟିକାର ଅଳତା ଦାଗ ମାଧବଙ୍କ ଛାତିରେ ଲାଗିଛି । ପାଦଚିହ୍ନ ବାରି ହୋଇଯାଉଛି । ଶ୍ରୀରାଧା ଅତ୍ୟନ୍ତ ରାଗିଗଲେ ।

ଆହେ ଳମ୍ପଟୀ କେଶବ ! ଅବଳା ବଧ କରିବା ନିମନ୍ତେ ତୁମର ଜନ୍ମ, ଯାହା ଶୁଣୁଛି ତାହା ସତ୍ୟ । ଅନୁରୋଧ କରୁଛି ଦୟାକରି ମୋ ସମ୍ମୁଖରୁ ଶୀଘ୍ର ଅପସରି ଯାଅ । ତୁମଭଳି ନିର୍ଲଜର ମୁହଁ ଦେଖିବାକୁ ମୁଁ ଚାହୁଁନି । ଏଭଳି ଭର୍ତ୍ସନା ଶୁଣି ଲକ୍ଷ୍ମୀପତି ଶ୍ରୀକୃଷ୍ଣ କେବଳ ବିଲକ୍ଷ ଅର୍ଥାତ୍ ବିସ୍ମିତ ହୋଇ ଚାହିଁ ରହିଲେ । ସେଥିପାଇଁ କବି ଜୟଦେବ ଏହି ସର୍ଗର ନାମ ରଖିଛନ୍ତି 'ବିଲକ୍ଷ ଲକ୍ଷ୍ମୀପତି' ।

ନବମ ସର୍ଗରେ କବି ଜୟଦେବ ଶ୍ରୀରାଧାଙ୍କ ଅନୁତାପ କଥା ବର୍ଣ୍ଣନା କରିଛନ୍ତି । ଶ୍ରୀରାଧା ଅଭିମାନରେ ଶ୍ରୀକୃଷ୍ଣଙ୍କୁ ଫେରାଇ ଦେଲେ । ଫେରାଇ ଦେଲେ ସିନା ହୃଦୟରୁ ହଟାଇ ଦେଇପାରିଲେ ନାହିଁ । ଶ୍ରୀକୃଷ୍ଣଙ୍କ ଚିନ୍ତାରେ ଚିନ୍ତିତ ହୋଇ ଏକାକିନୀ ବସି ମନେ ମନେ ତାଙ୍କୁ ଧ୍ୟାନ କରିବାକୁ ଲାଗିଲେ । ଠିକ୍ ଏହି ସମୟରେ ପ୍ରିୟ ସଖୀ ଆସି ଶ୍ରୀରାଧାଙ୍କୁ ଭର୍ତ୍ସନା କରି କହିଲା–

ହରିରଭିସରତି ବହତି ମୃଦୁ ପବନେ
କିମପରମଧିକଂ ସୁଖଂ ସଖି ଭବନେ
ମାଧବ ମା କୁରୁ ମାନିନୀ ମାନମୟେ ।

ସଖୀ ! ତୁ ଆଜି କଣ କଲୁ ? ମାଧବଙ୍କୁ ଏପରି ରୂଢ ବ୍ୟବହାର କରି ଫେରାଇ ଦେବା କ'ଣ ଉଚିତ ହୋଇଛି ? ଯଦି ଫେରାଇ ଦେଲୁ ତେବେ ଏମିତି ଏକାନ୍ତରେ ବସି କାହିଁକି ଆଖିରୁ ଲୁହ ଗଡାଉଛୁ ? ଏସବୁ ଦେଖି ତୋର ବିରୋଧୀ ସଖୀମାନେ ଉପହାସ କରୁଛନ୍ତି, ତୁ କଣ ଜାଣିପାରୁନାହୁଁ । ଯାହାର ହତାଦର କଲୁ ତା ପାଇଁ ଆଉ କାହିଁକି ଶୋକ ?

ଶ୍ରୀରାଧାଙ୍କର ପ୍ରିୟ ସହଚରୀମାନେ ମାଧବଙ୍କୁ ଫେରାଇ ଆଣିବା ନିମନ୍ତେ ଚେଷ୍ଟାକଲେ । ସେମାନେ ଶ୍ରୀରାଧାଙ୍କୁ କହିଲେ– ଦେଖ ସଖୀ, ଆମେମାନେ ଯାଉଛୁ ମାଧବଙ୍କୁ ଫେରାଇ ଆଣିବୁ । ଆଉ ଅଭିମାନ କରି ଯେପରି ତାଙ୍କୁ ଫେରାଇ ନଦିଅ । ସହଚରୀମାନଙ୍କଠାରୁ ରାଧା ଅନୁତାପ କରୁଥିବା ଶୁଣି ମୁକୁନ୍ଦ ମୁଗ୍ଧ ହୋଇଗଲେ । ସଖୀମାନଙ୍କୁ ଅନୁସରଣ କରି ଲତା କୁଞ୍ଜକୁ ଫେରିଲେ । ଶ୍ରୀକୃଷ୍ଣ ମୁଗ୍ଧ ହୋଇଥିବା ଯୋଗୁଁ କବି ଏହି ସର୍ଗର ନାମ ରଖିଛନ୍ତି 'ମୁଗ୍ଧ ମୁକୁନ୍ଦ' ।

ଦଶମ ସର୍ଗର ନାମ ହେଉଛି 'ମୁଗ୍ଧ ମାଧବ' । ସଖିମାନେ ଶ୍ରୀରାଧାଙ୍କୁ ଭର୍ତ୍ସନା କରି କହିଲେ– ହେ ରାଧେ ! ତୁ କାହିଁକି ଏତେ ନିଷ୍ଠୁର ହୋଇପାରିଲୁ । ଅଭିମାନରେ ଶ୍ରୀକୃଷ୍ଣଙ୍କୁ ଫେରାଇ ଦେଲୁ । ସହଚରୀମାନଙ୍କ କଥାରେ ଶ୍ରୀରାଧାଙ୍କ କ୍ରୋଧ କ୍ରମେ

କ୍ରମେ କମିବାକୁ ଲାଗିଲା । କୁଞ୍ଜବନରେ କ୍ରମେ ସଂଧ୍ୟା ନଇଁ ଆସିଛି । ଆକାଶରେ ଗୋଟି ଗୋଟି ହୋଇ ତାରାଫୁଲ ସବୁ ଫୁଟି ଉଠିଲେ । ସଂଧ୍ୟା ସମୀରଣରେ ବିରହିଣୀ ରାଧାଙ୍କର କୃଷ୍ଣ ବିରହ ବ୍ୟଥା ବିଶେଷ ଭାବେ ଜାଗି ଉଠିଲା । ଏହି ସମୟରେ କୁଞ୍ଜ ବାହାରେ କାହାର ପାଦଶବ୍ଦ ଶୁଣାଗଲା । ଚନ୍ଦନ ଗନ୍ଧରେ ବାୟୁମଣ୍ଡଳ ସୁଗନ୍ଧିତ ହୋଇଉଠିଲା । ଶ୍ରୀରାଧାଙ୍କ ହୃଦୟ କମ୍ପିବାକୁ ଲାଗିଲା । ଶ୍ରୀରାଧା କୁଞ୍ଜ ଦ୍ୱାରକୁ ଚାହାନ୍ତି ତ ଶ୍ରୀକୃଷ୍ଣ ଠିଆ ହୋଇଛନ୍ତି । ରାଧାଙ୍କ ହୃଦୟରେ ପ୍ରେମର ଉଚ୍ଛ୍ୱାସ ଖେଳି ଉଠିଛି । ସେ ସଲ୍ଲଜ ଭାବରେ ସଖୀମାନଙ୍କ ମୁଖକୁ ଚାହିଁଛନ୍ତି । ସଖୀମାନେ ସେ ଚାହାଣିର ଅର୍ଥ ବୁଝି ପାରିଛନ୍ତି । ବିଭିନ୍ନ କାମର ବାହାନା କରି ଜଣ ଜଣ ହୋଇ କୁଞ୍ଜରୁ ଉଠି ଯାଇଛନ୍ତି ।

ଏକାଦଶ ସର୍ଗରେ ଗୋବିନ୍ଦଙ୍କ ମନରେ ତୃପ୍ତି ଆସିଛି । ଶ୍ରୀରାଧାଙ୍କ ଦୁର୍ଜୟମାନ ଭାଙ୍ଗିବା ପାଇଁ ଶ୍ରୀକୃଷ୍ଣଙ୍କର ଯେତେ କାକୁତି ମିନତି ଚାଟୁ ବଚନ ଏବଂ ସଖୀମାନଙ୍କର ପ୍ରଚେଷ୍ଟା ନିଷ୍ଫଳ ହୋଇନି । ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ଯାହାକୁ ଖୋଜି ପାଏ ନାହିଁ ସେହି ପରମେଶ୍ୱର ଶ୍ରୀକୃଷ୍ଣ ଆଜି ଶ୍ରୀରାଧାଙ୍କ ପାଦତଳେ ଲୋଟି ପଡି କହିଛନ୍ତି– 'ଦେହି ପଦପଲ୍ଲବ ମୁଦାରମ୍' । ଏଥିରେ ଆଉ ଅବା ଶ୍ରୀମତୀଙ୍କର ଅଭିମାନ କିପରି ରହିବ ? ଶ୍ରୀମତୀଙ୍କର ସରଳ କମଳ ଅଧରରେ ହସ ଉକୁଟି ଉଠିଲା । ଅଭିମାନ ଦୂର ହୋଇଗଲା । ସଖୀମାନଙ୍କର ଇଙ୍ଗିତରେ ଶ୍ରୀକୃଷ୍ଣ ଅଭିସାର ବେଶରେ କୁଞ୍ଜ ଶଯ୍ୟାରେ ଶ୍ରୀରାଧାଙ୍କ ଅପେକ୍ଷାରେ ରହିଲେ । ସଖୀମାନେ ଶ୍ରୀମତୀଙ୍କୁ ମିଳନ ଶଯ୍ୟା ନିକଟରେ ପହଞ୍ଚାଇ ଦେଲେ । ଶ୍ରୀରାଧାଙ୍କୁ ଦେଖି ଆନନ୍ଦରେ ବିଭୋର ହୋଇ ଉଠିଲେ ଗୋବିନ୍ଦ । ଶ୍ରୀରାଧା କୃଷ୍ଣଙ୍କ ଦୁଇ ଅଂଶ ମିଶି ଏକ ହୋଇଗଲା । ଏଣୁ କବି ଜୟଦେବ ଏହି ସର୍ଗର ନାମ ରଖିଲେ 'ସାନନ୍ଦ ଦାମୋଦର' ।

ଦ୍ୱାଦଶ ସର୍ଗ ହେଉଛି ଗୀତଗୋବିନ୍ଦର ଶେଷ ସର୍ଗ । ଅନ୍ୟ ସର୍ଗଗୁଡିକରେ ଶ୍ରୀରାଧାକୃଷ୍ଣଙ୍କ ମଧ୍ୟରେ ଯେଉଁ ଦୁର୍ଜୟ ପ୍ରଣୟ ପରୀକ୍ଷା ଚାଲିଥିଲା ସେସବୁର ପରିସମାପ୍ତି ଏହି ସର୍ଗରେ ଘଟିଛି । ବାସର ଶଯ୍ୟା ନିକଟରେ ପୀତାମ୍ବର ଶ୍ରୀରାଧାଙ୍କୁ ପାଇ ବିଶେଷ ଆନନ୍ଦିତ ହେଲେ । ସେ ଅନୁଭବ କଲେ ପଦ୍ମମୁଖୀ ଶ୍ରୀମତୀଙ୍କର କମଳ ମୁଖଶ୍ରୀରୁ ଅଭିମାନ ଦୂର ହୋଇଯାଇଛି । ବ୍ରୀଡାବନତମୁଖୀ ଶ୍ରୀରାଧାଙ୍କର ଅଧରରେ ସଲ୍ଲଜ ହସ ଫୁଟି ଉଠୁଛି । ତାଙ୍କର ଚାହାଣୀ ସତେ ଯେପରି ମିଳନ ଶଯ୍ୟାକୁ ହିଁ ନିମନ୍ତ୍ରଣ କରୁଛି । ଏହି ସର୍ଗର ନାମ 'ସୁପ୍ରୀତ ପୀତାମ୍ବର' ।

ଶ୍ରୀକୃଷ୍ଣ ମଧ୍ୟ ତାହା ଚାହୁଁଥିଲେ । ଶ୍ରୀକୃଷ୍ଣ ପ୍ରେମବିହ୍ୱଳ ହୋଇ ଶ୍ରୀରାଧାଙ୍କୁ ଆଲିଙ୍ଗନ କଲେ । ସେଠାରୁ ଆରମ୍ଭ ହେଲା ପ୍ରେମ ସମ୍ଭୋଗର ଲୀଳା । ଯାହା ଲେଖନୀ ମୁନରେ ବର୍ଣ୍ଣନାତୀତ । ଭକ୍ତ କବି ଜୟଦେବ ପରିଶେଷରେ ପ୍ରାର୍ଥନା କରିଛନ୍ତି–

ଯଦ୍‌ଗାନ୍ଧର୍ବ କଳାସୁକୌଶଳମନୁଧ୍ୟାନଂ ଚ ଯଦ୍‌ବୈଷ୍ଣବମ୍
ଯଦ୍ ଶୃଙ୍ଗାର ବିବେକସାରମପି ଯଦ୍ କାବ୍ୟେଷୁ ଲୀଳାୟିତମ୍
ତସର୍ବଂ ଜୟଦେବ ପଣ୍ଡିତକବେଃ କୃଷ୍ଣୈକତା ନାମ୍ନନଃ
ସାନନ୍ଦଃ ପରିଶୋଧୟନ୍ତୁ ସୁଧିୟଃ ଶ୍ରୀଗୀତ ଗୋବିନ୍ଦତଃ ।

ଗୀତଗୋବିନ୍ଦରେ ଗାନ୍ଧର୍ବ କଳା ପୂର୍ଣ୍ଣ ମାତ୍ରାରେ ରହିଛି । ଅର୍ଥାତ ସମ୍ପୂର୍ଣ୍ଣ ରାଗ ରାଗିଣୀ ସହିତ ପଦଗୁଡିକ ସୁଲଳିତ ଭାବରେ ସଜ୍ଜିତ ହୋଇପାରିଛି । କେବଳ ସେତିକି ନୁହେଁ, ବିଷ୍ଣୁ ସମ୍ବନ୍ଧୀ ତତ୍ତ୍ୱ ମଧ୍ୟ ଆଲୋଚିତ ହୋଇଛି । ଶୃଙ୍ଗାର ରସରେ ପରିପୂର୍ଣ୍ଣ ହୋଇ ସମ୍ଭୋଗର ବିବେଚନା ସମେତ ବିଭାବ ଅନୁଭାବ ବିଷୟରେ ଆଲୋକପାତ କରାଯାଇଛି । ଉକ୍ତ କାବ୍ୟରେ କାବ୍ୟିକ ଶୈଳୀ ଆଉ କବି ପ୍ରସିଦ୍ଧି ମଧ୍ୟ ବେଶ୍ ପରିଲକ୍ଷିତ ହୋଇଛି । ମୋଟାମୋଟି ଭାବରେ କାବ୍ୟରେ କାବ୍ୟିକ ଚାତୁରୀ, ରୀତି, ଗୁଣ, ଅଳଙ୍କାର ସଜ୍ଜିତ ହୋଇରହିଛି ।

କବି ଜୟଦେବ ଶ୍ରୀକୃଷ୍ଣଙ୍କ ପ୍ରତି ଯେଉଁ ଐକାନ୍ତିକ ଭକ୍ତି ପ୍ରଦର୍ଶନ କରିଛନ୍ତି, ତାହା ରାଧାମାଧବଙ୍କ ଲୀଳା ବର୍ଣ୍ଣନରେ ସଫଳ ହେଉ । ଆଉ ମଧ୍ୟ କବି ଆଶା ପ୍ରକାଶ କରିଛନ୍ତି ଏହି କାବ୍ୟ ବୈଷ୍ଣବ ଲୀଳା, କାବ୍ୟରସ ଚିନ୍ତାଧାରା, ଶୃଙ୍ଗାର ଚାତୁରୀ ଓ ଗାନ୍ଧର୍ବ କଳାକୁ ସଠିକ ଭାବରେ ପ୍ରତିପାଦନ କରୁ । ଏହା ଭକ୍ତମାନଙ୍କ ମନରେ ଶ୍ରୀକୃଷ୍ଣଙ୍କ ପ୍ରତି ଅନନ୍ୟ ଭକ୍ତିଭାବ ବୃଦ୍ଧିରେ ସହାୟକ ହେଉ, ଏହାହିଁ କାମନା ।

ସେ କହିଛନ୍ତି– ଭାବଂ ଶୃଙ୍ଗାର ସାରସ୍ୱତମିହ ଜୟଦେବସ୍ୟ ବିଦ୍ୱଗ୍ ବଚାଂସି ।

ଶୃଙ୍ଗାର ସାରସ୍ୱତ ଭାବପୂର୍ଣ୍ଣ ଆଦରଣୀୟ କାବ୍ୟ ଭାବରେ ଏହା ଜନମୁଖରେ ମୁଖରିତ ହେଉ । ଗୀତଗୋବିନ୍ଦ ଅଧିକ ରସଯୁକ୍ତ ହୋଇ ଭକ୍ତ ରସିକ ଭାବୁକମାନଙ୍କର ଅତି ପ୍ରିୟ ହେଉ, ଏହାହିଁ କାମନା ।

ଆଲୋକ ନଗର, ନିଆଳି
କଟକ

# ସନ୍ଥ କବି ଭୀମ ଭୋଇଙ୍କ କାବ୍ୟ ଦର୍ଶନ

**ପ୍ରଫେସର ଡକ୍ଟର ହାଡିବନ୍ଧୁ ମିର୍ଦ୍ଧା**



ଭୀମ ଭୋଇ ଥିଲେ ସନ୍ଥ, କବି ଓ ଭକ୍ତ । ତାଙ୍କର ଜୀବନଚର୍ଯ୍ୟା ଅନୁଧ୍ୟାନ କଲେ ଯେ କେହି ସଚେତନଶୀଳ ବ୍ୟକ୍ତି ବିସ୍ମିତ ହେବେ । କାରଣ ତାଙ୍କର ଏକ ସାଧାରଣ ଜୀବନ ନୁହେଁ । ଅବଶ୍ୟ ତାଙ୍କର ଜୀବନକୁ ବହୁ ଲେଖକ, ଗବେଷକ, ବୁଦ୍ଧିଜୀବୀ ନାନା ଭାବରେ ତାଙ୍କ ପ୍ରତି ପ୍ରଲୋଭିତ ହୋଇ ବିଚିତ୍ର ଭାବେ ଚିତ୍ରଣ କରି ବିରୂପ, ବିକୃତ ରୂପ ଦେଇଛନ୍ତି । ଆଉ ଚରିତ୍ର ସଂହାର କରିବାରେ ପଶ୍ଚାତପଦ ହୋଇନାହାନ୍ତି । ଏହି ମହାମାନବଙ୍କ ଦିବ୍ୟଜୀବନ ପ୍ରତି ପ୍ରକୃତ ଅଧ୍ୟୟନ ନକରି ଏକ ସାଧାରଣ ଜୀବନ ଜନ୍ମର ରୂପ ଦେବାରେ ପ୍ରୟାସ କରିଛନ୍ତି । ତାଙ୍କର ପ୍ରଚଣ୍ଡ ପ୍ରତିଭାର ମହନୀୟ ଦିଗକୁ ଅଧ୍ୟୟନ କରିବାରେ ଅବହେଳା ଅକ୍ଷମଣୀୟ । ମାତ୍ର କବି ଭୀମଭୋଇଙ୍କର କାବ୍ୟିକ ପ୍ରତିଭା ଓ ମହନୀୟ ବ୍ୟକ୍ତିତ୍ୱ ଅନନ୍ୟ । ତାଙ୍କର କାବ୍ୟ, ଭଜନ, ଜଣାଣ ଆଦି ତନ୍ନତନ୍ନ କରି ଗବେଷଣା ଦୃଷ୍ଟିରୁ ବିଚାର ନକଲେ ସହଜରେ ତାଙ୍କର ବ୍ୟକ୍ତିତ୍ୱ ଓ କବିତ୍ୱ ବୁଝିବା ସମ୍ଭବ ନୁହଁ । ତାଙ୍କର ରଚନା ସମ୍ଭାରରେ ସୃଷ୍ଟି ରହସ୍ୟ, ମାନବୀୟ ପ୍ରତି ସମ୍ବେଦନଶୀଳତା, ଆଧ୍ୟାତ୍ମିକ ଚେତନାକୁ ହୃଦୟଙ୍ଗମ କରିବା ଏତେ ସହଜ ନୁହେଁ ।

ସେ ଥିଲେ ପ୍ରଥମେ ଜଣେ ସନ୍ଥ । ନୀତି, ନିୟମ ଆଦର୍ଶର ପ୍ରତୀକ। ପୁଣି ମହିମା ଗୋସାଇଁଙ୍କର ଅନ୍ୟତମ ଭକ୍ତ । ଆଉ ମହିମା ଦର୍ଶନର ପ୍ରଥମ କବି । ତାଙ୍କର କାବ୍ୟ କବିତା ସୃଷ୍ଟି ଜଗତର ଜୀବନ୍ତ ଗାଥା । ତାଙ୍କର ବାଣୀ ସତ୍ୟ ନ୍ୟାୟ ଧର୍ମ ତଥା ଅହିଂସା ଶାନ୍ତିର ଯୁଗାନ୍ତକାରୀ ବାର୍ତ୍ତା । ସେ ଥିଲେ ବିଶ୍ୱ ହିତୈଷୀ ପୁରୁଷ । ତେଣୁ ସେ ଗାଇଥିଲେ:

'ଧର୍ମ ପଛେ ନିନ୍ଦା ପାଉ,
ଧରଣୀ ମଣ୍ଡଳ ରହୁ ।
ଶୂନ୍ୟ ଧରଣୀ ଆକାଶ,
ଆକାଶ ଭାସି ନଯାଉ ।'

ସୁତରାଂ ବିଶ୍ୱର ଅତୀତଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସନ୍ଥ ଓ କବିମାନେ ଏପରି ଶାଶ୍ୱତ ମତ ଦେଇଥିବା ଆମର ଶ୍ରୁତି ଗୋଚର ହୋଇନାହିଁ । ସେ ଚାହିଁଥିଲେ ସମସ୍ତ ମଣିଷ ଅହିଂସା, ସତ୍ୟର ପଥିକ ହୁଅନ୍ତୁ, ପରସ୍ପର ମଧ୍ୟରେ ସଦ୍‌ଭାବ, ବିଶ୍ୱପ୍ରେମ ଜାଗ୍ରତ ହେଉ, ଧର୍ମ ସାତ୍ତ୍ୱିକ ମନୋଭାବ ନେଇ ମହତ ଜୀବନଯାପନ କରନ୍ତୁ । ଏ ଥିଲା ତାଙ୍କର ଶେଷ ଇଚ୍ଛା ଏବଂ ଜଗତ୍‌ବାସୀ ମିଥ୍ୟା, ଛଳନା, କପଟତା ପରିହାର କରି ଅଲେଖ ପ୍ରଭୁଙ୍କ ଆଶ୍ରିତ ହୁଅନ୍ତୁ । ସେ ଗାଇଥିଲେ–

'ଶରଣ ବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡି ଗଲେଣି ସକଳ ।
ଦୋଷ ଅପରାଧ କ୍ଷମାକର ଗୁରୁ ଜଗତରେ ପ୍ରତିପାଳ' ।

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ।
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।'

ଭଗବାନଙ୍କ ସୃଷ୍ଟିରେ ସମସ୍ତେ ଭଗବାନଙ୍କର ଭକ୍ତ । ସେମାନଙ୍କର ଦୁଃଖ ଓ ଦୈନ୍ୟତା ଦେଖି କବି ମର୍ମାହତ ହୋଇପଡୁଥିଲେ । ଏଣୁ ସେ ବ୍ୟକ୍ତ କଲେ–

'ଏକ ଖଣ୍ଡ ହାଡ ବୁନ୍ଦାଏ ରୁଧିର, ଫୁଟେ ମାଉଁସ ଜାଣଇ,
ଏଣୁ କରି ସିନା ପ୍ରାଣୀଙ୍କ ବିକଳ ସହି ପାରଇ ନାହିଁ ମୁହିଁ ।'

ଯେ ଦରଦୀ ମଣିଷ, ସେ ପ୍ରାଣୀଙ୍କ ବିକଳ ସହିପାରେ ନାହିଁ । କାରଣ ତାର ବି ଖଣ୍ଡିଏ ହାଡ, ଦେହରେ ରକ୍ତ, ମାଂସ ନେଇ ବଞ୍ଚିଛି । ଏଣୁ କବି ମଧ ସେପରି ଜଣେ ମଣିଷ । କିପରି ପର ଦୁଃଖ ସହିପାରନ୍ତେ ? ମଣିଷଜନ୍ମ ଦୁର୍ଲ୍ଲଭ । ତାର ସୁଖ ଶାନ୍ତି କାମନା କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । କବି ପ୍ରତି ମୁହୂର୍ତ୍ତରେ ମଣିଷର ଦୁଃଖରେ ବିଚଳିତ ଥିଲେ । କାରଣ 'ପ୍ରାଣୀଙ୍କ କଷଣ ଭେଦୁଅଛି ମନ ଜୀବନକୁ ମୋର ବାଧେ', ମଣିଷର ଦୁଃଖ, ଦୂର ପାଇଁ ପ୍ରଭୁଙ୍କ କୃପା କାମନା କରିଥିଲେ ।

କେବଳ ବିଶ୍ୱର ମାନବ ସମାଜ ପାଇଁ ନୁହେଁ ବରଂ ଜୀବଜଗତ, ବୃକ୍ଷଲତା ଗ୍ରହନକ୍ଷତ୍ର ଆଦିଙ୍କର ଉଦ୍ଧାର ପାଇଁ ମଧ ସେ ବ୍ୟାକୁଳ ଥିଲେ । ଏଣୁ ମହିମା ଗୋସାଇଁଙ୍କୁ ପ୍ରାର୍ଥନା କରୁଥିଲେ–

'ରକ୍ଷାକର ସ୍ୱାମୀ ନରଲୋକ
କିବା ଯୁବ, ବୃଦ୍ଧ, ସ୍ତିରୀ ପୁରୁଷ ଲୋକ ।
କୀଟପତଙ୍ଗ ଆଦି ଜଳପୋକ ଯାକୁ
ଯେଉଁ ରୂପେ କାରଣ ବିବେକ ।
ତୃଣାଦି ସ୍ଥାବର ତରୁବୃକ୍ଷ
ଶରଣ ସମ୍ଭାଳି ରଖ ଏହି ଜନ୍ତୁ ଜୀବେକ ।'

ଏହି ବାଣୀ ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ । ବାସ୍ତବରେ ସନ୍ଥ ଭୋଇଙ୍କର ଏହି ମହାନ୍ ଚିନ୍ତା ଶାଶ୍ୱତ, ବାସ୍ତବ ଓ ଅନନ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ମଣିଷ ଜଗତ ହିତ ପାଇଁ ଜନ୍ମ ନିଏ । ସେ ସବୁ ଦିନ ରହିବ ନାହିଁ । ଏଣୁ କେତେଦିନ ଏ ସଂସାରରେ ଥିବ ସେ ଏ ମହୀମଣ୍ଡଳର ଉପକାର କରିବା, ସେବା କରିବା ତାର ଧର୍ମ । ତେଣୁ କବି କହିଛନ୍ତି, 'ଧନ ନୁହେଁ ମାଳ ମାଳ, ଜୀବନ ନୁହେଁ କାଳ କାଳ' । ଏଣୁ ମଣିଷ ସଦ୍‌ଚିନ୍ତା, ସଦ୍‌କର୍ମକୁ ଜୀବନର ଆଧାର କରି ସଦ୍‌ପୁରୁଷ ହୁଅନ୍ତୁ ବୋଲି ସେ କହିଥିଲେ ।

କବିଙ୍କର ଅଗାଧ ପାଣ୍ଡିତ୍ୟ, ଅନୁଭୂତି, ପ୍ରଜ୍ଞା ଥିଲା । ସେ ସାଧାରଣ କଥାକୁ ଅସାଧାରଣ ଭାବରେ ତାଙ୍କର କୃତିରେ ଅବସ୍ଥାପିତ କରି ଅକାଟ୍ୟ ଯୁକ୍ତି ବାଢ଼ିଛନ୍ତି । ଯେହେତୁ ସେ ଥିଲେ ତ୍ରିକାଳଜ୍ଞ, ବ୍ରହ୍ମ ଉପାସକ, ଚରିତ୍ରବାନ, ସଚ୍ଚୋଟ, ମହିମା ନୀତି ଆଦର୍ଶର ଏକନିଷ୍ଠ ପୂଜାରୀ ।

ସେ ବାଲ୍ୟାବସ୍ଥାରୁ ଦିବ୍ୟ ସଚେତନଶୀଳ ଓ ସଦ୍‌ଚିଦ୍ ଆନନ୍ଦର ଅନୁଭବୀ ଥିଲେ । ସେ ଦୁଃଖ, କଷ୍ଟ, ନିର୍ଯ୍ୟାତନାର ଶିକାର ହୋଇଥିଲେ ମଧ ସଦ୍‌ପଥରୁ ପଥଚ୍ୟୁତ ହୋଇନଥିଲେ । ସେ ଆଦିବାସୀ କନ୍ଧ ପରିବାରରେ ଜନ୍ମ ହୋଇଥିଲେ କିନ୍ତୁ ଜନ୍ମାନ୍ଧ ନଥିଲେ । ନିମ୍ନ ଉକ୍ତିରୁ ଜଣାଯାଏ–

'ବୁଲୁଥାଇ ବନେ ନିତି ପ୍ରତି ଦିନେ ବସ୍ତାଙ୍କୁ ସଙ୍ଗତେ ଘେନି
କ୍ଷୁଧା ତୃଷା କଲେ ଜୀବନ ବିକଳେ ପିଉ ଥାଇ ଝର ପାଣି' ।

ଯିଏ ଗାଈ ଚରେଇବାରେ ଆଉ ଶୋଷ ହେଲେ ଝରଣା ପାଣି ପିଇବାରେ ସକ୍ଷମ ଥିଲେ, ସେ କିପରି ଅନ୍ଧ ହେଲେ ? ସେ କନ୍ଧ କୁଳରେ ଜନ୍ମ ହୋଇ ପରେ ବଡ ବଡ ଜ୍ଞାନ କଥା କହିବାରୁ ଲୋକ ସହି ନପାରି 'ଅନ୍ଧ–କନ୍ଧ' କହି ଉପହାସ ଥଟ୍ଟା କରୁଥିଲେ । ମାତ୍ର ବାଲ୍ୟାବସ୍ଥାରୁ ଭୀମଭୋଇ ଥିଲେ ଜ୍ଞାନପ୍ରାପ୍ତ । ମାତୃ ଗର୍ଭରୁ ଅଭିମନ୍ୟୁ ପରି ଜ୍ଞାନ ଓ ସଚେତନ ଥିଲେ । ଚାରି ବର୍ଷ ବୟସରେ ଭଗବାନଙ୍କର ପ୍ରତ୍ୟକ୍ଷରେ ଶଙ୍ଖ, ଚକ୍ର, ହସ୍ତ ଦେଖିଥିଲେ । ୧୧/୧୨ ବର୍ଷ ପର୍ଯ୍ୟନ୍ତ ଗାଈ ଚରାଇ ଦିନ କାଟିଲେ । ୧୬ ବର୍ଷ ବୟସରେ ଅଲେଖ ମହିମା ଗୋସାଇଁ ଏବଂ ଗୋବିନ୍ଦ ବାବା ନାମ୍ନୀ ସ୍ୱୟଂ ବ୍ରହ୍ମ ଦର୍ଶନ କରି ପାରିଥିଲେ । ଫଳରେ ସେତେବେଳେ ତାଙ୍କର ଅପୂର୍ବ ଧାର୍ମିକ ଭାଗ୍ୟୋଦୟ ହୋଇଥିଲା । ଏଣୁ 'ନିର୍ବେଦ ସାଧନା' ଗ୍ରନ୍ଥରେ ସେ ଲେଖିଛନ୍ତି, ସ୍ୱୟଂ ଗୁରୁ ମହିମା ଗୋସାଇଁ ଭୀମ ଭୋଇଙ୍କ କୁଡିଆରେ ପ୍ରବେଶ କରି ତାଙ୍କୁ ଦର୍ଶନ ଦେଇଥିଲେ–

'ପ୍ରବେଶ ଶୟନ ମନ୍ଦିରେ,
ତିମିର ଫିଟିଲା ତେଜରେ ।
ବୋଇଲେ ଉଠସିରେ ବାପ
ଦେଖ ଅନାଦି ବ୍ରହ୍ମରୂପ ।'

ଏହାପରେ ଗୁରୁଙ୍କ ଆଶୀର୍ବାଦ ପାଇଁ ଲେଖିଲେ 'ନିର୍ବେଦ ସାଧନା', 'ଆଦିଅନ୍ତ ଗୀତା', 'ଶ୍ରୁତି ନିଷେଧ ଗୀତା', 'ଅଷ୍ଟବିହାରୀ ଗୀତା' ଆଦି ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ତଥା ସୃଷ୍ଟିର ରହସ୍ୟମୂଳକ ଅନବଦ୍ୟ କାବ୍ୟଗ୍ରନ୍ଥ ଆଉ ଜୀବନ ତଥା ସାମାଜିକ ଓ ଆଧ୍ୟାତ୍ମିକ

ଦର୍ଶନ ଗ୍ରନ୍ଥ 'ସ୍ତୁତି ଚିନ୍ତାମଣି' ଓ ମହିମା ଧର୍ମୀ ଶହ ଶହ ଭଜନ, ଜଣାଣ । ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ପ୍ରକୃତରେ ସେ ଥିଲେ ନୈସର୍ଗିକ କବି, ଆଧ୍ୟାତ୍ମିକ ଶକ୍ତି ସମ୍ପନ୍ନ ମହାତ୍ମା । ସେ ଶେଷ ଜୀବନରେ ଧାର୍ମିକ ସଫଳତା ଲାଭ କରି ଗୁରୁଙ୍କର ଆଶୀର୍ବାଦରେ ପୂର୍ଣ୍ଣାଙ୍ଗ କାବ୍ୟିକ ଓ ଆଧ୍ୟାତ୍ମିକ ପୁରୁଷରେ ରୂପାନ୍ତରିତ ହୋଇପାରିଥିଲେ । ତେଣୁ ସେ ଗାଇଥିଲେ–

'ସତ୍ୟ ଧର୍ମ ସିନା ଅରଜି ଥିବାରୁ ତତ୍ତ୍ୱରେ ପାଇଲି ମୁହିଁ ଆମ ନିଧି ଆମ ହସ୍ତକୁ ଅଇଲା ଏଥିରେ ସନ୍ଦେହ ନାହିଁ' (୧୧/୬୩) ଏବଂ ' ଭକ୍ତ ବୋଲି ମୋତେ ଅଲେଖ ପୁରୁଷ ସକଳ ସମର୍ପି ଦେଲେ'

ସେ ଦାରିଦ୍ର୍ୟ ଜୀବନରୁ ବର୍ଣ୍ଣାଢ୍ୟ ଧାର୍ମିକ ଜୀବନର ଫଳପ୍ରାପ୍ତ ହୋଇଥିଲେ । ବାସ୍ତବରେ ସେ ଆମର ଗର୍ବ ଓ ଗୌରବ । ଆଜି ସେ ବିଶ୍ୱରେ ବନ୍ଦନୀୟ ଓ ପ୍ରାତଃ ସ୍ମରଣୀୟ । ନିଜର ସ୍ୱରୂପ ବିଷୟରେ ସେ କହିଛନ୍ତି–

'ନେତ୍ରେ ଦେଖି ଯେବେ ଭୋଳରେ ପଡ଼ିଲି ଅଜ୍ଞାନ ପଣରେ ମାତି
ରୂପ ଗୁଣ କିଛି ନଦେଖିଥାନ୍ତି ନେତ୍ର ଯାଇ ଥାନ୍ତା ଫୁଟି ।'

ତେଣୁ ଏପରି ଅନ୍ଧ ଅପବାଦ କେବଳ ଅନ୍ଧ ଅଜ୍ଞ ମଣିଷମାନଙ୍କର ମିଥ୍ୟା ଅଭିଯୋଗ । ତାଙ୍କର ଶକ୍ତି, ତାଙ୍କର ରୂପ, ତାଙ୍କର ଗୁଣ ମହିମା, କବିତ୍ୱ କେହି ବାସ୍ତବରେ ଅନୁଭବ କରିନାହାନ୍ତି କହିଲେ ସମୀଚୀନ ହେବ । ଏପରିକି କବି କଳିଯୁଗର ଅବସାନ ଏବଂ ସତ୍ୟ ଯୁଗର ଆଗମନ ହେବାର ସୂଚନା ଦେଇ ଯାଇଛନ୍ତି । କଳିଯୁଗ ଶେଷ ହେବ ଏବଂ ଆଜିର 'କଳି–ଥାଟ'ମାନଙ୍କର ଅବସାନ ହେବ । ସତ୍ୟଯୁଗ ଆସିବ ସତେ ଯେପରି ରାମ ରାଜ୍ୟ ପୁଣି ପ୍ରତିଷ୍ଠା ହେବ । ମାନବ ପ୍ରିୟ ବିଶ୍ୱକବିଙ୍କର ଶେଷ କାମନା ଖଞ୍ଜଣୀର ଶବ୍ଦରେ ଆଜି ଚିର ପ୍ରତିଧ୍ୱନିତ ହୋଇଛି ।

'କଳି ଯୁଗ ହେଲେ ସାରା
ନିଶ୍ଚେ ବସାଇବି ହାଟ ବଣିଜ ପସରା ।
ଦିବସ ରଜନୀ ଭାଳି କରିଛି ଆଶରା,
ସତ୍ୟ ଯୁଗ ହେବ ପରା ।'

ବାସ୍ତବରେ କବିଙ୍କର କାବ୍ୟ ଦର୍ଶନରେ ସମଗ୍ର ବିଶ୍ୱ ଓ ମାନବ ସମାଜର ହିତ ନିହିତ । ଏଣୁ ତାଙ୍କର ଚିନ୍ତା, ଚେତନା ସାର୍ବଜନୀନ ଓ ସାର୍ବକାଳୀକ । ତାଙ୍କର ଭାଷା ସରଳ, ମାର୍ଜିତ, ଭାବଗର୍ଭକ ଏବଂ ତାଙ୍କର ଚିନ୍ତା ସାତ୍ତ୍ୱିକ ଓ ଆଧ୍ୟାତ୍ମିକ ତଥା ସର୍ବଧର୍ମ ସମନ୍ୱୟର ମହିମାରେ ମଣ୍ଡିତ । ଏଣୁ ତାଙ୍କର କୃତି କାଳଜୟୀ । ବିଶ୍ୱକବି ଭୀମ ଭୋଇ ନିଜ ସମୟର ବହୁ ପୂର୍ବରୁ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଚିନ୍ତା ଓ ଚେତନା ସବୁ ଯୁଗରେ ପ୍ରାସଙ୍ଗିକ । ଓଡ଼ିଆ ଭାଷାରେ ସେ ପ୍ରଥମ ବିପ୍ଳବୀ ସାରସ୍ୱତ ସ୍ରଷ୍ଟା ତାଙ୍କ ପୂର୍ବରୁ କିଛି ପ୍ରତିବାଦୀ କାବ୍ୟ ସ୍ରଷ୍ଟା ଜନ୍ମ ହୋଇଥିଲେ ବି ସାମାଜିକ ଓ ସାରସ୍ୱତ କ୍ରାନ୍ତି ପାଇଁ ଲେଖନୀ ଚାଳନା କରି ସେ ଆମ ଭାଷା ସାହିତ୍ୟରେ ଆଧୁନିକ ଯୁଗ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ । କ୍ରାନ୍ତିକାରୀ ସାରସ୍ୱତ ସାଧକ, ସନ୍ଥ ଭୀମଭୋଇ ଦଳିତ, ନିଷ୍ପେସିତ ଓ ସାଧାରଣ ମଣିଷଙ୍କ ପାଇଁ ଚିର ଦିନ ଅମର ହୋଇରହିଛନ୍ତି ଏବଂ ରହିଥିବେ ।

ଭୀମଭୋଇ ମଣ୍ଡପ,
ବୁଢାରଜା, ସମ୍ବଲପୁର

❖ ❖ ❖

# କବି ସଚ୍ଚି ରାଉତରାୟଙ୍କ ଉଦ୍ଦୀପ୍ତ କାବ୍ୟ-ଚେତନା

**ଡକ୍ଟର ନୃସିଂହ ଷଡଙ୍ଗୀ**



ପରିଣତ ବୟସରେ ସ୍ୱରରେ ଶିଥିଳତା, ଶବ୍ଦରେ କୋମଳତା ଆସିବା ବ୍ୟକ୍ତିଚେତନାର ଏକ ନମନୀୟ ଲକ୍ଷଣ ହୋଇପାରେ, ମାତ୍ର କବି ଚେତନାରେ ଏ ଲକ୍ଷଣକୁ ବିଚାର କରାଯାଏ ଏକ କାବ୍ୟିକ ବିଲକ୍ଷଣ ରୂପେ । କାରଣ କାବ୍ୟାବେଶ ପାଇଁ କବିର ରକ୍ତରେ ନିଆଁ ଲାଗିବା- ଏକ ସ୍ୱାଭାବିକ ବ୍ୟାପାର । ଉତ୍ତରଣ ଶୀଳତା ନାଁରେ ରୋମାଣ୍ଟିକ୍ ଅବବୋଧକୁ ଏକ ପରିବର୍ତ୍ତିତ ଈଶ୍ୱର ଚେତନା ଦେଇ ଭେଟୁଥିବା ସମସ୍ତ ଆଲୋଚକ ଓ ପାଠକମାନେ କବିର ସେଇ ଚିର ତରୁଣ କାବ୍ୟାବେଗକୁ ବିସ୍ମୃତ ହେବାବେଳେ- ଏହାକୁ ତୀର୍ଯ୍ୟକ୍ ଦୃଷ୍ଟିରେ ଦେଖିଲେ ଏହା କବିର ଉତ୍ତରଣ ପର୍ବ ନୁହେଁ, ବରଂ ତା'ର ନିବିଡ ଆଶ୍ଳେଷମୟ ଅତୀତକୁ ଏକ ପାପାଚାର ଓ ନିଷିଦ୍ଧ ବ୍ୟାପାର ବୋଲି ଗ୍ରହଣ କରାଯାଉଥିବା ଏକ ପରୋକ୍ଷ ସ୍ୱୀକାରୋକ୍ତିଟିଏ ମାତ୍ର । କାରଣ କୌଣସି କବି ଜୀବନରେ ନାରୀ କିମ୍ବା ପ୍ରେମ, ଆଲିଂଗନ କିମ୍ବା ସମ୍ଭୋଗକୁ ସନ୍ଧିସ୍ତରରେ ଗ୍ରହଣ କରାନଯାଇ ବରଂ ସ୍ୱର୍ଦ୍ଧା ଓ ଚିରନ୍ତନ ପ୍ରେମାସ୍ପଦ ପ୍ରସଙ୍ଗ ରୂପେ ଗ୍ରହଣ କରାଯିବା ଅଧିକ ସ୍ପୃହଣୀୟ । ଏହା ଏଇଥିପାଇଁ ଯେ ଉପରୋକ୍ତ ଉପଜୀବ୍ୟ ସମୂହ ଏକ ଗଭୀର ସନ୍ତୁଳନଯୁକ୍ତ ହୋଇ ସାଧାରଣ ମଣିଷଟିକୁ କବିଟିଏ ରୂପେ ଗଢିଥାନ୍ତି । ତେଣୁ କାବ୍ୟ ଜୀବନରେ ସମସ୍ତ କବି ନାରୀ ଓ ତଜ୍ଜନିତ ସମସ୍ତ ଶୃଙ୍ଗାରୀଚେତ୍ ପ୍ରସଙ୍ଗଠାରୁ ଉର୍ଦ୍ଧ୍ୱକୁ ଉନ୍ନୀତ ହୋଇପାରିନଥାନ୍ତି ।

କବିର ଓ କବିତାର ଆରମ୍ଭ ନାରୀଠାରୁ । ନାରୀର ସମସ୍ତ କୋମଳ ବିଭାବନା କବିତାର କାୟା-ନିର୍ମାଣର ଏକ ଏକ ମୁଳାୟମ୍ ହେତୁ । ଏପରିକି ଅନେକ ବିପ୍ଳବର କଠୋର କାବ୍ୟ ସ୍ୱରରେ ବେଳେବେଳେ ଏହି ନାରୀ ପ୍ରସଙ୍ଗ ଜନିତ ମାଦକତା ଓ ମୋହବିଷ୍ଟତା ଏକ କୋମଳ ସମ୍ମୋହନକୁ ଉତ୍ତୀର୍ଣ୍ଣ ହୋଇଥିବାର ଲକ୍ଷିତ ହୁଏ ।

ଆଧୁନିକ ଓଡ଼ିଆ କବିତାର ନବ-ଜାତକ ତିଆରି କରିଥିବା ମହାକବି ସଚ୍ଚି ରାଉତରାୟଙ୍କ କାବ୍ୟ-ମାନସରେ ଏହି ଭାବାବେଗର ଏକ ଚମତ୍କାର ଓ ବିସ୍ତୃତ ବିସ୍ଫୋରଣ ଘଟିଥିଲା ତାଙ୍କ କବି ଜୀବନର ଆରମ୍ଭରୁ ଉପସଂହାର ଯାଏ... ଏକ ଚିରକାଳର ଆୟୁଷ ନେଇ । ତାଙ୍କ କାବ୍ୟାବେଗରେ ଏକ ଉଦ୍ଦୀପ୍ତ, ଶିହରିତ ଚେତନା ହେଉଛି ନାରୀ ଚେତନା । ତାଙ୍କର ଏକ ଉଦ୍ଦୀପ୍ତ କାବ୍ୟାବେଗରେ ଉତ୍ତୀର୍ଣ୍ଣ ନାରୀର ସ୍ୱରୂପ ବିଭିନ୍ନ ଦିଗରୁ କେବଳ ଶିହରଣଯୁକ୍ତ ବା ଅଭିସାର ପ୍ରକ୍ରିୟା ପାଇଁ ପ୍ରସ୍ତୁତ ଶେଷ ସତ୍ୟ ନୁହେଁ, ବରଂ ସେଥିରେ ନିହିତ ନାରୀର ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ ତଥା ସର୍ବୋପରି ତାର ମର୍ଯ୍ୟାଦାବୋଧର ରୂପାୟନହିଁ ବିଶେଷ ଆକର୍ଷଣୀୟ ।

'କବି ଓ ନାରୀ'- ଲକ୍ଷ୍ୟ କଲେ ପ୍ରତୀତ ହୁଏ, ଏହା ଏକ ଭାବଗତ ସଂଯୋଗ । କବି ଶ୍ରୀ ରାଉତରାୟଙ୍କ କବିତାରେ ଏ ସଂଯୋଗର ଏକ ସ୍ୱତନ୍ତ୍ର ସ୍ୱାଦ ଓ ଏକ ଭିନ୍ନ ବେପଥୁ ଅଛି । ୯।୮।୯୯ ତାରିଖର ଦୈନିକ 'ସମାଜ'ରେ ମୁଁ ସଚ୍ଚି

ରାଉତରାୟ...ନୁହେଁ ଟାଗୋର ବା ଶେଲୀ' ଶୀର୍ଷକରେ ଉପସ୍ଥାପିତ କବିଙ୍କ ସାକ୍ଷାତ୍କାରରେ ପ୍ରଶ୍ନଟିଏ ମୋର ତାଙ୍କୁ ଥିଲା ଯେ, ଆପଣଙ୍କ ନାରୀର ରକ୍ତରେ କଞ୍ଚା ଦ୍ରାବିଡର ରକ୍ଷଣଶୀଳ ଶ୍ରୀ ଓ ମୁହଁରେ ତା'ର ଶ୍ୟାମଳ ବଙ୍ଗଳାର ଅରୁଣିମା'– ଏହାଠାରୁ ଅଧିକ କିଛି ଭାବେ ନାରୀ କି ଦେଖି ହୁଅନ୍ତାକି ସମୟର କାନ୍‌ଭାସ୍‌ରେ ? ଏ ପ୍ରସଙ୍ଗରେ କବିଙ୍କର ଉତ୍ତର ଥିଲା– 'ନାରୀର ପ୍ରଭାବ କବି ଉପରେ ଅବ୍ୟାହତ । ତାହା ପୁରୁଷ ବିରୋଧୀ ସତ୍ତାର ଏକ ଭାବମୂର୍ତ୍ତି ସୃଷ୍ଟି କରେ । ଏଣୁ ନାରୀର ସ୍ଥାନ କାବ୍ୟ– କବିତାରେ ସବୁଦିନେ ସୃଷ୍ଟିରୁ ସ୍ପଷ୍ଟତର ହୋଇଉଠିଛି ।

ମୋ କବିତାରେ ବହୁ ନାରୀ ଓ ବାନ୍ଧବୀଙ୍କ ପ୍ରବଳ ପ୍ରଭାବ ରହିଛି । ଏହା ମୁଁ ଅକପଟ ଭାବେ କେତେକ କବିତାରେ ସ୍ୱୀକାର ମଧ୍ୟ କରିଛି । 'ପାଣ୍ଡୁଲିପି'ର 'ଉତ୍ତରତିରିଶ' କବିତା ତଳେ 'ନୀତା'ର ନାମ ଏବଂ 'ସ୍ମରଣୀୟାସ୍ତୁ ।' କବିତା ତଳେ ମୁଁ ଇଭାମେନନ୍‌ଙ୍କ ନାମ ସ୍ପଷ୍ଟ ଆକାରରେ ସୂଚାଇଛି । ଏ ବିଷୟରେ କୌଣସି ଲୁଚାଛପା ରଖିବାକୁ ମୁଁ ଭଲ ପାଏନା । କାରଣ ଜଣେ ଗୁରୁ ବନିବା ମୋର ଲକ୍ଷ୍ୟ ନୁହେଁ, କବି ବନିବା ହିଁ ମୋ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ । ମୋ କବିତାରେ ନାରୀ ନାନାଭାବେ ପ୍ରବେଶ କରିଛି । ବିଭିନ୍ନ ପରିବେଶ ଓ ପୃଷ୍ଠଭୂମିରେ ତା'ର ସ୍ୱରୂପ ମଧ୍ୟ ଟିକିଏ ଟିକିଏ ବଦଳିଛି । ଯଥା– ପ୍ରତିମା ନାୟକ, 'ଅଦିନ ବର୍ଷା'ର ବିନୋଦିନୀ ଷଡଙ୍ଗୀ, ଅଳକା ସନ୍ୟାଲ ପ୍ରଭୃତି କବିତା ଉଲ୍ଲେଖଯୋଗ୍ୟ ।'

ନାରୀ ବ୍ୟାପାରରେ ଏଇ ସ୍ୱୀକାରୋକ୍ତିରୁ ମନେହୁଏ କବି ଶ୍ରୀ ରାଉତରାୟ ଏ କ୍ଷେତ୍ରରେ ବେଶ୍ ଜଣେ ସଂଭ୍ରାନ୍ତ–ସ୍ପଷ୍ଟବାଦୀ । ତାଙ୍କ କବିତାରେ ଏଇ ସେନ୍‌ସିଟିଭ ପ୍ରସଙ୍ଗଟି ବାସ୍ତବରେ ଅଧିକ ଆକର୍ଷଣୀୟ ଓ ପାଠକୀୟ ଆଗ୍ରହକୁ ଉଷ୍ମ– ଉତ୍ତେଜିତ କରୁଥିବା ଏକ ସ୍ୱାୟବିକ ବ୍ୟାପାର ହୋଇପଡିଛି । ନାରୀର ଦେହ ତାଙ୍କ କବିତାରେ ତାଙ୍କ ପାଇଁ ଯେତିକି ସମର୍ପିତ ପ୍ରଗତିଶୀଳ ଦୃଷ୍ଟିମୟତାରେ ମଧ୍ୟ ସେତିକି ସ୍ନାତ । ସେ ତାଙ୍କର ପ୍ରେମଠାରେ ସମୁଦାୟ ଜୀବନ ସୂତ୍ରେ ବନ୍ଦୀ ନୁହନ୍ତି । ସେ ମୁକ୍ତ ଅଥଚ ଅବିଭାଜ୍ୟ କାମନାଯୁକ୍ତ ଜଣେ ସୁଶୋଭନ–ସୁରସିକ ପୁରୁଷ କବି । କବିତାରେ ତାଙ୍କର ଏ ପୌରୁଷ ପ୍ରବଣତା ବେଶ୍ ବୀର୍ଯ୍ୟଶୀଳ । ଏ କ୍ଷେତ୍ରରେ ସେ ନିରହଂକାରୀ, ପୁଣି ପ୍ରମତ୍ତ ମଧ୍ୟ । ସେ ପ୍ରେମକୁ ବି ଅତିକ୍ରମ କରିଛନ୍ତି, ଦେହକୁ ବି । ଉଷ୍ଣତା ଭିତରେ ସଂଯମତାର ଏହା ଏକ ନିରୁତା ଉଦାହରଣ, ଏକ– ବୈଶିଷ୍ଟ୍ୟମୟ ସମ୍ପଦ । ସେ କବି ମାନସିଂହ ବା ଅନ୍ୟ କତିପୟ କବିଙ୍କ ପରି ନାରୀର ଅବଗୁଣ୍ଠନ ପାଖରେ ଚିର ନତଜାନୁ ହୋଇରହିଯାଇ ନାହାନ୍ତି । ଉତ୍ତୀର୍ଣ୍ଣ ଶ୍ରାବଣ ପରି ସେ ଅତିକ୍ରାନ୍ତ କରିଛନ୍ତି ନାରୀର ସବଳିତ–ସୁରସିତ ତନୁଶ୍ରୀ ଓ ପିପାସାକୁ । ନାରୀର ଆବଶ୍ୟକତା ପ୍ରତି ସେ ଯେତିକି ସଚେତନ ତା'ର ମର୍ଯ୍ୟାଦାବୋଧ ପ୍ରତି ତାଙ୍କର ପୁରୁଷାର୍ଥ କବି ପ୍ରାଣ ସେତିକି ଗମ୍ଭୀର । ନାରୀ ସଦା ନାରୀ– ସେ ଅନ୍ୟକିଛି ନୁହେଁ । ନାରୀର ସମସ୍ତ ସମ୍ଭାବନା ଓ ସମସ୍ତ ସଂଜ୍ଞାର ଉର୍ଦ୍ଧ୍ୱକୁ ସେ ଉଠିପାରିବା ଭଳି କୌଣସି ବିଶେଷଣ ଦେଇ ନାରୀକୁ ଦେଖିପାରି ନାହାନ୍ତି । ତା'ର ବ୍ୟକ୍ତିକ ପ୍ରେମ ଓ ଭଲପାଇବା ଆଗରେ ରାଷ୍ଟ୍ରିୟ, ପାରିବାରିକ– ସମୂହସ୍ୱାର୍ଥ ମଧ୍ୟ ତୁଚ୍ଛ ହୋଇପାରେ । ପ୍ରେମରେ ସେ ପୁରୁଷ ଅପେକ୍ଷା ଅଧିକ ସମର୍ଥା, ସହନଶୀଳା ଓ ସମର୍ପିତା । 'ଅସମାପିକା'ରେ ନନ୍ଦିକା କେଶରୀ ଏହିପରି ଏକ ରୋମାଣ୍ଟିକ ଆବେଶଯୁକ୍ତ ପୁଷ୍ପିତ ସତ୍ତା । ତା'ର ଭଲପାଇବା ସବଳିତ, ବିଶ୍ୱସ୍ତ । ଅନନ୍ତ ପୀଡନ ମଧ୍ୟରେ ବି ନାରୀ– ସତ୍ତା ଦୀପ୍ତିମୟ । ଏଇ ପୀଡା ତା'ର କ୍ଷୁଧା ହୋଇପାରେ, ହୋଇପାରେ ମଧ୍ୟ ଅନ୍ୟ ଅର୍ଥରେ ଏକ ଅର୍ଥମୟ ଭଲପାଇବା । ସେଥିପାଇଁ ନାରୀ ତାଙ୍କ ଦୃଷ୍ଟିରେ 'ଅନନ୍ତ ଜିଜ୍ଞାସା ମଧ୍ୟେ ଗୋଟିଏ ଧ୍ରୁପଦୀ ।'

ତାଙ୍କ କବିତାରେ ନାରୀ କବିଙ୍କ ପୁରୁଷୋଦ୍ଦୀପ୍ତ, ସ୍ପର୍ଦ୍ଧାମୟ ସତ୍ତାତଳେ ଚାପିହୋଇ ପଡିଥିବା ପାଷାଣୀ ଅହଲ୍ୟା ନୁହେଁ, ସେ ଏକ ଏକ ସ୍ୱତନ୍ତ୍ର ସତ୍ତା ଓ ସ୍ୱାଧୀନ ଆତ୍ମାର ଅଧୀଶ୍ୱରୀ । ସେ ଏକ ବୃହତ୍ତର ଅବବୋଧଟିଏ ପରି ତାଙ୍କ କବିତାରେ ଉପଲବ୍ଧ । ସେ ପଲ୍ଲୀର ବିଜନ ମାୟାରେ ତଲ୍ଲୀନ ଗ୍ରାମ୍ୟ– କିଶୋରୀ, ନିଷ୍ପାପ ଚେତନା–ବଳାୟିତ ଓ ଅଭିଜ୍ଞତାରେ ସ୍ନାତ ଅପୂର୍ବ ମମତାମୟୀ, ପୁଣି ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧରେ ବିବର୍ତ୍ତିତ ସେ ଜଣେ ଦ୍ୱିତୀୟ ଈଶ୍ୱରୀ । ଏତେବେଳେ ତା'ର ରୋମାଣ୍ଟିକ୍ ଆଚରଣ ଯେତିକି ସଂଗତ, ସେଇ ସଂଗତି ମଧ୍ୟରେ ତାର ପରିବର୍ତ୍ତିତ ସ୍ୱଭାବଗତ ପ୍ରତିକ୍ରିୟା ସେତିକି ଯଥାର୍ଥ ଓ ଏହା କବିଙ୍କ 'ଲୋହିତ' ପର୍ଯ୍ୟାୟ ମାନସିକତା ନିକଟରେ ଅଧିକ ସମର୍ପିତା ଅର୍ଥାତ୍ 'ପାଣ୍ଡୁଲିପି'ର 'ଲୋହିତ' ପର୍ଯ୍ୟାୟରେ ଆସୁଥିବା ସମସ୍ତ ନାରୀସତ୍ତା ଏଇ ପ୍ରକ୍ରିୟାଯୁକ୍ତ ।

'ପାଣ୍ଡୁଲିପି'ର 'ଧୂସର' ପର୍ଯ୍ୟାୟର କବିତା ଯେତିକି ରୋମାଣ୍ଟିକ–ବିଷାଦ ସ୍ନାତ, 'ଲୋହିତ' ପର୍ଯ୍ୟାୟ କବିତା ସେତିକି ବୈପ୍ଲବିକ ଆବର୍ତ୍ତିତ ମାନସିକତାରେ ସନ୍ତୁଳିତ । ଅର୍ଥାତ୍ ଏହି ପର୍ଯ୍ୟାୟରେ ଉଦ୍‌ଭାସିତ ନାରୀବୃନ୍ଦ ଏକ ଏକ ଦ୍ୱୈତସତ୍ତାରେ ଉପଲବ୍ଧ ହେଉଥିଲେ ହେଁ, ଏହା ତତ୍କାଳୀନ ଦ୍ରୁତ ସମୟଗତ ବିବର୍ତ୍ତନର ସ୍ୱରୂପକୁ ହିଁ ସୂଚାଇଛି । ଅଧିକ ସ୍ୱାଧୀନତା ଓ ଅଧିକ

ସଭ୍ୟତାର ରୁଗ୍‌ଣ–ବିଗଳିତ ବ୍ୟବସ୍ଥାରେ ନାରୀ ବହୁବାର ପୁରୁଷ ମହୁମାଛି ଦ୍ୱାରା ଦଂଶିତ ଓ ଏଥିପାଇଁ ସେ ନିଜେ ଅନେକତଃ ଦାୟୀ । ନାରୀର ଏଇ ପର୍ଯ୍ୟାୟର ସ୍ୱରୂପ ହେଉଛି 'ସେ ଏକ ବିବସ୍ତ୍ରା ନଦୀ ଖୋଜିବୁଲେ, କ୍ଷଣେ କ୍ଷଣେ ନୂତନ ପରିଧି ।'

ଅଳକା ସନ୍ୟାଲ, ପ୍ରତିମା ନାୟକ, ମିସ୍ ଚୌଧୁରୀ ବା ସୁନନ୍ଦା ମହାନ୍ତି ଏ ସମସ୍ତ ନାରୀ ଚରିତ୍ର ସ୍ୱକୀୟ ଏକ ସ୍ୱତନ୍ତ୍ର ସତ୍ତା ପ୍ରସ୍ତୁତି ଓ ସୁରକ୍ଷା ନିମିତ୍ତ ପରତାନ୍ତ୍ରିକ ସମାଜର କୌଣସି ନା କୌଣସି ସମ୍ମୋହନ ଆଗରେ ନିଜକୁ ସମର୍ପି ଦେବାକୁ ବାଧ୍ୟ ହୋଇଛନ୍ତି ବା ଅଙ୍ଗୀକାର ଦେଇଛନ୍ତି । ପୁଣି ଅନେକତଃ ନାରୀ ହୋଇଛି ଭୋଗବାଦୀ ତଥା ବସ୍ତୁବାଦୀ ସମାଜର ଏକ ବିକଳ୍ପହୀନ ଆହ୍ଲାଦ । ପ୍ରଚଳିତ ସମାଜ ବ୍ୟବସ୍ଥାର ଏଇ ବିଗଳିତ, ବିକୃତ ରୂପସହ ନାରୀ ଦେହ ଗନ୍ଧରେ ପ୍ରମତ୍ତ ବ୍ୟକ୍ତିସତ୍ତା ଏଠି ଯେତିକି ଊର୍ଜସ୍ୱଳ, ସେତିକି କ୍ଲୀବ ତଥା ନିରୁପାୟ ମଧ୍ୟ । ଯେପରି–

'ଭାସିଆସେ ନାରୀ ଦେହ ଗନ୍ଧ
ଭିତରର ବ୍ୟାଘ୍ର ମୋର
ଜିଭ ଚାଟେ, ଭୁଲି ବାଧା ବନ୍ଧ ।'

ସଚ୍ଚି ରାଉତରାୟଙ୍କ କବିତାରେ ନାରୀର ଦେହ ଏକାନ୍ତ ବାଙ୍ଗମୟ । ତାଙ୍କ ନାରୀ ଅତନୁ ନୁହେଁ ସେ ତନୁଶ୍ରୀ । ଅତ୍ୟନ୍ତ ଦୈହିକ ପ୍ରତିବେଦନର ସେ ଅଧିକାରିଣୀ । ସେ ରୂପସୀ, ଅନୁପମା, ଅଥଚ ଏସବୁ ଘଞ୍ଚ ଆତ୍ମିକ, ରୋମାଞ୍ଚିତ ଅବବୋଧ ସତ୍ତ୍ୱେ କବି ପୁରୁଷର ମର୍ଯ୍ୟାଦା ଲଂଘନ କରି କ୍ଲୀବତ୍ୱ ଦେଖାଇ ନାହାନ୍ତି, ବରଂ ଏକ କୋମଳ, ପ୍ରଲମ୍ବିତ ସମ୍ମୋହନ ସତ୍ତ୍ୱେ ସେ ସଚେତନ ତାଙ୍କ ପ୍ରେମ ପ୍ରତି ଓ ଆତ୍ମିକ 'ସ୍ଥିତି' ପ୍ରତି । ତେଣୁ ଯେକୌଣସି ପ୍ରିୟା–ପରମାଙ୍କ ବର୍ତ୍ତମାନ ଓ ଅବର୍ତ୍ତମାନରେ ସେ ଆହ୍ଲାଦିତ ନୁହନ୍ତି କି ମୁହ୍ୟମାନ ମଧ୍ୟ ନୁହନ୍ତି । ସେ ଦେହର ନଈରେ ଭାସିଯାଉଥିବା, ହଜିଯାଉଥିବା କାରୁଣ୍ୟର ବେଦନା–ବୋଝ ନୁହନ୍ତି । ସେ ସତର୍କ ସଚେତନ ପ୍ରବୀଣ, ଅଥଚ ଚମତ୍କାର ସ୍ୱର୍ଦ୍ଧା ସ୍ନାତ ଏକ କାବ୍ୟ–ସତ୍ତା । ଜୀବନର ଅନ୍ତିମ କ୍ଷଣରେ ତେଣୁ ତାଙ୍କର ବିରହର ବାଣୀ ନାହିଁ, ବୈରାଗ୍ୟର ପ୍ରଜ୍ଞା ହିଁ ସମୁଜ୍ଜ୍ୱଳ ହୋଇଛି–

'ମୋହରି ଏ ପ୍ରେମଠାରୁ
ମୁହିଁ ବଡ/ଅଛି ଏହା ଜାଣି
ତେଣୁ ତ ବିଦାୟ ବେଳେ
ନାହିଁ କଣ୍ଠେ ବିରହର ବାଣୀ ।'

ଏହି ଦୃଷ୍ଟିରୁ ଦେଖିଲେ ପ୍ରାପ୍ତି– ଅପ୍ରାପ୍ତିର ଦୋରସ୍ତ ସତ୍ତା ମଧ୍ୟରେ କୌଣସି ଅବଶୋଷ, ବ୍ୟଗ୍ରତା, ବ୍ୟର୍ଥତା ଓ ବିବସତାରେ କବଳିତ ନଥିବା ସଚ୍ଚିବାବୁଙ୍କ ଭଳି ମହାନ୍ କାବ୍ୟସତ୍ତା ଜୀବନର ବିଦାୟ ବେଳାରେ ଶାନ୍ତ–ସମାହିତ କରିଛନ୍ତି ନିଜକୁ, ନିଜର ପ୍ରତିଟି ବାଣୀ–ବକ୍ତବ୍ୟକୁ । ନାରୀ ରକ୍ତରେ ଯେଉଁ କବି ଲକ୍ଷ୍ୟ କରିଥିଲେ କଞ୍ଚା ଦ୍ରାବିଡର ରକ୍ଷଣଶୀଳ ଶ୍ରୀକୁ ନାରୀ ମୁହଁରେ ଯିଏ ଦେଖିଥିଲେ 'ଶ୍ୟାମଳ ବଙ୍ଗଳାର ଅରୁଣିମା'କୁ ସେଇ କବି ଏତେ ଦୈହିକ ପ୍ରଲୋଭନ ସତ୍ତ୍ୱେ ବାସ୍ତବରେ କେତେ ବିରାଗ–ପ୍ରବଣ ଥିଲେ ଏଥିପ୍ରତି ତାହା 'ତାଙ୍କ ପ୍ରେମଠାରୁ ସେ ବଡ'– ବୋଲି ପ୍ରତୀତ ମଧ୍ୟରୁ ହିଁ ଅନୁଭବ କରିବାକୁ ପଡେ । ଏହା କେବଳ ସମ୍ଭବ ଜଣେ ସତ୍‌କବି ପକ୍ଷେ, ଜଣେ ଅବଚଳିତ ମାନବାତ୍ମାଙ୍କ ପକ୍ଷେ, ଜଣେ ମହାକବି ଓ ମହାଦାର୍ଶନିକଙ୍କ ପକ୍ଷେ । କବି ସଚ୍ଚି ରାଉତରାୟ– ଏହି ପର୍ଯ୍ୟାୟର ଜଣେ ମଣିଷ କେବଳ ନଥିଲେ, ସେ ଥିଲେ ଏହିରୂପେ ପ୍ରତୀତି ଆଣୁଥିବା ସମସ୍ତ ମଣିଷଙ୍କ ମଧ୍ୟରେ ଏକ କ୍ରାନ୍ତି ରୂପ ।

ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଷ୍ଟିୱାର୍ଟ ସାଇନ୍ସ କଲେଜ, କଟକ

❖ ❖ ❖

# କ୍ରାନ୍ତିଦୂତ ମହାକବି ରାଉତରାୟ ଓ ତାଙ୍କର ଅନନ୍ୟ କାବ୍ୟକଳା

ଡକ୍ଟର ଇନ୍ଦୁ ମିଶ୍ର

ଉଭୟ ପ୍ରଗତିବାଦୀ ଓ ପ୍ରୟୋଗବାଦୀ କବିତା କ୍ଷେତ୍ରରେ ସମାଜ ସଚେତନ ଜୀବନନିଷ୍ଠା ପ୍ରକଟନ କ୍ଷେତ୍ରରେ କବି ସଚ୍ଚିଦାନନ୍ଦ ରାଉତରାୟ ଜଣେ ପ୍ରମୁଖ ଶିଳ୍ପୀ । ଜୀବନ ଓ ସମାଜର ବାସ୍ତବବାଦୀ ସ୍ୱରକୁ କବି ରାଉତରାୟ ଅତି ନିଷ୍ଠାର ସହ ପ୍ରକାଶ କରିଛନ୍ତି । ସମାଜର ବୈପ୍ଳବିକ ସ୍ୱରର ରୂପାୟନ କ୍ଷେତ୍ରରେ ସେ ଜଣେ ଅଗ୍ରଣୀ ଶିଳ୍ପୀ । ରାଉତରାୟ କହନ୍ତି– ବାସ୍ତବତାଠାରୁ ମୁହଁ ଫେରାଇବା ଜଣେ ଜୀବନନିଷ୍ଠ ଶିଳ୍ପୀ ପକ୍ଷରେ କେବେ ସମ୍ଭବ ନୁହେଁ । ମରୁଭୂମିର ବାଲିଝଡରୁ ରକ୍ଷା ପାଇବା ପାଇଁ ଅଷ୍ଟ୍ରିଚ୍ ପକ୍ଷୀଟିଏ ଯେତେ ବାଲିରେ ମୁହଁ ଲୁଚାଇଲେ ମଧ୍ୟ ସେ ଯେପରି ଝଡ କବଳରୁ ରକ୍ଷା ପାଇ ପାରେନା, ବାସ୍ତବତାଠାରୁ ମୁହଁ ଫେରାଇଲେ ମଧ୍ୟ ମଣିଷ ତହିଁରୁ ରକ୍ଷା ପାଇପାରେନା ।

ବାସ୍ତବ ଜୀବନ–ସତ୍ୟ ଜ୍ୱଳନ୍ତ ଅଗ୍ନିଶିଖା ସଦୃଶ ଲେଲିହାନ ହେଲେ ମଧ୍ୟ ଏହାକୁ ଅଭିବ୍ୟକ୍ତ କରିବା ପାଇଁ କବି ଚେତନା ଶ୍ରଦ୍ଧାର ସହ ଅଙ୍ଗୀକାରବଦ୍ଧ ହୋଇଥାଏ ।

'ଆଧୁନିକ' ପତ୍ରିକା ଓ ନବଯୁଗ ସାହିତ୍ୟ ସଂସଦ ପ୍ରଭୃତି ୧୯୩୫–୩୬ ସାଲ ବେଳକୁ ସୃଷ୍ଟି ହୁଏ । ତହିଁର ବହୁ ପୂର୍ବରୁ ଅର୍ଥାତ୍ ପ୍ରାୟ ୫/୬ ବର୍ଷ ପୂର୍ବରୁ 'ନବୀନ' ଓ 'ଶିଶିର'ରେ ପ୍ରକାଶିତ ତାଙ୍କର ବହୁ କବିତା । ୧୯୩୦–୩୪ରେ ଏବଂ 'ପାଥେୟ' ନାମକ ପୁସ୍ତକରେ (୧୯୩୧ ସାଲ) ସଚ୍ଚିବାବୁଙ୍କ କାବ୍ୟ କବିତାରେ ପ୍ରଗତିବାଦୀ ଚେତନାର ଆଭାସ ମିଳିଥାଏ ।

ଆଦ୍ୟ ସୃଷ୍ଟି 'ପାଥେୟ' ଏକ ରହସ୍ୟବାଦୀ ଆଧିଭୌତିକ କାବ୍ୟ ହେଲେ ମଧ୍ୟ ତହିଁରେ ସାମାଜିକ ଭାବଧାରା, ଶୋଷିତ–ଶୋଷକ ଶ୍ରେଣୀ ବୈଷମ୍ୟର ସ୍ୱର ପ୍ରକଟିତ–

'ଏ ଜୀବନ ଯୁଦ୍ଧେ କିମ୍ବା ପ୍ରବଳର ଜୟ
ଅଶ୍ରୁମାନେ ହାସ ତୁଲେ ସଦା ପରାଜୟ
ଜଣକର ହାହାକାରେ ହସେ ଆଉ ଜଣେ
ଉଠେ କିମ୍ବା ଅନ୍ୟ ଜଣେ ଜଣକ ପତନେ !'

ଅଥବା

'ଦାରିଦ୍ର୍ୟର ଅଭିଶାପେ ଧରଣୀ ମଳିନ
ଦୁର୍ବଳର ଅଶ୍ରୁଧାରେ ସୃଷ୍ଟି ହେବ ଲୀନ
ପ୍ରବଳର ଅତ୍ୟାଚାରେ ଉତ୍ପୀଡନ ହସ
ଦୀନର ଲୋତକ ଲାଗି ହେବ ଦିନେ ଧ୍ୱଂସ ।'

(ପାଥେୟ– ସ.ରା.ଗ୍ର., ପୃ–୭୩୧)

'ପାଥେୟ'ର ଏଇ ଆଭିମୁଖ୍ୟ 'ଅଭିଯାନ'ରେ ଅଧିକ ସ୍ପଷ୍ଟ ଓ ଶାଣିତ ହୋଇଛି । 'ଅଭିଯାନ'ର ମୁଖବନ୍ଧରେ ରାଉତରାୟ ଉଲ୍ଲେଖ କରିଛନ୍ତି–

'ଏ ଯୁଗ ସର୍ବହରାର ଯୁଗ । ସମସ୍ତ ସାମ୍ରାଜ୍ୟବାଦ ବିରୋଧୀ ଓ ପ୍ରତିକ୍ରିୟା ପରିପନ୍ଥୀ ଶକ୍ତିମାନଙ୍କୁ ଏକଜୁଟ କରି ଶ୍ରେଣୀହୀନ ସମାଜ ଗଠନ ଦିଗରେ ନିୟୋଜିତ କରିବା ହିଁ ଏ ଯୁଗର ବିଶେଷ ଐତିହାସିକ ଦାୟିତ୍ୱ । ସାହିତ୍ୟ ଯଦି ଏ ବିଶେଷ ଦାୟିତ୍ୱର ବାର୍ତ୍ତାବହ ହୋଇ ନପାରିଲା, ତେବେ ତାହା ଚିରଦିନ ମେରୁଦଣ୍ଡହୀନ ଏବଂ Escapist ହୋଇ ପଡିରହିବ ସିନା ସାହିତ୍ୟକୁ ଏହି Escapist tendency ହାତରୁ ଉଦ୍ଧାର କରି ବିପ୍ଳବାତ୍ମକ ବିଚାରଧାରାର ବାହନ କରିବା ଦିଗରେ 'ଅଭିଯାନ' ଯଦି କିୟତ୍ ପରିମାଣରେ ଅଗ୍ରସର ହୋଇଥାଏ, ତେବେ ଲେଖକ ନିଜକୁ କୃତାର୍ଥ ମଣିବ ।' (ଅଭିଯାନ–ମୁଖବନ୍ଧ)

ଶ୍ରୀମତୀ ସରଳା ଦେବୀ, ରାଉତରାୟଙ୍କ ସାହିତ୍ୟର ଏ ଆଭିମୁଖ୍ୟ ସମ୍ପର୍କରେ ମନ୍ତବ୍ୟ ଦେଇ କୁହନ୍ତି–

'ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ରାଉତରାୟଙ୍କ ଅସଂଖ୍ୟ କବିତା ଏଇ ଦିଗରୁ ସାହିତ୍ୟର ଗନ୍ତାଘରେ ଚିରନ୍ତନ ରତ୍ନରୂପେ ବିରାଜମାନ କରିବ । ତାଙ୍କର ପ୍ରତ୍ୟେକ କବିତା ପଛଆଡେ ରହିଛି ବିପ୍ଲବର ଦ୍ୟୋତନା, ଉଗ୍ର ଚେତନାର ଦୀପ୍ତ ପ୍ରବାହ, ତାରୁଣ୍ୟର ରଣ ବିଷାଣ ।'

(ଯୁଗ ସାହିତ୍ୟ– ଶ୍ରୀମତୀ ସରଳା ଦେବୀ– ଅକ୍ଟୋବର ୧୯୩୬)

'ଅଭିଯାନ'ର 'ଶ୍ରମିକ-କବି', 'ଶ୍ୱେନ', 'ହାତୁଡି', 'ସର୍ବନାଶର ପଥେ' ଆଦି କବିତା ତାଙ୍କର ସମାଜ ସଚେତନତାର ପ୍ରକୃଷ୍ଟ ପରିଚୟ । ଶ୍ରମିକ-କବିରେ ସେ ଉଲ୍ଲେଖ କରିଛନ୍ତି–

'କହଇ ଶ୍ରମିକ କବି,
ଦେଖ ଭାଇ ଥରେ ଦୁଇ ଆଖି ମେଲି
ପୀଡିତ ମାନବ ଛବି ।'

(ଅଭିଯାନ-ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ.୭୩୯)

'ସର୍ବହରା'ରେ ସେ କହନ୍ତି–

'ଜୀର୍ଣ୍ଣ ବୁକୁର ସ୍ପନ୍ଦନୁ ଜାତ
ଆରେରେ ସର୍ବହରା,
ଜାଗ ଆଜି ଦଳି ଚରଣେ ସକଳ
ବଂଧନ ବାଧା ଜରା ।'

(ତତ୍ରୈବ, ସର୍ବହରା, ପୃ.୭୪୧)

ସମାଜରେ ଥିବା ଶୋଷକମାନଙ୍କୁ ବ୍ୟଙ୍ଗ କରି ସେ କହିଛନ୍ତି–

'ଶୋଷଣ ନୀତିକୁ କାଏମ ରଖିବା
ମହତ କାମନା ପୋଷି
ସ୍ୱଦେଶର ନାମେ ଧନିକ ଫୁଙ୍କେ
ଜନନୀ ଶଙ୍ଖ କଷି ।'

(ତତ୍ରୈବ, ପୃ.୭୪୪)

ନବୀନ ଯୁଗର ଋତ୍ୱିକମାନଙ୍କୁ ସେ ଆହ୍ୱାନ ଦିଅନ୍ତି–

'ନବୀନ ଯୁଗର ଋତ୍ୱିକ ଆହେ
ଆହେ କଂକାଳ ସେନା
ଦୁଃସହ ଗ୍ଲାନି
ବଂଧନ ପାଶ
ବରଣ କରି ତୁମେ ନା ।' (ତତ୍ରୈବ, ପୃ. ୭୫୧)

ଶ୍ରୀ ଅନନ୍ତ ପଟ୍ଟନାୟକଙ୍କ ସହିତ ଯୁଗ୍ମ ପ୍ରଣେତା ଭାବେ ରଚିତ 'ରକ୍ତଶିଖା' (୧୯୩୯)ରେ ଏହି ସମାଜବାଦୀ ଚେତନା ଅତ୍ୟନ୍ତ ଦୀପ୍ତ ଓ ଦୃପ୍ତ । ସେତେବେଳକୁ କବି ଓଡ଼ିଶାର ଗଡଜାତ ପ୍ରଜା ଆନ୍ଦୋଳନରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ । ରକ୍ତଶିଖାର 'ବିପ୍ଲବର ଜନ୍ମଦିନେ', 'ଆମେ ମଣିଷର ଯୁଗ ଆଣିବୁ', 'ସର୍ବହରାର ଉଡେ ନିଶାଣ', 'ବଜାରେ ପାଇକ ବଜା'– କବିତା ଚାରୋଟି ଏହି ଚେତନାର ସ୍ୱାକ୍ଷର ବହନ କରେ ।

'ମାର୍ ତୁ ଯେତେ ଗୁଳି'ରେ କବି ବିପ୍ଲବର ଝଣ୍ଡା ଉଞ୍ଚାଇ ଗାଇଛନ୍ତି–

'ମାର୍ ତୁ ଯେତେ ଗୁଳି
ମରିବୁ ପଛେ ଡରିବୁ ନାହିଁ
ଯାନା ଏହା ଭୁଲି
ରଖ୍ ତୋ ଲାଠି କାଠର ଲାଠି
ହାଡର ଆମ ଛାତି
ମରଣ ଆମ ମୈତ୍ର ଜାଣ
କଷଣ ଆମ ତାତି ।'

(ମାର୍ ତୁ ଯେତେ ଗୁଳି)

'ରକ୍ତଶିଖା'ର କବିତାଗୁଡିକରୁ ସ୍ପଷ୍ଟ ପ୍ରତୀତ ହୁଏ ୧୯୩୯ ବେଳକୁ ନବଗଠିତ କମ୍ୟୁନିଷ୍ଟ ପାର୍ଟିରେ କବି ଅନ୍ତର୍ଭୁକ୍ତ ହୋଇସାରିଥିଲେ । କାରଣ ଏ କବିତାଗୁଡିକରେ ପ୍ରଜା ଆନ୍ଦୋଳନକୁ ଆଗେଇ ନେବାର ଉଦ୍‌ବୋଧନ ସୁସ୍ପଷ୍ଟ–

'ଆଣରେ ତୋର ଲାଲ୍ ଫଉଜ
ଉଡାରେ ତୋ'ର ରକ୍ତଧ୍ୱଜା
ଶୋଷଣ ନୀତି କଙ୍କାଳରେ
ଅସ୍ତ୍ର ତୋର ପଜାରେ ପଜା
ଶକ୍ତ କରି ହାତର ମୁଠା
ଲାଲ ଝଣ୍ଡା ତୁ ଉଠାରେ ଉଠା
ଏଇ ଦେଶର ମାଲିକ ଚାଷୀ
ମୂଲିଆ କୁଲି, ଗରିବ, ପ୍ରଜା ।' (ରକ୍ତଶିଖା-ପୃ.୨)

ଏ ଦେଶରେ ଚାଷୀ, ମୂଲିଆ ଶ୍ରମିକର ରାଜୁତି ହେବ । ଶୋଷଣର ସିଂହାସନ ଟଳି ପଡିବ । ସମାଜରେ ସାମ୍ୟବାଦ ପ୍ରତିଷ୍ଠିତ ହେବ, ଧନୀ-ଦରିଦ୍ର ବ୍ୟବଧାନ ସବୁ ଲୋପ ପାଇବ– ଏହା ଥିଲା କବି ରାଉତରାୟଙ୍କ ସ୍ୱପ୍ନ । 'ବାଜି ରାଉତ' (୧୯୪୧) କାବ୍ୟ ହିଁ ଏହାର ପ୍ରକୃଷ୍ଟ ଉଦାହରଣ । ୧୯୩୮

ମସିହାରେ ଢେଙ୍କାନାଳରେ ଯେଉଁ ପ୍ରଜା ଆନ୍ଦୋଳନ ମୁଣ୍ଡ ଟେକିଥିଲା, 'ବାଜିରାଉତ' ତା'ର କଳାଗତ ଚରମ ପରିଣତି । 'ବାଜିରାଉତ' ସେଇ ଆନ୍ଦୋଳନର ଜଣେ ଅମର ଶହୀଦ । ବାଜି ରାଉତ ସହିତ ଅନ୍ୟ ଛ' ଜଣ ଶହୀଦ୍‌ଙ୍କୁ ଖାନନଗର ମଶାଣିର ଜୁଇ ଉପରେ ଏକତ୍ର ଜାଳିଦେଇ ସେଇ ସର୍ବଗ୍ରାସୀ ଅଗ୍ନିଶିଖାକୁ ଚାହିଁ ଚାହିଁ କବିଙ୍କ ମନରେ ଯେଉଁ ପ୍ରତିକ୍ରିୟା ହୋଇଥିଲା, ତା'ର ରୁଚିପୂର୍ଣ୍ଣ ଶିଳ୍ପ ସମୃଦ୍ଧ ରୂପ ହେଉଛି ବାଜିରାଉତ । ବାଜି ରାଉତର ଚିତାଗ୍ନି କିଭଳି ସାମାଜିକ ବୈଷମ୍ୟ ଓ ଭାରତୀୟ ପରାଧୀନତାର ବଳୟକୁ ଭସ୍ମୀଭୂତ କରିବାକୁ ସମର୍ଥ ତା'ର ସୂଚନା ପ୍ରାରମ୍ଭରୁ ଦେଇଛନ୍ତି କବି ରାଉତରାୟ–

'ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା ।
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି ଜାଳିପୋଡି
ଦେବାକୁ ଧସାଇ ।' (ବାଜି ରାଉତ–ସ.ରା.ଗ୍ର.)

ଏହି ସମୟକୁ କବି ସାମ୍ୟବାଦୀ ଦର୍ଶନର ମନ୍ତ୍ରରେ ଦୀକ୍ଷିତ ହୋଇସାରିଥିଲେ । ତେଣୁ ତାଙ୍କ 'ଅଭିଯାନ'ର କବିତାମାନଙ୍କରେ ଯେଉଁ ବିଦ୍ରୋହର ସ୍ୱର ପରିଲକ୍ଷିତ ହୋଇଥିଲା 'ବାଜି ରାଉତ' ତା'ର ଚରମ ପରିଣତି । ଏହି ସମୟର କାବ୍ୟ ଜିଜ୍ଞାସା 'ସବୁଜ' ରୋମାଣ୍ଟିକ୍ ପଦ୍ମଭୁକ୍ କବିତାର ଏକ ପ୍ରତିକ୍ରିୟା । ସବୁଜ କବିମାନଙ୍କୁ ଆକ୍ଷେପ କରି 'ବାଜି ରାଉତ'ରେ ସେ କହିଥିଲେ–

'ଆରେ ଆରେ ପଳାୟନପନ୍ଥୀ
ପଳାଇବୁ କାହିଁ ଆଜି
ଛିନ୍ନ କରି ଧରଣୀର ଗ୍ରନ୍ଥି
କାହିଁ ଭୀରୁ ନେବୁରେ ଆଶ୍ରୟ
ତୋ'ର ସେଇ କୁଞ୍ଜବନ
ଦେଇ କି ସେ ପାରିବ ଅଭୟ ?' (ତତ୍ରୈବ)

ମୃତ୍ତିକାର ଦାବିକୁ ଅତିକ୍ରମ କରି କଳ୍ପନାର ରାଜ୍ୟରେ ଆଶ୍ରୟ ନେବା ଏକ ଦୂରନ୍ତ ପରିକଳ୍ପନା । କବି ସାହିତ୍ୟରଥୀମାନଙ୍କୁ ତେଣୁ ବାସ୍ତବବାଦୀ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ତେଣୁ ସବୁଜ କବିମାନଙ୍କୁ ପୁନଶ୍ଚ ଆକ୍ଷେପ କରି ସେ କହିଛନ୍ତି–

'ଖାଲି ତମ ଅଭିଜାତ ମନ
ଆଜିଯାକେ ଦେଖିଅଛି
ଅସ୍ଥିହୀନ ମର୍ମର ସ୍ୱପନ
ତେଣୁ କେବେ ମଣିଷର ପାଇଁ
ଟୋପାଏ ଲୋତକ କେବେ
ଚକ୍ଷୁ ତୀରୁ ତା'ର ଝରିନାହିଁ ।'

(ବାଜି ରାଉତ–୪ର୍ଥ ସଂସ୍କରଣ, ପୃ.୩୦/୩୪)

୧୯୩୯ରୁ ୪୭ ମଧ୍ୟରେ 'ପାଣ୍ଡୁଲିପି' (୧୯୪୭)ର କବିତାଗୁଚ୍ଛରେ ସମାଜବାଦୀ ଓ ବ୍ୟକ୍ତିବାଦୀ ଜୀବନ–ଚିତ୍ରର ସମନ୍ୱୟ ପରିଲକ୍ଷିତ ହୁଏ । 'ପାଣ୍ଡୁଲିପି'ର ପ୍ରଥମ କବିତା 'ଝଡ'ରେ ଏକ ସାମାଜିକ 'ଝଡ'ର ଇଙ୍ଗିତ ଦେଇଛନ୍ତି କବି–

'ଏଇ ଯେ ଆସୁଛି ଝଡ
କର ସଖୀ ତା'ରେ ନମସ୍କାର' (ଝଡ–ପାଣ୍ଡୁଲିପି–ପୃ.୧)

'କବିତାର କବର'ରେ ପ୍ରକଟିତ ହୋଇଛି ତାଙ୍କର ସାମ୍ୟବାଦୀ କାବ୍ୟ ସନନ୍ଦ–

'ଧରଣୀର ରାଜପଥେ ଚାଲୁ ଚାଲୁ ପଥଚାରୀ ମୁହିଁ
ଯେ ବ୍ୟଥା ବାଜିଛି କାନେ
ମଣିଷର ଅପମାନ ଛୁଇଁ
ଦେଇଛି ତାହାକୁ ବାଣୀ
କହିଛି ସେ ସାଧାରଣ କଥା ।
ଭାଷାର କପଟ ଜାଲେ
ରଚିନାହିଁ ଇନ୍ଦ୍ରଜାଲ ତଥା ।'

(କବିତାର କବର–ପାଣ୍ଡୁଲିପି)

ମଣିଷର ଅନ୍ତଃରୂପକୁ ଚିତ୍ରିତ କରୁଥିବା କବି ଉଭୟ ଭାଷା ଓ ଶବ୍ଦରେ ସହଜ, ସାଧାରଣ ଓ ସାବଲୀଳ ଅଭିବ୍ୟକ୍ତି ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି ।

'କୋଣାର୍କ' ମନ୍ଦିରର ଚାରୁକଳା ଓ ରୂପ ବିଭାଗ ଭିତରେ ଡଃ ମାୟାଧର ମାନସିଂହ କଳ୍ପନାର କୁହୁକ ସୃଷ୍ଟି କରିଥିବା ବେଳେ ରାଉତରାୟ ତହିଁରେ ଦେଖିଛନ୍ତି ଶହ ଶହ ଶ୍ରମିକଙ୍କର କ୍ଲେଶ ଓ କଷ୍ଟ–

'ତୁମେ ଦେଖିଅଛ
ଶିଳାରେ ତାର ତ
ରମ୍ୟ କଳାର ରୂପ,

ମୁଁ ଦେଖିଛି ତହିଁ କୋଟି କଙ୍କାଳ
ଭଗ୍ନ ବୁକୁର ସ୍ତୂପ !

ମୂଲିଆର ଆଖି ନେଇ
ମୁଁ ଦେଖିଛି ସେଇ ମନ୍ଦିର ରୂପ
ବ୍ୟଥାର ଆରତୀ ଦେଇ
(କୋଣାର୍କ-ପାଣ୍ଡୁଲିପି-ପୃ.୩୫)

'ବନ୍ଦୀର ବନ୍ଦନା'ରେ ଗଣଜୀବନ ଉପରେ ବ୍ୟକ୍ତିକୈନ୍ଦ୍ରିକ ପୁଞ୍ଜିବାଦୀ ଶକ୍ତିର ନିର୍ମମ ଅତ୍ୟାଚାର ଅଧିକ କାଳ ତିଷ୍ଠି ରହିପାରିବ ନାହିଁ ବୋଲି ସେ ଆଶାପୋଷଣ କରିଛନ୍ତି । କ୍ଷୟମାଣ ଜନଶକ୍ତି ଉପରେ ପୁଞ୍ଜିବାଦୀ ରଥଚକ୍ରର ସ୍ପର୍ଦ୍ଧିତ ପଦପାତ ଏକାନ୍ତ ଅସହ୍ୟ-

'ହଜାର ମଣିଷ ବ୍ୟୟରେ ଜଣେ କରୁଥିବା ଉପଭୋଗ
କୋଟିଏ ମଡାର ପରେ
କେତେଦିନ ଆଉ ଗୋଟିକର ରଥ
ଚଳିବ ଦର୍ପଭରେ ?'

(ଅଭିଯାନ-ବନ୍ଦୀର ବନ୍ଦନା- ସ.ରା.ଗ୍ର.୭୬୨)

ଗଣ ସାହିତ୍ୟ ସମ୍ପର୍କରେ ମନ୍ତବ୍ୟ ଦେବାକୁ ଯାଇ ଶ୍ରୀ ଗୋପୀନାଥ ମହାନ୍ତି କହିଛନ୍ତି-

'ଗଣ ସାହିତ୍ୟର ଅର୍ଥ ମଣିଷର ସାହିତ୍ୟ, ଯାହା ମଣିଷର ସୂକ୍ଷ୍ମ ମୂଳ ଘେନି ଚଳେ । ଏପରି ସାହିତ୍ୟ କଦାପି escapist ନୁହେଁ । Escapist ହେବ ଯାହା ସତକୁ ଡରି ମିଛ ଘରକରଣାରେ ମନକୁ ଭୁଲାଇ ରଖିବ । ସବୁ ବାଦର ସାହିତ୍ୟକୁ ଆମେ ଗଣ ସାହିତ୍ୟ କହିବୁ, ଯେଉଁ ପରିମାଣରେ ସେଥିରେ ଚିରନ୍ତନ ଗଣର ଛାଇ ପଡିଛି ।'

(କୁଆଁତାରା- ସହକାର ୧୨/୮)

ବସ୍ତୁତଃ ଗଣଜୀବନର ନିଛକ ଚିତ୍ର କବିତାରେ ଅଙ୍କନ କରି ନବଜାଗୃତି ସୃଷ୍ଟି କରିବା କବିଙ୍କର ଧର୍ମ । ତେଣୁ ସେ ୱାଲ୍ଟ ହୁଇଟ୍‌ମ୍ୟାନ୍‌ଙ୍କ ସହ କଣ୍ଠ ମିଳାଇ ଗଣ- ଜୀବନର ଚିତ୍ର କିପରି ବିଶ୍ୱସ୍ତତାର ସହ ପ୍ରତିଫଳିତ କରିଛନ୍ତି-

'ତୁମେ ମୋର ଛାପାବହି
ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି
ଏ ପୃଥିବୀର ପ୍ରତିଟି ମଣିଷ ଜାତି
ତା'ର ପ୍ରତିଟି ଖବର
ରୂପ ପାଏ କବିତାରେ ମୋର ।'

ୱାଲ୍ଟ ହୁଇଟ୍‌ମ୍ୟାନଙ୍କ ତୁଳନୀୟ ପଂକ୍ତି-

Commrade!
this is no book
Who touches it
touches a man

କବି ଜୀବନର ସଦ୍ୟଶାଣିତ ଚିତ୍ରକୁ କବିତାରେ ରୂପାୟିତ କରନ୍ତି । ସେ ଜୀବନ ସାମ୍ୟବାଦର ଜୀବନ । ସେ ସାମ୍ୟବାଦୀ ଚେତନା ହିଁ କବିର ଜୀବନ- ସତ୍ୟ ପ୍ରଗତିବାଦୀ କବିତାରେ ଶୋଷିତ ସର୍ବହରାର ଅସହାୟତ୍ୱ ରାଉତରାୟଙ୍କ ସୃଷ୍ଟିରେ ଯେଭଳି ପ୍ରକଟିତ ହୋଇଥିଲା, ପ୍ରୟୋଗବାଦୀ କବିତାରେ ସେହିଭଳି ବ୍ୟକ୍ତ ହୋଇଥିଲା ଆଧୁନିକ ଜୀବନ ଜଞ୍ଜାଳର ଜଟିଳତା । ଜୀବନ ଜଞ୍ଜାଳର ଏହି ଜଟିଳତାକୁ କେନ୍ଦ୍ର କରି ପରିବର୍ତ୍ତିତ ହୋଇଥିଲା ପ୍ରକୃତିର ଅନ୍ତଃରୂପ ଓ ପରିବେଶର ପ୍ରସ୍ତାବନା । ନଗର ସଭ୍ୟତାର କୃତ୍ରିମତା ତଥା ଯନ୍ତ୍ର ସଭ୍ୟତାର ଅଭିଯାତ ସମ୍ପର୍କରେ ଏକଦା ସଚେତନତା ସୃଷ୍ଟି କରିଥିଲେ ଗଡନାୟକ ତାଙ୍କ 'ମାଟିର ମଣିଷ' କବିତାରେ । ନିଓ-ରୋମାଣ୍ଟିକ୍ କବିମାନଙ୍କର କାବ୍ୟ-ସ୍ୱର ଭଳି ତହିଁରେ ପ୍ରତିଧ୍ୱନିତ ହୋଇଥିଲା 'ପଲ୍ଲୀକୁ ଫେରି ଚାଲ'ର ଧ୍ୱନି । 'ଛୋଟ ମୋର ଗାଁଟି' କବିତାରେ ମଧ୍ୟ 'ପଲ୍ଲୀ ସଭ୍ୟତା' ପରିପ୍ରେକ୍ଷୀରେ ପ୍ରକଟିତ ହୋଇଥିଲା ଏକ ମୋହମୁଗ୍ଧ ଦୃଷ୍ଟି ।

ପ୍ରୟୋଗବାଦୀ ଆଧୁନିକ କବିତାରେ କିନ୍ତୁ କବି ନଗର ସଭ୍ୟତାର ଏକ ଅଂଶ ପଲ୍ଲୀ ପ୍ରତି ମୋହମୁଗ୍ଧ ଦୃଷ୍ଟି ଏଠାରେ ଅବାସ୍ତବ ଓ ଅର୍ଥହୀନ । ପ୍ରୟୋଗବାଦୀ ଆଧୁନିକ ଓଡ଼ିଆ କବିତାରେ ନଗର ସଭ୍ୟତାର ଅବକ୍ଷୟ ସମ୍ବନ୍ଧୀୟ ଯେଉଁ ଚେତନାର ପରିପ୍ରକାଶ ଘଟିଛି ରାଉତରାୟଙ୍କ 'ସହର ତଳିର ଉଷା' ତାହାର ଆଦ୍ୟ ସ୍ୱର ।

'ସହର ତଳିର ଉଷା'ରେ ରୂପାୟିତ ହୋଇଛି ନଗର ସଭ୍ୟତାର ରୁଗ୍‌ଣତା । ଗଙ୍ଗାଧରଙ୍କ 'ଉଷା' ପରି ରାଉତରାୟଙ୍କ ଉଷା 'ବିକଚରାଜୀବ ଦୃଶା' ନୁହେଁ । ବରଂ ଏହା ବ୍ୟାଧିଗ୍ରସ୍ତ-'କ୍ଷତପୂର୍ଣ୍ଣ ଏକ ତିମିର ବିକାର' । ତମସାଚ୍ଛନ୍ନ ରାତ୍ରିର ଶେଷ ଭାଗରେ ଯେଉଁ ଅରୁଣ ଉଷାର ଅଭ୍ୟୁଦୟ ଘଟିଛି ସହର ତଳିର ଜୀବନଧାରାର ସ୍ପର୍ଶରେ ତାହା କ୍ଷତାକ୍ତ ଓ ବିବର୍ଣ୍ଣ । ଆଲୋକ ଏଠାରେ ଆଲୋକ ନହୋଇ ଅନ୍ଧାରର ଏକ ବିକୃତ

ଅଭିବ୍ୟକ୍ତ । ତା'ର ସର୍ବାଙ୍ଗରେ ଘା । ତହିଁରୁ ଛେଲା ଛେଲା/ ଝରିପଡେ ରକ୍ତ/ତ୍ୱକ ଆଉ ଶୋଣିତ ମିଶ୍ରିତ ।

ଏଭଳି ଏକ ଉଷା ନବଜୀବନର ପ୍ରେରଣଦାତ୍ରୀ ନହୋଇ ବରଂ ନୈରାଶ୍ୟର ହୁଏ ଜନ୍ମ ଦାତ୍ରୀ । ବ୍ୟକ୍ତିର ଆଶା ଓ ଅଭୀପ୍ସା ପୁଷ୍ପିତ ନହୋଇ ଏଠାରେ ହୁଏ କୀଟଦ୍ରଂଷ୍ଟ । ପ୍ରକୃତି ପରିବର୍ତ୍ତେ ଯନ୍ତ୍ର ସଭ୍ୟତାର ବିକାଶ ନଷ୍ଟଭ୍ରଷ୍ଟ କରିଦିଏ କୋମଳ, ମାନବିକ ପ୍ରକୃତି । ଶ୍ରମ ଓ ସାଧନା ପଣ୍ୟ ହୁଏ । ପାରସ୍ପରିକ ସାହାଯ୍ୟ ଓ ସହାନଭୂତି ସ୍ୱପ୍ନ ପରି ଅସ୍ତଯାଏ । ବସ୍ତୁତଃ ନଗର ସଭ୍ୟତାର କୃତ୍ରିମ ସ୍ନେହ, ସହାନୁଭୂତି ବିହୀନ ସତ୍ତା ହିଁ ବ୍ୟକ୍ତ ହୋଇଛି 'ସହର ତଳି' ଉଷା'ରେ–

'ଆଜିର ଏ ଉଷା ନୁହେଁ
ସେହି ଉଷା
ଯାହା ଆଣେ ଜୀବନର ସ୍ୱାଦ
ଏ ଉଷା ନକଲି ଉଷା
ତେଣୁ ଉଷା ଆଗମନେ
ମାନବର ବାକ୍ୟ ଆଶା
ନହୁଏ ପୁଷ୍ପିତ
ପ୍ରଭାତ କିରଣେ ଆଜି
ନଉଠେ ବିକଶି
ମଣିଷର ଲଘୁଚିତ୍ତ ମାନସିକ ସ୍ୱାସ୍ଥ୍ୟ
ପ୍ରଜାପତି ସମ
ଯନ୍ତ୍ରଶାଳେ ବଂଶୀ ବାଜେ
ଇଞ୍ଜିନ୍‌ର କ୍ରୁର ଆମନ୍ତ୍ରଣେ
ମାନବର ଶ୍ରମ ହୁଏ
ପଣ୍ୟ ପରି
ହେଲାରେ ବିକ୍ରୟ ।'

(ସହର ତଳିର ଉଷା– ପାଣ୍ଡୁଲିପି– ସ.ରା.ଗ୍ର.ପୃ ୪୯)

ଓଡ଼ିଆ ସାହିତ୍ୟରେ ଏ ଧାରାର ପ୍ରବର୍ତ୍ତନ ଘଟିଛି ରାଉତରାୟଙ୍କ ସୃଷ୍ଟି ଓ କୃତିରେ । ପ୍ରୟୋଗବାଦୀ ଓଡ଼ିଆ କବିତାରେ ସେ ଜଣେ ପଥୀକୃତ ସ୍ରଷ୍ଟା, ଯନ୍ତ୍ର ସଭ୍ୟତାର ବିକାଶ ଭିତରେ ମାନବିକ ପ୍ରବୃତ୍ତି ସକଳର କ୍ରମବିଲୟନକୁ ସେ ଯଥାର୍ଥତଃ ଅନୁଭବ କରିଥିଲେ । ଆନ୍ତର୍ଜାତୀୟ ସମସ୍ୟା ସଙ୍କଟ ପ୍ରତି ସଚେତନତା ପ୍ରକଟନ କରିବା ସହିତ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ପରିବର୍ତ୍ତମାନ ସତ୍ତାର ସ୍ୱରୂପ ଚିତ୍ରିତ ହୋଇଥିଲା ତାଙ୍କ ରଚନାରେ । ହିଟଲର, ଆମେରି, ଷ୍ଟାଲିନ୍, ଲେନିନ୍, ବୋରିସ୍ ପାଷ୍ଟରନିକ୍, ପିଅର ହୋମ ଭଳି ଅନ୍ତର୍ଜାତୀୟ ଚରିତ୍ର ସହ ଓଡ଼ିଶାର ସମକାଳୀନ ଜୀବନର ଚିତ୍ର ଓ ଚରିତ୍ରକୁ ସେ ଉଦ୍‌ଘାଟନ କରିଥିଲେ ପ୍ରତୀକାତ୍ମକ ରୀତିରେ । ତାଙ୍କ ସୃଷ୍ଟିରେ କଳା କଳା ପାଇଁ ଅଭିପ୍ରେତ ହେବା ପରିବର୍ତ୍ତେ ଜୀବନ ପାଇଁ ହୋଇଥିଲା ଉତ୍ସର୍ଗୀକୃତ । ନଗର ଜୀବନର ବିପରିଣତିକୁ ସେ ସୂଚାଇ ଥିଲେ 'ପ୍ରତିମା ନାୟକ' ଭଳି କବିତାରେ । 'ଅଳକା ସାନ୍ୟାଲ'ରେ ପ୍ରକଟିତ ରୋମାଣ୍ଟିକ୍ ବାସ୍ତବବାଦୀ ଚେତନା ବାସ୍ତବରୂପ ନେଇଥିଲା । 'ପ୍ରତିମା ନାୟକ'ରେ । 'ଅଳକା ସାନ୍ୟାଲ୍' ବଙ୍ଗୀୟ କବି ଜୀବନାନନ୍ଦ ଦାସଙ୍କ 'ବନଲତା ସେନ୍' କବିତାରେ ପ୍ରକଟିତ ରୋମାଣ୍ଟିକ୍ ଚେତନାର ଉତ୍ତରରେ ରଚିତ ଏକ ବାସ୍ତବଧର୍ମୀ କବିତା ବୋଲି କବି ଅଭିହିତ କରିବା ସତ୍ତ୍ୱେ 'ଅଳକା ସାନ୍ୟାଲ୍' ପୁରାଣ ଓ ଇତିହାସର ଅନ୍ୱେଷାରେ ଏକ ସ୍ୱୈରବାଦୀ କାବ୍ୟ ସ୍ୱର ବହନ କରିଥିବା ଭଳି ମନେହୁଏ । ଶେଷ ଦୁଇ ପାଦରେ–

'ଆଜି କିନ୍ତୁ ଦେଖା ହେଲା
ସମୟର ଡେଇଁ ଚୋରାବାଲି
ତୁମକୁ ଲୁଚାଇଥିଲା
ଶ୍ମଶାନିତ ଭଙ୍ଗା ନୂଆ ଖାଲି'

ଦଙ୍ଗା ଗ୍ରସ୍ତ ନୂଆ ଖାଲିର ପୃଷ୍ଠପଟ୍ଟରେ ଅଳକା ସହ କାବ୍ୟ–ନାୟକର ସାକ୍ଷାତ ହିଁ କେବଳ ଏକ ବାସ୍ତବ ରୂପଚିତ୍ର । ରାଉତରାୟଙ୍କ କବିତାରେ ବାସ୍ତବବାଦର ଅପର ପାର୍ଶ୍ୱରେ ପ୍ରାୟତଃ କ୍ରିୟାଶୀଳ ରହିଥାଏ ଏକ ରୋମାଣ୍ଟିକ ଭାବସତ୍ତା । ଏଭଳିକି ମାର୍କସ୍‌ବାଦୀ କବିତାର ଅନ୍ତରାତ୍ମାକୁ ଆଛନ୍ନ କରିଥାଏ ରୋମାଣ୍ଟିକ୍ ଭାବୋଚ୍ଛ୍ୱାସ । 'କୋଣାର୍କ'ର ଶ୍ରମଜୀବୀ ମଣିଷର ମର୍ମଦାହକୁ ଅତିକ୍ରମ କରି ଗୁଞ୍ଜରିତ ହୁଏ ନଗ୍ନନଟୀର ନୁପୂର ନିକ୍ୱଣ–

'କିଏ ଦେଖେ
ନାଗକନ୍ୟାର ଗଳେ
ରତିଚ୍ୟୁତ ବନମାଳା
ଯକ୍ଷବଧୂର କବରୀରେ
କିଏ ଶତ ରାତ୍ରିର ଜ୍ୱାଳା (କୋଣାର୍କ–ପାଣ୍ଡୁପି)

ଅଥବା

'ନଗ୍ନନଟୀର ନଧର ଚରଣ
ଚପଳ ଛନ୍ଦେ ନାଚେ ।' (ତତ୍ରୈବ)

ଯୁଦ୍ଧବିଧ୍ୱସ୍ତ ବିଶ୍ୱର ଅନ୍ତଃସତ୍ତାରେ ଉଭାସିତ ହୁଏ କବିତାର କୋମଳ ଗୁଞ୍ଜନ । ରୋମାଞ୍ଚ ଓ ଲାବଣ୍ୟର ଅନୁପସ୍ଥିତିରେ ଜନ୍ମନିଏ ବ୍ୟାପକ ବିଷର୍ଣ୍ଣତା ଓ ବେଦନା । 'ପ୍ରତିମା ନାୟକ' ଏଇ ସୂତ୍ରରେ ରାଉତରାୟଙ୍କର ଏକ ନିରୋଳ ବାସ୍ତବଧର୍ମୀ କବିତା । ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର କାଳର ଆର୍ଥନୀତିକ, ସାମାଜିକ ତଥା ସାଂସ୍କୃତିକ ପୃଷ୍ଠଭାଷରେ ରଚିତ ଏକ ଅବିସ୍ମରଣୀୟ କୃତି । ସଚ୍ଚି ରାଉତରାୟଙ୍କର ଏବଂବିଧ କବିତାର ପୃଷ୍ଠପଟ୍ଟରେ ରହିଥିଲା–

କ) ନଗରୀକରଣ ଓ ଶିକ୍ଷାବିକାଶ ହେତୁ ନାରୀ ସମାଜର ସ୍ୱାବଲମ୍ବନଶୀଳତା ।

ଖ) ବ୍ୟକ୍ତିସ୍ୱାତନ୍ତ୍ର୍ୟର ବିକାଶ ହେତୁ ଏକାନ୍ନବର୍ତ୍ତୀ ପରିବାର ବ୍ୟବସ୍ଥାର କ୍ରମବିଲୟନ ।

ଯୁଦ୍ଧୋତ୍ତର ସମୟରେ ସପ୍ଲାଇ ଡିପାର୍ଟମେଣ୍ଟର ପ୍ରତିମା ଏକ କ୍ଲର୍କ । ଏକାନ୍ନବର୍ତ୍ତୀ ପରିବାର ବିଭଙ୍ଗ ପରେ ପିତୃହୀନା ପ୍ରତିମାକୁ ବହନ କରିବାକୁ ପଡିଛି ପରିବାରର ଦାୟିତ୍ୱ । ରାଉତରାୟଙ୍କ ପ୍ରତିମା ସ୍ୱାବଲମ୍ବନଶୀଳା ସତ୍ୟ, ମାତ୍ର ସୁଖୀ ନୁହଁ । ନାରୀର ଆତ୍ମନିର୍ଭରଶୀଳତା ଏଠାରେ ସ୍ୱେଚ୍ଛାକୃତ ନୁହେଁ ବରଂ ପରିସ୍ଥିତି ପ୍ରଣୋଦିତ । ନାରୀର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ନଗରୀକରଣ ଓ ଶିକ୍ଷାବିକାଶର ଏକ ଅନିବାର୍ଯ୍ୟ ପରିଣତି । 'ଭାନୁମତୀର ଦେଶ'ର କାବ୍ୟ–ନାୟିକା ବିନତା ଏଇ ପରିପ୍ରେକ୍ଷୀରେ ପ୍ରତିମାର ଏକ ପରବର୍ତ୍ତୀ ସଂସ୍କରଣ ଓ କାବ୍ୟିକ ଉତ୍ତରଣ । 'ଭାନୁମତୀର ଦେଶ'ର ନାୟକ ତରଙ୍ଗ– ପଲ୍ଲୀପ୍ରିୟ, ଶାନ୍ତ, ସରଳ, ସହଜ ପଲ୍ଲୀର ପ୍ରାକୃତିକ ପରିବେଶରେ ପରିବର୍ଦ୍ଧିତ ନାୟକର ଅନ୍ତରାତ୍ମା । ନାୟିକା ବିନତା କିନ୍ତୁ ନଗର ମୁଖାପେକ୍ଷୀ । କର୍ମମୁଖର ସହର ହିଁ ତା'ର ଚରାଭୂଇଁ । ଟେଲିଫୋନ୍, ଟେଲିଗ୍ରାମ୍, କର୍ମତତ୍ପର ଜୀବନ ଓ ଯନ୍ତ୍ରର ସମାରୋହ ଭିତରେ ଜୀବନର ସାର୍ଥକତା ଖୋଜେ କାବ୍ୟ–ନାୟକ । ମାନସିଂହଙ୍କ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟ–ନାୟିକା ବ୍ୟକ୍ତ କରିଥିଲା–

'ଆନ କିଏ ଯଦି ଯିଣେ ତବ ମନ/
ପାଦ ଧରି ତା'ଠୁ ଶିଖିବି ସାଧନ/
ଜାଣ ଚିତ୍ତ ଚୋର/ତମ ଲାଗି ମୋର/
ପୋଡି ହେବା ନାରୀ ଧରମା ।'

(ହେମୋର ପରମ–ମାୟାଧର ମାନସିଂହ)

ରାଉତରାୟଙ୍କ ବିନତା କିନ୍ତୁ ପାରମ୍ପରିକ ଭାରତୀୟ ନାରୀ ନୁହେଁ । ସୁତରାଂ ପ୍ରଣୟୀ ତରଙ୍ଗର ଆଦର୍ଶ ଅନୁସରଣ କରି ଆଜୀବନ ପଲ୍ଲୀର ଗୃହବଧୂ ହେବାର ପରମ୍ପରାକୁ ସେ ଅତିକ୍ରମ କରିଛି । ଏହି ଅତିକ୍ରମ ରାଉତରାୟଙ୍କ କାବ୍ୟିକ ସ୍ୱାତନ୍ତ୍ର୍ୟ ।

ରାଉତରାୟଙ୍କ କାବ୍ୟ ଜଗତ ବିପୁଳ ଓ ବୈଚିତ୍ର୍ୟବିମଣ୍ଡିତ । କାବ୍ୟ ଓ ତତ୍ତ୍ୱ–ଉଭୟତ୍ର ସେ ପ୍ରତିପାଦିତ କରିଛନ୍ତି ନିଜର ଦକ୍ଷତା । 'କବିତା ୧୯୬୨'ର ମୁଖବନ୍ଧରେ କବିତାର ବିଶ୍ୱ ଚେତନା ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି–

'ଆଜିର କବିତା ଜୀବନର ଭଗ୍ନାଂଶକୁ ନେଇ ପଡିରହି ନାହିଁ । ସମଗ୍ର ଜୀବନର ସହସ୍ର ଦଳ ପଦ୍ମ ହିଁ ତା'ର ଆଧାର । ଜୀବନର କୌଣସି ଦିଗ, ତା'ର ନାଗରିକ, ଅର୍ଥନୀତିକ, ରାଷ୍ଟ୍ରିକ ବା ସାମାଜିକ ପରିବେଶ କିମ୍ବା ଆଂତର୍ମାନବିକ ସମ୍ପର୍କ ଆଉ କିଛି କବିତାର ଧରାଛୁଆଁ ବାହାରେ ନାହିଁ ।'

(ପୃ. ୨୯୫, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ)

କବିତାର ଏହି ବ୍ୟାପ୍ତ ଦିଗନ୍ତରେ ରହିଛି ରାସ୍ତାର ଡଷ୍ଟବିନ୍ ଓ ଲାଇଟ୍ ପୋଷ୍ଟଠାରୁ ଆରମ୍ଭ କରି ଆକାଶର ଏରୋପ୍ଲେନ୍ ପର୍ଯ୍ୟନ୍ତ ପୁଣି ଫୁଲର ଫୁଟନ୍ତ ସୌନ୍ଦର୍ଯ୍ୟଠାରୁ ଆରମ୍ଭ କରି କାରଖାନାର ଚିମନି ପର୍ଯ୍ୟନ୍ତ । ନାବିକ, ସୈନିକ, ସୌଦାଗରଠାରୁ ଆରମ୍ଭ କରି ସମାଜର ଉଚ୍ଚତମ ଓ ନିମ୍ନ ଶ୍ରେଣୀର ଅସଂଖ୍ୟ ପାତ୍ରପାତ୍ରୀ ଆଜି କାବ୍ୟର ପ୍ରେକ୍ଷାଗୃହରେ ସମ୍ମାନିତ କୁଶୀଳବ ।

'କବିତା ୧୯୬୨' ଓ 'ସ୍ୱଗତ'ର ପରବର୍ତ୍ତୀ କାଳରେ କବି ରାଉତରାୟ ରଚନା କରିଛନ୍ତି 'କବିତା ୧୯୬୯', 'କବିତା ୧୯୭୧', କବିତା ୧୯୭୪', କବିତା ୧୯୮୩', କବିତା ୧୯୮୭', 'କବିତା ୧୯୯୦', 'କବିତା ୨୦୦୩' । ସମସାମୟିକ ସମସ୍ୟା ସଙ୍କଟ ସମ୍ପର୍କରେ ମଧ୍ୟ ଏହିଭଳି କବିତାରେ ସେ ସଚେତନତା ପ୍ରକାଶ କରିଛନ୍ତି, 'ବାଲିଆପାଳ', 'ଭୋଜବାଜି', 'ବୃତ୍ତ', 'କ୍ଷତିପୂରଣ' ଭଳି କବିତା ଏଠାରେ ପ୍ରସଙ୍ଗକ୍ରମେ ସ୍ମରଣୀୟ। ରାଜନୀତି, ସମାଜ ଓ ସଂସ୍କୃତିକୁ ପୂର୍ବବତ୍ ସେ ବ୍ୟଙ୍ଗାତ୍ମକ ଦୃଷ୍ଟିରେ କଳନା କରିଛନ୍ତି । କ୍ଷେପଣାସ୍ତ୍ର ଘାଟି ପାଇଁ ନିରୀହ ମଣିଷର ବଳିଦାନରେ 'କ୍ଷତିପୂରଣ' କବିତାରେ ପ୍ରତୀକ ପାଲଟି ଯାଇଛି 'ସୁବର୍ଣ୍ଣରେଖା'–

'ସୁବର୍ଣ୍ଣରେଖାର ହସ ପାଲଟଇ ବିଷ
ସେଥିରେ ମିଶିଛି ହାୟ
କେତେ ଅସହାୟ ମଣିଷର କରୁଣ ନିଃଶ୍ୱାସ ।''

(କ୍ଷତିପୂରଣ–କବିତା ୧୯୮୭)

ପଦ୍ମ କଇଁର ଦିଘିରେ ହାହାକାର ଦୃଷ୍ଟିହୀନ କୋଟରାଗତ ଚକ୍ଷୁରୁ ଯେପରି ପ୍ରବାହିତ ହେଉଛି ଅଶ୍ରୁଧାର । ଆକାଶରେ ଉଡିଯାଉଥିବା ଶୁଭ୍ର ହଂସରାଳୀ ଅଟକି ଯାଏ ଦେଖିବାକୁ ମଣିଷର ଦୁଃଖ– ଅସହାୟ ମଣିଷ ପକ୍ଷୀଠାରୁ ଆହୁରି ଦୟନୀୟ ହୋଇଯାଏ ।

ରାଉତରାୟଙ୍କ କବିତାର ଏକ ଦୃଷ୍ଟି ଆକର୍ଷଣକାରୀ ଚମକପ୍ରଦ ଶୈଳୀ ରହିଛି– ତାହା ତାଙ୍କୁ ତାଙ୍କର ସମସାମୟିକ କବି ସମାଜଠାରୁ ଭିନ୍ନ ଭାବେ ଚିହ୍ନାଇ ଦେବା ସହ ତାଙ୍କର ସାମାଜିକ ଚେତନାକୁ ଶାଣିତ କରେ । ଭାଷା ପ୍ରୟୋଗ କ୍ଷେତ୍ରରେ ମଧ୍ୟ ତାଙ୍କର ଅଛି ଏକ ନିଜସ୍ୱ ବୈଶିଷ୍ଟ୍ୟ ।

ରାଉତରାୟଙ୍କ କବିତା ବିପୁଳ ତଥା ବୈଚିତ୍ର୍ୟ ବିମଣ୍ଡିତ । ସମାଜ, ରାଜନୀତି, ସଂସ୍କୃତି ଓ ବ୍ୟକ୍ତିସତ୍ତାର ବିଭିନ୍ନ ପ୍ରସ୍ଥ ଦେଇ ଏହା ବିବର୍ତ୍ତିତ । ତାଙ୍କ କବିତା ସାମାଜିକ ଚେତନାରେ ଯେଭଳି ସ୍ୱଚ୍ଛ ଓ ବଳିଷ୍ଠ, ସେହିଭଳି କଳାତ୍ମକ ଓ ସୌନ୍ଦର୍ଯ୍ୟସ୍ନାତ ।

ଶଗଡିଆ ସାହି, ରାଣୀହାଟ, କଟକ–୧

❖ ❖ ❖

# ବୁଣାକାରମାନଙ୍କୁ କ୍ରେଡିଟ୍ କାର୍ଡ ଠିକ୍ ସମୟରେ ଯୋଗାଇ ଦିଆଯିବାକୁ ଅର୍ଥମନ୍ତ୍ରୀଙ୍କ ନିର୍ଦ୍ଦେଶ

ରାଜ୍ୟ ସରକାର ବୁଣାକାରମାନଙ୍କୁ ବୁଣାକାର କ୍ରେଡିଟ୍ କାର୍ଡ ଯୋଗାଇ ଦେବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ବୁଣାକାରମାନେ କ୍ରେଡିଟ୍ କାର୍ଡ ପାଇବା ପାଇଁ ବିଭିନ୍ନ ବ୍ୟାଙ୍କମାନଙ୍କୁ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ମାଧ୍ୟମରେ କରିଥିବା ଦରଖାସ୍ତ ବା ଆବେଦନ ପତ୍ରଗୁଡିକ ଉପରେ ବ୍ୟାଙ୍କମାନେ ଉଚିତ ସମୟରେ ପଦକ୍ଷେପ ନେଇ କ୍ରେଡିଟ୍ କାର୍ଡ ଯୋଗାଇ ଦେଉ ନଥିବାରୁ ବୁଣାକାରମାନେ ଠିକ୍ ସମୟରେ ସରକାରୀ ସୁବିଧା ପାଇପାରୁ ନାହାନ୍ତି । କ୍ରେଡିଟ୍ କାର୍ଡ ନଥିବାରୁ ବୁଣାକାରମାନେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି । ଏଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

ଏ ଦିଗରେ ସମୟୋପଯୋଗୀ ପଦକ୍ଷେପ ନେଇ ବୁଣାକାରମାନଙ୍କୁ କ୍ରେଡିଟ୍ କାର୍ଡ ଠିକ୍ ସମୟରେ ଯୋଗାଇ ଦେବା ପାଇଁ ଅର୍ଥମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୨ ତାରିଖରେ ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅର୍ଥମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି । ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ସମୟସୀମା ମଧ୍ୟରେ ବୁଣାକାରମାନଙ୍କୁ କ୍ରେଡିଟ୍ କାର୍ଡ ଯୋଗାଇ ଦେଇ ଋଣ ସୁବିଧା ଉପଲବ୍ଧ କରିବା ପାଇଁ ଅର୍ଥମନ୍ତ୍ରୀ ବ୍ୟାଙ୍କ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏତଦ୍‌ବ୍ୟତୀତ ସରକାରଙ୍କ ଯୋଜନା ଅନ୍ତର୍ଗତ ଯେଉଁ ବୁଣାକାରମାନେ ଋଣ ଖିଲାପ କରିଛନ୍ତି, ସେମାନଙ୍କୁ ସୁଧ ସହିତ ଏହି ଋଣ ଛାଡ କରିବା ଏବଂ ଆଗ୍ରହୀ ବୁଣାକାରମାନଙ୍କୁ ନୂତନ ଋଣ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟର ୨୩ଟି ଜିଲ୍ଲାରୁ ୨୬,୭୩୦ ବୁଣାକାର କ୍ରେଡିଟ୍ କାର୍ଡ ପାଇଁ ବ୍ୟାଙ୍କମାନଙ୍କୁ ଆବେଦନ କରିଛନ୍ତି । କିନ୍ତୁ ବ୍ୟାଙ୍କମାନଙ୍କ ଦ୍ୱାରା ଏପର୍ଯ୍ୟନ୍ତ ମାତ୍ର ୪,୯୦୫ଟି କ୍ରେଡିଟ୍ କାର୍ଡ ମଞ୍ଜୁର ହୋଇଥିବାରୁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ବୁଣାକାର ବହୁଳ ଜିଲ୍ଲାମାନଙ୍କରେ ବୟନଶିଳ୍ପ ବିଭାଗ ଓ ବ୍ୟାଙ୍କ୍ ଅଧିକାରୀମାନେ ମିଳିତ ବୈଠକ କରି ତୁରନ୍ତ ବକେୟା ଦରଖାସ୍ତଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀ ଯୁଗଳ କିଶୋର ମହାପାତ୍ର, ୟୁକୋ ବ୍ୟାଙ୍କ ଓ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ, ବଲାଙ୍ଗୀର ଉତ୍କଳ ଗ୍ରାମୀଣ ବ୍ୟାଙ୍କର ସଭାପତି, ବୟନ ଶିଳ୍ପ ନିର୍ଦ୍ଦେଶକ, ଅର୍ଥ ବିଭାଗର ନିର୍ଦ୍ଦେଶକ ଇନ୍‌ଷ୍ଟିଚ୍ୟୁସନାଲ୍ ଫାଇନାନ୍ସ ଓ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଉତ୍କଳ ଭାରତୀ କୁନ୍ତଳା କୁମାରୀ ଏକ ଅନନ୍ୟ ପ୍ରତିଭା

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

ଦୀର୍ଘଦିନ ଧରି ଓଡ଼ିଶାରେ ବାସ କରି ଓଡ଼ିଆ ହୋଇ ମଧ୍ୟ ଓଡ଼ିଆ ଭାଷା ସଠିକ୍ ଭାବେ ବୁଝିପାରୁ ନଥିବା ଓ କହିପାରୁ ନଥିବା ବ୍ୟକ୍ତିବିଶେଷଙ୍କୁ ଲକ୍ଷ୍ୟ କଲେ ଆମର ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ କଥା ମନେପଡେ ।

କୁନ୍ତଳା କୁମାରୀଙ୍କ ଜନ୍ମ ୧୯୦୦ ମସିହା ଫେବୃଆରୀ ୮ତାରିଖ ଏବଂ ମୃତ୍ୟୁ ୧୯୩୮ ମସିହାରେ ହୋଇଥିଲା । ଜନ୍ମ ଓ ମୃତ୍ୟୁ ମଧ୍ୟରେ ବ୍ୟବଧାନ ମାତ୍ର ୩୮ ବର୍ଷ ।



ତାଙ୍କ ଜନ୍ମ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତରରେ । ପିତାଙ୍କ ସହ କିଛି ଦିନ ସୁଦୂର ବର୍ମାରେ ଅବସ୍ଥାନ । ପିତା ଦାନିଏଲ୍ ସାବତ ଓ ମାତା ମଣିକା ସାବତ ଖ୍ରୀଷ୍ଟଧର୍ମାବଲମ୍ବୀ ଥିଲେ । ମାତା ମଣିକା ଦେବୀ ଅଭିମାନ ରୋଷରେ ପିଲାମାନଙ୍କୁ ନେଇ ସ୍ୱାମୀଙ୍କଠାରୁ ଦୂରେଇ ରହିଥିଲେ । ଏହାର କାରଣ ଥିଲେ ମଣିକା ସାବତଙ୍କ ସାନଭଉଣୀ । ସେ ଅଜ୍ଞାତରେ ତାଙ୍କ (ମଣିକା) ସ୍ଥାନ ଅଧିକାର କରିଥିଲେ । ଏଥିରେ ମ୍ରିୟମାଣ ହୋଇ ମଣିକା ପିଲାମାନଙ୍କୁ ଧରି ଖୋର୍ଦ୍ଧା ପଳାଇ ଆସିଲେ । ୧୯୧୭ ମସିହା କୁନ୍ତଳାଙ୍କ ଜୀବନର ଏକ ମାଇଲ୍ ଖୁଣ୍ଟ । ମାତାଙ୍କ ଇଚ୍ଛାନୁସାରେ ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କଲେ । ସେଠାରେ ପ୍ରତ୍ୟେକ ବିଷୟରେ ଅନ୍ୟ ଛାତ୍ରୀମାନଙ୍କଠାରୁ ଅଧିକ ନମ୍ବର ରଖୁଥିଲେ ମଧ୍ୟ ସେ ୧୯୧୮ ମସିହାରେ କଟକ ମେଡିକାଲ ସ୍କୁଲରେ ନାମ ଲେଖାଇଲେ । ଏହି ସମୟରେ ବହୁ ଝଡଝଞ୍ଜା ମଧ୍ୟରେ ଗତି କରି ମଧ୍ୟ କୁନ୍ତଳା କୁମାରୀ ୧୯୨୧ ମସିହାରେ ମେଡିକାଲ ସ୍କୁଲ୍‌ର କୃତୀ ଛାତ୍ରୀଭାବେ ବିବେଚିତା ହୋଇ ସ୍ୱର୍ଣ୍ଣପଦକ ଲାଭ କଲେ । ୧୯୨୧ ମସିହାରେ ଏଲ୍.ଏମ୍.ପି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ରେଡ୍‌କ୍ରସ୍‌ର ତତ୍ତ୍ୱାବଧାରିକା ଭାବେ ନିଯୁକ୍ତ ହେଲେ । ୧୯୨୭ ମସିହାରେ ସେ ଚାକିରିରୁ ଅବ୍ୟାହତି ନେଇ ଦିଲ୍ଲୀ ଯାତ୍ରା କଲେ ଏବଂ ସେଠାରେ ସ୍ୱାଧୀନଭାବେ ଡାକ୍ତରୀ ଚିକିତ୍ସା ଆରମ୍ଭ କଲେ ।

ତାଙ୍କର ବିଶେଷତ୍ୱ ଏହି ଯେ, ଜୀବନର ଅଧିକାଂଶ ସମୟ ସେ ପ୍ରବାସରେ ଅତିବାହିତ କରିଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟରେ ଯେଉଁ ଦକ୍ଷତା ଅର୍ଜନ କରିଛନ୍ତି, ତା'ର ତୁଳନା ନାହିଁ । ଡାକ୍ତରୀ ବ୍ୟବସାୟ ତାଙ୍କ ସାହିତ୍ୟ ସାଧନାରେ କେବେ ପ୍ରତିବନ୍ଧକ ହୋଇନାହିଁ । ଏକଥା କହିଲେ ଅତିରଞ୍ଜିତ ହେବନାହିଁ ଯେ, ମାଧବୀ, ବୃନ୍ଦାବତୀ ଓ ନିଶଙ୍କରାୟରାଣୀ ପ୍ରଭୃତି ଅତୀତର ଓ ଏ ଯୁଗର ବହୁ ନାରୀ କବିଙ୍କ ମଧ୍ୟରେ ସେ ସର୍ବୋଚ୍ଚ ସ୍ଥାନର ଅଧିକାରିଣୀ । ଏଭଳି ମର୍ମସ୍ପର୍ଶୀ ଭାଷାରେ ନିଜର ଆବେଗକୁ ପ୍ରକାଶ କରିବାରେ ଓଡ଼ିଆ ନାରୀ ଜଗତରେ ସାହିତ୍ୟିକ ବ୍ୟକ୍ତିତ୍ୱ ଏ ପର୍ଯ୍ୟନ୍ତ ଦେଖାଦେଇ ନାହାଁନ୍ତି ବୋଲି ଆମର ମନେ ହୁଏ । ଏହା ଅବଶ୍ୟ ଆମର ବ୍ୟକ୍ତିଗତ ମତ ।

କୁନ୍ତଳା କୁମାରୀ ବିଂଶ ଶତାବ୍ଦୀର କବି । ଇଂରାଜୀରେ ଏକ ପ୍ରବାଦ ଅଛି– 'Every man is a product of his own time'. କବିବର ରାଧାନାଥ, ଭକ୍ତକବି ମଧୁସୂଦନ ଓ ବ୍ୟାସକବି ଫକୀର ମୋହନ ଗୋଟିଏ ଯୁଗର ତ୍ରୟୀ । ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ତିରୋଧାନ ଯଥାକ୍ରମେ ୧୯୦୮, ୧୯୧୨ ଓ ୧୯୧୮ ମସିହାରେ ହୁଏ । ଏମାନଙ୍କ ଦେହାବସାନ ପରେ

ଓଡ଼ିଆ ସାହିତ୍ୟରେ ଏକ ଯୁଗର ଅବସାନ ଘଟିଲା ବୋଲି କହିଲେ କିଛି ଭୁଲ୍ ହେବନାହିଁ । ଏହାପରେ ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ସୃଷ୍ଟି । ସତ୍ୟବାଦୀ ଯୁଗର ପଞ୍ଚସଖା ବିଶେଷତଃ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ ଇତ୍ୟାଦିଙ୍କ ବିପୁଳ ରଚନାବଳୀ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କଲା । ଗୋପବନ୍ଧୁଙ୍କ ସାହିତ୍ୟରେ ସ୍ୱଦେଶ ପ୍ରୀତି ଓ ବିଭୁ ପ୍ରୀତିର ସୁନ୍ଦର ସମନ୍ୱୟ ଘଟିଛି ବୋଲି ଆମର ମନେହୁଏ । ଆମ ବିଚାରରେ କୁନ୍ତଳା କୁମାରୀ ଏହି ଭାବେ ପ୍ରଭାବିତ ହୋଇଥିଲେ ।

କୁନ୍ତଳା କୁମାରୀ ଖ୍ରୀଷ୍ଟଧର୍ମାବଲମ୍ବୀ ଥିଲେ, ପରେ ଆର୍ଯ୍ୟସମାଜ ମତରେ ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ । କିନ୍ତୁ ଧର୍ମକୁ ନେଇ ତାଙ୍କ ମନରେ ସଂକୀର୍ଣ୍ଣ ଚିନ୍ତାଧାରା ଉଦ୍ରେକ ହୋଇନଥିଲା । କବିଙ୍କ ରଚିତ 'ଅଞ୍ଜଳୀ' ଯଥାର୍ଥରେ ଶ୍ରଦ୍ଧାପ୍ରୀତିର ଏକ ଅଞ୍ଜଳୀ । ଏଥିରେ ସ୍ଥାନ ପାଇଥିବା 'ପୂଜା ପଦ୍ଧତି' କବିତା ସତ୍ୟବାଦୀ ବନବିଦ୍ୟାଳୟରେ ପ୍ରାର୍ଥନା ରୂପେ ଗୃହୀତ ହୋଇଥିଲା । ବାସ୍ତବପକ୍ଷେ ଦେଖିବାକୁ ଗଲେ ଏହି କବିତାଟି ଏକ ଧର୍ମନିରପେକ୍ଷ କବିତା ଅଟେ । ଏଥିରେ ଗୋଷ୍ଠୀଗତ ବା ଆନୁଷ୍ଠାନିକ ଧର୍ମର ସଂକେତ ନାହିଁ –

'ହରି ହରି କେହି ଡାକୁଛି ସତତ
ପ୍ରଭୁ ପ୍ରଭୁ କେହି କହେ,
ତୁମ୍ଭନାମ ମୁଖେ ନଦେଇ କେହି ବା
ତୁମ୍ଭଲାଗି ଦୁଃଖ ସହେ ।
କାଷ୍ଠ ପାଷାଣରେ କେ ଦେଖି ମୂରତି
ମାନବ ଭାବରେ କେ କରଇ ପ୍ରୀତି,
ଜନନୀ ଭାବରେ କେ କରୁଛି ନୀତି
ପିତୃଭାବ କେହି ବହେ ।
ଆକାର ବିନୁକେ ତୁମ ରୂପେ ଦେଖେ
ସାରା ସଂସାରେ କେ ତୁମକୁ ନିରେଖେ,
କେବା ତୁମ ରୂପ ହୃଦପଟେ ଲେଖେ
କେବା ଶାଳଗ୍ରାମ ବହେ ।
କୃଷ୍ଣ ରୂପେ କେହି କରେ ଆରାଧନା
ଖ୍ରୀଷ୍ଟକହି କେହି କରୁଛି ବନ୍ଦନା,
ସବୁତ ପ୍ରାର୍ଥନା ସବୁତ ସାଧନା
ସବୁ ସତ୍ୟ ମିଥ୍ୟା ନୁହେଁ ।'

କବିଙ୍କ 'ଉଚ୍ଛ୍ୱାସ' ଛଅଟି ଦୀର୍ଘ କବିତାର ସମାହାର । ଏହାର ମୁଖବନ୍ଧ ଲେଖିଛନ୍ତି ପଲ୍ଲୀକବି ନନ୍ଦ କିଶୋର ବଳ । ଏହା ଉପରେ ନିଜର ମତବ୍ୟକ୍ତ କରି ନନ୍ଦ କିଶୋର ଯଥାର୍ଥରେ କହନ୍ତି– 'ଧୂପ ଧୂନା ସୌରଭ, ପୂଜାପୁଷ୍ପ ଚନ୍ଦନର ପରିମଳ ଏଥିରେ ସୁଲଭ' । ଏସବୁ କବିତାରେ କୁନ୍ତଳା କୁମାରୀ ଚିନ୍ତା ଓ ଚେତନାରେ ଏତେ ଉଚ୍ଚକୁ ଉଠିଯାଇଛନ୍ତି ଯେ ସାଧାରଣ ପାଠକ କେବଳ କବିଙ୍କୁ ସ୍ତମ୍ଭୀଭୂତ ହୋଇ ଅନାଇ ରହେ । ଏଥିରେ ସ୍ଥାନ ପାଇଥିବା 'ଶେଫାଳି ପ୍ରତି' କବିତାର ଏକ ଉକ୍ତି ବିଶେଷ ପ୍ରଣିଧାନଯୋଗ୍ୟ–

'ଶେଫାଳି ! ତୋ ପରି କ୍ଷୁଦ୍ର ମୁହିଁ
ତୋ ପରି କ୍ଷଣିକ,
ହସେ ରସେ ବାସେ ମାତ୍ର
ଫୁଟିଅଛି ଘଡିକ ।
ମାଟିରେ ମିଶିବୁ ତୁହି
ମାଟିରେ ମିଶିବି ମୁହିଁ,
ତଥାପି ମୋ ଆତ୍ମା ଫୁଲ
ନ ଯିବରେ ମଉଳି
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି' ।

ଜୀବନର ଅବଧି ମାତ୍ର ୩୮ ବର୍ଷ । କିନ୍ତୁ ସାହିତ୍ୟ ସାଧନାର ଅବଧି ମଧ୍ୟ ସେହିପରି ମାତ୍ର ୧୬ ବର୍ଷ । କୁନ୍ତଳା କୁମାରୀଙ୍କ ଦ୍ୱାରା ରଚିତ କାବ୍ୟ କବିତା ଓ ଉପନ୍ୟାସଗୁଡିକ ହେଲା–(୧) ଅଞ୍ଜଳୀ, (୨) ଉଚ୍ଛ୍ୱାସ, (୩) ଅର୍ଚ୍ଚନା, (୪) ସ୍ଫୁଲିଙ୍ଗ, (୫) ଆହ୍ୱାନ, (୬) ପ୍ରେମଚିନ୍ତାମଣି, (୭) ଓଡ଼ିଆଙ୍କ କାନ୍ଦଣା, (୮) ଗଡଜାତ କୃଷକ (୯) ମଣିକାଞ୍ଚନ (ଏହା ଅସମ୍ପୂର୍ଣ୍ଣ କାବ୍ୟ ତଥା ରାଧାନାଥ ଶୈଳୀରେ ରଚିତ ଏବଂ ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ପ୍ରକାଶିତ ।) ସେହିପରି ଉପନ୍ୟାସଗୁଡିକ ହେଲା– (୧) ଭ୍ରାନ୍ତି, (୨) ନଅତୁଣ୍ଡି, (୩) ପରଶମଣି, (୪) କାଳିବୋହୂ, (୫) ରଘୁ ଅରକ୍ଷିତ (୬) ଚିତ୍ରପଟ୍ଟ (ଅସମ୍ପୂର୍ଣ୍ଣ ତଥା ଅପ୍ରକାଶିତ) ଓଡ଼ିଆ ସାହିତ୍ୟରେ ପ୍ରଥମ ଔପନ୍ୟାସିକା ଭାବେ କୁନ୍ତଳା କୁମାରୀ ପରିଚିତ । ତାଙ୍କ ରଚିତ ଭ୍ରାନ୍ତି, କାଳିବୋହୂ ଓ ପରଶମଣି ସେସମୟରେ ସମାଜରେ ଆଦୃତି ଲାଭ କରିଥିଲା । 'ରଘୁ ଅରକ୍ଷିତ' କୁନ୍ତଳା କୁମାରୀଙ୍କ ସର୍ବ ବୃହତ ଉପନ୍ୟାସ । ଏଥିରେ ଆଧୁନିକ ସଭ୍ୟତା ଓ ସଂସ୍କୃତିର ନାନା ଘାତ ପ୍ରତିଘାତ ମଧ୍ୟରେ ରଘୁ ଚରିତ୍ରର ମହତ୍ୱକୁ ଔପନ୍ୟାସିକା ପ୍ରତିପାଦନ କରିଛନ୍ତି ।

ଆଲେଖ୍ୟର କଳେବର ଆଶଙ୍କାରେ କୁନ୍ତଳା କୁମାରୀଙ୍କର ପ୍ରତ୍ୟେକ ଉପନ୍ୟାସ ଓ କାବ୍ୟ କବିତା ଉପରେ ଆଲୋଚନା ସମ୍ଭବ

ହୋଇନପାରେ । ଏହା ଗବେଷଣାର ବିଷୟବସ୍ତୁ । ଏଥିପାଇଁ ଏକ ସନ୍ଦର୍ଭର ଆବଶ୍ୟକତା ଅଛି । କିନ୍ତୁ ସଂକ୍ଷେପରେ ଏତିକି ମାତ୍ର କୁହାଯାଇପାରେ ଯେ କବି ବା ଔପନ୍ୟାସିକା ଭାବେ ସେ ସକଳ ବିଚାରବନ୍ତ ସମୀକ୍ଷକ ବା ସମୀକ୍ଷକାଙ୍କ ପ୍ରଣତି ଭାଜନ ।

୧୯୨୭ ମସିହାରେ କଟକ ରେଡ୍‌କ୍ରସ୍‌ର ତତ୍ତ୍ୱାବଧାରିକା ଚାକିରିରୁ ଇସ୍ତଫା ଦେଇ କୁନ୍ତଳା କୁମାରୀ ଦିଲ୍ଲୀ ପ୍ରୟାଣ କଲେ । ଏହି ସମୟରେ ସେ ଅଞ୍ଜଳୀ, ଅର୍ଚ୍ଚନା ପ୍ରଭୃତି ଗୀତ କବିତାଗୁଚ୍ଛ ଓ ଭ୍ରାନ୍ତି, ପରଶମଣି, ନଟୁଣ୍ଡି, କାଳିବୋହୂ ଇତ୍ୟାଦି ସଂସ୍କାରମୂଳକ ଉପନ୍ୟାସମାନ ରଚନା କରିଥିଲେ । ତାଙ୍କ ସାହିତ୍ୟ ସାଧନା ଦିଗ ଏଣିକି ଆଉ ଓଡ଼ିଆ ସାହିତ୍ୟ ମଧ୍ୟରେ ସୀମାବଦ୍ଧ ହୋଇ ରହିଲା ନାହିଁ । ଏହି ସମୟରେ ସେ ହିନ୍ଦୀରେ 'ବରମାଳା' ନାମକ ଏକ ଗୀତିଗୁଚ୍ଛ ରଚନା କରିବା ସହ 'ମହାବୀର', 'ଜୀବନ' ଏବଂ 'ନାରୀ ଭାରତୀ' ପ୍ରଭୃତିର ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ । ସେ ମଧ୍ୟ କିଛି ଇଂରାଜୀ କବିତା ରଚନା କରିଛନ୍ତି । ଆମ ଜାଣିବାରେ ଇଂରାଜୀ, ହିନ୍ଦୀ ଓ ଓଡ଼ିଆ ଭାଷାରେ ସେ ବୋଧେ ଏକମାତ୍ର ବ୍ୟକ୍ତି, ଯେ ନିଜର ଅଲିଭା ସ୍ୱାକ୍ଷର ଛାଡି ଯାଇଛନ୍ତି । କେବଳ ସେତିକି ନୁହେଁ, ଏଲାହାବାଦ୍ ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଆଦି ଉତ୍ତର ଭାରତର ବିଶ୍ୱବିଦ୍ୟାଳୟରେ ସେ ଭାଷଣ ଦେଇଥିଲେ । ଖୁବ୍‌କମ୍ ଓଡ଼ିଆଙ୍କ ଭାଗ୍ୟରେ ଏହା ଘଟିଛି ବୋଲି ଆମର ମନେହୁଏ । ବ୍ୟକ୍ତିଗତ ଜୀବନ ତାଙ୍କର ଦୁଃଖମୟ ଥିଲା । ଏହା ଏଠାରେ ଆଲୋଚ୍ୟ ବିଷୟ ନୁହେଁ । କିନ୍ତୁ ଉଭୟ ପ୍ରତିଷ୍ଠା ଓ ପ୍ରତିଭାର ଉଚ୍ଚତମ ଶିଖରରେ ଥିବାବେଳେ କବି ଅପ୍ରତ୍ୟାଶିତ ଭାବେ ମାତ୍ର ୩୮ ବର୍ଷ ବୟସରେ ଏ ସଂସାରରୁ ବିଦାୟ ନେଲେ ।

ମଣିଷ ଭାବେ କୁନ୍ତଳା କୁମାରୀ ଆଜି ଅପସାରିତା । କିନ୍ତୁ ତାଙ୍କ ଅବର୍ତ୍ତମାନରେ କବିବର ରାଧାନାଥ ରାୟଙ୍କ ଏହି ଉକ୍ତି ଆଜି ଖୁବ୍ ମନେପଡୁଛି–

'ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।'
ସେ କବି ଆମର ବାର ବାରର ନମସ୍ୟ ।

ଉପଶାସନ ସଚିବ,
ଅର୍ଥ ବିଭାଗ, ଭୁବନେଶ୍ୱର

## ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜମାନଙ୍କରେ ଖାଲିଥିବା ୫୫୩ଟି ଅଧ୍ୟାପକ ପଦବୀ ପୂରଣ କରାଯିବ

ରାଜ୍ୟର ବିଭିନ୍ନ ଯୁକ୍ତ ଦୁଇ ଏବଂ ଡିଗ୍ରୀ ମହାବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ଉଚ୍ଚଶିକ୍ଷା ବିଭାଗକୁ ଅର୍ଥ ବିଭାଗ ମଞ୍ଜୁରୀ ପ୍ରଦାନ କରିଛି । ଉଭୟ ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜର ବିଭିନ୍ନ ବିଭାଗରେ ୫୫୩ଟି ଅଧ୍ୟାପକ ପଦବୀ ପୂରଣ କରିବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି । ଜୁନିୟର କଲେଜର ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ପବ୍ଲିକ୍ ସର୍ଭିସ କମିଶନ ଦ୍ୱାରା ବିଜ୍ଞାପନ ପ୍ରକାଶ କରାଯିବ । ଏଥି ନିମନ୍ତେ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଉଭୟ ଲିଖିତ ଓ ମୌଖିକ ପରୀକ୍ଷାର ସମ୍ମୁଖୀନ ହୋଇ କୃତକାର୍ଯ୍ୟ ହେଲେ, ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂତ୍ରରୁ ଜଣାପଡିଛି । ସେହିପରି ଡିଗ୍ରୀ କଲେଜ ଅଧ୍ୟାପକ ନିଯୁକ୍ତି ନିମନ୍ତେ ନେଟ୍‌ରେ କୃତକାର୍ଯ୍ୟ ହୋଇଥିବା କିମ୍ବା ପିଏଚ୍‌ଡି କରିଥିବା ପ୍ରାର୍ଥୀମାନେ କେବଳ ମୌଖିକ ପରୀକ୍ଷାର ସମ୍ମୁଖୀନ ହେବା ନିମନ୍ତେ ସିଦ୍ଧାନ୍ତ ନିଆଯାଇଛି । ଜୁନିୟର କଲେଜମାନଙ୍କରେ ଆନ୍ଥ୍ରୋପୋଲୋଜି, ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଅର୍ଥନୀତି, ଇଂରାଜୀ, ଭୂଗୋଳ, ଭୂତତ୍ତ୍ୱ, ହିନ୍ଦୀ, ଇତିହାସ, ଗୃହ ବିଜ୍ଞାନ, ଗଣିତ, ଓଡ଼ିଆ, ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ, ମନସ୍ତତ୍ତ୍ୱ ବିଭାଗ, ସାମାଜିକ ବିଜ୍ଞାନ, ପରିସଂଖ୍ୟାନ ବିଭାଗ, ପ୍ରାଣୀ ବିଜ୍ଞାନ ଏବଂ ଶିକ୍ଷା ବିଭାଗ ଇତ୍ୟାଦି ୧୯ଟି ବିଭାଗରେ ମୋଟ ୨୭୨ଜଣ ଏବଂ ଡିଗ୍ରୀ ମହାବିଦ୍ୟାଳୟର ଆନ୍ଥ୍ରୋପୋଲୋଜି, ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ବାଣିଜ୍ୟ, ଭୂଗୋଳ, ଭୂତତ୍ତ୍ୱ, ହିନ୍ଦୀ, ଲାଇବ୍ରେରୀ ବିଜ୍ଞାନ, ତତ୍ତ୍ୱ ଓ ଦର୍ଶନ ବିଭାଗ, ସଂସ୍କୃତ, ଉର୍ଦ୍ଦୁ, ଓଡ଼ିଆ, ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ, ମନସ୍ତତ୍ତ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ, ପ୍ରାଣୀ ବିଜ୍ଞାନ ଏବଂ କମ୍ପ୍ୟୁଟର ବିଭାଗ ଇତ୍ୟାଦି ୧୮ଟି ବିଭାଗରେ ୨୮୧ଜଣ, ଏହିପରି ମୋଟ ୫୫୩ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯିବା ନିମନ୍ତେ ସ୍ଥିର କରାଯାଇଛି । ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହି ନିଯୁକ୍ତି ପ୍ରକ୍ରିୟା ଶେଷ କରାଯାଇ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯିବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।

# ପଦ୍ମଶ୍ରୀ ମନୋରଞ୍ଜନ: ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ପୁରୋଧା

**ବିମଳ କୁମାର ରାଉଳ**

ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ନାଟକ ମନୋରଞ୍ଜନର ପ୍ରଥମ ଧର୍ମ ହେଲେ ସମାଜ ଓ ବ୍ୟକ୍ତି ଜୀବନର ପ୍ରତ୍ୟେକ ଅଂଶକୁ ବ୍ୟବଚ୍ଛେଦ କରି ତା'ର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବା ହେଉଛି ନାଟକର ଦ୍ୱିତୀୟ ଧର୍ମ । ନାଟକର ପରିସରକୁ ଆମେ କୌଣସି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସୀମିତ କରି ରଖିପାରିବା ନାହିଁ । ଏହା ଅସୀମ । ବିଶ୍ୱର ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ ସମାଜ ଓ ପ୍ରତ୍ୟେକ ବ୍ୟକ୍ତିଠାରେ ଏହାର ସତ୍ତା ନିହିତ ।

ମଞ୍ଚ ନାଟକର ଏକ କ୍ଷୁଦ୍ର ପରିସର । ପ୍ରତ୍ୟେକଙ୍କ ଅନ୍ତରରେ ନାଟକର ଗୋଟିଏ ଗୋଟିଏ ବିଶାଳ ମଞ୍ଚ ରହିଛି । ଯେଉଁଠି ମଣିଷ ପରିବେଶ ପରିସ୍ଥିତି ସହ ଉପଯୁକ୍ତ ସନ୍ତୁଳନ ରଖି ପ୍ରତ୍ୟେକ ଦିନ କିଛି କିଛି ଅଭିନୟ କରେ । ତେଣୁ ସମସ୍ତେ ଜଣେ ଜଣେ ଆମେ ଅଭିନେତା । ମଣିଷ ପ୍ରତ୍ୟେକ ଦିନ କିଛି କିଛି ମିଛ କହିଥାଏ । ଆଉ ଏହି ମିଛ କହିବା ହେଉଛି ଅଭିନୟ । ଏଭଳି ଅଭିନୟରେ କୌଣସ ସଂଳାପ ନଥାଏ । ଏହା ସ୍ୱତଃସ୍ଫୂର୍ତ୍ତ ଭାବେ ସ୍ଥାନ, କାଳ, ପାତ୍ର ଅନୁସାରେ ସଂଘଟିତ ହୁଏ । ଯାହାର ପୁନଃରାବୃତ୍ତି ମଧ୍ୟ ଖୁବ୍ କମ୍ ଘଟିଥାଏ । ଯଦି କାହାକୁ କୌଣସି ନାଟକରେ ଅଭିନୟ କରିବା ପାଇଁ କୁହାଯାଏ, ସେ ଯଦି ଅମଙ୍ଗ ହୁଅନ୍ତି ଅବା ଅଭିନୟ ତାଙ୍କୁ ଆସେ ନାହିଁ ବୋଲି କହନ୍ତି, ତେବେ ଆମକୁ ବୁଝିବାକୁ ହେବ ସେ ହିଁ ପ୍ରକୃତ ଅଭିନେତା । କାରଣ ସେ ନିଜ ଭିତରେ ଥିବା ପ୍ରକୃତ ସତ୍ୟକୁ ଲୁଚାଇ କିଛି ଲୋକଙ୍କୁ ତାଙ୍କ ଅଭିନୟ ମାଧ୍ୟମରେ ବୁଝାଇ ପାରିଲେ । ତାହା ହିଁ ଥିଲା ଅଭିନୟ ।

ମଣିଷ ଯେବେଠୁ ଏହି ସତ୍ୟକୁ ବୁଝିଛି, ସେବେଠୁ ନାଟକର ସୃଷ୍ଟି ବୋଲି କୁହାଯିବ । ପ୍ରଥମେ ଯିଏ ଏହି ସତ୍ୟକୁ ସମସ୍ତଙ୍କ ସାମ୍ନାରେ ପରିବେଷଣ କରିଛନ୍ତି, ସେ ହିଁ ନାଟକର ଜନକ । ପରବର୍ତ୍ତୀ ସମୟରେ ଏହି ଧାରାକୁ ଯେଉଁମାନେ ତ୍ୱରାନ୍ୱିତ କରିଛନ୍ତି ଓ ତାହାକୁ ନେଇ ପରୀକ୍ଷା ନିରୀକ୍ଷା ଓ ବିଶ୍ଳେଷଣ କରିଛନ୍ତି, ସେମାନେ ହେଲେ ସଂସ୍କାରକ । ପରିବର୍ତ୍ତନର ଧାରା ସର୍ବଦା ନିର୍ଦ୍ଦିଷ୍ଟ ଗୋଟିଏ ଭାଷା ବା ଅଞ୍ଚଳରେ ଦେଖାଯାଏ । ପରିବର୍ତ୍ତନର ଏକ ପ୍ରମୁଖ ଦୃଷ୍ଟାନ୍ତ ହେଉଛି ନବଜାଗରଣ । ବିଶ୍ୱନାଟକରେ ବହୁ ପରୀକ୍ଷା ନିରୀକ୍ଷା ଓ ବିଶ୍ଳେଷଣ କରିଛନ୍ତି, ସେମାନେ ହେଲେ ସଂସ୍କାରକ । ପରିବର୍ତ୍ତନର ଧାରା ସର୍ବଦା ନିର୍ଦ୍ଦିଷ୍ଟ ଗୋଟିଏ ଭାଷା ବା ଅଞ୍ଚଳରେ ଦେଖାଯାଏ । ପରିବର୍ତ୍ତନର ଏକ ପ୍ରମୁଖ ଦୃଷ୍ଟାନ୍ତ ହେଉଛି ନବଜାଗରଣ । ବିଶ୍ୱନାଟକରେ ବହୁ ପରୀକ୍ଷା ନିରୀକ୍ଷା ହୋଇଛି । ଯାହାର ସ୍ରୋତ ସାରା ବିଶ୍ୱର କୋଣ ଅନୁକୋଣକୁ ପ୍ରବାହିତ ହୋଇଛି ।

୧୮୭୭ ମସିହାରେ ଜଗନ୍ମୋହନ ଲାଲାଙ୍କ ଦ୍ୱାରା ଲିଖିତ 'ବାବାଜୀ' ନାଟକ ଓଡ଼ିଆର ପ୍ରଥମ ସାମାଜିକ ନାଟକ । ଏହା ପୂର୍ବରୁ ଯେ ନାଟକର ବିକାଶ ଓଡ଼ିଆରେ ଘଟି ନଥିଲା, ତାହା କୁହାଯାଇନପାରେ । ବିନ୍ଦୁ ନଥିଲେ ସିନ୍ଧୁ ବା ସମ୍ଭବ କେମିତି ? ଜଗନ୍ମୋହନଙ୍କ ପରେ ରାମଶଙ୍କର ରାୟ, ଅଶ୍ୱିନୀ କୁମାର ଘୋଷ, ଭିକାରୀ ଚରଣ ପଟ୍ଟନାୟକ, କାଳୀଚରଣ ପଟ୍ଟନାୟକ ପ୍ରମୁଖ ଓଡ଼ିଆ ନାଟକକୁ ଆଧୁନିକତାର ଛାପ ଦେଇଛନ୍ତି ଓ ଓଡ଼ିଆ ନାଟକକୁ ପଡୋଶୀ ଭାଷା ଭାଷୀଙ୍କ ଭଳି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ । ଉପରୋକ୍ତ ନାଟ୍ୟକାରଙ୍କ ପୂର୍ବ ଓ ପରେ ବହୁ ଛୋଟବଡ ନାଟ୍ୟକାର ଓଡ଼ିଆ ନାଟ୍ୟ କୋଣାର୍କକୁ ଆଗେଇ ନେବାରେ ସେମାନଙ୍କ ଅମୂଲ୍ୟ ଶ୍ରମଦାନ କରିଛନ୍ତି । ମାତ୍ର କୋଣାର୍କର ଚୂଳି କେହି ମାରିପାରି ନଥିଲେ । ସେଥିପାଇଁ ଜଣେ ଧର୍ମପଦଙ୍କର ଆବିର୍ଭାବ ଘଟିଥିଲା । ସେ ହେଉଛନ୍ତି ନାଟ୍ୟକାର ମନୋରଞ୍ଜନ ଦାସ ।

୧୯୪୨ରେ ପ୍ରଥମ ନାଟକ 'ରାତ୍ରି', ୧୯୪୮ରେ 'ଯୌବନ' ପରେ ପରେ ଅନ୍ୟ ନାଟକଗୁଡିକ ପାଇଁ ନାଟ୍ୟକାର

ମନୋରଞ୍ଜନ ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରନ୍ତି । ୧୯୫୦ ମସିହା ଯାଏ ନାଟ୍ୟକାର ଚିରାଚରିତ ଶୈଳୀରେ ନାଟ୍ୟ ରଚନା କରିଛନ୍ତି । ସେହିବର୍ଷ ଜନ୍ମନିଏ ନାଟକ 'ଆଗାମୀ' । 'ଆଗାମୀ' ହୁଏ ଓଡ଼ିଆ ନାଟକର ବାର୍ତ୍ତାବହ । ଆଉ ଏହାର ସୂତ୍ରଧର ସାଜନ୍ତି ମନୋରଞ୍ଜନ ଦାସ । ଓଡ଼ିଆ ନାଟକର ନୂତନ ପର୍ବ 'ଆଗାମୀ' ନାଟକରୁ ଆରମ୍ଭ ହୁଏ । ତାହା ହେଉଛି ଓଡ଼ିଆ ନାଟ୍ୟ ସାହିତ୍ୟରେ 'ନବନାଟ୍ୟ ଆନ୍ଦୋଳନ' ଧାରା । ପେସାଦାର ରଙ୍ଗମଞ୍ଚରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ନାରୀ ଓ ଜନ୍ମମାଟି ନାଟକ ମାଧ୍ୟମରେ ନାଟ୍ୟକାର ଯେଉଁ ଖ୍ୟାତି ଅର୍ଜନ କରିଥିଲେ, ନବନାଟ୍ୟ ଆନ୍ଦୋଳନ ପାଇଁ ସେ ଏକ ନୂଆ ଆହ୍ୱାନକୁ ଆଦରି ନେଇଥିଲେ । ତାହା ହେଲା ପେସାଦାର ରଙ୍ଗମଞ୍ଚକୁ ଛାଡି ସୌଖିନ ମଞ୍ଚକୁ ଗ୍ରହଣ କରିବା । ଏହାରି ମାଧ୍ୟମରେ ହିଁ ମନୋରଞ୍ଜନ ଓଡ଼ିଆ ନାଟକରେ ନବନାଟ୍ୟ ଧାରାକୁ ସୁଦୂର ପ୍ରସାରୀ କରିଥିଲେ ।

### ନାଟ୍ୟକାର ମନୋରଞ୍ଜନ

୧୯୨୩ ମସିହାରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଜନ୍ମ । ବାଲ୍ୟକାଳରୁ ହିଁ ତାଙ୍କର ନାଟ୍ୟ ସାହିତ୍ୟ ପ୍ରତି ଦୁର୍ବଳତା ରହିଥିଲା । ଯାହା ତାଙ୍କୁ ମର୍ଯ୍ୟାୟ କ୍ରମେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ନାଟ୍ୟକାର ଭାବେ ଗଢିତୋଳି ପାରିଥିଲା । ଗତାନୁଗତିକତାରୁ ଓଡ଼ିଆ ନାଟକକୁ ମୁକ୍ତି ଦେଇ ବିଶ୍ୱ ନବନାଟ୍ୟ ଆନ୍ଦୋଳନରେ ସଂଯୋଗ କରିବା ଲକ୍ଷ୍ୟରେ ମନୋରଞ୍ଜନ ଆରମ୍ଭ କରିଥିଲେ ଅଭିନବ ପ୍ରୟାସ । ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କୁ ଏଥିପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଥିଲା । ମାତ୍ର ପରବର୍ତ୍ତୀ ସମୟରେ ତାହା ତାଙ୍କ ପାଇଁ ଆଶୀର୍ବାଦ ପାଲଟି ଯାଇଥିଲା ।

୧୯୫୦ ମସିହାରେ ସେ ରଚନା କଲେ ନାଟକ 'ଆଗାମୀ' । ଏହାର ଅଭୁତପୂର୍ବ ସଫଳତା ପରେ ୧୯୫୩ରେ ଅବରୋଧ, ୧୯୬୪ରେ ସାଗରମନ୍ଥନ, ୧୯୬୮ରେ ବନହଂସୀ, ୧୯୬୯ରେ ଅରଣ୍ୟ ଫସଲ ଓ ୧୯୭୧ରେ ଅମୃତସ୍ୟ ପୁତ୍ରଃ । ଏସବୁ ଥିଲା ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ । ମନୋରଞ୍ଜନଙ୍କୁ ସଫଳତାର ଶ୍ରେଷ୍ଠ ସୋପାନରେ ପହଞ୍ଚାଇ ଥିଲା ନାଟକ 'ଅରଣ୍ୟ ଫସଲ' । ୧୯୭୧ରେ 'ଅରଣ୍ୟ ଫସଲ' ନାଟକକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା ।

### ନବନାଟ୍ୟ ଆନ୍ଦୋଳନ ଓ ମନୋରଞ୍ଜନଙ୍କ ନାଟକ

ନାଟ୍ୟକାର ଶ୍ରୀ ଦାସ ଓଡ଼ିଆ ନାଟକର ଐତିହ୍ୟ ହାତରୁ ସେଦିନ ମୁକ୍ତି ଖୋଜିଛନ୍ତି । ତାଙ୍କୁ ପାଶ୍ଚାତ୍ୟ ନାଟକର ଶିଳ୍ପକରଣ ଓ ଜୀବନ ଦୃଷ୍ଟି ଅନୁପ୍ରାଣିତ କରିଛି । ହେନରିକ୍, ଇବ୍‌ସେନ୍, ବର୍ଣ୍ଣାଡଶ, ଅଭଗୁଷ୍ଟ ଷ୍ଟ୍ରିଂଡବର୍ଗ, ଇଉଜୀନ୍ ଓନିଲ, ବ୍ରେଖଟ୍ ଓ ବେକେଟ୍ ପ୍ରଭୃତିଙ୍କ ନାଟକ ସେ ପଢିଥିବେ । ସେମାନଙ୍କର ନାଟକ, ବିଜ୍ଞାନ, ଦର୍ଶନ ଓ ମନସ୍ତତ୍ୱ ପ୍ରସାଦରୁ ମଣିଷ ସମ୍ପର୍କରେ ମଧ୍ୟ ଯୁଗର ସବୁ ସଂସ୍କାର ବନ୍ଧନ ଛିଡାଇଛି, କେବଳ ସୁନ୍ଦର ଓ କଲ୍ୟାଣର ପୂଜା ନକରି ବାସ୍ତବ ଜୀବନର ରୂଢ ସତ୍ୟର ନଗ୍ନରୂପ ପ୍ରକଟନ କରିବାକୁ ଚାହିଁଛି । ଓଡ଼ିଆ ନାଟକକୁ ବିଶ୍ୱନାଟ୍ୟଧାରା ସହିତ ପ୍ରାଣ ମିଳାଇ ନେବାକୁ ହେବ । ଦେଶ ସ୍ୱାଧୀନ ହୋଇଛି । ଆମର ସାମାଜିକ, ରାଜନୈତିକ ଓ ମାନସିକ ଜଗତରେ ପରିବର୍ତ୍ତନ ଆସିଛି । ବୁଦ୍ଧି ନିର୍ଭର ସ୍ୱାଧୀନ ଦୃଷ୍ଟିଭଙ୍ଗୀ ଘେନି ନୂଆ ଏକ ମଧ୍ୟବିତ ସମାଜ ସୃଷ୍ଟି ହୋଇଛି । ରାଜନୈତିକ କ୍ଷେତ୍ରରେ ବୈଜ୍ଞାନିକ ସମାଜବାଦର ଧ୍ୱନି ଶୁଭିଛି । ଆମ ଚିନ୍ତା ଚେତନାରେ ଫ୍ରଏଡ୍ ଓ ମାର୍କସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ୟୁରୋପୀୟ ନବନାଟ୍ୟ ଆନ୍ଦୋଳନର ପ୍ରଭାବରୁ ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ କାଳରେ ନୂଆ ଚିନ୍ତା ଓ ଚେତନା ତଥା ସାମାଜିକ ଆଦର୍ଶ ଆନ୍ଦୋଳନକୁ ତ୍ୱରାନ୍ୱିତ କରନ୍ତି । (ମନୋରଞ୍ଜନ ନାଟ୍ୟ ଦିଗନ୍ତ, ପୃଷ୍ଠା–୩, ପ୍ରାଧାପକ ଦାଶରଥି ଦାସ)

ଆଗାମୀ ହେଉଛି ମନୋରଞ୍ଜନଙ୍କ ନବନାଟ୍ୟ ଆନ୍ଦୋଳନରେ ପ୍ରଥମ ନାଟକ । ଯାହା ୧୯୫୦ ମସିହାରେ ରଚିତ ହୋଇଥିଲା । ଯାହା ପରବର୍ତ୍ତୀ ସମୟରେ ସାଗର ମନ୍ଥନ, ବନହଂସୀ, ଅରଣ୍ୟ ଫସଲ, ଅମୃତସ୍ୟ ପୁତ୍ରଃ ପ୍ରଭୃତି ରଚନା ପାଇଁ ପଥ ପରିଷ୍କାର କରି ଦେଇଥିଲା । 'ଆଗାମୀ' ନାଟକ ସମ୍ପର୍କରେ ସମାଲୋଚକ ପଠାଣି ପଟ୍ଟନାୟକ ଯାହା ଲେଖିଛନ୍ତି– 'ଆଗାମୀ' ନାଟକର ଦୁଇଟି ଚରିତ୍ର ଶରତ ଏବଂ ସରୋଜ ଥିଲେ ଅତିମାତ୍ରାରେ ଯୁଗଧର୍ମୀ । ସ୍ୱାଧୀନତା ପରବର୍ତ୍ତୀ ସମାଜ ସେମାନଙ୍କ ମନରେ ଅନ୍ତଃହୀନ ସମ୍ଭାବନାର ସ୍ୱପ୍ନ ସୃଷ୍ଟି କରିଥିଲା । ମାର୍କସ, ଗାନ୍ଧୀ, ରୁଷୋ, ଭୋଲଟାୟାର, ଫ୍ରଏଡ୍, ଏଡ୍‌ଲର, ୟଙ୍ଗ ପ୍ରଭୃତି ପୃଥିବୀର ବିପ୍ଳବୀ ଚିନ୍ତାନାୟକଗଣ ନାନା ମତ ଓ ପନ୍ଥାର ଥିଲେ ଦିଗ୍‌ଦର୍ଶକ । ତେବେ ତାରି ମଧ୍ୟରେ ଗୋଟିଏ ଭାବନା ଅତ୍ୟନ୍ତ ତୀବ୍ର ଏବଂ ସତ୍ୟ ହୋଇ ଉଠିଥିଲା । ତାହା ହେଲା, 'ମଣିଷ ମଣିଷ ପରି ବଞ୍ଚିବ ଆଜି ନହେଲେ ଆଗାମୀ କାଲି' । ମାତ୍ର ମଣିଷକୁ ଅବହେଳା, ଅଣହେଳା କରି କୌଣସି ସମାଜ ଆଉ ତିଷ୍ଠି ପାରିବ ନାହିଁ । ସାଧାରଣ ଶ୍ରମିକ ଓ ଚାଷୀ ଆଜି ଅବହେଳିତ, ଅତ୍ୟାଚାରିତ ଓ ଲୁଣ୍ଠିତ । ସେଥିପାଇଁ ଆନ୍ଦୋଳନ ମାଧ୍ୟମରେ ସେମାନଙ୍କୁ ଜାଗ୍ରତ କରିବାକୁ ପଡିବ ଓ ନିଜ ନିଜର ଅଧିକାର ସମ୍ପର୍କରେ ଚେତାଇ ଦେବାକୁ ପଡିବ । ସେଥିପାଇଁ

ରାଜନୀତିକୁ ପେସା କରିଥିବା କର୍ମୀ ସୁଦର୍ଶନକୁ ଶରତ କହିଛି– 'ତୁମେ ଶ୍ରମିକର ଜାତି, ମଜୁରିଆର ଜାତି, ପୃଥିବୀର ସମସ୍ତ ଉତ୍ପାଦନ ଚାବି ତୁମ ହାତରେ, ଶକ୍ତି ତୁମର ଅଜେୟ । କିନ୍ତୁ ଦୁର୍ବଳ ତୁମେ ସେ ଶକ୍ତିକୁ ଚିହ୍ନି ପାରିନା । ସେଥିପାଇଁ ମାଲିକ ଲାଠି ପଥରରେ ତୁମର ପ୍ରତିଶୋଧ ନିଏ । ଭଲ ହୋଇଛି ଭଲ ହୋଇଛି । ତୁମମାନଙ୍କ ଉପରେ ଆହୁରି ହେଉ ଅତ୍ୟାଚାର । ଆହୁରି ହେଉ ଲାଞ୍ଛନା, ଆହୁରି ନିର୍ଯାତନା... ।

ତାତ୍କାଳିତ ରାଜନୈତିକ ଚେତନାର ରୂପାୟନ ସହିତ ଆଗାମୀ ନାଟକର ଆଉ ଏକ ବୈଶିଷ୍ଟ୍ୟ ହେଉଛି ଗଭୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ । ଅତୀତର ଓଡ଼ିଆ ନାଟକରେ ଏହି ପ୍ରଚେଷ୍ଟା ଥିଲା ସ୍ୱପ୍ନପ୍ରାୟ ।'

୧୯୫୩ ମସିହାରେ ରଚିତ ହୋଇଥିଲା ନାଟକ ଅବରୋଧ । ଏହି ନାଟକ ସମ୍ପର୍କରେ ନାଟ୍ୟକାର ନିଜେ କହିଥିଲେ– 'ସ୍ୱାଧୀନତା ପାଇବାର ଏଇ କେତେ ବର୍ଷ ପରେ ନିଶ୍ଚୟ ଚିନ୍ତାଶୀଳ ବ୍ୟକ୍ତି ଅନୁଭବ କରୁଥିବେ, ଜନତାର ଚେତନା ଶକ୍ତି ଯଦି ଉନ୍ନତ ନହୁଏ, ଏ ଦେଶରେ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ । ଜନତାର ସେଇ ଚେତନା ଉନ୍ମେଷିତ କରିବା 'ଅବରୋଧ'ର ଲକ୍ଷ୍ୟ ।'

ନାଟକ 'ଅରଣ୍ୟ ଫସଲ' ଏକ ପରୀକ୍ଷା ଧର୍ମୀ ଓ ମନସ୍ତାତ୍ତ୍ୱିକ ନାଟକ ଯାହା ଓଡ଼ିଆ ନାଟକ ପାଇଁ ଏକାନ୍ତ ଅଭିନବ । ଏ ସମ୍ପର୍କରେ ଡକ୍ଟର ହେମନ୍ତ କୁମାର ଦାସ ଲେଖିଛନ୍ତି– 'ସାମାଜିକ ଜୀବନରେ ସୂଚିତ ମୁକ୍ତ ଅବସ୍ଥାର ଆପାତଃ ନିରୂପାୟତା ଏବଂ ଅରଣାମନର ଅଶ୍ଲୀଳତା– ପରିମାଣରେ ଏହାହିଁ ହୋଇଛି ନାଟକର ପ୍ରତିପାଦ୍ୟ । 'ଇଚ୍ଛାମତେ କାହୁଁ ଚଳିବ ବା ଜନ ସଂସାରେ ନିଜର ନୁହେଁ ନିଜ ମନ'– କବିତାର ଯଥାର୍ଥତା ପ୍ରତିପାଦିତ ହୋଇଛି ସଂଗ୍ରାମର ଆମେ ପରେ ଯେଉଁଠି ସେ ମଣିଷର ଛଳନା, ମଣିଷର ହିପୋକ୍ରାସୀ ବିରୋଧରେ ସ୍ଲୋଗାନ୍ ଦେଇଛି । ନାଟକର ପରିବେଷଣ ଶୈଳୀ ମୌଳିକ ଏବଂ ସୁନ୍ଦର । ସବୁଠୁ ମର୍ମସ୍ପର୍ଶୀ ଏହା ବିୟୋଗାନ୍ତ ଶେଷ ଦୃଶ୍ୟଟି, ଯେଉଁଠି ଆଜିର ମଣିଷର ଦୟନୀୟତା, ନିରୂପାୟତା କାରୁଣ୍ୟ ମାଧ୍ୟମରେ ପ୍ରକଟିତ । ଯେଉଁଠି ମଣିଷ ପରିସ୍ଥିତିର ଦାସ ମାତ୍ର, ସେଠାରେ ତା'ର ଲଲାଟରେ କେବଳ ମାତ୍ର ଅନ୍ତହୀନ ଅଶ୍ରୁ ଏବଂ ହାହାକାର ବ୍ୟତୀତ ଆଉ କ'ଣ ଅଛି ? ଚରିତ୍ରଗୁଡିକ ଟ୍ରାଜିକ୍ ନାଟକର ଏକାନ୍ତ ଉପଯୋଗୀ, କାରଣ ଆଚରଣରେ ଏମାନେ ଆରିଷ୍ଟଲର 'କରୁଣ ଏବଂ ତ୍ରାସ' ସୃଷ୍ଟିକ୍ଷମ ।'

'ଅମୃତସ୍ୟ ପୁତ୍ରଃ' ନାଟକରେ ନାଟ୍ୟକାର ଚରିତ୍ରଗୁଡିକର ମନୋବିଶ୍ଳେଷଣ କରି ସଂଗୁପ୍ତ ଚିନ୍ତାଧାରାକୁ ପରିସ୍ଫୁଟନ କରିଛନ୍ତି । 'ବନହଂସୀ' ଏକ ପରୀକ୍ଷାଧର୍ମୀ ନାଟକ । ନାଟକଟି ତିନି ଅଙ୍କ ବିଶିଷ୍ଟ । ପାରମ୍ପରିକ ନାଟକଙ୍କୁ ଏହାର ସଂଳାପ ସମ୍ପୂର୍ଣ୍ଣ ଭିନ୍ନ । 'ବନହଂସୀ' ଓଡ଼ିଆ ନାଟକ କ୍ଷେତ୍ରରେ ଏକ ବୈପ୍ଳବିକ ଧ୍ୱଜା ଧାରଣ କରି ଆତ୍ମପ୍ରକାଶ କରିଥିଲା ମନୋରଞ୍ଜନଙ୍କ ଲେଖନୀରେ ବୋଲି କହିଛନ୍ତି ଅଧ୍ୟାପକ ପ୍ରଦୀପ କୁମାର ଦାସ ।

ମନୋରଞ୍ଜନ ଦାସଙ୍କ ୧୯୫୦ ପରବର୍ତ୍ତୀ ପ୍ରତ୍ୟେକ ନାଟକ ଓଡ଼ିଆ ନାଟ୍ୟ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ମନୋବୈଜ୍ଞାନିକ ବିଶ୍ଳେଷଣ, ମଣିଷର ନିସଙ୍ଗତା, ଯୌନକ୍ଷୁଧା, ଶୋଷଣ ବିରୋଧୀ ସ୍ୱର ଇତ୍ୟାଦି ଆଧୁନିକ ମଣିଷର ପରିବେଶ ପରିସ୍ଥିତିକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟାର ସ୍ୱର ଓ ତା'ର ସୂକ୍ଷ୍ମ ବିଶ୍ଳେଷଣ କରିଛନ୍ତି ନାଟ୍ୟକାର । ଏବେ ସେ ଆମ ଗହଣରେ ନାହାନ୍ତି ସତ, ମାତ୍ର ସେ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଯେଉଁ ନୂଆ ଆଲୋକରେ ରଙ୍ଗିତାୟିତ କଲେ, ତାହା ଏ ଜାତିକୁ ବିଶ୍ୱର ପରିବର୍ତ୍ତନର ଚଳନ୍ତି ଧାରାରେ ସାମିଲ କରି ପାରିଛନ୍ତି । ବୋଧହୁଏ ତାଙ୍କରି ପାଇଁ ଜାତୀୟ ସ୍ତରରେ ଓଡ଼ିଆ ନାଟକ ତା'ର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ।

କ୍ୱାର୍ଟର ନଂ– କେ–୯ଏ
ଏମ୍.ଆଇ.ଜି–୩୭
କଳିଙ୍ଗବିହାର, ଭୁବନେଶ୍ୱର

❖ ❖ ❖

# ଓଡ଼ିଶା ଓ ଯାଜପୁର

**ସୂର୍ଯ୍ୟମଣି ଖୁଣ୍ଟିଆ**

୧୯୩୬ ମସିହା ଅପ୍ରେଲ ପହିଲା ତାରିଖ ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା । ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭକଲା । ଭାଷାଭିତ୍ତିରେ ଓଡ଼ିଶା ହେଉଛି ପ୍ରଥମ ଗଠିତ ରାଜ୍ୟ । ଏହି ରାଜ୍ୟର ନାମ ଉଡ୍ର, କଳିଙ୍ଗ ଏବଂ ଉତ୍କଳ ହୋଇଛି ଏହି ଉପକୂଳବର୍ତ୍ତୀ ରାଜ୍ୟର ଗୋଟିଏ ବିଭବଶାଳୀ ସଂସ୍କୃତି ସମ୍ପନ୍ନ ଅଂଶ ହେଉଛି ଯାଜପୁର । ଦୀର୍ଘଦିନ ଧରି କଟକ ଜିଲ୍ଲାର ସବ୍‌ଡିଭିଜନ ଭାବରେ ମାନ୍ୟତା ପାଇ ଆସୁଥିବା ଯାଜପୁର ଏବେ ଏକ ସ୍ୱତନ୍ତ୍ର ଜିଲ୍ଲା । ବଙ୍ଗଳାର ପ୍ରଖ୍ୟାତ ଲେଖକ ବଙ୍କିମ୍‌ଚନ୍ଦ୍ର ଦିନେ ଏହି ସବ୍‌ଡିଭିଜନ ଯାଜପୁରର ମୁଖ୍ୟ ପ୍ରଶାସନିକ ଅଧିକାରୀ ଥିଲେ ।

ଏବେର ଯାଜପୁର ଜିଲ୍ଲା ଦଶଗୋଟି ବ୍ଲକ୍, ଯାଜପୁର, ବ୍ୟାସନଗର ଭଳି ଦୁଇଟି ପୌରପରିଷଦକୁ ନେଇ ଗଠିତ । ଗୋଟିଏ ପଟରେ ପାହାଡ ପର୍ବତ ଘେରି ସୁକିନ୍ଦା ଅଞ୍ଚଳ ଢେଙ୍କାନାଳ ଜିଲ୍ଲାକୁ ସ୍ପର୍ଶ କରୁଛି ତ ଅନ୍ୟପଟେ ଉତ୍ତରରେ ବୈତରଣୀ ନଦୀ ଏ ଜିଲ୍ଲାର ସୀମାରେଖା ଦେଇ ବହିଯାଉଛି, ଦକ୍ଷିଣ ପଟରେ ବିରୂପା, ପୂର୍ବ ପଟରେ କେନ୍ଦ୍ରାପଡା ଜିଲ୍ଲା, ଏ ଜିଲ୍ଲା ଦେଇ ବହି ଯାଉଥିବା ବ୍ରାହ୍ମଣୀନଦୀ ସବୁଠାରୁ ବଡନଦୀ । ଛୋଟ ନଦୀମାନେ ହେଲେ ଖରସ୍ରୋତା, ବୁଢା, ଗେଙ୍ଗୁଟି, କେଲୁଅ ଏବଂ ଆହୁରି କେତେ ଛୋଟ ବଡ ନାଳ ବହିଯାଉଛନ୍ତି । ପୁଣି ଧର୍ମଶାଳା ଓ ବଡଚଣା ଅଞ୍ଚଳରେ ପାହାଡ ପର୍ବତମାନଙ୍କରେ ଭରିରହିଛି ପୁରାତନ ବୌଦ୍ଧକୀର୍ତ୍ତି ସମୂହ ।

ଏ ଯାଜପୁର ମାଟିର ଇତିହାସ ୨୦୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟର କଥାକହେ । ବ୍ୟାସ ବିରଚିତ ସଂସ୍କୃତ ମହାଭାରତରେ ଯାଜପୁର ବିରଜାତୀର୍ଥ ସମ୍ପର୍କରେ ଅନେକ କଥା କୁହାଯାଇଛି । ତେଣୁ ମହାଭାରତ ରଚନା ସମୟକୁ ଯାଜପୁର ପ୍ରସିଦ୍ଧି ଅର୍ଜନ କରିସାରିଥିଲା । ଅବଶ୍ୟ କେତେବେଳେ ଯାଜପୁରର ନାମ ଯଜ୍ଞପୁର ଥିଲା ତ ଆଉ କେତେବେଳେ ଯାଜନଗ୍ର ଥିଲା । ଜିଲ୍ଲାର ପ୍ରାଣକେନ୍ଦ୍ର ଯାଜପୁର ନିଜର ମହିମାରେ ମହିମାମଣ୍ଡିତ । ଓଡ଼ିଶାର ବିକାଶରେ ଯାଜପୁର କିପରି ଯୋଗଦାନ କରିଛି, ସେଇକଥା ପ୍ରବନ୍ଧରେ ବିଚାର କରିବା । ତେଣୁ ସମସ୍ତ ବିଭବକୁ ସଂକ୍ଷିପ୍ତ ଭାବରେ ଆଲୋଚନା କରିବାକୁ ହେବ ।

ଓଡ଼ିଶାର ସୁଦୂର ଅତୀତକୁ ଚାହିଁଲେ ଦେଖାଯାଏ ଦୀର୍ଘକାଳ ଧରି ଅର୍ଥାତ୍ ୫୦୦/୬୦୦ ବର୍ଷଧରି ଯାଜପୁର ଥିଲା ଓଡ଼ିଶାର ରାଜଧାନୀ, ଏକ ସୁରକ୍ଷିତ ରାଜଧାନୀ । ଇତିହାସ ଯେତିକି ପ୍ରମାଣଦିଏ– ଓଡ଼ିଶା ଶାସନରେ ଯାଜପୁରର ଦୁଇ ରାଜବଂଶ ଯଥା– ଭୌମକର ବଂଶ ଓ ସୋମବଂଶ ଦୀର୍ଘକାଳ ଧରି ଯାଜପୁରର ରାଜସିଂହାସନରେ ବସି ତତ୍କାଳୀନ 'ଯାଜନଗ୍ର'ର ଶାସନ କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ଶାସନକୁ ନିୟନ୍ତ୍ରଣ କରୁଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯାଜପୁର ମାଟି ନାରୀ ସ୍ୱାଧୀନତାର ଉଦାହରଣ ସୃଷ୍ଟି କରିଛି ସପ୍ତମ ଅଷ୍ଟମ ଶତାବ୍ଦୀରୁ । ଭୌମକର ବଂଶରେ ପୁରୁଷ ଉତ୍ତରାଧିକାରୀଙ୍କ ଅଭାବ ହେଉ ବା ଅନ୍ୟକୌଣସି କାରଣରୁ ହେଉ ଛଅଜଣ ନାରୀ ବିଭିନ୍ନ ସମୟରେ ସିଂହାସନ ଆରୋହଣ କରିବା ସଙ୍ଗେ ସଙ୍ଗେ ରାଜ୍ୟକୁ ଦୃଢଶାସନ ପ୍ରଦାନ କରିଥିଲେ । ସେମାନେ ହେଲେ– ତ୍ରିଭୁବନ ମହାଦେବୀ– ୧ମ, ପୃଥ୍ୱୀ ମହାଦେବୀ ବା ତ୍ରିଭୁବନ ମହାଦେବୀ ଦ୍ୱିତୀୟ । ତ୍ରିଭୁବନ ମହାଦେବୀ ୧ମ (ଭୌମବଂଶର ଦୁର୍ଦ୍ଦିନରେ ବୃଦ୍ଧା ତ୍ରିଭୁବନ ମହାଦେବୀ ପ୍ରଥମ ପୁନର୍ବାର ସିଂହାସନ ଆରୋହଣ କରିଥିଲେ) କେତେକ ଐତିହାସିକ ତାଙ୍କୁ ତୃତୀୟ ତ୍ରିଭୁବନ ମହାଦେବୀ ବୋଲି ମନେ କରନ୍ତି । ତାଙ୍କଦ୍ୱାରା ପ୍ରଦତ୍ତ ଢେଙ୍କାନାଳ ତାମ୍ରଶାସନ ଖ୍ରୀ୮୯୬ ଓ ଉତରଙ୍ଗ ତାମ୍ରଶାସନ–ଖ୍ରୀ୯୦୦ ଦ୍ରଷ୍ଟବ୍ୟ), ଗୌରୀ ମହାଦେବୀ, ଦଣ୍ଡି ମହାଦେବୀ, ଧର୍ମାମହାଦେବୀ

ଓ ବକୁଳ ମହାଦେବୀ ଦଣ୍ଡି ମହାଦେବୀଙ୍କର ସର୍ବାଧିକ ପାଞ୍ଚଗୋଟି ତାମ୍ର ଶାସନ ଆବିଷ୍କୃତ ହୋଇଛି ।

୧୪୦୦–୧୫୦୦ ବର୍ଷତଳେ ନାରୀ ସ୍ୱାଧୀନତା ଓ ନାରୀଙ୍କଦ୍ୱାରା ରାଜ୍ୟ ଶାସିତ ହେବାର କଳ୍ପନା କଲେ ଆଜି ଆଶ୍ଚର୍ଯ୍ୟ ଲାଗେ କେବଳ ନାରୀ ସ୍ୱାଧୀନତା ବା ନାରୀ ପ୍ରଶାସନ ନୁହେଁ, ଯାଜପୁର ଓଡ଼ିଶା ମାଟିକୁ ଦେଇଛି ଯଯାତି ୧ ଏବଂ ଯଯାତି ୨ଙ୍କ ପରି ଦୁଇଜଣ କୀର୍ତ୍ତିବାନ୍ ରାଜା ବିଶେଷକରି ଦ୍ୱିତୀୟ ଯଯାତି ବା ଚଣ୍ଡୀହାର ଯଯାତି କୋଶଳ, ଉତ୍କଳ ଓ କଙ୍ଗୋଦର ଅଧୀଶ୍ୱର ହେବାରୁ ତାଙ୍କର ରାଜ୍ୟ ଓ ସୈନ୍ୟବଳ ଯଥେଷ୍ଟ ପରିମାଣରେ ବୃଦ୍ଧିଲାଭ କଲା, ସେ ଏକାକୀ କିମ୍ବା ମିତ୍ରମାନଙ୍କ ସଙ୍ଗେ ମିଳିତ ହୋଇ ଗୌଡ, ରାଢ, କାଂଚି, କର୍ଣ୍ଣାଟ ଲାଟ ଇତ୍ୟାଦି ଜୟକରି ଅପାର ଧନ ସମ୍ପଦ ଆଣି ତାଙ୍କର ରାଜକୋଷ ପୂର୍ଣ୍ଣ କରିଥିଲେ । ରାଜଚକ୍ରବର୍ତ୍ତୀ ହୋଇ ନିଜର ବିଜୟର ସ୍ମାରକୀ ସ୍ୱରୂପ ନିଜ ରାଜଧାନୀ ଯାଜପୁରଠାରେ ଦଶାଶ୍ୱମେଧ ଯଜ୍ଞ କରିଥିଲେ । ସେହି ଚଣ୍ଡୀହାର ଯଯାତିହିଁ ଐତିହାସିକ ଯାଜନଗ୍ର ବା ଯାଜପୁରର ଅସଲ ନିର୍ମାତା ।

ଓଡ଼ିଶାର ସାଂସ୍କୃତିକ ଓ ଧର୍ମଧାରାର ବିକାଶ ପାଇଁ ଯଯାତିଙ୍କର ଅବଦାନ ଅତୁଳନୀୟ । ମାଦଳାପାଞ୍ଜି ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନଙ୍କ ପରେ ଶ୍ରୀ ନୀଳାଚଳରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରିଥିଲେ । ମାଦଳାପାଞ୍ଜି କହନ୍ତି, ଏ ଉତ୍ତାରୁ କେଶରୀ ପାଟରାଜା ହେଲେ ପ୍ରଥମ ପାଟରାଜା ଯଯାତି କେଶରୀ ହୋଇଲେ । ଏ ରାଜା ବଡ ସୁରବନ୍ତ ଓ ମହାଦାନୀ । ଏ ମହାରାଜାଙ୍କ ୧୧ ଅଙ୍କରେ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ବ୍ରାହ୍ମଣମାନଙ୍କୁ ପଚାରିଲେ 'ଓଡ଼ିଶା ରାଜ୍ୟରେ ପ୍ରଭୁ ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ କାହିଁଛନ୍ତି ?' ସେମାନେ କହିଲେ, 'ମୁଗଲ ଗୋଳ ହୋଇବାରୁ ସମୋଦ୍ର ମାଡି ଅଇଲାକୁ ଅପାର ଦିନ ହୋଇଲା । ଶ୍ରୀ ପରମେଶ୍ୱରଙ୍କୁ ପାତାଳୀ କରି ସୁନୁପୁରଠାରେ କେଉଁଠାରେ ବିଜେ କରାଇଲେ ଗାଁତବ ନାହିଁ ।' ଏହାଶୁଣି ରାଜା ସୁନୁପୁରୁ ଗଲେ । ସେଠାରେ ଖଣ୍ଡାଇତଙ୍କୁ ପଚାରିଲେ । ସେମାନେ କହିଲେ ଆମେ ଗାଁତବନୋହୁଁ । ଆମ ବାପଅଜା କହନ୍ତି ଦିଅଁବର ଏହି । ଏଥିତଳେ ଦିଅଁଙ୍କୁ ପୋତିଥିଲେ ।' ଏହା ଶୁଣି ରାଜା କଟୁରିଆ ବ୍ରାହ୍ମଣଙ୍କୁ ଆଣି ସେ ଗଛ କଟାଇ ଖୋଳାଇଲେ । ପରମେଶ୍ୱରଙ୍କୁ ବାହାର କଲେ । ସେଦିନେ ଶ୍ରୀମୂର୍ତ୍ତିମାନ ମାଟିଖାଇ ଛିନ୍ନଭିନ୍ନ ହୋଇଛନ୍ତି । ଦିଅଁମାନଙ୍କୁ ଲୁଗାଗୁଡିଆଇ ମୁଣାରେ ପୂରାଇ ମୁଦାଇଲେ ।

ଯଯାତି ଦ୍ୱିତୀୟଙ୍କ ପୂର୍ବରୁ ସୋମବଂଶୀ ରାଜାଙ୍କର କେଶରୀ ପଦବୀ ନଥିଲା, ତେଣୁ ଦ୍ୱିତୀୟ ଯଯାତିହିଁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଇ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରାଇବା ସଙ୍ଗେ ସଙ୍ଗେ 'ବିରଜାମଣ୍ଡଳ' ଓ 'ଜଗନ୍ନାଥ ମଣ୍ଡଳ'ର ଏକ ଭାବଗତ ମିଳନ କରାଇଥିଲେ । ଯଯାତି କେଶରୀ ଯେଉଁ ମନ୍ଦିର ନିର୍ମାଣ କରାଇଥିଲେ ସେ ମନ୍ଦିର ଆଜିର ମନ୍ଦିର ନୁହେଁ, ଆଜିର ମନ୍ଦିର ପରବର୍ତ୍ତୀ ସମୟରେ ଚୋଡଗଙ୍ଗଦେବ ଓ ଅନଙ୍ଗଭୀମଙ୍କ ଅମଳରେ ନିର୍ମାଣ କରାଯାଇଥିଲା । ଯାଜପୁରର ଚକ୍ରବର୍ତ୍ତୀ ସମ୍ରାଟ ଦ୍ୱିତୀୟ ଯଯାତିହିଁ ଯାଜପୁରରେ ନବରାତ୍ର (ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ) ନବଦିନ ବ୍ୟାପି ରଥଯାତ୍ରାର ପରମ୍ପରା ସୃଷ୍ଟି କରିଥିଲେ । ତାହା ବିରଜାଙ୍କ ରଥଯାତ୍ରା । ଅନୁରୂପ ଭାବରେ ଶ୍ରୀକ୍ଷେତ୍ର ପୁରୀରେ ମଧ୍ୟ ନବଦିନ ବ୍ୟାପି ରଥଯାତ୍ରାର ସୃଷ୍ଟି ଯଯାତି ଦ୍ୱିତୀୟଙ୍କର ସୃଷ୍ଟି ବୋଲି କେତେକ ଐତିହାସିକଙ୍କର ମତ ।

ପରବର୍ତ୍ତୀ କାଳରେ ଯାଜପୁର ରାଜଧାନୀ ହେବାର ଗୌରବ ହରାଇଛି । ବିଭିନ୍ନ ସମୟରେ ଯେଉଁମାନେ ଦେଶ ଓ ଜାତିର ନେତୃତ୍ୱ ନେବା ପାଇଁ ଅଣ୍ଟା ଭିଡିଛନ୍ତି ସମସ୍ତଙ୍କ ସମ୍ପର୍କରେ ବିସ୍ତୃତ ବିବରଣୀ ଦେବା ସମ୍ଭବ ନୁହେଁ, ତେବେ ବ୍ରଜସୁନ୍ଦର ଦାସ ଓ ବିଚିତ୍ରାନନ୍ଦ ଦାସଙ୍କୁ ସ୍ମରଣ କରିବାକୁ ହୁଏ । ଏମାନେ ଭାରତୀୟ ମୁକ୍ତି ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଯାଜପୁରର ବରୀ ଅଞ୍ଚଳ ଭାରତୀୟ ଜାତୀୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । କଳାମାଟିଆ ଗୁଳିକାଣ୍ଡ ଓଡିଶା ମାଟିରେ କମ୍ପନ ସୃଷ୍ଟି କରିଥିଲା । ତା'ର ବହୁ ପୂର୍ବରୁ ୧୮୫୭ ଖ୍ରୀଷ୍ଟାବ୍ଦରେ ରାମକୃଷ୍ଣ ସାମନ୍ତ ସିଂହାର ପ୍ରଥମେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଓଡ଼ିଶାର ପ୍ରଥମ ସନ୍ତ୍ରାସବାଦୀ ଆନ୍ଦୋଳନ ଯାଜପୁର ନିକଟବର୍ତ୍ତୀ ଚଇନ୍‌ପୁର ଓ ଗୁରୁଦାସପୁର ଗ୍ରାମରୁ ଆରମ୍ଭ ହୋଇଥିଲା । ଓଡ଼ିଶାର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଓ ଅଧିକ ଦିନ କାରାଦଣ୍ଡରେ ଦଣ୍ଡିତ ବୀର ଭଗବାନ ସାହୁ ଏ ମାଟିର ସନ୍ତାନ । ଏଇ ମାଟିରେ ପ୍ରଥମ ରାଜବନ୍ଦୀ ରାଜକୃଷ୍ଣ ବୋଷ, ବରୀ ଆଶ୍ରମର ତ୍ୟାଗୀ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଇତ୍ୟାଦି ଓଡ଼ିଶା ପାଇଁ ଅମୂଲ୍ୟ ଦାନ ଦେଇ ଯାଇଛନ୍ତି । କଳାମାଟିଆ ଗୁଳିକାଣ୍ଡରେ ଝାସଦେଇ ସାଉଁଟି, ଆନନ୍ଦ, ହାଡିବନ୍ଧୁ ଓ ମାୟାଧର ପ୍ରାଣବଳି ଦେଇ ସହିଦ୍ ହୋଇଛନ୍ତି ଓ ଏ ମାଟିକୁ ଧନ୍ୟ କରିଛନ୍ତି । ତେଣୁ ବିଗତ ଦୁଇହଜାର ବର୍ଷର ଇତିହାସକୁ ଅଣ୍ଡାଳିଲେ– ଓଡ଼ିଶାର ଇତିହାସ ପାଇଁ ଯାଜପୁରର ଅବଦାନ ବେଶ୍ ଗୌରବମୟ । ୧୫୬୮ ବେଳକୁ କଳାପାହାଡର ଆକ୍ରମଣ ଯାଜପୁରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା । ଦେଶ ସ୍ୱାଧୀନତା

ପାଇବା ପର୍ଯ୍ୟନ୍ତ ଆଉ ଯାଜପୁରର ବିକାଶ ଘଟି ପାରିଲା ନାହିଁ ବା ଯାଜପୁର ଓଡ଼ିଶାର ରାଜନୈତିକ ଉତ୍‌ଥାନ ପାଇଁ ବିଶେଷ କିଛି କରିପାରିଲା ନାହିଁ । ତେବେ ସ୍ୱାଧୀନତା ପ୍ରାପ୍ତିପରେ ଯେଉଁମାନେ ଓଡ଼ିଶାର ବିକାଶରେ ସହଯୋଗ କରିଛନ୍ତି, ସେମାନେ ସାଧାରଣତଃ ରାଜନେତା । ରାଜନେତାମାନେ ବିଧାୟକ, ସାଂସଦ ଓ ମନ୍ତ୍ରୀ ହୋଇଛନ୍ତି । ଜଣଜଣ କରି ନାମ ନେବା ଉଚିତ୍ ହେବନାହିଁ । ସେମାନେ ଓଡ଼ିଶାର ଉନ୍ନତିରେ ସହଯୋଗ ରଖିଛନ୍ତି । ତେବେ ଯେତିକି କରିବାର କଥା ହୁଏତ ସେତିକି କରିପାରି ନାହାଁନ୍ତି । ସେଥିପାଇଁ ଯାଜପୁର ନିଜେ ଅନ୍ୟମାନଙ୍କ ପଛରେ ରହିଯାଇଛି ।

ଏବେ ଦେଖିବା ଓଡ଼ିଶାର ଧର୍ମଧାରା ଓ ସାଂସ୍କୃତିକ ବିକାଶରେ ଯାଜପୁରର ଅବଦାନ କେତେ । ଓଡ଼ିଶାର ପ୍ରମୁଖ ଚାରିଗୋଟି କ୍ଷେତ୍ର–ଯଥା– ଶଙ୍ଖକ୍ଷେତ୍ର (ପୁରୀ) ଚକ୍ରକ୍ଷେତ୍ର (ଭୁବନେଶ୍ୱର) ପଦ୍ମକ୍ଷେତ୍ର (କୋଣାର୍କ ଅର୍କକ୍ଷେତ୍ର) ଓ ଗଦାକ୍ଷେତ୍ର ଯାଜପୁର ।

ଏ କ୍ଷେତ୍ର ବିଭାଜନର ବହୁ ପୂର୍ବରୁ ଯାଜପୁର ହିଁ ଥିଲା ଜୈନଧର୍ମର ପ୍ରମୁଖ ଭୂମି । ଜୈନରାଜା କାମ୍ବୁଯଶ ଖ୍ରୀ ୫୮୦ରୁ ଖ୍ରୀ ୬୩୦ ମଧ୍ୟରେ ଯାଜପୁର ଅଞ୍ଚଳର ଶାସନ କର୍ତ୍ତା ହୋଇଥିଲେ । ତାଙ୍କର ସୋରୋ ତାମ୍ର ଶାସନରୁ ଜଣାଯାଏ ସେ ଅଞ୍ଚଳରେ ଜୈନଧର୍ମର ପ୍ରସାର କରିଥିଲେ । ଚୀନ୍ ପରିବ୍ରାଜକ ହୁଏନ୍‌ସାଙ୍ଗ ଭ୍ରମଣ କାହାଣୀରୁ ଉପଲବ୍ଧ ହୁଏ ଯେ ଯାଜପୁର ଅଞ୍ଚଳରେ ନିଗନ୍ଥମାନଙ୍କରେ ସଂଖ୍ୟା ମଧ୍ୟ ସର୍ବାଧିକ ଥିଲା, ଏବେବି ଯାଜପୁର ଅଞ୍ଚଳରେ ବହୁ ଭଗ୍ନ ଜୀନମୂର୍ତ୍ତି ଦେଖାଯାଆନ୍ତି । ତେଣୁ ୭ମ ଶତାବ୍ଦୀ ବେଳକୁ ଜୈନଧର୍ମର ବିକାଶ ଓ ପ୍ରଚାର ପ୍ରସାରରେ ଯାଜପୁରର ଅବଦାନ ଥିଲା ଖୁବ୍ ବେଶୀ ।

ଦିନେ ଓଡ଼ିଶାରେ ବୌଦ୍ଧଧର୍ମର ମୂଳପୀଠ ଥିଲା ଯାଜପୁର । ରତ୍ନଗିରି, ଉଦୟଗିରି, ଲଳିତ ଗିରି, ଲାଙ୍ଗୁଡିପାହାଡ ପ୍ରଭୃତି ପାହାଡ ପର୍ବତରେ ବୌଦ୍ଧକୀର୍ତ୍ତିରାଜି ଆବିଷ୍କୃତ ହୋଇ ଖାଲି ଯାଜପୁରର ନୁହେଁ, ଓଡ଼ିଶାର ଏକ ଗୌରବମୟ ଅତୀତର ବାର୍ତ୍ତା ଦେଇଛି । ଭାରତବର୍ଷରେ ଗଢି ଉଠିଥିଲା ଅନ୍ୟାନ୍ୟ ବୌଦ୍ଧ ବିହାର ଓ ବିଶ୍ୱବିଦ୍ୟାଳୟମାନଙ୍କ ପରି ଯାଜପୁର ମାଟିରେ ଥିଲା ପୁଷ୍ପଗିରି ବୌଦ୍ଧ ବିହାର ଓ ବିଶ୍ୱବିଦ୍ୟାଳୟ । ଏହା ଥିଲା ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଧାନ କେନ୍ଦ୍ର ।

ବୈଦିକ ବ୍ରାହ୍ମଣ୍ୟ ହିନ୍ଦୁଧର୍ମଧାରାର ଜଟିଳ କର୍ମକାଣ୍ଡ, ବ୍ୟୟବହୁଳ ପୂଜାପଦ୍ଧତି, ପୌତ୍ତଳିକତା ଓ ଧାର୍ମିକ ଶୋଷଣକୁ ବିରୋଧ କରି ଯେପରି ବୌଦ୍ଧଧର୍ମ ଓ ଜୈନଧର୍ମ ଏହାର ବିଦ୍ରୋହୀ ସନ୍ତାନ ରୂପେ ଆତ୍ମ ପ୍ରକାଶ କରିଥିଲେ, ସେହିପରି ବହୁ ପ୍ରାଚୀନ କାଳରୁ ଶୈବ ସଂସ୍କୃତିକୁ ଆଧାରକରି ନାଥ ଚେତନାର ଅଭ୍ୟୁଦୟ ଘଟିଥିଲା ।

ଅତୀତରେ ଯାଜପୁର ଅଞ୍ଚଳରେ ରତ୍ନଗିରି ଏକ ପ୍ରସିଦ୍ଧି ଯୋଗାଚାର କେନ୍ଦ୍ର ଥିଲା । ଯୋଗ ଶିକ୍ଷା କରିବା ନିମିତ୍ତ ଭାରତର ବିଭିନ୍ନ ଅଞ୍ଚଳରୁ ଓ ଭାରତ ବାହାରୁ ବହୁ ବିଦ୍ୱାନ ଏଠାକୁ ଆସୁଥିଲେ । ସମ୍ଭବତଃ କାଳକ୍ରମେ ବଜ୍ରଯାନୀ ତାନ୍ତ୍ରିକମାନଙ୍କ ଦ୍ୱାରା ଏହି ନାଥ ଯୋଗାଚାର କେନ୍ଦ୍ରର ପତନ ଘଟିଲା । ତେବେ ଓଡ଼ିଶାରେ ନାଥ ଧର୍ମର ପ୍ରସାର ପ୍ରଚାର ପାଇଁ ଯାଜପୁରର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ଏଥିରେ ସନ୍ଦେହ ନାହିଁ । ରତ୍ନଗିରି ନିକଟସ୍ଥ କୋଲଣଗିରିରେ ନାଥପନ୍ଥୀମାନଙ୍କର ଏକ ପ୍ରସିଦ୍ଧ ମଠ ରହିଛି । ଗୁରୁ ମତ୍ସ୍ୟେନ୍ଦ୍ରନାଥଙ୍କ ପ୍ରତୀକ ସ୍ୱରୂପ ବହୁ ସଂଖ୍ୟକ ଅବଲୋକିତେଶ୍ୱର ମୂର୍ତ୍ତି ରତ୍ନଗିରି, ଲଳିତଗିରି, ଉଦୟଗିରି ଓ କୋଲଣଗିରିରେ ଦୃଷ୍ଟିଗୋଚର ହୁଅନ୍ତି ।

ଶିଖ୍‌ଧର୍ମର ଗୁରୁ ନାନକଦେବ ଯାଜପୁର ଆସିଥିଲେ । ଶିଖ୍‌ଧର୍ମର ପ୍ରଚାର ପ୍ରସାରରେ ଯାଜପୁର ଏକ ଭୂମିକା ରହିଥିଲା । ତାର ନିଦର୍ଶନ ସ୍ୱରୂପ ଏବେ ଯାଜପୁରରେ 'ବାଉଳିକୁଣ୍ଡ' ରହିଛି । ଏବେ ତାର ସୁରକ୍ଷା ପାଇଁ ପ୍ରଚେଷ୍ଟା ଚାଲିଛି ।

ସବୁଠାରୁ ବଡ ଅବଦାନ ହେଉଛନ୍ତି ଶ୍ରୀଚୈତନ୍ୟ ଦେବ । ସାରା ଓଡ଼ିଶାରେ ଓ ଓଡ଼ିଶା ବାହାରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର କରିଥିବା ଶ୍ରୀଚୈତନ୍ୟ ହେଉଛନ୍ତି ଯାଜପୁର ବଂଶୋଦ୍‌ଭବ ।

ଏବେ ଯାଜପୁରର ଧର୍ମଧାରା କିପରି ଓଡ଼ିଶାର ଧର୍ମଧାରାକୁ ପ୍ରଭାବିତ କରିଛି, ସେ କଥାକୁ ବିଚାର କରିବା । ପୂର୍ବରୁ କୁହାଯାଇଛି ଏ ଅଞ୍ଚଳର ନାମ ବିରଜାଙ୍କ ନାମରେ ଥିଲା 'ବିରଜାମଣ୍ଡଳ' । ତେଣୁ ଯାଜପୁରର ନାମ ଉଠିବା କ୍ଷଣି ମନକୁ ଆସେ ଯାଜପୁର ଶାକ୍ତମାନଙ୍କର ଭୂମି । କିନ୍ତୁ ଏଇ କଥାଟି ଠିକ୍ ନୁହେଁ । ଓଡ଼ିଶାର ଧର୍ମ ଧାରାରେ ଯାଜପୁରହିଁ ସର୍ବମତବାଦର ମିଳନ ଘଟାଇଛି ଏବଂ ଏକ ସମନ୍ୱୟର ବାର୍ତ୍ତା ଦେଇଛି । ହିନ୍ଦୁମାନଙ୍କର ଗଣେଶ, ଭାସ୍କର, ବିଷ୍ଣୁ, ଶିବ ଓ ଦୁର୍ଗାଙ୍କର ଏକତ୍ର ଅବସ୍ଥାନ ଘଟାଇଛି ଯାଜପୁର । ତା'ସାଙ୍ଗରୁ ମୁସଲମାନମାନଙ୍କର ମସ୍‌ଜିଦ୍, ବୌଦ୍ଧମାନଙ୍କର ବିହାର, ଖ୍ରୀଷ୍ଟିୟାନମାନଙ୍କର ଗୀର୍ଜା ଏ ସବୁକୁ ମିଶାଇ ଦେଲେ ସର୍ବଧର୍ମ ଓ ଧର୍ମାବଲମ୍ବୀମାନଙ୍କର ଏକତ୍ର ସହାବସ୍ଥାନ କଥା କହି ଆସିଛି ଯାଜପୁର ।

ହିନ୍ଦୁମାନଙ୍କର ପଞ୍ଚଦେବତା ସ୍ମରଣରେ ପ୍ରଥମେ ଆସନ୍ତି ଗଣେଶ । ଯାଜପୁରରେ ଗଣେଶ ଅଛନ୍ତି ଯାଜପୁରାଧୀଶ୍ୱରୀ

ଶ୍ରୀବିରଜାଙ୍କର ମସ୍ତକରେ । ବିରଜାଙ୍କ ଚୂଡାଦେଶରେ ଅଛନ୍ତି ଶିବ ଓ ଗଣେଶ ।

କେବଳ ସେତିକି ନୁହେଁ ଯାଜପୁରରେ ଯତ୍ରତତ୍ର ଗଣେଶ ଭଗବାନଙ୍କର ଦ୍ୱିଭୁଜ, ଚତୁର୍ଭୁଜ ମୂର୍ତ୍ତି ଦେଖାଯାଏ । ସ୍ୱତନ୍ତ୍ର ଗଣେଶ ମନ୍ଦିରରେ ମଧ୍ୟ ଗଣେଶଙ୍କର ପୂଜାରାଧନା ହୁଏ । ମହା ବିନାୟକ ପର୍ବତରେ ବିନାୟକ ଶ୍ରୀଗଣେଶଙ୍କର ପୂଜାର ପରମ୍ପରା ସାରା ଓଡ଼ିଶାବାସୀଙ୍କୁ ଆକର୍ଷଣ କରେ । କୋରାଇ ବ୍ଲକ ନିକଟବର୍ତ୍ତୀ ବେଗନା ଗ୍ରାମର ଶ୍ରୀରାଧାକାନ୍ତଜୀଉ ମନ୍ଦିର ବେଢାରେ ଶ୍ରୀଗଣେଶଙ୍କର ସ୍ୱତନ୍ତ୍ର ମନ୍ଦିର ରହିଛି ଓ ପୂଜାରାଧନା ଚାଲିଛି ।

ଭାସ୍କର ବା ସୂର୍ଯ୍ୟଙ୍କର ପୂଜାରାଧନା ଯାଜପୁର ମାଟିରେ ବହୁ କାଳରୁ ଚଳିଆସିଛି । ଯାଜପୁର ଶ୍ରୀବରାହ ମନ୍ଦିରକୁ ଲାଗି ସୂର୍ଯ୍ୟଙ୍କର ମନ୍ଦିର ରହିଛି । ଅତୀତରେ ଦଶାଶ୍ୱମେଧ ଘାଟର ପାହାଚରେ ସପ୍ତାଶ୍ୱ ସଂଯୁକ୍ତ ଏକ ସୂର୍ଯ୍ୟମୂର୍ତ୍ତି ସଂଲଗ୍ନ ହୋଇଥିଲା । ଏବେ ତାହା ସିମେଣ୍ଟ ଦ୍ୱାରା ପ୍ଲାଷ୍ଟର ହୋଇଛି । ସମ୍ଭବତଃ ବିରଜା କ୍ଷେତ୍ରମହାତ୍ମ୍ୟରେ ତାଙ୍କୁ ଦୀନନାଥ ନାମରେ ଆଖ୍ୟାୟିତ କରାଯାଇଛି । କୁଆଖିଆ ନିକଟବର୍ତ୍ତୀ ଓରାଳି ଗ୍ରାମରେ ସୂର୍ଯ୍ୟଙ୍କର ମନ୍ଦିର ରହିଛି । କୋରାଇ ବ୍ଲକର ଧନେଶ୍ୱର ଗ୍ରାମରେ ସେ ବିରଞ୍ଚିନାରାୟଣ ନାମରେ ପୂଜିତ ହେଉଛନ୍ତି ।

ଯାଜପୁରର ବିଷ୍ଣୁ ହେଉଛନ୍ତି ଶ୍ରୀବରାହ । ଯାଜପୁରଠାରେ ଯଜ୍ଞବରାହ ଓ ଶ୍ୱେତବରାହ ରୂପେ ଅଧିଷ୍ଠିତ । କେବଳ ସେତିକି ନୁହେଁ, ଭଗବାନ ବିଷ୍ଣୁଙ୍କର ବହୁବିଧ ମୂର୍ତ୍ତି ଯାଜପୁରଠାରେ ପୂଜା ହୁଅନ୍ତି । ଯାଜପୁରଠାରେ ବିଶାଳ ଜଗନ୍ନାଥ ମନ୍ଦିର ସାଙ୍ଗକୁ ଯାଜପୁରର ବହୁ ଗ୍ରାମରେ ଜଗନ୍ନାଥଙ୍କର ସେବା ପରମ୍ପରା ଖଞ୍ଜାଯାଇଛି । ଶ୍ରୀରାମସୀତା ଓ ଶ୍ରୀରାଧାକାନ୍ତଙ୍କର ସେବା ପୂଜା ଯାଜପୁର ଜିଲ୍ଲାର ଗାଁରେ ଗାଁରେ ରହିଛି । ତେବେ ଲକ୍ଷ୍ୟ କରିବାର କଥା ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କର ପୁରାତନ ମନ୍ଦିର ଯାଜପୁର ସହରରେ ଦେଖିବାକୁ ମିଳେନା, ସମ୍ଭବତଃ ଚତୁର୍ଭୁଜ ବିଷ୍ଣୁ, ବିରାହ ଓ ଶ୍ରୀଜଗନ୍ନାଥଙ୍କ ସେବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ।

ଯାଜପୁର ଜିଲ୍ଲାର କୋରାଇ ବ୍ଲକ୍ ନିକଟବର୍ତ୍ତୀ ଧନେଶ୍ୱର ଗ୍ରାମରେ ଶ୍ରୀଚୈତନ୍ୟ ମଠ ବୈଷ୍ଣବ ପରମ୍ପରାର ଏକ ପୁରାତନ ଏବଂ ପ୍ରସିଦ୍ଧ ମଠ ରହିଛି, ଯାହା ବୈଷ୍ଣବ ସମ୍ପ୍ରଦାୟର ଏକ ପବିତ୍ର ତୀର୍ଥଭୂମି । ଏ ଭୂମିକୁ 'ଗୁପ୍ତନବଦ୍ୱୀପ' ବୋଲି କୁହାଯାଏ ।

ଯାଜପୁର ସହରରେ ତ ଲକ୍ଷେ ପାଖାପାଖି ଶିବଲିଙ୍ଗ ଅଛନ୍ତି । ତାଙ୍କୁ ଛାଡିଦେଲେ ସମଗ୍ର ଯାଜପୁର ଭୂଖଣ୍ଡରେ ଶିବ ସେବାର ଏକ ବଳିଷ୍ଠ ପରମ୍ପରା ରହିଛି । ସେ ବରୁଣେଶ୍ୱର ହୁଅନ୍ତୁ କି ଗୋକର୍ଣ୍ଣେଶ୍ୱର ହୁଅନ୍ତୁ, ଉତ୍ତରେଶ୍ୱର ହୁଅନ୍ତୁ କି କୀଲାଲାଟେଶ୍ୱର ହୁଅନ୍ତୁ, ଯାଜପୁରର ଗାଁ ଗାଁରେ ଶିବ ପୂଜାର ପରମ୍ପରା ରହିଛି । ଶେଷରେ ଅମ୍ବିକା ବା ଦୁର୍ଗା ହେଉଛନ୍ତି ସ୍ୱୟଂ ମହିଷାମର୍ଦ୍ଦିନୀ, ବିରଜା ହେଉଛନ୍ତି । ଯାଜପୁରବାସୀଙ୍କର ମୁଖ୍ୟ ଆରାଧ୍ୟାଦେବୀ ବିରଜା ମଣ୍ଡଳ ନିବାସୀ ପ୍ରତ୍ୟେକଟି ମଣିଷର ବିରଜା ହେଉଛନ୍ତି ପରିଚିତି । ସପ୍ତମାତୃକା ବା ଚାମଣ୍ଡା ପୂଜାରେ ଯାଜପୁରର ଯୋଗଦାନ ବେଶ୍ ଜଣାଶୁଣା କଥା ।

ଓଡ଼ିଶାର ସଂସ୍କୃତି ପାଇଁ ଯାଜପୁରର ଶ୍ରେଷ୍ଠ ଅବଦାନ ହେଉଛି 'ନାଭିଗୟା' । ପିତୃକ୍ଷେତ୍ର, ଭାରତବର୍ଷରେ ତିନିଗୋଟି 'ଗୟାକ୍ଷେତ୍ର' ଯଥା– ଗୟା, (ବିହାର), ଯାଜପୁର (ଓଡ଼ିଶା) ମହେନ୍ଦ୍ରଗିରିର ପାଦଦେଶ (ଆନ୍ଧ୍ରପ୍ରଦେଶ) । ଏଗୁଡିକ ଯଥାକ୍ରମେ ହୃଦଗୟା, ନାଭିଗୟା ଓ ପାଦଗୟା । ଯାଜପୁରର ବିରଜାଙ୍କ ମନ୍ଦିରକୁ ଲାଗି ରହିଛି ନାଭିଗୟା କୂପ । ପିତୃପୁରୁଷଙ୍କୁ ପିଣ୍ଡ ଦେବା ପାଇଁ ଭାରତବର୍ଷର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଛୁଟି ଆସନ୍ତି ଯାଜପୁରକୁ ।

ଯାଜପୁରର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି 'ବିରଜା ପଞ୍ଜିକା' । ଗୋଟିଏ ପଟେ ଜଗନ୍ନାଥ ପଞ୍ଜିକା ପ୍ରଚଳିତ ହେଉଥିବା ବେଳେ ସମଗ୍ର ବିରଜା ମଣ୍ଡଳରେ ବିରଜା ପଞ୍ଜିକା ପ୍ରଚଳିତ ହୁଏ । ପୁଣି ଖଡିରତ୍ନ ପଞ୍ଜିକାର ଗଣନାକାର ମଧ୍ୟ ଯାଜପୁର କୋରାଇ ଥାନା ଅନ୍ତର୍ଗତ ପରମାନନ୍ଦପୁର ଗ୍ରାମର ।

ଓଡ଼ିଶା ତଥା ଜଗନ୍ନାଥ ସଂସ୍କୃତି ପାଇଁ ଆଉ ଏକ ବିଶେଷ ଅବଦାନ ହେଉଛନ୍ତି ବନ୍ଧୁ ମହାନ୍ତି । ଭକ୍ତି ରାଜ୍ୟର ଏକ କିମ୍ବଦନ୍ତୀ ପୁରୁଷ । ଯାଜପୁର ଜିଲ୍ଲାର ଅହିୟାସ ଗାଁରୁ ପରିବାରଙ୍କ ସହିତ ଚାଲି ଚାଲି ବନ୍ଧୁ ମହାନ୍ତି ଦିନେ ଅତିଥି ହୋଇଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ।

ଭାଷା ଓ ସାହିତ୍ୟ କ୍ଷେତ୍ରରେ ଯାଜପୁର ଓଡ଼ିଶାକୁ କ'ଣ ଦେଇଛି । ଏଇ ମାଟିରେ ଦିନେ ଚଇତ ହୋଇଥିଲା, 'ଦୌପଳ ସଂହିତା' । ସଂସ୍କୃତକବି 'ଜୟତୀ' ଏହି ଭୂମିରେ ଜନ୍ମ ହୋଇଥିଲେ, ସାଂଧ ଭାଷାର ଯୋଗୀ ଯେଉଁମାନେ କି ଚର୍ଯ୍ୟା ଗୀତିକାମାନ ରଚନା କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ଏହି ଯାଜପୁର ମାଟିରେ ଜନ୍ମଗ୍ରହଣ କରିଥିଲେ । ଆଦିକବି ସାରଳା ଦାସଙ୍କୁ ଯାଜପୁର ମାଟି ମହାଭାରତ ରଚନା ପାଇଁ ପ୍ରେରଣା ଯୋଗାଇ ଥିଲା ସାରଳା ତାଙ୍କ ଓଡ଼ିଆ ମହାଭାରତରେ ଯାଜପୁରର ବିସ୍ତୃତ ବର୍ଣ୍ଣନା କରିଛନ୍ତି ।

ତେବେ ଖାଣ୍ଟି ଯାଜପୁରିଆ କବି ବାଲିଆ ଜମିଦାର ଅଭିମନ୍ୟୁ ସାମନ୍ତ ସିଂହାର ହିଁ ଯାଜପୁରର କବିତିଳକ । କବିଙ୍କର 'ବିଦଗ୍ଧ ଚିନ୍ତାମଣି' ହିଁ ଓଡ଼ିଆ ସାହିତ୍ୟକୁ ଯାଜପୁରର ଶ୍ରେଷ୍ଠ ଅବଦାନ । ତାଙ୍କର ସୁଲକ୍ଷଣା ପରି କାବ୍ୟ ଓ ଅନ୍ୟାନ୍ୟ କବିତା ଓଡ଼ିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ । କବି ପର୍ଶୁରାମ ବିହାରୀଙ୍କର ଭଜନଜଣାଣ, ମାଳିକାକାର ହାଡୁ ଦାସଙ୍କର ବିଭିନ୍ନ ମାଳିକା ଓଡ଼ିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟନିଧି । ହାଡୁଦାସଙ୍କର ସାଧନା ପୀଠରେ ଛିଡା ହୋଇଛି ଓଡ଼ିଶାର ଦ୍ୱିତୀୟ କ୍ଷେତ୍ର ଛତିଆ ଅନନ୍ତବଳଦେବ ମନ୍ଦିର । ଦିନେ ନାଟ୍ୟକାର କାମପାଳ ମିଶ୍ର 'ସୀତାବିବାହ' ନାଟକ ରଚନା କରି ଓଡ଼ିଆ ନାଟ୍ୟ ଜଗତକୁ ସମୃଦ୍ଧ କରିଥିଲେ । ସବୁଠୁ ଲୋକପ୍ରିୟତା ଅର୍ଜନ କରିଥିବା ଯାଜପୁରର କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଦେଲେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଏକ ସ୍ୱତନ୍ତ୍ର ସାହିତ୍ୟ, ତାହା ହେଉଛି ପାଲା ସାହିତ୍ୟ ।

ପାଲା ଓଡ଼ିଶାର ଏକ ପୁରାତନ ଲୋକକଳା । ସେହି କଳାର ବିକାଶ ପାଇଁ ଓ ସାରା ଓଡ଼ିଶାରେ ପାଲାର ଏକ ସ୍ୱତନ୍ତ୍ର ରୂପ ଯୋଗାଇବା ପାଇଁ କବି କୃଷ୍ଣ ପ୍ରସାଦଙ୍କ ଚେଷ୍ଟା ଓଡ଼ିଆ ସାହିତ୍ୟ ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ଅବଦାନ । ସେ ଚାଳିଶରୁ ଊର୍ଦ୍ଧ୍ୱ ପାଲା କାବ୍ୟ ରଚନା କରିଯାଇଛନ୍ତି । ନିଜେ ଜଣେ ନାଟ୍ୟକାର ଓ ଅପେରା ଦଳର ସଂଗଠକ ଭାବରେ ୩୦ରୁ ଊର୍ଦ୍ଧ୍ୱ ନାଟକ ଲେଖି ଓଡ଼ିଆ ନାଟକ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ । ବିଂଶ ଶତାବ୍ଦୀରେ ଖାଲି ଓଡ଼ିଶା ନୁହେଁ, ଓଡ଼ିଶାର ପଡୋଶୀ ରାଜ୍ୟରେ ମଧ୍ୟ ବେଶ୍ ସୁଖ୍ୟାତିଲାଭ କରିଥିଲେ । ସେଇ ବିଂଶ ଶତାବ୍ଦୀରେ ଯେଉଁମାନେ ପାରମ୍ପରିକ କାବ୍ୟମାନ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କଲେ ସେମାନେ ହେଲେ କବି ମାଧବଚନ୍ଦ୍ର ମିଶ୍ରଶର୍ମା (ଅମର ଗୌରବ, ସତୀଚନ୍ଦ୍ରିକା) କବି ନୀଳମଣି ମିଶ୍ର (ନୀଳାଚଳ କଳାନିଧି) ଭାସ୍କରଚନ୍ଦ୍ର ନାୟକ (ପ୍ରଣୟପାଦପ) ଗଦାଧର ସାହୁ (୪୩ ଖଣ୍ଡକାବ୍ୟ ତାଙ୍କର ଗ୍ରନ୍ଥାବଳୀ ପ୍ରକାଶ ପାଇଛି) ନବଘନ ଖଣ୍ଡାଇ (ମାତୃପୂଜା) ଚୈତନ୍ୟ ଚରଣ ଜେନା (ଚନ୍ଦ୍ରମୁକ୍ତି ପଦ୍ମାବତୀ), ଦୀନବନ୍ଧୁପତ୍ରୀ, ବିନୋଦବିହାରୀ ମହାନ୍ତି, 'ଆନନ୍ଦଚନ୍ଦ୍ର ଗୁଇଁ, କୀର୍ତ୍ତନବିହାରୀ ଆଚାର୍ଯ୍ୟ, କବି ନାରାୟଣ ତ୍ରିପାଠୀ ଗ୍ରନ୍ଥାବଳୀ ପ୍ରକାଶ ପାଇଛି । ନୃସିଂହ ଚରଣ ନାୟକ, ଗୌରୀରଞ୍ଜନ ଦାଶ ଏବଂ ଆହୁରି ଅନେକ ପାରମ୍ପାରିକ କବି ନିଜନିଜର ସୃଷ୍ଟି ସମ୍ଭାର ଛାଡି ଦେଇଛନ୍ତି ଓଡ଼ିଆ ସାହିତ୍ୟ ରାଜ୍ୟ ପାଇଁ ।

ପ୍ରାବନ୍ଧିକ ବିରୂପାକ୍ଷ କରଙ୍କର ସୃଷ୍ଟିଗୁଡିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଜଗତରେ ଅନନ୍ୟ । କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କର ଆଖଡାଘରେ ବୈଠକ ପରି ଲଳିତ ନିବନ୍ଧ ଓଡ଼ିଆ ସାହିତ୍ୟରେ ବିରଳ । ତାଙ୍କର ପୁତ୍ରରା ଗିରିଜା ପ୍ରସାଦ ବସୁ ମଧ୍ୟ ତାଙ୍କରି ଅନୁକରଣରେ ଲେଖିଛନ୍ତି ଆଖଡା ଦାଣ୍ଡେ ବୈଠକ । ବୈକୁଣ୍ଠନାଥ ରଥଙ୍କର ମୌଳିକ ପ୍ରବନ୍ଧଗୁଡିକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ । ତେବେ ପ୍ରାଧ୍ୟାପକ ବାଉରୀ ବନ୍ଧୁକର, ଶ୍ରମିକ ନେତା ସୌରୀବନ୍ଧୁକର, ସହଦେବ ସାହୁଙ୍କର ପ୍ରବନ୍ଧଗୁଡିକ ଓଡ଼ିଆ ସାହିତ୍ୟର ଅମୂଲ୍ୟନିଧି । ଓଡ଼ିଆ ଅଧ୍ୟାପକମାନେ ଏବେ ଗବେଷଣାମୂଳକ ନିବନ୍ଧ ସହିତ ପ୍ରବନ୍ଧମାନ ରଚନା କରୁଛନ୍ତି । ତେବେ କଳ୍ପତରୁ ସାହୁ, ଡକ୍ଟର ହୁସେନ ରବିଗାନ୍ଧୀ, ଡଃ ରବୀନ୍ଦ୍ର ବିହାରୀ, ପ୍ରାଧ୍ୟାପକ ପଦ୍ମନାଭ ମଲ୍ଲ, ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ଅଧ୍ୟାପକ ଡଃ ଗୌତମ ଜେନା, ଗିରିଧାରୀ ସ୍ୱାଇଁ, ରୁଦ୍ରନାରାୟଣ ପୃଷ୍ଟି, ଡଃ କାହ୍ନୁଚରଣ ମିଶ୍ର, ଅଧ୍ୟାପକ ଶିବଚରଣ ମାଝୀ, ପ୍ରଶାନ୍ତ କୁମାର ବିଶ୍ୱାଳ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି, ସାମ୍ବାଦିକ କୃଷ୍ଣଚରଣ ସାମଲ, ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ପ୍ରମୁଖ ପ୍ରବନ୍ଧ ରଚନା କରି ଓଡ଼ିଆ ପ୍ରବନ୍ଧ ଭଣ୍ଡାରକୁ ବିପୁଳ ଅବଦାନ ଦେଇଛନ୍ତି । ଇତିହାସକୁ ନେଇ ପ୍ରବନ୍ଧ ରଚନା କରିବାରେ ଡଃ. ଏକାଦଶୀ ପାଢୀ ଓ ହରିଶ୍ଚନ୍ଦ୍ର ପୃଷ୍ଟି ମହାନ୍ ଗୌରବର ଅଧିକାରୀ । ଡଃ.ଏକାଦଶୀ ପାଢୀଙ୍କର 'ଯୁଗେ ଯୁଗେ ଯାଜପୁର ଓ 'ଇତିହାସ ପୁରୁଷ ଯାଜପୁର' ଯାଜପୁର ଇତିହାସକୁ ନେଇ ଦୁଇଟି ଅମୂଲ୍ୟ ଗ୍ରନ୍ଥ । ବିଶେଷ କରି ଯାଜପୁରର ଇତିହାସକୁ ନେଇ ଏମାନଙ୍କର ସୃଷ୍ଟି ସମ୍ଭାରର ତୁଳନା ନାହିଁ । ଆଉ ଯେଉଁମାନେ ଯାଜପୁରର ଇତିହାସ ଓ ଧର୍ମଧାରାକୁ ନେଇ ପ୍ରବନ୍ଧ ରଚନା କରିଛନ୍ତି, ସେମାନଙ୍କ ମଧ୍ୟରେ ଘନ ପରିଡା, ଡକ୍ଟର ନୃସିଂହ ଚରଣ ସାହୁ, ସୂର୍ଯ୍ୟମଣି ଖୁଣ୍ଟିଆ, ନାରାୟଣ ରାଉତରାୟ, ପଣ୍ଡିତ ଭୂପତିଭୂଷଣ ମିଶ୍ର, ଡଃ, ଜ୍ଞାନରଞ୍ଜନ ପତି ପ୍ରମୁଖଙ୍କର ନାମ ତାଲିକାଭୁକ୍ତ କରାଯାଇପାରେ । ଏବେ ଡଃ ଦାମୋଦର ବେହେରା, ସୁବ୍ରତ ଦାସ ପ୍ରମୁଖ ଯୁବ ପ୍ରାବନ୍ଧିକମାନେ ମଧ୍ୟ ପ୍ରବନ୍ଧ ରଚନାରେ ମନବଳାଇଛନ୍ତି । ଦାର୍ଶନିକ ପ୍ରବନ୍ଧମାନ ଲେଖିଥିଲେ ନାରାୟଣ ଚନ୍ଦ୍ର ପାଢୀ । ଯୁବ ଅଧ୍ୟାପକ ଡଃ. ଚନ୍ଦ୍ରକାନ୍ତ ମହାନ୍ତି ମଧ୍ୟ କିଛି ପ୍ରବନ୍ଧ ଲେଖିଛନ୍ତି । ଅତୀତରେ ଡଃ. କାହ୍ନୁଚରଣ କର ଥିଲେ ଜଣେ ବିଶିଷ୍ଟ ପ୍ରାବନ୍ଧିକ ଓ ବ୍ୟାକରଣବିତ୍ ।

ଆଧ୍ୟାତ୍ମିକ ପ୍ରବନ୍ଧ ଓ ପୁସ୍ତକ ରଚନା କ୍ଷେତ୍ରରେ ଆଡଭୋକେଟ୍ କୁଳମଣିଜେନା କାର୍ତ୍ତିକଚନ୍ଦ୍ର ଦାସଙ୍କର ଅବଦାନ ଅତୁଳନୀୟ । ସୂର୍ଯ୍ୟମଣି ଖୁଣ୍ଟିଆ ରାମାୟଣ, ଭାଗବତ ଓ ଗୀତାକୁ ନେଇ ବହୁ ପ୍ରବନ୍ଧ ରଚନା କରିଛନ୍ତି । ତାଙ୍କର ପ୍ରବନ୍ଧ ପୁସ୍ତକ ରାବଣ, ଓଡ଼ିଆ ସାହିତ୍ୟର ଏକ ଅନନ୍ୟ ପୁସ୍ତକ । ଡଃ. ହରିହର

ମହାପାତ୍ରଙ୍କ ପ୍ରବନ୍ଧମାନ ମଧ ବେଶ୍ ରୁଚିସମ୍ପନ୍ନ, ନବକିଶୋର ପାଢୀଙ୍କର ରାମାୟଣ ଆଲୋଚନା ଗ୍ରନ୍ଥ ଏକ ଅନବଦ୍ୟ ସୃଷ୍ଟି, ଶାକ୍ତଧର୍ମ ଓ ସଂସ୍କୃତି ପ୍ରବନ୍ଧଗ୍ରନ୍ଥ ସୃଷ୍ଟିକରି ଲଛମନ୍ ରାଉତ ଶାକ୍ତଧର୍ମ ସମ୍ପର୍କରେ ଓଡ଼ିଶାବାସୀମାନଙ୍କୁ ଦିଗ୍‌ଦର୍ଶନ କରାଇଛନ୍ତି ।

ଆଧୁନିକ କବିତା ରଚନା କ୍ଷେତ୍ରରେ ଯେଉଁ ଯାଜପୁରିଆ କବିମାନେ ଓଡ଼ିଶାରେ ନିଜନିଜର ପରିଚୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଓଡ଼ିଆ କବିତା ଭଣ୍ଡାରକୁ ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ପ୍ରଥମେ ସ୍ମରଣ କରିବୁ କବି ଅନ୍ନଦା ପ୍ରସାଦ ରାୟଙ୍କୁ ଉତ୍କଳସାହିତ୍ୟ ସମାଜର ସେ ଦୁଇଦୁଇଥର ସଭାପତି ଆସନ ମଣ୍ଡନ କରିଥିଲେ । ପ୍ରଗତିବାଦୀ କବିଭାବରେ ଡଃ. ହୁସେନ୍ ରବିଗାନ୍ଧୀ ଅତ୍ୟନ୍ତ ସୁପରିଚିତ । ତାଙ୍କର କବିତା ଗ୍ରନ୍ଥ 'ନିଅଁଣ୍ଟରାତିର ସ୍ୱପ୍ନ', ମୁକ୍ତ ପୂର୍ବାଶା 'ସିଂହାସନ ଭାଙ୍ଗିବାର କାର୍ଯ୍ୟକ୍ରମ' ଓ ଶବ୍ଦ ବ୍ରହ୍ମ ପରି କବିତା ସଂକଳନଗୁଡିକ ପ୍ରଚୁର ପାଠକୀୟ ପ୍ରଶଂସା ଲାଭ କରିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ମଣ୍ଡନ କରି ଯାଜପୁରର ଗୌରବ ବୃଦ୍ଧି କରିଛନ୍ତି । କବି ପ୍ରଭାକର ଶତପଥୀ ଅନ୍ୟତମ ଜୀବନବାଦୀ କବି ।

ନିର୍ଭୀକ ଭାବରେ କଥା କହିବାରେ ପ୍ରଭାକର ଶତପଥୀ ସମସ୍ତଙ୍କ ଆଗରେ । ରାଜକିଶୋର ପାଢୀ, ପ୍ରଦୀପ କୁମାର ବିଶ୍ୱାଳ, ବୀଣାପାଣି ପଣ୍ଡା, ତୁହିନାଂଶୁ ରଥ, ଶ୍ରୀହରି ଧଳ, ରମାକାନ୍ତ ଜେନା, ରମେଶ ପତି ବିଦ୍ୟୁତଲତା ଦାସ, ପଦ୍ମଜାଶରଣ, ଗୌତମ ଜେନା, ବିଜୟ କୁମାର ରାୟ, ସୁବ୍ରତ ଦାସ, ବିରଜା ବଳ, ଗିରିଧାରୀ ସ୍ୱାଇଁ, ଅକ୍ଷୟ କୁମାର ମହାନ୍ତି, ସ୍ୱର୍ଣ୍ଣଲତା ମହାରଣା, ଦୀପ୍ତିମୟୀ ପ୍ରଧାନ, ଦୟାନିଧି ନାୟକ, କାର୍ତ୍ତିକ ଚନ୍ଦ୍ର ଦ୍ୱିବେଦୀ, କୈଳାସ ସିହ୍ନା, ସୂର୍ଯ୍ୟମଣି ଖୁଣ୍ଟିଆ, ସବିତା ମିଶ୍ର, ପ୍ରମିଳା ପ୍ରତାପ, ଭୁବନମୋହନ ପ୍ରଭୃତି କବି କବୟିତ୍ରୀମାନେ ବିପୁଳ ସଂଖ୍ୟାରେ କବିତା ଲେଖି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । କବି ଦୁର୍ଯ୍ୟୋଧନ ନାୟକ ଅତୀତରେ ବେଶ୍ ଓଡ଼ିଆ ଆଧୁନିକ କବିତା ଲେଖୁଥିଲେ । ଆହୁରି ବହୁ କବି କବିତା ଲେଖିଛନ୍ତି । ସମସ୍ତଙ୍କର ନାମ ଉଲ୍ଲେଖ କରିବା ସମ୍ଭବ ନୁହେଁ । କୋରାଇର ନସିମୁଲ୍‌ଗନି ଓଡ଼ିଆ ଭଜନ ଜଣାଣ ଲେଖି ଯାଜପୁର ଅଞ୍ଚଳର ସାଲବେଗ ପାଲଟି ଯାଇଛନ୍ତି । ଅନ୍ୟତମ ଆଧୁନିକ କବି ମମତାଜ ଅଲ୍ଲୀ ଆଧୁନିକ କବିତା ଲେଖି ଚାଲିଛନ୍ତି ।

ଓଡ଼ିଆ ସାହିତ୍ୟର ଗଳ୍ପ ବିଭାଗକୁ ଯାଜପୁରର ଅବଦାନ ବେଶ୍ ପ୍ରଶଂସନୀୟ । କାରଣ ଏ ମାଟି ଜନ୍ମଦେଇଛି ଅତିବଡି ପୁରସ୍କାର ବିଜେତା ବିଶିଷ୍ଟ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କୁ । ଶ୍ରୀଯୁକ୍ତ ପତି ୨୦୦ ଅଧିକ ଗଳ୍ପ ରଚନା କରିଛନ୍ତି । କେବଳ ମାନବ ଜୀବନକୁ ନେଇ ସେ ଗଳ୍ପ ରଚନା କରିନାହାଁନ୍ତି । ପଶୁପକ୍ଷୀମାନେ ମଧ୍ୟ ତାଙ୍କ ଗଳ୍ପର ନାୟକ ନାୟିକା ହୋଇଛନ୍ତି । ତାଙ୍କର 'ଅଶୁଭ ପୁତ୍ରର କାହାଣୀ' ଏକ ଯୁଗାନ୍ତକାରୀ ସୃଷ୍ଟି । ସମ୍ପ୍ରତି ଯାଜପୁର ଜିଲ୍ଲାର ସାହିତ୍ୟିକମାନଙ୍କର ସେ ହେଉଛନ୍ତି ପଥପ୍ରଦର୍ଶକ । ତାଙ୍କୁ ଛାଡିଦେଲେ ଯାଜପୁରର ଅନ୍ୟ ଯେଉଁ ଗାଳ୍ପିକମାନେ ଓଡ଼ିଆ ଗଳ୍ପ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ଅଧ୍ୟାପକ ଭୀମପୃଷ୍ଟି, ନିତ୍ୟାନନ୍ଦ ପଣ୍ଡା, ଅଧ୍ୟାପକ ରମେଶ ବିଶ୍ୱାଳ, ସୂର୍ଯ୍ୟମଣି ଖୁଣ୍ଟିଆ, ଲକ୍ଷ୍ମୀନାରାୟଣ ମିଶ୍ର, ସୁବାସ ଲେଙ୍କା (ଏକଦା ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରାପ୍ତ) ରାମଚନ୍ଦ୍ର ଦାଶ, ଅଳକାଚାନ୍ଦ, ପ୍ରଭାତ କୁମାର ସିହ୍ନା ତଥା ଯାଜପୁରର ଝିଅ ରୁମ୍‌ଝୁମ୍ ନାୟକ ଗଳ୍ପଲେଖି ପୁସ୍ତକମେଳା ପୁରସ୍କାର ଲାଭ କରିଛନ୍ତି । ଶ୍ରମିକନେତା ମାୟାଧର ନାୟକ ବହୁ ଗଳ୍ପ ରଚନା କରିଛନ୍ତି ।

ଓଡ଼ିଆ ସାହିତ୍ୟର ଗୋଟିଏ ବଳିଷ୍ଠ ବିଭାଗ ହେଉଛି ନାଟକ ବିଭାଗ । କାମପାଳ ମିଶ୍ରଙ୍କଠାରୁ ଯାଜପୁରରେ ନାଟକର ଜୟଯାତ୍ରା ଆରମ୍ଭ ହୋଇଥିଲା । କୃଷ୍ଣପ୍ରସାଦ ବସୁ ତାହାକୁ ଏକ ମର୍ଯ୍ୟାଦାସମ୍ପନ୍ନ ଅବସ୍ଥାରେ ପହଞ୍ଚାଇଥିଲେ । ତାଙ୍କପରେ ଯେଉଁମାନେ ନାଟକଲେଖି ବିଶେଷ ପ୍ରଶଂସା ଲାଭ କଲେ ଓ ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କଲେ, ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିବେ ଡଃ. ବିଜୟ କୁମାର ଶତପଥୀ, ସେ ନାଟକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମଧ ପାଇଛନ୍ତି । ଅନ୍ୟ ଯେଉଁମାନେ ନାଟ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରେ ବିଜୟ କୁମାର ନନ୍ଦ, ବ୍ରଜମୋହନ ମହାନ୍ତି, ନନ୍ଦକିଶୋର ସିଂ ସୂର୍ଯ୍ୟମଣି ଖୁଣ୍ଟିଆ, ବସନ୍ତ କୁମାର ସାମଲ, ଭାଗ୍ୟଧର ସାହୁ, ବିନୋଦ ବିହାରୀ ସାହୁ, ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖ । ଏମାନେ ମଞ୍ଚ ପାଇଁ କମ୍ ଲେଖିଛନ୍ତି । ବେଶୀ ଲେଖିଛନ୍ତି ବେତାର ପାଇଁ ଅନ୍ୟତମ ନାଟ୍ୟକାର ଅଧ୍ୟାପକ ଡଃ. ଗୋକୁଳ ମିଶ୍ର ପରୀକ୍ଷାମୂଳକ ନାଟକମାନ ରଚନା କରି ପ୍ରତିଷ୍ଠା ଅର୍ଜନ କରିଛନ୍ତି ଓ ସେଗୁଡ଼ିକୁ ଓଡ଼ିଶା ବାହାରେ ବିଭିନ୍ନ ପ୍ରଦେଶରେ ପ୍ରଦର୍ଶିତ କରି ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି ।

ଓଡ଼ିଆ ଶିଶୁ ସାହିତ୍ୟ ପାଇଁ ଯାଜପୁରର ଅବଦାନ ସ୍ୱତନ୍ତ୍ର । ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ପରି ଯୋଗଜନ୍ମା ଶିଶୁ ସାହିତ୍ୟିକଙ୍କୁ ଜନ୍ମ ଦେଇଛି ଯାଜପୁର ମାଟି । ଉପେନ୍ଦ୍ରଙ୍କ ପରେ ଯେଉଁମାନେ ଓଡ଼ିଆ ଶିଶୁ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ବୀର କିଶୋର ପାଢୀ (ଶିଶୁ କବିତା ପୁସ୍ତକ ମୋ ମିତ ମୋ ଗୀତ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

ପାଇଛନ୍ତି । ତାଙ୍କର ବହୁପୂର୍ବରୁ ବଟକୃଷ୍ଣ ଓଝା ଶିଶୁ ସାହିତ୍ୟ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ପୁଣି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ମାନସରଞ୍ଜନ ସାମଲ, ମୋନାଲିସା ଜେନା, ଡଃ. ଶରତ ଚନ୍ଦ୍ର ବିଶ୍ୱାଳ, ଭଗବାନ ପାଢୀ ମଧ୍ୟ ଢେର ଲେଖିଛନ୍ତି । ଆଉ ଯେଉଁମାନେ ଶିଶୁମାନଙ୍କ ପାଇଁ କଲମ ଚଳାଇ ରଖିଛନ୍ତି, ସେମାନଙ୍କ ମଧ୍ୟରେ ନନ୍ଦକିଶୋର ସିଂହ, ଗିରିଧାରୀ ସ୍ୱାଇଁ, ରାଜକିଶୋର ପାଢୀ, ଡଃ ପ୍ରିୟନାଥ ମହାପାତ୍ର (ବିପୁଳ ଶିଶୁ ପୁସ୍ତକ ରଚନା କରିଛନ୍ତି) ରତ୍ନାକର ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ପବିତ୍ରମୋହନ ରାଉତରାୟ, ଶରତ କୁମାର ଦାସ, ପ୍ରହ୍ଲାଦ ପଣ୍ଡା, ବ୍ରଜେଶ୍ୱରୀ ସିଂ (ଶିଶୁ ପତ୍ରିକା ବଉଳଫୁଲର ସମ୍ପାଦନା କରୁଛନ୍ତି– ଜଗତମୋହନ ଦାସ, ମଳୟ କୁମାର ମଲ୍ଲିକ, ପ୍ରହ୍ଲାଦ ପଣ୍ଡା, କାମଦେବ ପଣ୍ଡା, ଅକ୍ଷୟ କୁମାର ଦାଶ, ଅନ୍ତର୍ଯ୍ୟାମୀ ସାମଲ, ନିର୍ମଳ ଗିରି ପ୍ରମୁଖ ଅକ୍ଷୟ କୁମାର ଦାଶ ଉପନ୍ୟାସ କ୍ଷେତ୍ରରେ 'ଅମାବାସ୍ୟାର ଚନ୍ଦ୍ର'ର ସ୍ରଷ୍ଟା ଗୋବିନ୍ଦ ଦାସଙ୍କର ଅବଦାନ ସର୍ବଜନବିଦିତ । ବ୍ରଜମୋହନ ମହାନ୍ତିଙ୍କର ଅବଦାନ ସଂଖ୍ୟାଦୃଷ୍ଟିରୁ ସବୁଠାରୁ ବେଶୀ, ବ୍ରଜମୋହନଙ୍କର ଉପନ୍ୟାସଗୁଡିକ ହେଲା 'ଲୋତକ ଦୁଇଟି ଆଖିର', ନିଃଶବ୍ଦ୍ ଆକାଶ', ଅନ୍ଧପୃଥିବୀ', 'ସାପୁଆ', 'ଲଳିତା ଲବଙ୍ଗଲତା', ଅରକ୍ଷିତ ଉପନିଷଦ୍, କ୍ଷୁଧାଅଗଣିତ ବିନ୍ଦୁଏ ନିଆଁ, ଅନେକ କାମନା, ତକ୍ଷକମୁଁ କୃଷ୍ଣ, ନିଶିଥ୍ ସୂର୍ଯ୍ୟ, କାରୁବାକୀ, 'କାହାଣୀ ତିନିବନ୍ଧୁରୁ', ମୃତନଦୀର ଢେଉ, ତମକୁ ମୋ ରାଣ ମୁନ୍‌ମୁନ୍ ନାଚୁଛି । ବୋଧହୁଏ ଯାଜପୁରର ସାହିତି୍ୟକମାନଙ୍କ ମଧ୍ୟରେ ବ୍ରଜମୋହନଙ୍କର ଉପନ୍ୟାସର ସଂଖ୍ୟା ସବୁଠୁଁ ବେଶୀ । ଯୁବ ଔପନ୍ୟାସିକ ଭୀମପୃଷ୍ଟି ମଧ୍ୟ ବେଶ୍ କିଛି ଉପନ୍ୟାସ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଦେଇଛନ୍ତି । ତାଙ୍କର ଉପନ୍ୟାସଗୁଡିକ ଯଥା ମୁହାଁଣ, କବିତାର ଉପନ୍ୟାସ, ପ୍ରିୟନାରୀ, ଓମ୍, ସମୁଦ୍ର ମଣିଷ, 'କୁଆଡେ ଚାଲିଛ ରୁହ', ପଞ୍ଚଭୂତ ପ୍ରଭୃତି । ସମୁଦ୍ର ମଣିଷ ଉପନ୍ୟାସ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ଶ୍ରମିକନେତା ମାୟାଧର ନାୟକ ମଧ୍ୟ ବେଶ୍ କିଛି ଉପନ୍ୟାସ ରଚନା କରିଛନ୍ତି । ତାଙ୍କର ଶେଷଯୁଦ୍ଧ, 'କାହାପାଇଁ ରକ୍ତଝରେ' ପ୍ରଭୃତି ଉପନ୍ୟାସ ବେଶ୍ ପାଠକୀୟ ସ୍ୱୀକୃତିଲାଭ କରିଛି । ଗିରିଜା ପ୍ରସାଦ ବସୁଙ୍କର ସୂର୍ଯ୍ୟତପା, ନୀଳକଣ୍ଠ, ମାୟା ନିର୍ମୋକ, ଆତଙ୍କ, ଅବଲମ୍ବନ ପ୍ରଭୃତି ବହୁ ଉପନ୍ୟାସ ପାଠକୀୟ ଶ୍ରଦ୍ଧାଲାଭ କରିଛି । ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ ମିଳିଛି । ନବକିଶୋର ପଣ୍ଡା ପୌରାଣିକ ଚରିତ୍ରମାନଙ୍କୁ ନେଇ ଚମତ୍କାର ଉପନ୍ୟାସମାନ ରଚନା କରିଛନ୍ତି । ଉଆଁସୀକନ୍ୟା, ଗାନ୍ଧାରୀ, ଉଗ୍ରସେନ, ରାଧା ପ୍ରଭୃତି ଉପନ୍ୟାସମାନ ଗୋଟିଏ ଗୋଟିଏ ଚମତ୍କାର ସୃଷ୍ଟି । ତାଙ୍କୁ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ ମିଳିଛି । ବ୍ୟଙ୍ଗକାର ତଥା ବରିଷ୍ଠ ସାମ୍ବାଦିକ ଚନ୍ଦ୍ରମଣି ପଣ୍ଡାଙ୍କର 'ଚଟ୍ଟଗ୍ରାମର ମୁକ୍ତି ସଂଗ୍ରାମ' ଏକ ଅପୂର୍ବସୃଷ୍ଟି । ତାଙ୍କୁ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନିତ କରିଛନ୍ତି । ସୁମିତ୍ରା ରାଉତ ଗୋଟିଏ ଉପନ୍ୟାସ ରଚନା କରିଛନ୍ତି । ଡଃ ହରିହର ମହାପାତ୍ରଙ୍କର ଦ୍ୱାରବତୀର ସୂର୍ଯ୍ୟ ଏକ ଚମତ୍କାର ପୌରାଣିକ ଉପନ୍ୟାସ । ଅନୁରୂପ ଭାବରେ ସୂର୍ଯ୍ୟମଣି ଖୁଣ୍ଟିଆ କର୍ଣ୍ଣଙ୍କ ଚରିତ୍ରକୁ ନେଇ କିଶୋରମାନଙ୍କ ପାଇଁ ରଚନା କରିଛନ୍ତି ଉପନ୍ୟାସ 'ରାଧେୟ' ।

ଏବେ ଗୀତିକବିତା ଏକ ସ୍ୱତନ୍ତ୍ର ବିଭାଗର ମର୍ଯ୍ୟାଦା ଲାଭ କରିଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତନାଟକ ଏକାଡେମୀ ଗୀତିକବିତା ପାଇଁ ଅଲଗା ଅଲଗା ପୁରସ୍କାର ପ୍ରଦାନ କରୁଛନ୍ତି । ଗୀତିକବିତା ରଚନା କ୍ଷେତ୍ରରେ ନନ୍ଦକିଶୋର ସିଂହ ବିପୁଳ ଯଶର ଅଧିକାରୀ ହୋଇଛନ୍ତି । ଗୀତି କବିତା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତନାଟକ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ପ୍ରସନ୍ନ କୁମାର ସାମଲ, ସ୍ୱର୍ଗତ ବୀରକିଶୋର ପାଢୀ, ସତ୍ୟଭାମା ପାଗଳ, ଅଭିରାମ ସାହୁ, ବିନୋଦବିହାରୀ ସାହୁ ପ୍ରମୁଖ ଆକାଶବାଣୀ କଟକ ପାଇଁ ରାଶିରାଶି ଗୀତିକବିତା ରଚନା କରିଛନ୍ତି । ସୌଦାମିନୀ ମହାନ୍ତି ମଧ୍ୟ ଗୀତିକାର ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି ।

ଅନୁବାଦ ବିଭାଗ ପାଇଁ ମଧ୍ୟ ଯାଜପୁରର ସାହିତି୍ୟକମାନଙ୍କର ବଳିଷ୍ଠ ଭୂମିକା ରହିଛି । ବୈଷ୍ଣବ ଚରଣ ପରିଡା ୭୦ରୁ ଅଧିକ ପୁସ୍ତକ ଇଂଗ୍ରାଜୀ ଓ ରୁଷୀୟ ଭାଷାରୁ ଅନୁବାଦ କରିଛନ୍ତି । ସେଥିପାଇଁ ତାଙ୍କୁ ପୁସ୍ତକମେଳା ପୁରସ୍କାର ମିଳିଛି । ପ୍ରଖ୍ୟାତ ଅନୁବାଦକ ଯୁଗଳକିଶୋର ଦତ୍ତ ଯାଜପୁର ମାଟିର । ନନ୍ଦକିଶୋର ସିଂହ ଇଂଗ୍ରାଜୀ ଓ ବଙ୍ଗଳାରୁ ବହୁ ପୁସ୍ତକ ଅନୁବାଦ କରିଛନ୍ତି, ନିରଞ୍ଜନ ଜେନା, ଡଃ. ପୁରୁଷୋତ୍ତମ ବିଶ୍ୱାଳ ମଧ୍ୟ ଉତ୍ତମ ଅନୁବାଦକ । ସୂର୍ଯ୍ୟମଣି ଖୁଣ୍ଟିଆ ହିନ୍ଦୀ, ବଙ୍ଗଳା, କାଶ୍ମୀରୀ ଓ ଆସାମୀ ଭାଷାରୁ ଅନୁବାଦ କରୁଛନ୍ତି । କାଶ୍ମୀରୀ ଅନୁବାଦ ଗଳ୍ପ ସଂକଳନ 'ଲାଲ୍ ସାଲ୍‌ୱାର' ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି । ଶ୍ରମିକନେତା ରାମଚନ୍ଦ୍ର ଖୁଣ୍ଟିଆ ମଧ୍ୟ ଶ୍ରମ ସମ୍ପର୍କିତ ଦୁଇଟି ପୁସ୍ତକ ଅନୁବାଦ କରିଛନ୍ତି ।

ବ୍ୟଙ୍ଗ ସାହିତ୍ୟକୁ ଯାଜପୁରର ଚନ୍ଦ୍ରମଣି ପଣ୍ଡା ବେଶ୍ କିଛି ଦେଇଯାଇଛନ୍ତି । ତାଙ୍କର 'ଛାରପୋକ' ଦିନେ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ସମ୍ପ୍ରତି ଯୁବ ବ୍ୟଙ୍ଗକାରମାନଙ୍କ ମଧ୍ୟରେ ବାଇଧର

ମାଝୀ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଛନ୍ତି । ବ୍ୟଙ୍ଗ ସ୍ତମ୍ଭ ଲେଖି ସେ ଏକ ଚହଳ ସୃଷ୍ଟି କରିଛନ୍ତି । ଆତ୍ମଜୀବନୀ ଓ ଜୀବନୀ ରଚନା କ୍ଷେତ୍ରରେ ଅନ୍ନଦା ପ୍ରସାଦ ରାୟ ନିଜର ଆତ୍ମ ଜୀବନୀ ଲେଖିବା ସଙ୍ଗେ ସଙ୍ଗେ ନିଜ ପତ୍ନୀ ଭକ୍ତିଲତା ରାୟଙ୍କର ଆତ୍ମଜୀବନୀ ଲେଖିଛନ୍ତି । ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ବିଶ୍ୱାଳ ମଧ୍ୟ ଗୋଟିଏ ପୁସ୍ତକରେ ବହୁ ପ୍ରବାଦ ପୁରୁଷଙ୍କର ଜୀବନୀ ରଚନା କରିଛନ୍ତି ।

ଖବରକାଗଜରେ ସ୍ତମ୍ଭକାର ଭାବରେ ହରେକୃଷ୍ଣ ପଣ୍ଡା, ମାୟାଧର ନାୟକ, ଡଃ ପୁରୁଷୋତ୍ତମ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସାମଲ, ସୂର୍ଯ୍ୟମଣି ଖୁଣ୍ଟିଆ, ନନ୍ଦକିଶୋର ସିଂହ, ଗିରିଜା ପ୍ରସାଦ ବସ, ରାଜକିଶୋର ପାଢୀ, ନବଘନ ଜେନା ପ୍ରମୁଖ ବିଭିନ୍ନ ଖବରକାଗଜମାନଙ୍କର ସ୍ତମ୍ଭମାନ ଲେଖି ଓଡ଼ିଆ ସମ୍ବାଦପତ୍ରମାନଙ୍କର ପୃଷ୍ଠା ମଣ୍ଡନ କରିଛନ୍ତି ।

କ୍ଷୁଦ୍ରପତ୍ରିକା ପ୍ରକାଶ କ୍ଷେତ୍ରରେ ଅତୀତରେ କରମଚାନ୍ଦ ଲାହାଙ୍କର ଲାଲସଂକେତ, ଯଯାତି ବଳରାମ ସାହୁଙ୍କର ମେଘଦୂତ, ଚନ୍ଦ୍ରମଣିପଣ୍ଡାଙ୍କର 'ସମ୍ପାଦକ' ବର୍ତ୍ତମାନ ବିବେକାନନ୍ଦଙ୍କର 'ସୂର୍ଯ୍ୟାସ୍ତ' ବେଶ୍ ପାଠକୀୟ ସ୍ୱୀକୃତି ଲାଭ କରିଛନ୍ତି । ତେବେ 'ଯାଜପୁର ମେଲ୍, 'ଯାଜପୁର ଏକ୍ସପ୍ରେସ୍' ହଳଧର ଧୀରଙ୍କର 'ଚଲାପଥ' ଢେରଦିନ ଲୋକଙ୍କ ପାଖରେ ପହଞ୍ଚିଛି, ଯାଜପୁରିଆ ହଳଧରଧୀର ଏବେ ଭୁବନେଶ୍ୱରରେ ଚଲାପଥ ଚଳାଇ ରଖିଛନ୍ତି । ଯାଜପୁର ଜିଲ୍ଲା ପତ୍ରିକା ପ୍ରକାଶନ କ୍ଷେତ୍ରରେ ବହୁ ଆଗରେ ରମାକାନ୍ତ ଜେନାଙ୍କ 'ଗୋକର୍ଣ୍ଣିକା', ନବକିଶୋର ମିଶ୍ରଙ୍କର 'ବର୍ତ୍ତିକା' ଭୁବନମୋହନ ମହାନ୍ତିଙ୍କର 'ସ୍ମୃତିଲିପି' ଡଃ. ଚନ୍ଦ୍ରକାନ୍ତ ମହାନ୍ତିଙ୍କର ଚାହାଣି' ସୁବ୍ରତଦାସଙ୍କର ସାରାଂଶ, ବିମଳ ପତିଙ୍କର 'ସାହିତ୍ୟ ଦର୍ପଣ, ଅଖିଳସ୍ୱାଇଁଙ୍କର 'ସମ୍ଭବ', ରଙ୍ଗବଲ୍ଲଭ ସାହୁଙ୍କର 'ଅନ୍ତରଙ୍ଗ' ଶରତରାୟଙ୍କର 'ଶୁଭଶଙ୍ଖ', ସଂଯୁକ୍ତା ମହାପାତ୍ରଙ୍କର 'ଚିରନ୍ତନୀ' ବ୍ରଜେଶ୍ୱରୀ ସିଂହଙ୍କର 'ବଉଳଫୁଲ' (ଶିଶୁପତ୍ରିକା) ବାଇଧର ମାଝୀଙ୍କର ବ୍ୟଙ୍ଗ ପତ୍ରିକା ଆଜ୍ଞା ନମସ୍କାର', ନନ୍ଦ କିଶୋର ସିଂହଙ୍କର 'ବୋଲେ ହୁଁଟି, ଫକୀରମୋହନ ଆଚାର୍ଯ୍ୟଙ୍କର ଦିଗନ୍ତିକା', ଭୂପତି ଭୂଷଣ ମିଶ୍ରଙ୍କର 'ଯଜ୍ଞପ୍ରଭା', ଡଃ ଜ୍ଞାନରଞ୍ଜନ ପତିଙ୍କର 'ଯାଜପୁର ଜ୍ୟୋତି', ବରାହ ବିଭାସ ଭଳି ପତ୍ରିକାଗୁଡିକ ସାମୟିକ ଭାବରେ ପ୍ରକାଶ ପାଇ ଆସୁଛନ୍ତି । ଧର୍ମଶାଳା ସାହିତ୍ୟ ସମାଜର ମୁଖପତ୍ର 'ଗଙ୍ଗଶିଉଳି', ଅଖିଳଚକ୍ରର 'ଅଖିଳାୟନ', ବଡଚଣା ସାହିତ୍ୟ ସଂସଦର 'ପ୍ରଜ୍ଞାଶ୍ରୀ', କୋରାଇମଣ୍ଡଳ ସାହିତ୍ୟ ସଂସଦର 'କସ୍ତୁରୀ' ପ୍ରଭୃତି ମୁଖପତ୍ର ସ୍ମରଣିକାଗୁଡିକ ପ୍ରକାଶ ପାଇ ଓଡ଼ିଶା ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରୁଛନ୍ତି । କାର୍ତ୍ତିକ ସାହୁଙ୍କର ବିବର୍ତ୍ତନ ପରି ବହୁ ପତ୍ରିକାର ପ୍ରକାଶନ ବନ୍ଦ ହୋଇଗଲାଣି ।

ଓଡ଼ିଶା ବାହାରେ ଥିବା ଯାଜପୁରର ରାମଚନ୍ଦ୍ର ନାଥଙ୍କର ପଲ୍ଲୀବାଣୀ (ନୂଆଦିଲ୍ଲୀ) କଲିକତାରୁ ଶମ୍ଭୁନାଥ ଦାସଙ୍କର 'ଅଭିଯାନ' ଡଃ. ଜ୍ଞାନମିଶ୍ରଙ୍କର 'ଲେଖା' ପ୍ରଭୃତି ବହୁ ପତ୍ରପତ୍ରିକା ପ୍ରକାଶ ପାଇ ଓଡ଼ିଶା ବାହାରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରଚାର କରିଚାଲିଛନ୍ତି ।

ଏଇଠି ଗୋଟିଏ କଥାର ଉଲ୍ଲେଖ କରିବା ଅସମୀଚୀନ ହେବନାହିଁ । ଓରିସା (ORISSA)କୁ ଓଡ଼ିଶା (ODISHA) କରିବାରେ ଯେଉଁ ପ୍ରଥମ ସୈନିକ ଜଣକ ସ୍ୱର ଉଠାଇଲେ ସେ ହେଉଛନ୍ତି ଯାଜପୁର ମାଟିର ଯୁବ ସାମ୍ବାଦିକ(ଦିଲ୍ଲୀ ଆକାଶବାଣୀର ସମ୍ବାଦପାଠକ) ରାମଚନ୍ଦ୍ରନାଥ । ଦିଲ୍ଲୀରେ ପଲ୍ଲୀବାଣୀ ମିଶନ ଚଳାଇଛନ୍ତି । ପରେ ପରେ ସେଇ ପ୍ରସ୍ତାବକୁ ଭାରତୀୟ ସଂସଦରେ ଉଠାଇଲେ ଯାଜପୁରର ଅନ୍ୟତମ ରାଜ୍ୟସଭା ସାଂସଦ ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆ, ପରେ ପରେ ସମସ୍ତ ସାଂସଦ ଏଥିପାଇଁ ଅଣ୍ଟା ଭିଡିଲେ । ORISSA ହେଲା 'ODISHA', । ଏବେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦାବି ନେଇ ଭାରତୀୟ ସଂସଦରେ ଯାଜପୁରିଆ ରାମଚନ୍ଦ୍ର ଖୁଣ୍ଟିଆହିଁ ଆନ୍ଦୋଳନ ଆରମ୍ଭ କରିଛନ୍ତି ।

ଓଡ଼ିଶାର କଳାଜଗତ ପାଇଁ ଯାଜପୁରର ଅବଦାନ ଅନନ୍ୟ । ପୂର୍ବରୁ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କର କଥା କୁହାଯାଇଛି । ସେ ଏକାଧାରାରେ କବି, ନାଟ୍ୟକାର, ନାଟ୍ୟ ସଂଗଠକ, ଅଭିନେତା, ଗାୟକ ତଥା ବିଭିନ୍ନ ବାଦ୍ୟଯନ୍ତ୍ରରେ ଓସ୍ତାଦ୍ ଥିଲେ । ଓଡ଼ିଶାର ପାଲାକାରମାନଙ୍କୁ ସେ ନୂତନ ଦିଗ ଦେଖାଇଥିଲେ, ପାଲା ଗାୟକମାନଙ୍କ ମଧ୍ୟରେ ପରମାନନ୍ଦ ଶରଣ ଓ କ୍ଷେତ୍ରବାସୀ ମିଶ୍ର ପ୍ରାତଃ ସ୍ମରଣୀୟ । ଅନ୍ୟ ଯେଉଁ ପାଲା ଗାୟକମାନେ ସେମାନଙ୍କର ବିପୁଳ ଅବଦାନ ରଖିଛନ୍ତି, ସେମାନଙ୍କ ମଧ୍ୟରେ ପୀତାମ୍ବର ପଣ୍ଡା, ଚୈତନ୍ୟ ବିଶ୍ୱାଳ, ପାରେଶ୍ୱର ଶରଣ, ହରିବଲ୍ଲଭ ଦାଶ, ରଘୁନାଥ ଶର୍ମା, ଉମାକାନ୍ତ ଦାଶ, ସୂର୍ଯ୍ୟମଣି ବେହେରା, ବୈରାଗୀ ଚରଣ ବେହେରା, ଅମର ପ୍ରସାଦ ଦାଶ, ଯୁବଗାୟକ ରଜନୀକାନ୍ତ ପୃଷ୍ଟି, ଅଜୟ କୁମାର ଦାଶ, ପ୍ରଫୁଲ୍ଲ ଆଚାର୍ଯ୍ୟ, ମଧୁସୂଦନ ଶତପଥୀ ପ୍ରଭୃତି ଗାୟକମାନଙ୍କର ନାମ ଉଲ୍ଲେଖଯୋଗ୍ୟ ।

ବେତାର ଓ ଦୂରଦର୍ଶନରେ ଗୀତଗାଇ ଅର୍ଜୁନ ଚରଣ ସାମଲ, ଧନଞ୍ଜୟ ଶତପଥୀ, ଗୋପାଳଚନ୍ଦ୍ର ସାମନ୍ତରାୟ, ସନ୍ତୋଷ

କୁମାର ପଣ୍ଡା, ଗାୟିକା ଲତା ଘୋଷ, ଆଶାଲତା ଉପାଧ୍ୟାୟ ପ୍ରମୁଖ ଯାଜପୁର ମାଟିର । ବେତାର ନାଟକର ଅଭିନେତା ଭାବରେ କୃଷ୍ଣମୋହନ ସିହ୍ନା, ଭକ୍ତଚରଣ ସାହୁ, ନନ୍ଦକିଶୋର ସିଂହ, ବାଇଧର ମାଝୀ ପ୍ରମୁଖ ବେଶ୍ ସୁନାମ ଅର୍ଜନ କରିଛନ୍ତି ।

ସଂସ୍କୃତ, ସଂସ୍କୃତି ଓ ଧର୍ମୀୟ ପ୍ରବଚନର ଧାରା ବୁହାଇବାରେ ଯାଜପୁରର ଅବଦାନ ବିଚାରଯୋଗ୍ୟ । ପ୍ରଖ୍ୟାତ ବାଗ୍ମୀ ପଣ୍ଡିତ ଘନଶ୍ୟାମ ମିଶ୍ର, ବୀରେନ୍ଦ୍ର ଶତପଥୀ, ସୂର୍ଯ୍ୟମଣି ଖୁଣ୍ଟିଆ, ବିନୋଦବିହାରୀ ଭୂପତିଭୂଷଣ ମିଶ୍ର, ଡଃ ଜ୍ଞାନରଞ୍ଜନ ପତି, ଅର୍ଜୁନ ଚରଣ ନାଥ, ନାୟକ ଅତୀତରେ କାହ୍ନୁଚରଣ କର ପ୍ରମୁଖ ଓଡ଼ିଆ ଧର୍ମୀୟ ସଂସ୍କୃତି ରାଜ୍ୟକୁ ବିପୁଳ ଅବଦାନ ଦେଇଛନ୍ତି । ପଣ୍ଡିତ ଘନଶ୍ୟାମ ମିଶ୍ର, ସୂର୍ଯ୍ୟମଣି ଖୁଣ୍ଟିଆ, ବିଜୟିନୀ ମିଶ୍ର, ବିନୋଦ ବିହାରୀ ନାୟକ, ଭୂପତିଭୂଷଣ ମିଶ୍ର ପ୍ରମୁଖ ବେତାର ଓ ଦୂରଦର୍ଶନ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଘୋଷଯାତ୍ରାର ଧାରା ବିବରଣୀ ବିଭିନ୍ନ ସମୟରେ ଦେଇଆସିଛନ୍ତି । ଏ କ୍ଷେତ୍ରରେ ବ୍ରଜମୋହନ ମହାନ୍ତିଙ୍କର ପ୍ରସିଦ୍ଧି ଥିଲା ଖୁବ୍, ବେଶୀ ।

ଚଳଚ୍ଚିତ୍ର ଜଗତ ପାଇଁ ଯାଜପୁରର ଅବଦାନ କିଛିକମ୍ ନୁହେଁ । ଅତୀତରେ ମେହେମୁଦ ହୋସେନ୍ 'ଅନ୍ଓ୍ୱାଣ୍ଟେଡ୍' ଚଳଚ୍ଚିତ୍ର ନିର୍ମାଣକରି ଆନ୍ତର୍ଜାତିକ ପୁରସ୍କାର ଲାଭ କରିଛନ୍ତି । ଏବେ ଚଳଚ୍ଚିତ୍ରରେ ଅଭିନୟ କରି ଅନୀତା ଦାସ, ଆକାଶ ଦାସ ନାୟକ, ନୈନା ଦାସ ପ୍ରମୁଖ ବେଶ୍ ସୁନାମ ଅର୍ଜନ କରିଛନ୍ତି । ଚଳଚ୍ଚିତ୍ର ପ୍ରଯୋଜକ ବସନ୍ତନାୟକ, ହୃଦାନନ୍ଦ ସାମଲ ଯାଜପୁର ମାଟିର । ବିଖ୍ୟାତ 'ସମ୍ରାଟ୍' କ୍ୟାସେଟ୍ କମ୍ପାନୀର ପ୍ରଯୋଜକ ଓ ସଂଗୀତ ନିର୍ଦ୍ଦେଶକ ବିଶ୍ୱମ୍ଭର ସାବତ ହେଉଛନ୍ତି ଯାଜପୁର ପାଣିକୋଇଲିର ମଣିଷ । ପ୍ରାଚୀନକାଳରୁ ନୌବାଣିଜ୍ୟ କ୍ଷେତ୍ରରେ ଯାଜପୁରର ଲୋକେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଥିଲେ । ଜଳପଥରେ କଲିକତା ସହିତ ଓ ସ୍ଥଳପଥରେ ପିଠିଆ ବଳଦଙ୍କ ସାହାଯ୍ୟରେ ତାଳଚେର ଓ ସମ୍ବଲପୁର ଅଞ୍ଚଳ ସହିତ ସମ୍ପର୍କ ରଖିଥିଲେ । ପରେ ଯାଜପୁର ଜିଲ୍ଲାର ପ୍ରମୁଖ ରେଳଷ୍ଟେସନ ଭାବେ ଯାଜପୁର କେନ୍ଦୁଝରରୋଡ୍ ରେଳଷ୍ଟେସନ୍ ଛିଡାହେବା ପରେ ଯାଜପୁର ଲୋକେ ସାରା ଭାରତବର୍ଷ ସହିତ ବାଣିଜ୍ୟିକ ସମ୍ପର୍କ ସୃଷ୍ଟି କରିଛନ୍ତି ।

ଯାଜପୁର ବର୍ତ୍ତମାନ ସମଗ୍ର ଭାରତବର୍ଷରେ ଇସ୍ପାତ ରାଜଧାନୀର ମାନ୍ୟତା ପାଇବାକୁ ଯାଉଛି । ପୂର୍ବରୁ ପ୍ରତିଷ୍ଠିତ ଫେରୋକ୍ରୋମ୍ କାରଖାନା (ଯାଜପୁରରୋଡ୍)କୁ ଛାଡିଦେଲେ କଳିଙ୍ଗ ନଗର ଶିଳ୍ପାଞ୍ଚଳ ବର୍ତ୍ତମାନ ସର୍ବବୃହତ ଶିଳ୍ପାଞ୍ଚଳ ହୋଇସାରିଲାଣି । ନୀଳାଚଳ ଇସ୍ପାତ ନିଗମ, ମେସ୍କୋଷ୍ଟିଲ୍, ଟାଟାଷ୍ଟିଲ୍, ଜିନ୍ଦଲଷ୍ଟିଲ୍, ମୈଥାନ୍ ଷ୍ଟିଲ୍ ପ୍ରଭୃତି କମ୍ପାନୀମାନେ କାରଖାନା ପରେ କାରଖାନା ବସାଇ ଚାଲିଛନ୍ତି ଶିଳ୍ପନଗରୀ ଯାଜପୁରରୋଡ଼ଠାରୁ ସୁକିନ୍ଦାପର୍ଯ୍ୟନ୍ତ କାୟାବିସ୍ତାର କରିଛି । ଧାନମଣ୍ଡଳ ଝୋଟକଳ ଝୋଟଶିଳ୍ପ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କଲାବେଳେ ପାଣିକୋଇଲି ଛକର ଦୁଇ ପାଖରେ କୃପାଳୁରାଇସ୍ ମିଲ୍ (ଚାନ୍ଦପୁର ଛକ) ଓ ଆଶୀର୍ବାଦ ଆଗ୍ରୋ ଇଣ୍ଡଷ୍ଟ୍ରୀଜ୍ (ରାଇସ୍‌ମିଲ୍) ସାରା ଓଡ଼ିଶାକୁ ଚାଉଳ ଯୋଗାଇବାର ଦାୟିତ୍ୱ ନେଇଛନ୍ତି ।

ଛତିଆ, ଚଣ୍ଡିଖୋଲ, ମହାବିନାୟକ, ରତ୍ନଗିରି, ଲଳିତଗିରି, ଉଦୟଗିରି, ଲାଙ୍ଗୁଡିପାହାଡ, ଗୋକର୍ଣ୍ଣେଶ୍ୱର ମନ୍ଦିର, ଓଳାଷୁଣୀ ଗୁମ୍ଫା (ଅରକ୍ଷିତ ଦାସଙ୍କ ଆଶ୍ରମ ଗାଦି) ବ୍ୟାସସରୋବର ସୁକିନ୍ଦାର ଅଶୋକଝର, ମୂଳାପାଳର ଲିଙ୍ଗେଶ୍ୱର ମନ୍ଦିର ପରିସର, ବରୁଣେଶ୍ୱର ମହାଦେବ, ବରୀ କଳାମାଟିଆର ଶହୀଦ୍‌ପୀଠ ସର୍ବୋପରି ଯାଜପୁରର ପୁରାତନ ସହରାଞ୍ଚଳ ପରି ପର୍ଯ୍ୟଟନ କ୍ଷେତ୍ରଗୁଡିକ ଓଡ଼ିଶାର ଅମୂଲ୍ୟସମ୍ପଦ । ତେବେ ଯାଜପୁର ମାଟି ଯେଉଁ ରାଜନେତାମାନଙ୍କୁ ଓଡ଼ିଶା ତଥା ଜାତୀୟ ସ୍ତରକୁ ପଠାଇଛି, ସେମାନଙ୍କ ମଧ୍ୟରେ ଗଦାଧର ଦତ୍ତ, ମାନଗୋବିନ୍ଦ ସାମଲ, ରବି ଦାସ, ବାଙ୍କବିହାରୀ ଦାସ, ସୀତାକାନ୍ତ ମହାପାତ୍ର, ଅମର ପ୍ରସାଦ ଶତପଥୀ, ପରମାନନ୍ଦ ମହାନ୍ତି, କାଙ୍ଗାଳି ଚରଣ ପଣ୍ଡା, ଶାନ୍ତନୁ କୁମାର ଦାସ, ଅଶୋକ କୁମାର ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ଶରତ କୁମାର ରାଉତ, ଅନଙ୍ଗ ମଞ୍ଜରୀ ଦେବୀ, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ଦାସ, ସନାତନ ଦେଓ, ଆନନ୍ଦ ମଞ୍ଜରୀ ଦେବୀ, ପ୍ରମିଳା ମଲ୍ଲିକ, ଦେବାଶିଷ ନାୟକ, କଳ୍ପତରୁ ଦାସ, ଦୁଃଶାସନ ଜେନା, ଜଗନ୍ନାଥ ମଲ୍ଲିକ, ନବକିଶୋର ମଲ୍ଲିକ, ଯଦୁମଣି ମଙ୍ଗରାଜ, ବାଇଧର ସିଂହ, ପବିତ୍ରମୋହନ ଜେନା, ବୈଷ୍ଣବଚରଣ ମଲ୍ଲିକ, ସଂଚିନ୍ତା ମହାନ୍ତି, ପ୍ରଣବ କୁମାର ଦାସ ପ୍ରମୁଖ ବିଧାୟକ ଭାବରେ ଓଡ଼ିଶା ବିଧାନସଭା ମଣ୍ଡନ କରିଥିବା ବେଳେ, ସାଂସଦ ଭାବରେ ଅନାଦିଚରଣ ଦାସ, ବାଇଧର ବେହେରା, ରାମଚନ୍ଦ୍ର ମଲ୍ଲିକ, ମୋହନ ଜେନା ଦିଲ୍ଲୀ ସଂସଦର ଲୋକସଭା ମଣ୍ଡନ କରିଛନ୍ତି । ରାଜ୍ୟ ସଭା ମଣ୍ଡନ କରିଛନ୍ତି ଶ୍ରୀରାମଚନ୍ଦ୍ର ଖୁଣ୍ଟିଆ ଓ ଶ୍ରୀ ବୈଷ୍ଣବ ଚରଣ ପରିଡା । ତେବେ ଓଡ଼ିଶା ମନ୍ତ୍ରିମଣ୍ଡଳରେ ବାଙ୍କବିହାରୀ ଦାସ, ପ୍ରଫୁଲ୍ଲଚନ୍ଦ୍ର ଘଡାଇ, ଅମର ପ୍ରସାଦ ଶତପଥୀ, ଶରତ ରାଉତ, ସୀତାକାନ୍ତ ମହାପାତ୍ର, ଶାନ୍ତ ମଲିକ, ଦେବାଶିଷ ନାୟକ ଓ କଳ୍ପତରୁ ଦାସ ପ୍ରମୁଖ ସମ୍ମାନିତ ହୋଇଛନ୍ତି ।

ଶ୍ରମିକ ରାଜନୀତିରେ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମାୟାଧର ନାୟକ, ସୌରୀବନ୍ଧୁ କର ଏବଂ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଭୂମିକା

ଗ୍ରହଣ କରିଛନ୍ତି । ରାମଚନ୍ଦ୍ର ଖୁଣ୍ଟିଆ ଆନ୍ତର୍ଜାତିକ ଶ୍ରମିକ ସଂଗଠନମାନଙ୍କରେ ବିଶିଷ୍ଟ ସ୍ଥାନରେ ଅଧିକାରୀ ହୋଇଛନ୍ତି ।

ନଳିନୀକାନ୍ତ ପଣ୍ଡା, ସହଦେବ ସାହୁ ମୁଖ୍ୟ ଶାସନ ସଚିବ ପଦ ମଣ୍ଡନ କରିଥିବା ବେଳେ ରମାକାନ୍ତ ପଣ୍ଡା ଆନ୍ତର୍ଜାତିକ ଡାକ୍ତର ଭାବରେ, ଡଃ ପ୍ରଫୁଲ୍ଲ କୁମାର ମହାନ୍ତି ଆନ୍ତର୍ଜାତିକ ଶିଳ୍ପୀ ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି ।

କ୍ରୀଡା କ୍ଷେତ୍ରରେ ବର୍ତ୍ତମାନ ସରସ୍ୱତୀଚାନ୍ଦ ଓ ଦୂତୀଚାନ୍ଦ ଜାତୀୟ ଖ୍ୟାତି ଅର୍ଜନ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ସମାଜସେବା କ୍ଷେତ୍ରରେ ସୁକିନ୍ଦାର ଡଃ. ମଞ୍ଜୁର ଅଲ୍ଲୀ ବହୁ ଆନ୍ତର୍ଜାତିକ ପୁରସ୍କାର ଲାଭ କଲାବେଳେ ଭାଷାବିତ୍ ଭାବରେ ଡଃ ଖଗେଶ୍ୱର ମହାପାତ୍ର, ରଙ୍ଗାଧର ମହାପାତ୍ର ବେଶ୍ ସୁନାମ ଅର୍ଜନ କରିଛନ୍ତି । ଖଗେଶ୍ୱର ମହାପାତ୍ର ଆଦିବାସୀ ଭାଷାସଂସ୍କୃତି ଉପରେ ବେଶ୍ ଆଲୋଚନା କରିଥିବା ବେଳେ ରଙ୍ଗାଧର ମହାପାତ୍ର 'ନାଇଲ୍' ବୋଲି ନୂଆ ଭାଷାଟିଏ ସୃଷ୍ଟି କରିଛନ୍ତି ।

ଶେଷରେ ଏତିକି କୁହାଯାଇପାରେ ଓଡ଼ିଶାର ସାମଗ୍ରିକ ବିକାଶରେ ଯାଜପୁରର ଏକ ପ୍ରମୁଖ ଭୂମିକା ରହିଛି ।

(ଏ ଆଲୋଚନାରେ ବହୁ ବ୍ୟକ୍ତି, ସାଧକ ଓ ଅନୁଷ୍ଠାନ ବାଦ୍‌ପଡି ଯାଇପାରି ଥାଆନ୍ତି । ସେଥିପାଇଁ ଆଲୋଚକ କ୍ଷମା ପ୍ରାର୍ଥନା କରୁଛି ନିଜର ଅଜ୍ଞତା ପାଇଁ)

ସହଯୋଗୀ ପୁସ୍ତକ–

ଯୁଗେ ଯୁଗେ ଯାଜପୁର

ଇତିହାସ ପୁରୁଷ ଯାଜପୁର

(ଡଃ. ଏକାଦଶୀ ପାଢ଼ୀ)

ଓଡ଼ିଶା ଗେଜେଟ୍

ମାଦଳାପାଞ୍ଜି

କାଳିକା ପୁରାଣ

ସଂସ୍କୃତ ମହାଭାରତ

କାଳିକା ପୁରାଣ

ଅନ୍ୟାନ୍ୟ ବିଭିନ୍ନ ପତ୍ରପତ୍ରିକା ।

ବେଗନା, କୋରାଇ,
ଯାଜପୁର–୭୫୫୦୨୨

❖ ❖ ❖

## ସଂଖ୍ୟାଲଘୁ ସମ୍ପ୍ରଦାୟର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଦରଖାସ୍ତ ଆହ୍ୱାନ

୨୦୧୩–୧୪ ବର୍ଷ ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟ (ମୁସଲମାନ, ଖ୍ରୀଷ୍ଟିଆନ୍, ବୌଦ୍ଧ ଧର୍ମାବଲମ୍ବୀ, ଶିଖ୍, ପାର୍ସି) ଛାତ୍ରଛାତ୍ରୀମାନଙ୍କଠାରୁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଅନ୍‌ଲାଇନ୍ ଯୋଗେ ଆବେଦନ କରିବାର ଶେଷ ତାରିଖ ୩୦ ସେପ୍ଟେମ୍ବର, ୨୦୧୩ ରଖାଯାଇଛି । ଏହି ଛାତ୍ରବୃତ୍ତି ସମ୍ପର୍କରେ ସବିଶେଷ ତଥ୍ୟ (WWW.momascholarship.gov)ରୁ ମିଳିପାରିବ । ଏହି ବର୍ଗର ଛାତ୍ରଛାତ୍ରୀମାନେ ବିଭାଗର ହେଲପ୍‌ଲାଇନ୍ ୦୬୭୪–୨୩୯୧୬୮୦ ସହିତ ଯୋଗାଯୋଗ କରିପାରିବେ ବୋଲି ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଦାଶରଥୀ ଶତପଥୀ ପ୍ରକାଶ କରିଛନ୍ତି ।

# ଆବିଷ୍କୃତ ଐତିହାସିକ 'ମୋଗଲମାରୀ'ର ବୌଦ୍ଧ ବିହାର– ଏକ ସିଂହାବଲୋକନ

**ଜୀବନକୃଷ୍ଣ ଦାସ ଅଧିକାରୀ**

ବହୁବର୍ଷ ଧରି ଅନେକ ମଣିଷଙ୍କର ନିରନ୍ତର ସାଧନାରେ ଗଢି ଉଠେ ସଭ୍ୟତାର ଏକ ଇମାରତ୍ । ମଣିଷ ଯେପରି ସୃଷ୍ଟି କରେ– ସେହିପରି ନିର୍ମାଣ ମଧ୍ୟ କରିଥାଏ, ଧ୍ୱଂସ ମଧ୍ୟ କରିଥାଏ । ସଂକୀର୍ଣ୍ଣ ସ୍ୱାର୍ଥ ସିଦ୍ଧି ନିମନ୍ତେ ଅନେକ ସୃଷ୍ଟି ସମ୍ଭାର ମଧ୍ୟ ନିଶ୍ଚିହ୍ନ ହୋଇଯାଇଥାଏ । ପୁଣି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା କାଳର ନିୟମାନୁସାରେ ବିଲୀନ ହୋଇଯାଏ କେତେ ସ୍ଥାପତ୍ୟ ଓ ମହିମା । ତଥାପି କିଛି କିଛି ସ୍ଥାପତ୍ୟର ଅଂଶ ରହିଯାଇଥାଏ । ମାଟି ଖୋଳି ମିଳିଯାଏ ମଣିଷର କୀର୍ତ୍ତି ସମ୍ଭାର ସ୍ଥାପତ୍ୟ ଭାବନା, ସୃଜନାତ୍ମକ ଭାବନାର ନାନାବିଧ ପ୍ରତ୍ନତତ୍ତ୍ୱ ଉପାଦାନ । ମାଟି ଉପରେ ସର୍ବଦା ଚଳମାନ ମଣିଷ ଜୀବନ ଯାତ୍ରାର ଧର୍ମାଚାରଣ, ପ୍ରଥା ପାଳନରେ କଥାରେ ଗଳ୍ପ କିମ୍ବା କିମ୍ବଦନ୍ତୀରେ ଇତିହାସର ଇଙ୍ଗିତ ମିଳିଥାଏ । ସୁବର୍ଣ୍ଣରେଖା ନଦୀର ପୂର୍ବ କୂଳରେ ଅଧୁନା ପଶ୍ଚିମବଙ୍ଗର ଦାନ୍ତୁଣ ସହରର ଅତି ନିକଟରେ ଦୁଇଟି ଗ୍ରାମ ସାତ ଦେଉଳିଆ ଓ ମୋଗଲମାରୀ ଗ୍ରାମରେ ପ୍ରାପ୍ତ ପ୍ରତ୍ନତାତ୍ତ୍ୱିକ–ଐତିହାସିକ କିମ୍ବଦନ୍ତୀ ହଜାରେ ବର୍ଷର ଉର୍ଦ୍ଧ୍ୱ ବୋଲି ଐତିହାସିକମାନଙ୍କର ମତ ।

ବର୍ତ୍ତମାନ ପଶ୍ଚିମବଙ୍ଗର ଦକ୍ଷିଣ– ପଶ୍ଚିମ ସୀମାନ୍ତ ବର୍ତ୍ତୀ ମେଦିନିପୁର ଜିଲ୍ଲାର ଦାନ୍ତୁଣ ଥାନାର ୧ ନମ୍ବର ବ୍ଲକ ଅନ୍ତର୍ଗତ ୩ ନମ୍ବର ମନୋହରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏକ ବର୍ଦ୍ଧିଷ୍ଣୁ ଗ୍ରାମ 'ମୋଗଲମାରୀ', ଯାହାର ମୌଜାନାମ ଉତ୍ତର ସିମୁଳିଆ ସଂଯୁକ୍ତ ମୌଜାର ଜୟରାମପୁରର ପଶ୍ଚିମ ଓ ଉତ୍ତର ଦିଗରେ ପୁଞ୍ଜା ମୌଜା । ଏହି ତିନୋଟି ମୌଜାର ବିସ୍ତୃତ ଅଞ୍ଚଳକୁ ନେଇ ପ୍ରାଚୀନ କାଳର ଅମରାବତୀ । ବର୍ତ୍ତମାନର ନାମ 'ମୋଗଲମାରୀ' । ଉକ୍ତ ଗ୍ରାମର ପଶ୍ଚିମ ଦିଗରେ ପ୍ରାୟ ଦେଢ଼ କିଲୋମିଟର ଦୂରରେ ସୁବର୍ଣ୍ଣରେଖା ନଦୀ ପ୍ରବାହମାନ । ଏହା ବର୍ତ୍ତମାନ ଓଡ଼ିଶା ଓ ବଙ୍ଗଳାର ସୀମାରେଖା ପାଲଟି ଯାଇଛି ।

ମୋଗଲମାରୀ ପ୍ରତ୍ନ ସମୀକ୍ଷା: ଅଳ୍ପଦିନ ମଧ୍ୟରେ ମୋଗଲମାରୀ ପ୍ରତ୍ନ ଖ୍ୟାତି ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଛି । ୨୦୦୪ରୁ ୨୦୧୨ ମୋଟ ସାତ ବର୍ଷରେ ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ନତତ୍ତ୍ୱବିଦ୍ ଡକ୍ଟର ଅଶୋକ ଦତ୍ତଙ୍କ ଅଧିନାୟକତ୍ୱରେ ଉତ୍‌ଖନନର ବହୁ ବର୍ଷ ଆଗରୁ ବିଭିନ୍ନ ପ୍ରତ୍ନ ସାମଗ୍ରୀ ମିଳିଥିଲା ଏହି ଗ୍ରାମମାନଙ୍କରେ । ପ୍ରଥମତଃ ଗୋଟିଏ ବୁଦ୍ଧ ମୂର୍ତ୍ତି, ଗୋଟିଏ ଟେରାକୋଟା ଶିଳା ଯେଉଁଥିରେ ବ୍ରାହ୍ମୀଲିପି ଉତ୍କୀର୍ଣ୍ଣ, ଗୋଟିଏ ସୂର୍ଯ୍ୟ ମୂର୍ତ୍ତି, ଗୋଟିଏ ଗଣେଶ ମୂର୍ତ୍ତି ବ୍ୟତୀତ ଅନେକ ଭଗ୍ନ ମୂର୍ତ୍ତି ଓ କାରୁକାର୍ଯ୍ୟ ସମ୍ବଳିତ ଭଗ୍ନ ଶିଳାଖଣ୍ଡ ମିଳିଥିଲା । ବସ୍ତୁତଃ ମୋଗଲମାରୀ ପୁରାଗ୍ରାମଟି ଅସାଧାରଣ ପ୍ରତ୍ନକ୍ଷେତ୍ର । ହ୍ୟାରିସନ ସାହେବଙ୍କ ମିଳିଥିବା ତଥ୍ୟ ଅନୁସାରେ ଜଣାଯାଏ ଯେ, ବର୍ତ୍ତମାନ ଓଡ଼ିଶାର ରାଜଘାଟ ରାସ୍ତା ନିର୍ମାଣ ନିମନ୍ତେ ସାତ ଦେଉଳୀଆ ଓ ମୋଗଲମାରୀରୁ ପ୍ରାୟ ୨୬ ଲକ୍ଷ ପୋଡାଇଟା ଓ ପଥର ସେଠାରୁ ନିଆଯାଇଥିଲା । ତେଣୁ ଅନୁମାନ କରାଯାଇପାରେ, ଏହି ଦୁଇ ଗ୍ରାମରେ ବହୁତ ସ୍ଥାପତ୍ୟ କୀର୍ତ୍ତି ଅବସ୍ଥିତ ଥିଲା । ୨୦୦୪ରୁ ୨୦୧୨ ମଧ୍ୟରେ ଡକ୍ଟର ଅଶୋକ ଦତ୍ତଙ୍କ ନେତୃତ୍ୱରେ ମୋଗଲମାରୀ ଗ୍ରାମର କିଛି ଅଂଶ ଏବଂ କିମ୍ବଦନ୍ତୀ ପ୍ରସିଦ୍ଧ 'ସଖିସେଣା' ଢିପକୁ ଉତ୍‌ଖନନ କରି ବିପୁଳ ପରିମାଣରେ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ ବିଭିନ୍ନ ଅଳଙ୍କୃତ ବୈଶିଷ୍ଟ୍ୟପୂର୍ଣ୍ଣ ବୌଦ୍ଧ ବିହାରର ସ୍ଥାପତ୍ୟ ନିଦର୍ଶନ ମିଳିଥିଲା । ୮୦ x ୮୦ ମିଟର ଢିପରୁ ଯେ ଏହା ଏକ ବୌଦ୍ଧ ବିହାର ଥିଲା ତାହା ଇଟା ନିର୍ମିତ କାନ୍ଥରୁ ତାହାର ନିଦର୍ଶନ । ବିଭିନ୍ନ ମୂର୍ତ୍ତି, ପଦ୍ମଫୁଲ ଧର୍ମଚକ୍ର ଆମ୍ଭମାନଙ୍କୁ ମୁଗ୍ଧ କରିଥାଏ ।

ଏତଦ୍‌ବ୍ୟତୀତ ବୁଦ୍ଧ ମୂର୍ତ୍ତି, ଲିପି ଉତ୍‌କୀର୍ଣ୍ଣ କେତୋଟି ଶିଳା ବହୁ ପରିମାଣରେ ମାଟି ପ୍ରଦୀପ, ଅର୍ଘ୍ୟପାତ୍ର, ଅସଂଖ୍ୟ କଉଡି ଇତ୍ୟାଦି ମିଳିଥିଲା ।

ମୋଗଲମାରୀ ପ୍ରଥମ ଖନନ କାର୍ଯ୍ୟ ୨୦୦୩ରୁ ୨୦୦୪:

ପ୍ରଥମ ପର୍ଯ୍ୟାୟ ଖନନ କାର୍ଯ୍ୟ ଆରମ୍ଭ କରିବା ପାଇଁ ମୋଗଲାମାରୀ ପ୍ରତ୍ନ କ୍ଷେତ୍ରକୁ ତିନିଟି ଭାଗରେ ବିଭକ୍ତ କରାଯାଇଥିଲା । ପ୍ରଥମ ଭାଗଟି ୮୦ x ୮୦ ମିଟର ଢିପର ଏକ ଉପର ଅଂଶ ବିଶେଷ । ସ୍ଥାନୀୟ ଜନଶ୍ରୁତି ଅନୁସାରେ ଉକ୍ତ ଢିପକୁ 'ସଖୀସେଣାର ପାଠଶାଳା' ବୋଲି ଚିହ୍ନିତ କରି ଆସୁଛନ୍ତି । ଦ୍ୱିତୀୟ କ୍ଷେତ୍ରଟି ହେଲା ଜନବସତି ମଧ୍ୟରେ ୩୦୦ମିଟର ସ୍ଥାନ । ଏହା ମୂଳଢିପର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ । ତୃତୀୟ ଭୂଖଣ୍ଡଟି ଜନବସତି ଥିବା ରାସ୍ତାର ପାଶ୍ୱବର୍ତ୍ତୀ ଅଞ୍ଚଳ, ଏହି ଖନନ କାର୍ଯ୍ୟର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମାଟି ତଳେ ଚାପି ହୋଇ ରହିଥିବା ବହୁ ପୁରାତନ ପ୍ରତ୍ନ ନିଦର୍ଶନକୁ ଆବିଷ୍କାର କରିବା । ସିଧାଭାବେ ଅତି ସନ୍ତର୍ପଣରେ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୋଟ ୧୪ଟି ଗର୍ତ୍ତ ପୃଥକ ପୃଥକ୍ ୬ x ୬ ମିଟରର ଗର୍ତ୍ତ ଖୋଳାଯାଇଥିଲା । ପଶ୍ଚିମ ଦିଗରେ ୯ଟି ଏବଂ ଦକ୍ଷିଣ ଦିଗରେ ୫ଟି ଗର୍ତ୍ତ ମଧ୍ୟରୁ ପଶ୍ଚିମ ଦିଗରେ ଖୋଳା ଯାଇଥିବା ଗର୍ତ୍ତ ମଧ୍ୟରୁ ମାଟିର ବହୁ ଗଭୀର ଭିତରୁ ପୋଡା ଇଟାର ସ୍ଥାପତ୍ୟ ଆବିଷ୍କାର କରାଯାଇଥିଲା । ମୋଗଲମାରୀ ଗ୍ରାମର ପୃଥକ ପୃଥକ ଗର୍ତ୍ତ ଖୋଳା ଶେଷ ହେବାପରେ ସେଥିରୁ ମିଳିଥିବା ବହୁ ଇଟାରୁ ନାନା କାରୁକାର୍ଯ୍ୟମୟ ସ୍ଥାପତ୍ୟ ଦେଖାଯାଇଥିଲା । କାନ୍ଥଗୁଡିକର ଉଚ୍ଚତା ପ୍ରାୟ ୧୧୩ ସେମି. ଏବଂ ପ୍ରସ୍ଥ ୧.୮୯ମି.ରୁ ୨ମିଟର ମଧ୍ୟରେ । ସବୁଗୁଡିକ ମିଶି ଲମ୍ବା ପ୍ରାୟ ୨୬.୫୩ମି. ମାଟି ଭିତରୁ ଆବିଷ୍କାର କରାଯାଇଥିଲା । ଏହି କାନ୍ଥଗୁଡିକ ବାହାର ପଟୁ ସମାନ ଇଟାରେ ସଜା ଯାଇଥିବା ବେଳେ ଭିତର ମଧ୍ୟବର୍ତ୍ତୀ ଅଂଶ ଭଙ୍ଗା ଇଟା ଦ୍ୱାରା ପୂର୍ଣ୍ଣ କରାଯାଇଥିଲା । ଉତ୍ତର ଦିଗରେ ଖୋଳା ୫ଟି ଗର୍ତ୍ତ ମଧ୍ୟରୁ ମିଳିଥିବା କାନ୍ଥଗୁଡିକ ପଶ୍ଚିମପାର୍ଶ୍ୱ କାନ୍ଥଠାରୁ ଅପେକ୍ଷାକୃତ ଚଉଡା । ସେହି କାନ୍ଥଗୁଡିକ ପ୍ରାୟ ୧୦.୮୫ମି. ଲମ୍ବ ଏବଂ ଚଉଡା ଯଥାକ୍ରମେ ୨.୬୫ମି. ଓ ୨.୭ମି । କାନ୍ଥ ସଂଲଗ୍ନ ଦୁଇଟି ଚାରିକୋଣିଆ ଚେମ୍ବାର ବା କୋଠରୀ ଆବିଷ୍କାର କରାଯାଇଥିଲା ୩.୨୦ମି x ୨.୮୦ମି ଏବଂ ୨.୮୦ମି. x ୨.୪୫ମି. । ଏଗୁଡିକ ବୌଦ୍ଧ ମଠର ଅଂଶ ବିଶେଷ ବୋଲି ଅନୁମାନ କରାଯାଏ । ଏହି ଖନନ ସମୟରେ ୫ଟି ଗୋଲାକାର ଇଟାର ସ୍ତୂପ ଆବିଷ୍କୃତ ହୋଇଥିଲା ।

ଦ୍ୱିତୀୟ ଖନନ କାର୍ଯ୍ୟ: (୨୦୦୬ରୁ ୨୦୦୭) ଦ୍ୱିତୀୟ ଖନନ କାର୍ଯ୍ୟ ଢିପର ପୂର୍ବ ଓ ଦକ୍ଷିଣ ପାର୍ଶ୍ୱର ଅଂଶ ବିଶେଷ । ସେଠାରୁ ଦୁଇଟି ଲ୍ୟାଟାରାଇଟ୍ ଷ୍ଟୋନ୍ ପିଲାର୍ । ଢିପର ଉପର ଅଂଶରୁ ପ୍ରଚୁର ପରିମାଣରେ ମାଟି ପ୍ରଦୀପ, ଅର୍ଘ୍ୟ ପାତ୍ର, ମାଟିର ଗାମଲା, କଳା ଓ ନାଲି ରଙ୍ଗର ପଲିସ କଳାମାଟି ପାତ୍ର । ଏହାଛଡା ସବୁଠାରୁ ଆକର୍ଷଣୀୟ ଭୂମିସ୍ପର୍ଶ ମୁଦ୍ରାରେ ଗୋଟିଏ ବୌଦ୍ଧ ମୂର୍ତ୍ତି । ଢିପର ପଶ୍ଚିମପାର୍ଶ୍ୱ ଗୋଟିଏ ଗର୍ତ୍ତ ମଧ୍ୟରୁ ଚୂନ ମୂର୍ତ୍ତିର ଅନ୍ୟ ଅଂଶ ମଧ୍ୟ ମିଳିଥିଲା । ଏହି ସ୍ଥାନର କାନ୍ଥଗୁଡିକ ଚୂନ ଦ୍ୱାରା ପଲସ୍ତରା କରାଯାଇଥିଲା । ସୌଭାଗ୍ୟର ବିଷୟ ମୂର୍ତ୍ତିଟି ଭଗ୍ନ ଅବସ୍ଥାରେ ମିଳିଥିଲେ ମଧ୍ୟ ମୂର୍ତ୍ତିର ପ୍ରାୟ ସମସ୍ତ ଅଂଶ ଏହି ସ୍ଥାନରେ ଥିଲା । ଫଳତଃ ସେଗୁଡିକ ଯୋଡି ଏକ ପୂର୍ଣ୍ଣାଙ୍ଗ ରୂପ କରାଯାଇ ପାରିଥିଲା । ଉକ୍ତ ବୌଦ୍ଧ ମୂର୍ତ୍ତିର ଉଚ୍ଚତା ୯.୫ ଇଞ୍ଚ ଏବଂ ଚଉଡା ୫.୫ ଇଞ୍ଚ । ତେବେ ବାମପାର୍ଶ୍ୱର କିଛି ଅଂଶ ମିଳି ନଥିଲା । ଏହାକୁ ଦେଖି ଅଧ୍ୟାପକ ଡକ୍ଟର ଅଶୋକ ଦତ୍ତ କହିଥିଲେ ଯେ ୬ଷ୍ଠରୁ ୧୧ଶ ଶତକ ମଧ୍ୟରେ ଗୌଡ ରାଢ ସଂଲଗ୍ନ ଉତ୍କଳ ସୀମାନ୍ତ ସମୃଦ୍ଧ ଥିଲା ଦନ୍ତଭୂକ୍ତି ରାଜ୍ୟ । କାନ୍ୟକୁବ୍ଜରୁ କର୍ଣ୍ଣାଟକ, ତାମିଲନାଡୁ ପର୍ଯ୍ୟନ୍ତ ଉତ୍ତର ଦକ୍ଷିଣ ଦିଗ ବିସ୍ତୃତ ଗୋଟିଏ ଦନ୍ତପଥ ସମୁଦ୍ର ଉପକୂଳ ଦେଇ ଏହି ରାଜ୍ୟର ଭିତର ଅଂଶରେ ପ୍ରସାରିତ ହୋଇଥିଲା । ବଣିକ ବ୍ୟବସାୟୀମାନେ ଓଡ଼ିଶାର ପିପିଲି ବନ୍ଦର ଦେଇ ସୁବର୍ଣ୍ଣରେଖା ନଦୀର ଜଳ ପଥରେ ଆସି ରାଜଘାଟ ସନ୍ନିକଟ ବତୀଘରା ପାଖରେ ପୋତଗୁଡିକ ରଖି ବାଣିଜ୍ୟ ସମ୍ଭାର ନେଇ ଏହି ରାସ୍ତାରେ ଗତାଗତ କରୁଥିଲେ । ତତ୍କାଳୀନ କଳିଙ୍ଗ ରାଜ୍ୟର ତାମ୍ରଲିପି ବନ୍ଦରରୁ ଗୋଟିଏ ଶାଖା ପଥ ଦନ୍ତଭୂକ୍ତିରେ ଆସି ମିଳିତ ହୋଇଥିଲା । ସନ୍ନ୍ୟାସୀ, ଯତି-ଶ୍ରମିକ, ଭିକ୍ଷୁକ ଦଳ ପଥପ୍ରାନ୍ତରରେ ଆଶ୍ରୟ ନେଉଥିଲେ, ପୂଜାର୍ଚ୍ଚନା କରୁଥିଲେ ଏବଂ ଏହି ପଥଦନ୍ତ ଦେଇ ସାମରିକ ଅଭିଯାନମାନ ଯାଉଥିଲା । ସମ୍ରାଟ ଓ ଶ୍ରେଷ୍ଠୀ, ଭୂସ୍ୱାମୀ ଓ ବଣିକ କୂଳ ସେମାନଙ୍କର ଦକ୍ଷିଣା ବିତ୍ତ ସମ୍ପଦ ଦାନେ ଷଷ୍ଠ ସପ୍ତମ ଶତକରେ ଏହି ସୁରମ୍ୟ ଓ ବିଶାଳକାୟ ସ୍ତୂପ ବିହାର ଗଢି ଉଠିଥିଲା । ନବମ-ଦଶମ ଶତକରେ ପାଳ ଶାସକମାନେ ଧର୍ମ ଓ ଜ୍ଞାନ ଚର୍ଚ୍ଚାର କ୍ଷେତ୍ର ରୂପେ ଏହାର ପ୍ରସିଦ୍ଧି ଅକ୍ଷୁଣ୍ଣ ରହିଥିଲା । ଦ୍ୱିତୀୟ ଖନନ କାର୍ଯ୍ୟ ସମୟରେ ବୌଦ୍ଧ ସ୍ଥାପତ୍ୟର ଧ୍ୱଂସାବଶେଷର ସନ୍ଧାନ ମିଳିଥିଲା । ଏହି ଢିପର ମାଟି ତଳେ ବୌଦ୍ଧ ମଠ ଥିବାର ପ୍ରମାଣ ମିଳିଛି । ବିଭିନ୍ନ ମାପର ଇଟାଗୁଡିକ ମଧ୍ୟରୁ ସର୍ବୋଚ୍ଚ ଆୟତନ ୩୯ ସେମି ଏବଂ ସର୍ବନିମ୍ନ ୨୦ ସେମି । ମଠ ଭିତରେ ଅଂଶରେ ରହିଛି ଅନେକ ଛୋଟ ଛୋଟ କୋଠରୀ । ଏଥିରୁ ସ୍ପଷ୍ଟ ଜଣାପଡେ ଏଗୁଡିକରେ ବୌଦ୍ଧ ସନ୍ନ୍ୟାସୀମାନେ ରହୁଥିଲେ । ସେମାନଙ୍କ ବୁଲାବୁଲି କରିବା ପାଇଁ ବାରନ୍ଦା, ମନୋରଞ୍ଜନ ନିମନ୍ତେ ମଠ କାନ୍ଥଗୁଡିକର ପ୍ଲାଷ୍ଟର ଦ୍ୱାରା ବିଭିନ୍ନ କାରୁକାର୍ଯ୍ୟ ମଧ୍ୟ କରାଯାଇଥିଲା । ବ୍ରାହ୍ମୀଲିପିରେ ଲେଖା ଗୋଟିଏ ଶିଳାଲିପି

ମିଳିଥିଲା । ସେଥିରେ ଶ୍ରୀବମ ନାମକ ଏକ ବ୍ୟକ୍ତିଙ୍କ ନାମ ପ୍ରତ୍ନତାତ୍ତ୍ୱିକମାନଙ୍କର ହସ୍ତଗତ ହୋଇଛି । ସେମାନଙ୍କର ଧାରଣା, ଏହା ସପ୍ତମରୁ ଅଷ୍ଟମ ଶତାବ୍ଦୀର କେଉଁ ଏକ ସମୟରେ ତିଆରି କରାଯାଇ ଥାଇପାରେ । ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଜନପଥ ଯେ ମୁଖରିତ ଥିଲା ତାର ସ୍ପଷ୍ଟ ପ୍ରମାଣ ମିଳିଛି । ଏହି ସମୟରେ ବିହାରର ନାଳନ୍ଦା, ମୁର୍ଶିଦାବାଦର ରକ୍ତ ମୃତ୍ତିକା ମହାବିହାରର ସାମଞ୍ଜସ୍ୟ ରହିଛି । ପଶ୍ଚିମବଙ୍ଗର ମର୍ଶିବାଦ ସହିତ ମାଲଦାର ନନ୍ଦଦୀର୍ଘୀକା ମୋଟ ଦୁଇଟି ଏହି ଧରଣର ବୌଦ୍ଧ ବିହାର ରହିଛି । ମାତ୍ର ସେଗୁଡିକର ତୁଳନାରେ 'ମୋଗଲମାରୀ' ଆକାରରେ ବହୁତ ବଡ ।

ତୃତୀୟ ପର୍ଯ୍ୟାୟ ଖନନ କାର୍ଯ୍ୟ ୨୦୦୭ରୁ ୨୦୦୮ ମସିହା:

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଖନନ କାର୍ଯ୍ୟରୁ ପ୍ରମାଣିତ ହୋଇଥିବା ବୌଦ୍ଧ ମଠ, ସ୍ଥାପତ୍ୟର ନିଦର୍ଶନ ମିଳିବା ତୃତୀୟ ଖନନ କାର୍ଯ୍ୟ ଦ୍ୱାରା ସ୍ଥାପତ୍ୟ ଯେ ବୌଦ୍ଧ ମଠର ପୁରାତନ ସ୍ଥାପତ୍ୟ ଆଉ ଥରେ ପ୍ରମାଣିତ ହୋଇଥିଲା । ଏହି ବୃହତ୍ ସ୍ଥାପତ୍ୟ ଶୈଳୀ ନିର୍ମାଣରେ ୪୨ ରକମର ସାଜସଜ୍ଜାପୂର୍ଣ୍ଣ ଇଟା ବ୍ୟବହାର କରାଯାଇଥିଲା । ସୁନ୍ଦର ଇଟାର ସୁନିପୂର୍ଣ୍ଣ ନିର୍ମାଣ ଶୈଳୀରୁ ଜଣାଗଲା ଯେ, ସେସମୟର ସ୍ଥାପତ୍ୟ ବିଦ୍ୟା ପ୍ରାୟୋଗିକ ବିଦ୍ୟା ଅତ୍ୟନ୍ତ ଉନ୍ନତମାନର ବିକାଶ ସାଧନ ଘଟିଥିଲା ।

ଚତୁର୍ଥ ପର୍ଯ୍ୟାୟ ଖନନ (୨୦୧୦ ମସିହାରେ)

ଚତୁର୍ଥ ପର୍ଯ୍ୟାୟ ଖନନ କାର୍ଯ୍ୟ ୨୦୧୦ ମସିହା ଫେବୃଆରୀ ମାସ ୧୫ ତାରିଖରେ ହୋଇଥିଲା । ମୋଗଲମାରୀଠାରେ ଖନନ କାର୍ଯ୍ୟ ସମୟରେ ବୌଦ୍ଧ ବିହାରର ଅନ୍ୟତମ ପ୍ରବେଶ ଦ୍ୱାର ଆବିଷ୍କାର କରାଯାଇଥିଲା । ଡକ୍ଟର ଅଶୋକ ଦତ୍ତଙ୍କ ମତରେ ବୌଦ୍ଧ ବିହାରର ମଧ୍ୟସ୍ଥଳୀରେ ଗୋଟିଏ ସ୍ତୂପ ରହିଥିଲା । ସ୍ତୂପର ଉତ୍ତର ଦିଗକୁ ୧୧.୬ ମିଟର ଚଉଡାର ପ୍ରବେଶ ଦ୍ୱାରା ଦେଖିବାକୁ ମିଳିଥିଲା । ଏହି ଦ୍ୱାରର ଭିତର ଅଂଶ ଦ୍ୱାରକୁ ଲାଗି କେତେଗୁଡିଏ କକ୍ଷ ବା କୋଠରୀ ଦେଖାଯାଇଥିଲା । ସେଗୁଡିକର ଗଠନ ଶୈଳୀରୁ ମନେ ହୋଇଥିଲା ଅତ୍ୟନ୍ତ ତିନୋଟି ପର୍ଯ୍ୟାୟରେ ବହୁ ସମୟ ବ୍ୟବଧାନରେ ଗଢା ଯାଇଥିଲା । ହୁଏନ୍‌ସାଂ ୬୩୦ ଖ୍ରୀଷ୍ଟାବ୍ଦରେ ଭାରତ ଭ୍ରମଣରେ ଆସି ଏହି ସ୍ଥାନଗୁଡିକରେ ଯେଉଁ ବୌଦ୍ଧ ବିହାର କଥା କହିଛନ୍ତି ତନ୍ମଧ୍ୟରୁ ମୋଗଲମାରୀ ବୌଦ୍ଧ ବିହାର ଅନ୍ୟତମ ବୋଲି ଧାରଣା ସୃଷ୍ଟି ହୁଏ ।

ଐତିହାସିକମାନଙ୍କର ଅନୁମାନ ଏହି ବୌଦ୍ଧ ବିହାର ନିର୍ମାଣ ସମୟ ସମ୍ଭବତ ଖ୍ରୀଷ୍ଟୀୟ ଷଷ୍ଠରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ। ପରବର୍ତ୍ତୀ ପର୍ଯ୍ୟାୟରେ ଅତ୍ୟନ୍ତ ପକ୍ଷେ ଦୁଇଥର ସଂସ୍କାର କରାଯାଇଥିଲା । ଗଠନ ଶୈଳୀରୁ ଜଣାପଡୁଛି ଯେ, ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଏହି ବିହାର ଭବନର ସଂସ୍କାର ହୋଇଥିଲା । ସେଠାରୁ ମିଳିଛି ବିଭିନ୍ନ ସମୟର ମାଟିପାତ୍ର, ଏହା ଦେଖି ଐତିହାସିକମାନଙ୍କର ଧାରଣା ବହୁଦିନ ଧରି ଏହି ବୌଦ୍ଧ ବିହାରଟି ଅଧ୍ୟୟନ ଓ ଅଧ୍ୟାପନାର ଏକ ଉତ୍କୃଷ୍ଟ କେନ୍ଦ୍ରବିନ୍ଦୁ ହିସାବରେ ପରିଚିତ ଥିଲା । ଯେଉଁ କାରଣରୁ ସେମାନେ ଭବନ କାର୍ଯ୍ୟରେ ବିପୁଳ ଆର୍ଥିକ ସାହାଯ୍ୟ ପାଉଥିଲେ । ଏହି ଖନନ ଦ୍ୱାରା ବୌଦ୍ଧ ଭିକ୍ଷୁକମାନଙ୍କ ଦ୍ୱାରା ବ୍ୟବହୃତ ବେଶ୍ କିଛି ମାଟି ପାତ୍ର, ଇଟା ଓ ସ୍ଲେଟ୍ ପଥରରେ ତିଆରି ବିଭିନ୍ନ ଆକାରର ପାତ୍ର ଏବଂ ପୋଡା ମାଟିର କାରୁକାର୍ଯ୍ୟପୂର୍ଣ୍ଣ କିଛି ପାତ୍ର ମିଳିଥିଲା । ଆବିଷ୍କୃତ ବୌଦ୍ଧ ବିହାର କାଛରେ ବିଭିନ୍ନ ଅଳଂକୃତ ସାମଗ୍ରୀ ମିଳିଛି । ମୋଗଲମାରୀ ଗ୍ରାମର ୫୦ ହଜାର ବର୍ଗ ମିଟର ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରଟିକୁ ଏଥି ମଧ୍ୟରେ ହେରିଟେଜ୍ ଘୋଷଣା କରିଛନ୍ତି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ।

୫ମ ପର୍ଯ୍ୟାୟ ଖନନ କାର୍ଯ୍ୟ ୨୦୧୧: ପଞ୍ଚମ ଦଫା ଖନନ କାର୍ଯ୍ୟ ଆରମ୍ଭ ପୂର୍ବରୁ ମୋଗଲମାରୀ ଗ୍ରାମରେ ମିଳିଥିଲା ଗୋଟିଏ ବୌଦ୍ଧମୂର୍ତ୍ତି ଯାହାର ଅଢେଇ ଇଞ୍ଚ ଲମ୍ବ ଓ ୪ଇଞ୍ଚ ଚଉଡା ବିଶିଷ୍ଟ କଳା ମୁଗୁନି ପଥରରେ ଖୋଦେଇ କୌଣସି ଏକ ବଡ ବୌଦ୍ଧ ମୂର୍ତ୍ତିର ଅଂଶବିଶେଷ ବୋଲି ପ୍ରତ୍ନତାତ୍ତ୍ୱିକ ବିଶେଷଜ୍ଞମାନଙ୍କର ମତ । ଏତଦ୍‌ବ୍ୟତୀତ ମୋଗଲମାରୀ ଗ୍ରାମର ବାସିନ୍ଦା ରବିଶଙ୍କର ହାଁସଦା ପଶ୍ଚିମ ଦିଗରୁ ଉକ୍ତ ମୂର୍ତ୍ତିଟି ଉଦ୍ଧାର କରି ନିଜ ଗୃହରେ ରଖିଥିଲେ । ମାତ୍ର ସ୍ଥାନୀୟ ତରୁଣ ସଂଘ ଓ ପାଠାଗାରର ସଦସ୍ୟମାନଙ୍କ ନଜରରେ ପଡିବାରୁ ସେମାନେ ତାଙ୍କର ସଂଗ୍ରହାଳୟକୁ ନେଇ ଆସିଛନ୍ତି । ଏଠାରେ ଉଦ୍ଧାର ହୋଇଥିବା ମୂର୍ତ୍ତିଟି ଧ୍ୟାନରତ ମୂର୍ତ୍ତି ଅବିକଳ ପ୍ରାପ୍ତ ମୂର୍ତ୍ତିଟି ପରି । ପଞ୍ଚମ ଥର ଖନନ ପରେ ତିନୋଟି ପ୍ରତ୍ନତତ୍ତ୍ୱ ସାମଗ୍ରୀ ଉଦ୍ଧାର କରାଯାଇଥିଲା ମୋଗଲମାରୀ ଧ୍ୱଂସସ୍ତୂପ ମଧ୍ୟରୁ ସେଥିରୁ ଜଣାପଡିଲା ବୌଦ୍ଧ ବିହାରର ସାମଗ୍ରୀକ ନକ୍‌ସା ଏବଂ ଉପଯୁକ୍ତ ନିର୍ମାଣ ଉପଯୋଗୀ ତିନୋଟି ନିର୍ମାଣ ବସ୍ତୁ ଉନ୍ମୋଚିତ ବୋଲି ଧାରଣା ଜନ୍ମାଇଥିଲା । ଯେଉଁଟାକି ବୌଦ୍ଧମୂର୍ତ୍ତିର ଅଂଶବିଶେଷ ବୋଲି ପ୍ରତ୍ନତତ୍ତ୍ୱବିଦ୍‌ମାନେ ଶିଳା ଓ ଭୋଟିୟସ୍ତୂପ ସାହାଯ୍ୟରେ ପଶ୍ଚିମବଙ୍ଗର ମେଦିନୀପୁର ଜିଲ୍ଲାର ଦାନ୍ତୁଣ ସୁପ୍ରାଚୀନ ବୌଦ୍ଧ ବିହାର ସମ୍ପର୍କରେ ଅନେକ ତଥ୍ୟ ଜଣାଯାଇ ପାରିବ ବୋଲି

ପ୍ରତ୍ନତତ୍ତ୍ୱବିଦ୍‌ମାନେ ଆଶା ପ୍ରକଟ କରିଛନ୍ତି । ତା' ସହିତ କଲିକତା ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ମୋଗଲମାରୀ ଖନନ କାର୍ଯ୍ୟ ଅଧିକର୍ତ୍ତା ଅଶୋକ ଦତ୍ତଙ୍କ ମତରେ ଏଥର ଖନନ କାର୍ଯ୍ୟରୁ ମିଳିଥିବା ଶିଳାଲିପି ପଠନ ସମ୍ଭବ ହେଲେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉନ୍ମୋଚିତ ହୋଇପାରିବ । ପ୍ରାଥମିକ ଭାବେ ଜଣାପଡୁଛି ଯେ, ସଂସ୍କୃତ ଭାଷାର ପୂର୍ବଭାରତୀୟ ସିଦ୍ଧ ମାତୃକା ଲିପିରୁ ଏହି ଶିଳାରୁ ପାଞ୍ଚଧାଡିରେ ବୌଦ୍ଧଧର୍ମ ସମ୍ପର୍କରେ ଉଲ୍ଲେଖ ରହିଛି । କଲିକତା ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟାପକ ଓ ଲିପି ବିଶାରଦ ରଜତ ସାନ୍ୟାଲ୍ କହନ୍ତି, 'ବୌଦ୍ଧ ଧର୍ମର ପ୍ରସାର ସମୟରେ ଯେଉଁ ବାଣୀଗୁଡିକ ଅଧିକ ପ୍ରସିଦ୍ଧିଲାଭ କରିଥିଲା ଏହା ତାର ଅନ୍ୟତମ । ଏହାଛଡା ଗୋଟିଏ ଟେରାକୋଟା ଶିଳା ଭଗ୍ନ ସ୍ତୂପର ମାଟି ତଳୁ ପ୍ରାୟ ୭୪ ସେଣ୍ଟିମିଟର ଗର୍ତ୍ତ ମଧ୍ୟରୁ ପ୍ରଥମେ ଏ ଧରଣର ଶିଳାଲିପି ମୋଗଲମାରୀରୁ ମିଳିବା ଦ୍ୱାରା ଏହା ଅଷ୍ଟମ–ନବମ ଶତକର ବୋଲି ଅନୁମାନ କରାଯାଏ ।

ଏତଦ୍‌ବ୍ୟତୀତ ଡକ୍ଟର ବଙ୍କିମ୍ ଚନ୍ଦ୍ର ମହାନ୍ତିଙ୍କ ମତରେ ଅଧୁନା ମୋଗଲମାରୀ ୬ଷ୍ଠରୁ ଏକାଦଶ ଶତକ ମଧ୍ୟରେ ସମୃଦ୍ଧ ରାଜ୍ୟ ଅନ୍ତର୍ଭୁକ୍ତ । ପର୍ଯ୍ୟାୟକ୍ରମେ ରାଜକୀୟ ଅନୁଶାସନ ୬ଷ୍ଠ ଶତକର ଜୟରାମପୁରର ଗୋପଚନ୍ଦ୍ରଙ୍କ ତାମ୍ରଲିପି । ୭ମ ଶତକର ଶଶାଙ୍କଙ୍କର ଦୁଇଗୋଟି ମେଦିନୀପୁର ତାମ୍ରଲିପି ଏବଂ ୧୦ମ ଶତକରେ ମିଳିଥିବା ବାଲେଶ୍ୱର ଜିଲ୍ଲା ଇଡଦା ତାମ୍ରଲିପି, ତାମିଲନାଡୁର ତିରୁମହିଲ ପାହାଡରୁ ଉଦ୍ଧାର କରାଯାଇଥିବା ୧୧ଶ ଶତକର ପ୍ରଥମ ରାଜେନ୍ଦ୍ର ଚୋଳଙ୍କର ତିରୁମଇଲ ପ୍ରସ୍ତର ଲିପି ଏବଂ ୧୧ଶ ଶତକର ଶ୍ରଦ୍ଧାଙ୍କର ନନ୍ଦୀଙ୍କ ରଚିତ 'ରାମଚରିତ' କାବ୍ୟରୁ ଦନ୍ତଭୁକ୍ତ ରାଜ୍ୟ ସମ୍ପର୍କରେ ଅନେକ ତଥ୍ୟ ଆଲୋଚନାର ପରିସରଭୁକ୍ତ ଏବଂ ପ୍ରମାଣିକ ।

ତେଣୁ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ମତରେ ମୋଗଲମାରୀ ଗ୍ରାମ ତଥା ସଂଲଗ୍ନ ଅଞ୍ଚଳଗୁଡିକ ପୁରାତନ ବୌଦ୍ଧ ବିହାରର ସ୍ୱାକ୍ଷର ବହନ କରିବାରେ କୌଣସି ଦ୍ୱିମତ ଥାଇ ନପାରେ ବୋଲି ଗବେଷକମାନଙ୍କର ମତ । ଏତଦ୍‌ବ୍ୟତୀତ ଉକ୍ତ ଅଞ୍ଚଳ ଉପରେ ଗଭୀର ଅନୁଧ୍ୟାନ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

ବଡବଜାର, ଜଳେଶ୍ୱର,
ବାଲେଶ୍ୱର

ସଂଗୃହୀତ ତଥ୍ୟ ସୂତ୍ର:

୧.Excavation at Moghalmari 'The Asiatic Society'- by Asok Dutta.

୨. ଆନନ୍ଦବଜାର ସମ୍ବାଦପତ୍ର– ୨୬ ମାର୍ଚ୍ଚ ୨୦୧୨ ଓ ୨୭ ମାର୍ଚ୍ଚ ୨୦୧୨ରେ ପ୍ରକାଶିତ ସମ୍ବାଦରୁ ସଂଗୃହୀତ ।

୩. Archaeological survey of mayurbhanj by N.N. Vasu, Vol-1

୪. ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଦ୍ୱାରା ପ୍ରଣୀତ 'ସୁବର୍ଣ୍ଣରେଖା ତୀରେ ଇତିହାସ କଥା କହେ' ମୈତ୍ରୀ ପତ୍ରିକାରେ ପ୍ରକାଶିତ ୨୦୦୪ରେ ।

୫. Harrisons Report on the Archaeology of the District Midnapore, No 207 Dated 20th August 1873

❖ ❖ ❖

# ଆମ ପରମ୍ପରାରେ ବୃକ୍ଷଚେତନା

**ନନ୍ଦକିଶୋର ସିଂହ**

ଆମ ପରମ୍ପରା, ଆମ ଧର୍ମଧାରଣାରେ ବୃକ୍ଷର ମହତ୍ତ୍ୱ ଯେତିକି, ଆମ ପୁରାଣମାନଙ୍କରେ ବୃକ୍ଷକୁ ନେଇ ନାନାବିଧ ଉପାଖ୍ୟାନ ମଧ୍ୟ ସେତିକି ଉଲ୍ଲିଖିତ ଥିବା ଲକ୍ଷ୍ୟ କରାଯାଏ ।

ଆମ ଜଗତର ନାଥ ଜଗନ୍ନାଥ ଦାରୁବ୍ରହ୍ମ ନାମରେ ବିଖ୍ୟାତ । ଯେଉଁ ନିମ୍ବବୃକ୍ଷରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଚିହ୍ନ ଦୃଶ୍ୟମାନ ହୁଏ, ସେହି ବୃକ୍ଷର ଗଣ୍ଡିରୁ ନବକଳେବର ମୂର୍ତ୍ତି ନିର୍ମିତ ହେବାର ପରମ୍ପରା ରହିଛି ।

ଆମର ପ୍ରତ୍ୟେକ ପୂଜାପାଠ ସମୟରେ ରମ୍ଭା ବା କଦମ୍ଭ ବୃକ୍ଷ ସ୍ଥାପନ ସାଙ୍ଗକୁ ପୂଜାକଳସ ଉପରେ ଆମ୍ବ କିମ୍ବା ଅଁଳାଡାଳ ରଖାଯିବାର ପରମ୍ପରା ରହିଆସିଛି । ଏହାଦ୍ୱାରା ଆମେ ବୃକ୍ଷକୁ ପୂଜା କରିବା ସଙ୍ଗେ ସଙ୍ଗେ ବୃକ୍ଷପ୍ରତି ଆମର ଚେତନା ପ୍ରବାହରେ ସମ୍ମାନବୋଧ ଯେ ଅତୁଟ ରହିଛି, ତାହାର ସୂଚନା ମିଳିଥାଏ ।

ଆମ ଅଗଣାରେ ତୁଳସୀ ଚଉଁରା ସ୍ଥାପନ ହୋଇ ସକାଳେ ସଂଜେ ଚଉରାମୂଳେ ସଞ୍ଜବତୀ ଜଳି ତୁଳସୀ ବୃକ୍ଷରେ ଉପାସନା ସାଙ୍ଗକୁ ସତୀ ବୃନ୍ଦାବତୀଙ୍କୁ ଆମେ ସ୍ମରଣ କରିଥାଉ । ଜଳନ୍ଧରକୁ ବଧ କରିବା ପାଇଁ ଭଗବାନ ସତୀ ବୃନ୍ଦାବତୀଙ୍କ ସତୀତ୍ୱ ଲୁଣ୍ଠନ ଉପାଖ୍ୟାନ ଏଥିସହ ଜଡିତ ।

ଅନୁରୂପଭାବେ ଶମୀବୃକ୍ଷ ଆମ ମହାଭାରତ ଗ୍ରନ୍ଥରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ବନବାସ ସମୟରେ ପାଣ୍ଡବଗଣ ନିଜର ସମସ୍ତ ଅସ୍ତ୍ରଶସ୍ତ୍ରକୁ ଶମୀବୃକ୍ଷର ବିରାଟ କୋଟରରେ ଲୁକ୍କାୟିତ ରଖିବା ଏବଂ ବନବାସ ଶେଷରେ ଅର୍ଜୁନ ଉତ୍ତର କୁମାରଙ୍କ ସାହାଯ୍ୟରେ ସେଗୁଡିକୁ ପୁନଶ୍ଚ ଉଦ୍ଧାର କରିବାର ମୂକସାକ୍ଷୀରେ ବିରାଟ ଶମୀବୃକ୍ଷ । କାଳକ୍ରମେ ଏଇ ଶମୀବୃକ୍ଷ ଅପଭ୍ରଂଶରେ ଶନି ବୃକ୍ଷ ରୂପରେ ପୂଜିତ ହୋଇ ଆସୁଛି ।

ଆମର ମାର୍କଣ୍ଡେୟ ପୁରାଣରେ ଯମପୁରୀର ବର୍ଣ୍ଣନାରେ ଶିମୁଳି ବୃକ୍ଷର ବର୍ଣ୍ଣନା ରହିଛି । ବିପଟୀ ସ୍ତ୍ରୀଗଣଙ୍କୁ ପାପର ଦଣ୍ଡବିଧାନ ପାଇଁ ଉଲଗ୍ନ ଅବସ୍ଥାରେ ଏହି କଣ୍ଟାଯୁକ୍ତ ଶିମୁଳି ଗଣ୍ଡିରେ ବାନ୍ଧି କଠିନ ପ୍ରହାର ଦେବା ବିଧି ଚିତ୍ରଗୁପ୍ତ ନିର୍ଦ୍ଧାରଣ କରିଥାନ୍ତି । ଏହି ପୌରାଣିକ ଘଟଣା ପଛରେ ପାପକର୍ମର ଫଳ ଯେ ବିଷମ ଏହାହିଁ ସୂଚିତ କରିଥାଏ । ଏ ଯୁଗର ବସ୍ତୁବାଦୀ ସଭ୍ୟତାରେ ଏପରି ପୌରାଣିକ ଆଖ୍ୟାନ ହୁଏତ ମୂଳହୀନ ହୋଇପଡିଛି । କିନ୍ତୁ ଏପରି ଦଣ୍ଡବିଧାନର ଲୋମହର୍ଷଣକାରୀ ବର୍ଣ୍ଣନା ଯୋଗୁଁ ସାମାଜିକ ଶୃଙ୍ଖଳା ଯେ ରକ୍ଷା ହୋଇପାରେ ଏକଥା ଅସ୍ୱୀକାର କରାଯାଇ ପାରେନା ।

ଆମର ଶୁକବିଳାସ କାବ୍ୟରେ ବିକ୍ରମାଦିତ୍ୟଙ୍କ ଶରୀରରୁ ଶନି ନିଷ୍କ୍ରାନ୍ତ ହେବା ପାଇଁ ଲକ୍ଷ୍ମୀଠାକୁରାଣୀଙ୍କ ପରାମର୍ଶ ପଛରେ ବୃକ୍ଷଚେତନାର ଉତ୍କୃଷ୍ଟ ଉଦାହରଣ ରହିଛି । ବିଲ୍ୱ, ସାହାଡା, ଅଁଳା, ନିମ୍ବ ଆଦି ବୃକ୍ଷ ସାହାଯ୍ୟରେ ଶନିରୂପି ରୋଗକୁ ହରଣ କରାଇବାର ଯେଉଁ ବର୍ଣ୍ଣନା ରହିଛି, ସେଥିରୁ ଏହି ସୂଚନା ମିଳେ ଯେ ଆମର ବାଡିବଗିଚାରେ ଏହି ବୃକ୍ଷଗୁଡିକ ରୋପଣ କରାଗଲେ ଏହାର ଔଷଧୀୟ ଗୁଣ ଆମ ସମାଜ ପ୍ରତି ବିଶେଷ ଲାଭପ୍ରଦ ।

ଏହି ଧର୍ମଧାରଣା ପରମ୍ପରାକୁ ପାଥେୟ କରି ରାସ୍ତାକଡରେ ବର, ଅଶ୍ୱତ୍ଥ ବୃକ୍ଷ ରୋପଣ ଓ ତା'ର ରକ୍ଷଣାବେକ୍ଷଣ କରାଯାଇ ଶୀତଳ ଛାୟା ପ୍ରଦାନ କରିବାର ବ୍ୟବସ୍ଥା ଆମ ସମାଜ କରି ଦେଇଛି । ଫଳରେ ଆଜି ଏଇ ଯାନ୍ତ୍ରିକ ଯୁଗରେ ତଥା 'ଗଛ ଲଗାଅ ଜୀବନ ବଞ୍ଚାଅ' ସ୍ଲୋଗାନ ଭିତରେ ଆମ ପ୍ରାଚୀନ ପରମ୍ପରା ଓ ଧର୍ମଧାରଣା ଯେ ଉଜ୍ଜୀବିତ ରହିଛି ଏଥିରେ ସନ୍ଦେହ ନାହିଁ ।

ଗୃହ ଅଗଣାରେ ତୁଳସୀ କୁହ କି ପଥପାର୍ଶ୍ୱରେ ବର ଅଶ୍ୱତ୍ଥ ରୋପଣ କୁହ, କୌଣସି ଶୁଭ କାର୍ଯ୍ୟରେ ଦୁଆର ସାମ୍ନାରେ

ତୋରଣ ନିର୍ମାଣ ସହ କଦଳୀ ବୃକ୍ଷ ସ୍ଥାପନ କୁହ ପ୍ରତିକ୍ଷେତ୍ରରେ ବୃକ୍ଷପ୍ରତି ଆମର ମମତ୍ୱବୋଧ ଦୃଢଭାବରେ ରହିଛି ।

ଆମ ଶ୍ରୀମନ୍ଦିରରେ ତିନିଦିଅ ଯେ କେବଳ ଦାରୁ ନିର୍ମିତ ତାହାନୁହଁ । ଶ୍ରୀମନ୍ଦିର ବେଢାରେ ଥିବା କଳ୍ପବଟର ମହତ୍ୱ କିଛି କମ ନୁହେଁ । ବିଶାଳ ବଟ ବୃକ୍ଷର ଶୀତଳ ଛାୟା ସମଗ୍ର ବେଢାର ପରିବେଶ ସନ୍ତୁଳନ ରଖିବାରେ ଏହା ଯେତିକି ସହାୟକ, ଏହି ଛାୟା ମୁକ୍ତିମଣ୍ଡପରେ ଯାବତୀୟ ଧର୍ମାଲୋଚନା ଓ ତର୍କବିତର୍କ ଆଧାର ମଧ ଏହି କଳ୍ପବଟ ଯୋଗୁଁ ସମ୍ଭବ । ପ୍ରଳୟ ଜଳରେ ସମଗ୍ର ସୃଷ୍ଟି ନଷ୍ଟ ହେବା ସମୟରେ କଳ୍ପବଟ ତିଷ୍ଠି ରହିବା ଏବଂ ଏହାର ଅଗ୍ରଭାଗରେ ସ୍ୱୟଂ ପରଂବ୍ରହ୍ମ ଶୟନ କରିବାର ବର୍ଣ୍ଣନା ଏହି ସୂଚନା ଦିଏ ଯେ ବୃକ୍ଷ ହିଁ ସୃଷ୍ଟି ରକ୍ଷାର ସଂଜୀବନୀ ମନ୍ତ୍ର ଉଚ୍ଚାରଣ କରିଥାଏ । ଆମ ମଠ ମନ୍ଦିର ବେଢାରେ ଆମ୍ବ, କଦଳୀ, ନାରିକେଳ, ବକୁଳ ବୃକ୍ଷ ରୋପଣର ଏକ ବିଧି ବ୍ୟବସ୍ଥା ଥିଲାପରି ପ୍ରତ୍ୟେକ ମଠାଧୀଶ ବା ମନ୍ଦିର ପରିଚାଳକ ଏହିସବୁ ବୃକ୍ଷରୋପଣ କରିଥାନ୍ତି । ଏହାପଛରେ ଧର୍ମ ଚେତନାର ପ୍ରବାହ ଅବଶ୍ୟ ରହିଛି କିନ୍ତୁ ଏହା ଯେ ପରୋକ୍ଷରେ ଆମର ପରିବେଶ ସୁରକ୍ଷାରେ ସହାୟକ ଏକଥା ଅସ୍ୱୀକାର କରିହେବ ନାହିଁ ।

ଆଜିର ଯୁଗରେ ଯେଉଁ ବନ ମହୋତ୍ସବ ପାଳିତ ହୋଇଛି ଏବଂ ଏହି ସମୟରେ ବିଭିନ୍ନ ବୃକ୍ଷରୋପଣ କରାଯାଇ ତା'ର ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ ଯୋଜନା କରାଯାଉଛି । ଏହାପଛରେ ବୃକ୍ଷପ୍ରତି ଆମର ମମତା ସାଙ୍ଗକୁ ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ଯେ କେତେ ଅଧିକ ତାହା ସୂଚିତ କରେ ।

ଏବେସିନା ବୈଜ୍ଞାନିକ ତଥ୍ୟ ବଳରେ ମଣିଷ ଜାଣିପାରିଛି ଏ ପୃଥିବୀରେ ମାନବ ସମାଜର ସ୍ଥିତି ପାଇଁ ବୃକ୍ଷ ବଞ୍ଚି ରହିବା ଆବଶ୍ୟକ । କିନ୍ତୁ ସୃଷ୍ଟିର ପ୍ରାରମ୍ଭରୁ ବୃକ୍ଷପ୍ରତି ଆଦିମ ମାନବ ପୁରାତନ ଓ ନୂତନ ପ୍ରସ୍ତର ଯୁଗରୁ ତାର କର୍ତ୍ତବ୍ୟ ଉପଲବ୍ଧି କରିଆସିଛି । ସେଥିପାଇଁ ବୃକ୍ଷ ସାହାଯ୍ୟରେ ସେ ଅଗ୍ନିସଂଜାତ କରି ଶୀତରୁ ରକ୍ଷା ପାଇଛି । ବନ୍ୟପଶୁ ଶୀକାର କରି ତାକୁ ଅଗ୍ନିରେ ସିଦ୍ଧକରି ଖାଇ ଆସିଛି । ମୋଟ ଉପରେ ପ୍ରାଚୀନ ଯୁଗରୁ ମନୁଷ୍ୟ ବୃକ୍ଷର ସାହାଯ୍ୟ ନେଇ ଚଳ ପ୍ରଚଳ କରିଆସିଛି ।

ମାତ୍ର ଦୁଃଖର କଥା ଆଜିର ଶିଳ୍ପାୟନ ନିଶା ଆମ ବୃକ୍ଷ ସମ୍ପଦକୁ ନିର୍ବିକାର ଭାବରେ ଧ୍ୱଂସ କରିଚାଲିଛି । ପ୍ରଶସ୍ତ ରାଜପଥ ନିର୍ମାଣ ହେବା ପଇଁ ଶତଶତ ବୃକ୍ଷ ଭୂପତିତ କରାଯାଉଛି । ଜଙ୍ଗଲ ମାଫିଆ ଜଙ୍ଗଲ କର୍ମଚାରୀଙ୍କ ଅଲିଖିତ ଚୁକ୍ତିନାମା ଭିତରେ ଆମର ନିରୀହ ମୂକ ବୃକ୍ଷରାଜି ଯେ ବଳିପଡୁଛନ୍ତି ଏଥିରେ ସନ୍ଦେହନାହିଁ । ଫଳରେ ବୃକ୍ଷ ହିଁ ଜୀବନ ଏକ ଫମ୍ପା ସ୍ଲୋଗାନରେ ପରିଣତ ହୋଇଛି ।

ଆମ ପୁରାଣ ଆମ ପରମ୍ପରା ବୃକ୍ଷ ସୁରକ୍ଷା ପାଇଁ ଯେତିକି ପ୍ରେରଣା ଯୋଗାଇ ଆସିଛି ଏ ଯୁଗର ଶିଳ୍ପାୟନ, ତାହାର ଏକ ବିରାଟ ପ୍ରତିବନ୍ଧକ ଭାବେ ଦଣ୍ଡାୟମାନ କହିଲେ ଭୁଲ ହେବନି । ଏଣୁ ଯୋଜନା ପ୍ରଣୟନକାରୀଙ୍କୁ ଅନୁରୋଧ ସେମାନେ ଶିଳ୍ପାୟନ ସାଙ୍ଗକୁ ସବୁଜ ବନୀକରଣ ପ୍ରତି ମଧ୍ୟ ଗୁରୁତ୍ୱ ପ୍ରଦାନ କରନ୍ତୁ । ପରିବେଶ ସନ୍ତୁଳନ ପାଇଁ ଏହା ଏକାନ୍ତ ଆବଶ୍ୟକ ।

କୋରେଇ, ଯାଜପୁର-୭୫୫୦୨୨

❖ ❖ ❖

# ବିରି ପାଣି ପରବ

ଡକ୍ଟର ପ୍ରମୋଦିନୀ ହୋତା

କୋରାପୁଟ ଜିଲ୍ଲା ଯାହାର ପରିବେଶ, ଭାଷା, ସଂସ୍କୃତି ସବୁ କିଛି ଅନନ୍ୟ । ବଣ ପାହାଡର ଜାଙ୍ଗଲିକ ସୁଷମା, ସବୁଜ ଘଞ୍ଚ ଜଙ୍ଗଲ ଶ୍ୱାପଦ ସଂକୁଳ, ଝରଣାର କୁଳୁକୁଳୁ ନାଦ ଅଜଣା ପଥିକକୁ ବାଟବଣା କରେ ସହରୀ ସଭ୍ୟତା ଭୁଲି ନିଜକୁ ହଜାଇ ଦେଇଥାଏ ସେ । ସେଠାରେ ବସବାସ କରନ୍ତି ଆଦିମ ଆଦିବାସୀ ଯେଉଁମାନଙ୍କ ମନ ଓ ହୃଦୟ ଝରଣାର ଜଳଭଳି ସ୍ୱଚ୍ଛ ଓ ପବିତ୍ର । ସଲପ ନିଶାରେ ମସଗୁଲ ହୋଇ ପ୍ରକୃତିର ଅପରୂପା ଲାବଣ୍ୟରେ ବିଭୋର ଆଦିବାସୀମାନେ ନୃତ୍ୟ ଓ ଗୀତର ତାଳେ ତାଳେ ନିଜକୁ ହଜାଇ ସୃଷ୍ଟି କରିଥାନ୍ତି ଏକ ନିଆରା ପରିବେଶ । ତେଲ ମାଖିଥିବା ଚିକ୍ ଚିକ୍ ମୁହଁର ହସରେ ଜହ୍ନ ମଧ୍ୟ ଫିକା ପଡିଯାଏ ହାତ ଖଡୁକୁ ଖଡୁ ବାଡେଇ ଯେତେବେଳେ ଧାଙ୍ଗିଡିମାନେ ଡୁଙ୍ଗୁଡୁଙ୍ଗାର ତାଳେ ତାଳେ ନାଚି ଉଠିଥାନ୍ତି, ବାଇଦ କ୍ଲାନ୍ତ ହୋଇପଡେ, ରାତି ସରିଯାଏ କିନ୍ତୁ ସେମାନେ କ୍ଲାନ୍ତ ହୁଅନ୍ତି ନାହିଁ, ନାଚ ସରେ ନାହିଁ । ଏହିତ ଜୀବନ, ଜୀବନକୁ ଉପଭୋଗ କରିବା ପାଇଁ ଆଦିବାସୀମାନେ ବିଭିନ୍ନ ଯାନିଯାତରା ପର୍ବପର୍ବାଣି ପାଳନ କରିଥାନ୍ତି । ବିଭିନ୍ନ ସମ୍ପ୍ରଦାୟର ଆଦିବାସୀମାନେ ବର୍ଷକୁ ବାରମାସରେ ବାରପ୍ରକାର ପର୍ବପର୍ବାଣି ପାଳନ କରିଥାନ୍ତି । ପ୍ରତ୍ୟେକ ବର୍ଷ ଜ୍ୟେଷ୍ଠ ମାସରେ ବର୍ଷା ପାଇଁ 'ମା ବିରିପାଣି ପରବ' ପାଳନ କରାଯାଇଥାଏ । ଜ୍ୟେଷ୍ଠ ମାସରେ ଧରଣୀରାଣୀ ବା ଧରଣୀ ମାତା ବିମୁଗ୍ଧ ଚାତକଟି ଭଳି ଅପେକ୍ଷା କରିଥାନ୍ତି ପ୍ରଥମ ବର୍ଷାକୁ । ଜ୍ୟେଷ୍ଠର ପ୍ରଚଣ୍ଡ ରୌଦ୍ରତାପରେ ମାଟି ମାଁ ଅସ୍ଥିର ହୋଇଉଠିଯାନ୍ତି, ମଣିଷଠାରୁ କୀଟପତଙ୍ଗ ପର୍ଯ୍ୟନ୍ତ ଅସହାୟ ହୋଇଉଠନ୍ତି, ସେତେବେଳେ ଆଦିବାସୀମାନେ ବିଶ୍ୱାସ କରିଥାନ୍ତି, ରୌଦ୍ରତାପରୁ ରାଜ୍ୟକୁ ବଞ୍ଚାଇବା ପାଇଁ କେବଳ ' ମା' ବିରିପାଣି ଦେବୀ ଏକମାତ୍ର ଭରସା । ଦେବୀଙ୍କୁ ପୂଜାକଲେ ବର୍ଷା ହୋଇଥାଏ । ବିରିପାଣି ଯାତରାକୁ 'ଗଙ୍ଗାଦଶହରା' ମଧ୍ୟ କୁହାଯାଇଥାଏ । ଜୟପୁର ସହରଠାରୁ ଉତ୍ତର ଦିଗରେ ସାତ କିଲୋମିଟର ଦୂରରେ ବଣ୍ଡାମାଳି ପାହାଡର ମଝିରେ ପ୍ରାୟ ବାରଶହ ଫୁଟ ଉଚ୍ଚରେ ମାଁ ବିରିପାଣି ଦେବୀଙ୍କ ପୀଠ ଅବସ୍ଥିତ । ପାହାଡପର୍ବତ ଘେରା ଘଞ୍ଚଜଙ୍ଗଲ ଯୋଗୁଁ ସେଠାକୁ ଭକ୍ତମାନେ



ପ୍ରତିଦିନ ଯିବା ପାଇଁ ସମ୍ଭବପର ନୁହଁ ତେଣୁ ଗଡପଦର ଗାଁରେ ମାଁ ବିରିପାଣି ଦେବୀଙ୍କ ମନ୍ଦିର ରହିଛି ।

ଜ୍ୟେଷ୍ଠ ମାସର ଅମାବାସ୍ୟା ପରେ ଏବଂ ଦେବସ୍ନାନ ପୂର୍ଣ୍ଣିମାର କିଛିଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ । ମାଁ ବିରିପାଣି ମନ୍ଦିରର ପୂଜକ, ଦିଶାରୀ ଯାତ୍ରା ପାଇଁ ତିଥିବାର ଗଣନା କରିବା ପରେ ପ୍ରତିବର୍ଷ ଜୁନ୍ ମାସର ପ୍ରଥମ କିମ୍ବା ଦ୍ୱିତୀୟ

ସପ୍ତାହରେ ଶନିବାର ଦିନ ଯାତ୍ରା ପାଇଁ ଦିନ ସ୍ଥିର କରିଥାନ୍ତି । ଯାତ୍ରାର ପୂର୍ବଦିନ ଗଡପଦର ଗାଁର ପ୍ରତ୍ୟେକ ଘରକୁ ରଙ୍ଗମାଟି, କଳାମାଟି ଏବଂ ଧଳାମାଟିରେ ଲିପାପୋଛା କରାଯାଇଥାଏ । ଗ୍ରାମବାସୀମାନେ ଏକତ୍ରିତ ହୋଇ ମନ୍ଦିର ପ୍ରାଙ୍ଗଣକୁ ସଫାସୁତୁରା କରିଥାନ୍ତି । ପରମ୍ପରା ଅନୁଯାୟୀ ଯାତ୍ରାର ପୂର୍ବଦିନରୁ ଆଖପାଖ ଗାଁରୁ ଗ୍ରାମବାସୀମାନେ ଛେଳି, ମେଣ୍ଢା, କୁକୁଡା, ନଡିଆ ଲିଆମୁହାଁ, ଫୁଲ, କଦଳୀ ଇତ୍ୟାଦି ପୂଜା ସାମଗ୍ରୀ ଧରି ମନ୍ଦିର ନିକଟରେ ଅପେକ୍ଷା କରିଥାନ୍ତି । ସାଥିରେ ପ୍ରତ୍ୟେକ ଗାଁର ଗ୍ରାମଦେବୀମାନଙ୍କ ବାଉଁଶ ଲାଠି ଆସିଯାଏ । ଶହେରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କର ସୁଅ ଛୁଟିଥାଏ ଗଡପଦର ଗାଁକୁ । ପ୍ରତ୍ୟେକ ଲାଠିରେ ଲାଲକନା ଏବଂ ଲାଲ ପତକା ବନ୍ଧାଯାଇଥାଏ । ଯାତ୍ରାଦିନ ସକାଳେ ମା' ବିରିପାଣିଙ୍କ ମନ୍ଦିରରେ ପ୍ରଥମେ ଦିଶାରୀ (ପୂଜକ) ପୂଜାର୍ଚ୍ଚନା କରିବା ପରେ ଯାତ୍ରାର ସମସ୍ତ କାର୍ଯ୍ୟ ଆରମ୍ଭ ହୋଇଥାଏ । ମାନସିକଧାରୀମାନେ ଛେଳି, ମେଣ୍ଢା, କୁକୁଡା, ପାରା ଦେବୀଙ୍କ ନିକଟରେ ବଳି ଦେଇଥାନ୍ତି । ଏହାପରେ ଦେବୀମାନଙ୍କ ପ୍ରତୀକ ଲାଠିଗୁଡ଼ିକୁ ପୂଜକ ପୂଜା କରିଥାନ୍ତି । ସମସ୍ତ ଲାଠିକୁ ଧରି ଲାଠିଧାରୀମାନେ ଏବଂ ଭକ୍ତଗଣ ମାଁଙ୍କ ମୂଳପୀଠ ବଣ୍ଡାମାଳି ପାହାଡର ମଧ୍ୟଭାଗକୁ ଯାତ୍ରା କରିଥାନ୍ତି । ଲାଠିଧାରୀମାନଙ୍କ ଯିବା ରାସ୍ତାରେ ପିଲାଠାରୁ ବୁଢା ପର୍ଯ୍ୟନ୍ତ ଧାଡି ଧାଡି ହୋଇ ରାସ୍ତାସାରା ଲୋକମାନେ ଶୋଇଯାନ୍ତି । ଲାଠୀଧାରୀମାନେ ରାସ୍ତାରେ ଶୋଇଥିବା ଲୋକଙ୍କ ପେଟକୁ ପାଦରେ ଛୁଇଁ ଏବଂ ପ୍ରତ୍ୟେକ ଲୋକଙ୍କୁ ଡେଇଁ ଡେଇଁ ଯାଇଥାନ୍ତି । ଗ୍ରାମବାସୀଙ୍କ ବିଶ୍ୱାସ ରହିଛି ଯେ ପେଟକୁ ଲାଠିଧାରୀମାନେ ଛୁଇଁବା ଫଳରେ ସେମାନଙ୍କ ସମସ୍ତ ପ୍ରକାର ପେଟରୋଗ ଭଲ ହୋଇଯାଇଯାଏ । ଲାଠିଧାରୀମାନେ ବଣ୍ଡାମାଳି ପାହାଡର ମଧ୍ୟଭାଗରେ ଥିବା ପ୍ରାୟ ବାରଶହ ଫୁଟ ଭିତରେ ବୃହତ୍ତାକାର କଳାପଥର ଦେହରେ ଛୋଟବଡ ୩ଟି ଗର୍ତ୍ତ ପାଖକୁ ଯାଇ ସମସ୍ତ ଲାଠି ରଖିଥାନ୍ତି । ପ୍ରଥମେ ଦିଶାରୀ ଗର୍ତ୍ତରେ ପୂଜାପାଠ କରିଥାନ୍ତି । ତା'ପରେ ସମସ୍ତ ଲାଠିକୁ ପୂଜାର୍ଚ୍ଚନା କରିଥାନ୍ତି । ପୂଜାପରେ ସେଠାରେ 'କାଳିସି' ଲାଗିଥାଏ । ପୂଜାରୀ ସେଠାରେ ଥିବା ଗର୍ତ୍ତରେ କିଛି ଚାଉଳ ଛିଞ୍ଚି ଦେଇଥାନ୍ତି । ସାଥିରେ ନେଇଥିବା ଏକ ପାରାକୁ ସେଠାରେ ଛାଡିଦିଆଯାଏ । ପାରାଗର୍ତ୍ତରେ ବିଞ୍ଚିଦେଇଥିବା ସମସ୍ତ ଚାଉଳ ଭଲ ଭାବରେ ଖାଇ ସାରିବା ପରେ ପାରାକୁ ସେଠାରେ ବଳି ଦିଆଯାଇଥାଏ । ପାରାବଳି ପରେ ସେହି ଗର୍ତ୍ତରୁ ପାଣି ନିର୍ଗତ ହୋଇଥାଏ । ପରେ ପରେ ମା'ଙ୍କ ମୂଳପୀଠସ୍ଥିତ ତିନୋଟି ଗର୍ତ୍ତରୁ ସ୍ୱତଃ ଜଳ ନିର୍ଗତ ହୋଇଥାଏ । ସେହି ଜଳରେ ପତ୍ର ବୁଡାଇ ଦିଶାରୀ (ପୂଜକ) ସମସ୍ତ ଭକ୍ତଙ୍କୁ ସେହି ଜଳକୁ ପ୍ରସାଦ ଭାବରେ ବାଣ୍ଟି ଥାନ୍ତି । ଲୋକମାନଙ୍କ ବିଶ୍ୱାସ ରହିଛି ଏହି ଜଳ ସେବନ କଲେ ସମସ୍ତ ଦୂରାରୋଗ ବ୍ୟାଧିରୁ ମୁକ୍ତି ମିଳିଥାଏ । ସେହି ସମୟରେ ପୂଜକ ଏକ କଣ୍ଟା ଶିକୁଳୀ ଠାକୁରଙ୍କୁ ଛୁଆଇଁ ଭକ୍ତମାନଙ୍କୁ ଛୁଆଁଇଥାନ୍ତି ଏବଂ ଲୋକମାନଙ୍କ ଆରୋଗ୍ୟ କାମନା କରିଥାନ୍ତି । ଫେରିବା ସମୟରେ ସାଥିରେ ନେଇଥିବା ଏକ କୁକୁଡା ଛୁଆକୁ ସେହି ଗର୍ତ୍ତ ଭିତରେ ଦିଶାରୀ (ପୂଜକ) ଛାଡିଦେଇଥାନ୍ତି । କୁକୁଡା ଛୁଆ ଗର୍ତ୍ତ ଭିତରକୁ ଗଲେ କବାଟବନ୍ଦ ହେବା ଭଳି ଏକ ପ୍ରଚଣ୍ଡ ଶବ୍ଦ ଶୁଣାଯାଏ । ଏହି ଶବ୍ଦ ଶୁଣିବା ପରେ ପୂଜକ ଭକ୍ତମାନଙ୍କୁ ଜଣାଇ ଦେଇଥାନ୍ତି ଯେ ପୂଜା ସାର୍ଥକ ହେଲା । ଦେଶରେ ଭଲ ବର୍ଷା ହେବ ଏବଂ ଭଲ ଫସଲ ହେବ । ଭକ୍ତମାନେ ଖୁସି ମନରେ ଲାଠିଧାରୀମାନଙ୍କ ସହିତ ଗାଁର ମନ୍ଦିରକୁ ଫେରିଥାନ୍ତି । ପୁଣିଥରେ ଗାଁର ମନ୍ଦିରରେ ଲାଠିଗୁଡ଼ିକୁ ଏକତ୍ରିତ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ପ୍ରତିବର୍ଷ ଏହି ଯାତ୍ରା ହୋଇଥାଏ । ସାଧାରଣତଃ ଆଦିବାସୀମାନଙ୍କ ସମସ୍ତ ପର୍ବପର୍ବାଣି କୃଷି ଭିତ୍ତିକ ହୋଇଥାଏ । ଗାଁ ଦାଣ୍ଡରେ ଭେଳିକି ଭେଳି ସୌଖିନ ଜିନିଷ ବିକ୍ରି କରାଯାଏ । ରାତ୍ରିରେ ସମସ୍ତେ ଏକତ୍ରିତ ହୋଇ ପରସ୍ପର ଭାବର ଆଦାନପ୍ରଦାନ କରି ଗୀତ ନାଚରେ ମଜଗୁଲ ହୋଇଥାନ୍ତି । ରିନ୍‌ଜୋଡି ଗୀତରେ ଗାଁ ମୁଖରିତ ହୋଇଥାଏ । ଆଦିବାସୀମାନଙ୍କ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା କରିବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଦରକାର ।

ଜୟପୁର, କୋରାପୁଟ

❖ ❖ ❖

# ବାଥୁଡି ଜନଜାତିର ନୃତ୍ୟ ଓ ଗୀତ

କ୍ଷୀରୋଦ ଚନ୍ଦ୍ର ନାୟକ

ନୃତ୍ୟ ଗୀତକୁ ବାଦ୍ ଦେଇ ଆଦିବାସୀଙ୍କ କଥା ଚିନ୍ତା କରାଯାଇ ନପାରେ । ନୃତ୍ୟ ଓ ଗୀତ ଆଦିବାସୀ ଜୀବନର ଏକ ପ୍ରମୁଖ ଦିଗ । ବାଥୁଡିମାନେ ସେଥିରୁ ବାଦ୍ ପଡନ୍ତେ କିପରି ? ଶିକ୍ଷା କ୍ଷେତ୍ରରେ ସେମାନେ ପଛରେ ପଡିଥିଲେ ମଧ୍ୟ ନୃତ୍ୟ, ଗୀତ ମାଧ୍ୟମରେ ଜୀବନକୁ ଉପଭୋଗ କରିବା କ୍ଷେତ୍ରରେ ସେମାନେ ବେଶ୍ ଆଗରେ । ଚାଙ୍ଗୁ ନୃତ୍ୟ, ବିବାହ ଗୀତ, କୃଷି ଗୀତ, ଦୋଳି ଗୀତ ବାଥୁଡିମାନଙ୍କର ପ୍ରମୁଖ ନୃତ୍ୟ ଓ ଗୀତ । ନୃତ୍ୟ, ଗୀତ ଓ ମଉଜ ମଜଲିସ୍ ଆଦିବାସୀମାନଙ୍କ ଜୀବନଚର୍ଯ୍ୟାର ଅଙ୍ଗବିଶେଷ । ଦିନସାରା କଠିନ ପରିଶ୍ରମ କରି ଘରକୁ ଫେରିବା ପରେ ଉଭୟ ଆଦିବାସୀ ମହିଳା ଓ ପୁରୁଷମାନେ ଟିକିଏ ନାଚିବାକୁ ଓ ଗୀତ ଗାଇବାକୁ ମନ କରିଥାନ୍ତି । ପ୍ରକୃତରେ ନାଚ, ଗୀତ ମାଧ୍ୟମରେ ଆଦିବାସୀ ଜୀବନର ସମସ୍ତ ପ୍ରକାର ମଧୁର ଅନୁଭବ ରୂପ ପାଏ ।

ଉତ୍ତର ଓଡ଼ିଶାର ଲୋକନୃତ୍ୟ ପରମ୍ପରାରେ ଚାଙ୍ଗୁ ନୃତ୍ୟର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ଅଞ୍ଚଳରେ ବାସ କରୁଥିବା ଜନଜାତି ଗୋଷ୍ଠୀ–ବାଥୁଡି, ଭୂୟାଁ, ଖଡିଆ, ସାଉଁତି, ଶବର, ଗଣ୍ଡ, ଜୁଆଙ୍ଗ ଓ ଲୋଧା ପ୍ରଭୃତି ସମ୍ପ୍ରଦାୟରେ ଚାଙ୍ଗୁ ନୃତ୍ୟର ବହୁଳ ପ୍ରଚଳନ ଦେଖିବାକୁ ମିଳିଥାଏ । ଉପରୋକ୍ତ ସମସ୍ତ ଜନଜାତି ସମ୍ପ୍ରଦାୟ ଉତ୍ତର ଓଡ଼ିଶାର ମୂଳ ବାସିନ୍ଦା ତଥା କୃଷିର ଦେବତା ବଡାମ ଠାକୁରଙ୍କ ପ୍ରଧାନ ଉପାସକ । ତେଣୁ ବଡାମକୁ ନେଇ ଚାଙ୍ଗୁ ନୃତ୍ୟର ସମୃଦ୍ଧ ପରମ୍ପରା ଏଠାରେ ଗଢି ଉଠିଛି ।

କିମ୍ବଦନ୍ତୀ କହେ ବଡାମ ଠାକୁର ହେଉଛନ୍ତି ସ୍ୱୟଂ ନୀଳମାଧବଙ୍କ ଜ୍ୟେଷ୍ଠଭ୍ରାତା ବଳରାମ । ସେ ଶୂନ୍ୟ ମହାବାହୁ । କୃଷି ଓ ସଂସ୍କୃତିର ଦେବତା । ନୀଳମାଧବଙ୍କୁ ଶ୍ରୀକ୍ଷେତ୍ରକୁ ନିଆଗଲାପରେ ବଡଭାଇ ବଳରାମଙ୍କୁ ଶିମିଳିପାଳଠାରେ ଗୁପ୍ତଭାବେ ପୂଜା କରାଯାଉଛି ।

ବାଥୁଡି ସମ୍ପ୍ରଦାୟର ଆରାଧ୍ୟ ଦେବତା ହେଉଛନ୍ତି 'ବଡାମ' ଠାକୁର । ବଡାମ ଠାକୁରଙ୍କୁ ବାଥୁଡି ଗାଁର ସମସ୍ତେ ମଧ୍ୟ ଭାଗରେ ନହେଲେ ଆରମ୍ଭ କିମ୍ବା ଶେଷ ଭାଗରେ 'ବଡାମ ଶାଳ' ଭାବେ ପୂଜାର୍ଚ୍ଚନା କରିଥାନ୍ତି । ସପ୍ତାହରେ ଶନିବାର ଦିନ ବେଶ୍ ଧୁମ୍‌ଧାମରେ ପୂଜା–ନୈବେଦ୍ୟ ଦିଆଯିବା ସହିତ ଚାଙ୍ଗୁ ନୃତ୍ୟ ଗୀତ ମାଧ୍ୟମରେ ମନୋରଞ୍ଜନ କରିଥାନ୍ତି ।

ବାଥୁଡି ଜନଜାତି ସହ 'ଚାଙ୍ଗୁ' ବାଦ୍ୟ ଅଙ୍ଗାଙ୍ଗୀ ଭାବେ ଜଡିତ । ଚାଙ୍ଗୁ ନିଖାରୀ ବଡାମଙ୍କ ଅତି ପ୍ରିୟ । ତା'ର ସଂସ୍ପର୍ଶରେ ଆସିବା ପାଇଁ ସତେ ଯେମିତି ଭକ୍ତଙ୍କ ଆସିବା ବାଟକୁ ପ୍ରଭୁ ଅନେଇ ରହିଥାନ୍ତି । ଅଠର ଦେଉଳ (ବାଥୁଡି ସମ୍ପ୍ରଦାୟର ମୁଖ୍ୟ ପୂଜାସ୍ଥାନ)ରେ ଚାଙ୍ଗୁ ବଜାଇ ବଡାମ ଠାକୁରଙ୍କୁ ପୂଜା କଲେ ଦୁଃଖ କଷ୍ଟ ଲାଘବ ହୋଇ ସୁଖ ଓ ସମୃଦ୍ଧି ମିଳିବାର ଲୋକକଥା ରହିଛି । ପ୍ରାୟତଃ ସମସ୍ତେ ଶ୍ୱେତବସ୍ତ୍ର ପରିଧାନ କରିଥିବା ବେଳେ ଶିମିଳିପାଳରେ ପ୍ରବେଶ ପୂର୍ବରୁ ଗ୍ରାମଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି । ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ, ପୂଜକ ଓ ଦେହୁରୀଙ୍କୁ ନେଇ ମୁଖ୍ୟ ପୂଜକ ଅଠର ଦେଉଳ ଅଭିମୁଖେ ଯାଇଥାନ୍ତି । ଶିମିଳିପାଳର ଅଠର ଦେଉଳଠାରେ ଚୈତ୍ରମାସର ଏହି ୮ଦିନଟି ପୂଜା ଶେଷ ହେଲାପରେ ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ଏବଂ ପ୍ରଥା ପରମ୍ପରା ଅନୁଯାୟୀ ପ୍ରତ୍ୟେକ ଗାଁରେ ଅନୁଷ୍ଠିତ ହୁଏ ଚାଙ୍ଗୁ ନୃତ୍ୟ ବା ବଡାମ ଯାତ୍ରା ।

ଚାଙ୍ଗୁନୃତ୍ୟ ବାଥୁଡି ସମ୍ପ୍ରଦାୟର ମୁଖ୍ୟ ନୃତ୍ୟ । ଏହାକୁ ଧାର୍ମିକ ଅନୁଷ୍ଠାନମାନଙ୍କରେ ହିଁ ପରିବେଷଣ କରାଯାଇଥାଏ । ଚାଙ୍ଗୁନୃତ୍ୟରେ ଆଠଦଶ ଜଣ ବାଦ୍ୟକାର ଓ ଦୁଇ ତିନିଯୋଡା ଯୁବତୀ ଅଂଶଗ୍ରହଣ କରନ୍ତି । ପୁଅମାନେ ଚାଙ୍ଗୁ ବଜାଇ ନାଚୁଥିବାବେଳେ ଝିଅ–ବୋହୂମାନେ ରକ୍ଷଣଶୀଳତାର ପରିଚୟ

ଦେଇ ସମ୍ପୂର୍ଣ୍ଣଭାବେ ଓଢଣାରେ ମୁହଁକୁ ଆବୃତ୍ତ ରଖି ଖଣ୍ଡେ ଦୂରରେ ନଇଁ ନଇଁ ନାଚିଥାନ୍ତି । ବାଦ୍ୟର ତାଳେ ତାଳେ ବଡାମ ଜଣାଣ ଓ ପାରାୟଣ ଆଧାରିତ ଗୀତର ସ୍ୱର ଚତୁଃପାର୍ଶ୍ୱରେ ଝଙ୍କୁରିତ ହୋଇଥାଏ ।

ଚାଙ୍ଗୁ ଗୀତ:

ଚାଙ୍ଗୁ ଗୀତରେ ଥାଏ ଜୀବନର ମହକ । ବଡାମ ଠାକୁରଙ୍କ ରୂପ ବର୍ଣ୍ଣନା ମଧ୍ୟ ଚାଙ୍ଗୁ ଗୀତରେ ମହିମାନ୍ୱିତ ହୋଇଥାଏ, ଯଥା–

‘ଶିର ରାମ ଯେ, ଗୋବିନ୍ଦ ରାମ ରାମ
ଶୀତଳ ବଉଳେ ମୂଳେ ଦଣ୍ଡେ ବିଶିରାମ
ଓଡ଼ିଶାର ଜଗନ୍ନାଥ ଝାଡଖଣ୍ଡେ ବଡାମ ।’

ଚାଙ୍ଗୁ ଗୀତରେ ଛାନ୍ଦ, ଚୌପଦୀଠାରୁ ଆରମ୍ଭ କରି ବଡାମ ସ୍ତୁତି ତଥା ଦୈନନ୍ଦିନ ଜୀବନର ରସପୂର୍ଣ୍ଣ ଅଭିବ୍ୟକ୍ତି ପ୍ରକାଶ ପାଏ । ସୁତରାଂ ଚାଙ୍ଗୁ ଗୀତର ମାଧୁର୍ଯ୍ୟ ଚାଙ୍ଗୁ ବାଦ୍ୟକାରଙ୍କ କଣ୍ଠରେ ପରିବେଷଣ କୌଶଳରେ ପ୍ରସ୍ଫୁଟିତ ହୋଇଥାଏ ମାଧୁର୍ଯ୍ୟମୟ, ଯେପରି–

‘ଆଖିରେ କଜଳଗାର
ଦିଶୁଅଛି କି ସୁନ୍ଦର
ପୂର୍ଣ୍ଣମୀ ଚାନ୍ଦ ପରିମୁଖ ତାହାର
ମଥାରେ ବାନ୍ଧିଛି ବେଣୀ
ଫୁଲକଣ୍ଟା ଅଣ୍ଟେ ପୁଣି
ତାକୁ ଦେଖିଲେ, ହରେ ଦୁଃଖ ମୋହର ।’

ଚାଙ୍ଗୁ ଗୀତରେ ମଧ୍ୟ ରାଧାକୃଷ୍ଣ ପ୍ରେମର ବର୍ଣ୍ଣନା ଓ ଲୋକଶିକ୍ଷାର ବାର୍ତ୍ତା ସୁପ୍ରଚୁର । ଏହା ମଣିଷ ଜୀବନକୁ ରସାପ୍ଲୁତ କରିବା ସଙ୍ଗେ ସଙ୍ଗେ ଯେଉଁ ନୀତିବାଣୀ ପ୍ରଚାର କରେ, ତାହା ପ୍ରଣିଧାନଯୋଗ୍ୟ । ଏପରି ମନଛୁଆଁ ବାଥୁଡି ସମ୍ପ୍ରଦାୟର ଜୀବନ ଦର୍ଶନ ପ୍ରତିଫଳିତ ହୋଇଥାଏ । ଯଥା–

ଏବେ ପାହିଲା ରଜନୀ
ଶ୍ୟାମ ଛାଡ ଲୁଗାକାନି
ଦିବସରେ ପ୍ରୀତିକରା ପୁରୁଷଙ୍କ ହାନି
ଶ୍ୟାମ ଛାଡ ଲୁଗାକାନି... ।

ଚାଙ୍ଗୁ ଗୀତରେ ଥାଏ ପୌରାଣିକ ଆଖ୍ୟାନ, ସାମାଜିକ ଚଳଣି ଓ ପରମ୍ପରାର ନିଖୁଣ ଚିତ୍ର, ବିଶେଷତଃ ବାଥୁଡି ସମ୍ପ୍ରଦାୟରେ ଏହି ନୃତ୍ୟ ନିଶା ବର୍ଜିତ ହୋଇଥିବାରୁ ଏଥିରେ ଶାଶ୍ୱତ ଭାବନା ପ୍ରକାଶ ପାଏ । ମାତ୍ର ପରିତାପର ବିଷୟ, ପ୍ରୋତ୍ସାହନ ଅଭାବରୁ ଚାଙ୍ଗୁନୃତ୍ୟ ପରମ୍ପରା ବ୍ୟାହତ ହେଉଛି ।

ଦୋଳି ଗୀତ:

ବାଥୁଡି ସମ୍ପ୍ରଦାୟର ରଜ ପରବ ସମୟରେ ରଜ ଦୋଳି ଗୀତଗୁଡିକ ବହୁ ଦେଶୀ ରାଗରାଗିଣୀ ଯୁକ୍ତ । ସ୍ୱର ମଧୁର ଓ ଭାବସରସ । ଏହିସବୁ ଗୀତରେ ଜୀବନର ପ୍ରେମ–ବିରହ, ଆନନ୍ଦ–ଉଲ୍ଲାସ, ଆମୋଦ–ପ୍ରମୋଦ, ଅଭାବ–ଅନଟନ, ଦୁଃଖ–ଦାରିଦ୍ର୍ୟର ଚିତ୍ର ପ୍ରସ୍ଫୁଟିତ କେତେକ ପଂକ୍ତି ଉଦ୍ଧାର କରାଯାଉଛି ।

କବାଟରେ ଦୁଇକାନି
ତୋ ଦେହ ଛୁଇଁଲେ ପାତଳି ଲୋ
ମୋ ଦେହ ହାନି
ବାଜିଯିବ ନୁଗା କାନି ।

ବାଟରେ ଡେଙ୍ଗା କୁଳୁଚି
ନ ପାରଇ ଭାଇ ତତେ ମରୁଛି, ତତେ ମରୁଛି ହେ
ନଯାଇ ପ୍ରାଣ ରହିଛି ।

ଦାଣ୍ଡେ ଦାଣ୍ଡେ ହଂସ,
ମତେ ଦେଖି ପାତଳି ଲୋ
କି ନାଗି ହଁସ
ନାଗିଯିବ ତିରି ଦୋଷ ।

ଚଇତି ପରବ ଗୀତ:

ଚିରି ଦେନି ଚିରା ବତା, ଚିରି ଦେନି ଚିରା ବତା
ମହାଦେବଙ୍କର ତେର ଭଗତା
ଆଉ ତଳେ ବନ୍ଦେ ବାସୁମାତା ।

ଧବଳା କୁକୁଡା ଚିଆଁ
ଶନିବାର ଦିନରେ ହୋଇବ ଉଡା, ଭାଇ ଢୋଲିଆରେ
ଚାଲିଯିବ ଯୁରୁନ୍ଦା ମେଳା ।

କୃଷି ଗୀତ:

ବିଲବାଛି ଗନି ହାତେ
ବିଲବାଛା ଭାଇ ମଜୁରୀ କେତେ
ପଚାରି ନଭୁଁଛୁଁ ତତେ ।

ସରିଗଲା ବିଲକାମ
ନେଖି ରଖିଥିବ ମହରି ନାମ
କାଳେ ନେଇଯିବ ଯମ ।

ଗହୀର ବିଲରେ ହଳ
ତତେ କିଏ ଦେଲା ଏ ରଙ୍ଗ ମାଳ
ବୁଡାଇଲୁ ଜାତି କୁଳ ।

ହଳ କନି ଆଡେ ବାଙ୍କେ
ହଳିଆ ଭାଇତ ମୂଳ କେତେ,
ହିସାବ ଦେଇ ଯା ମତେ ।

ସମୟ ସହିତ ତାଳଦେଇ ବଢି ଚାଲିଛି ସଭ୍ୟତା । ସଂସ୍କୃତିରେ ଦେଖାଦେଇଛି ପରିବର୍ତ୍ତନ । ସେତେବେଳର ଗମନାଗମନ ବିଚ୍ଛିନ୍ନ ଜଙ୍ଗଲ ଓ ଜଳଭାଗ ଆଚ୍ଛନ୍ନ ଅଞ୍ଚଳ ଏବେ ବେଶ୍ ଆଧୁନିକ । ଏତେସବୁ ପରିବର୍ତ୍ତନ ସତ୍ତ୍ୱେ ଏବେ ବି ବାଥୁଡି ସମ୍ପ୍ରଦାୟ ଚାଙ୍ଗୁବାଇଦ, ବଡାମ ରଜା, ଅଠର ଦେଉଳକୁ ସେ ଭୁଲି ନାହିଁ । ସେ ଭୁଲିନାହିଁ ନିଜର ପରମ୍ପରା ସଂସ୍କୃତି । ବରଂ ମୃଗପରି ଆଜି ବି ସେହି ସ୍ମୃତିରେ ସେ ବିଭୋର ।

ଓଡ଼ିଆ ବିଭାଗ,
ସରକାରୀ ବିଜ୍ଞାନ ମହାବିଦ୍ୟାଳୟ,
ମାଲ୍‌କାନ୍‌ଗିରି

# ଅନ୍ନପୂର୍ଣ୍ଣା ଯୋଜନାରେ ଏପ୍ରିଲ ଓ ମଇ ମାସ ପାଇଁ ରାଜ୍ୟ ସରକାର ନିଜସ୍ୱ ଷ୍ଟକ୍‌ରୁ ଚାଉଳ ଆବଣ୍ଟନ କଲେ

କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅନ୍ନପୂର୍ଣ୍ଣା ଯୋଜନାରେ ଚଳିତ ଏପ୍ରିଲ ଓ ମଇ ମାସ ପାଇଁ ରାଜ୍ୟ ସରକାର ନିଜସ୍ୱ ଷ୍ଟକ୍‌ରୁ ଚାଉଳ ଆବଣ୍ଟନ କରି ସାରିଛନ୍ତି । ୨୦୧୩–୧୪ ଆର୍ଥିକ ବର୍ଷ ଆରମ୍ଭରୁ କେନ୍ଦ୍ରଠାରୁ ଅନ୍ନପୂର୍ଣ୍ଣା ଯୋଜନା ପାଇଁ ରାଜ୍ୟର କୋଟା ଚାଉଳ ପାଇବାରେ ବିଳମ୍ବ ହେବାରୁ ସରକାର ଏ ନିଷ୍ପତ୍ତି ନେଇଛନ୍ତି । ତତ୍‌ସହିତ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟକୁ ମଧ୍ୟ ତୁରନ୍ତ ରାଜ୍ୟର କୋଟା ରିଲିଜ୍ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି ।

ଖାଦ୍ୟ ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ ଯେ ଏପ୍ରିଲ୍ ମାସ ପାଇଁ ରାଜ୍ୟର ୩୦ ଗୋଟି ଜିଲ୍ଲା ନିମିତ୍ତ ୬୩୭.୬୪ ମେଟ୍ରିକ୍ ଟନ୍ ଚାଉଳ ଯୋଗାଇ ଦିଆଯାଇଛି । ଏଥିଯୋଗୁଁ ୬୩,୦୦୦ ହିତାଧିକାରୀ ଉପକୃତ ହେବେ । ତେବେ କଳାହାଣ୍ଡି ଜିଲ୍ଲା ପାଇଁ ଆବଣ୍ଟନ କରାଯାଇଥିବା ୨୩.୧୫ ମେଟ୍ରିକ୍ ଟନ ଚାଉଳରୁ ୦.୨୫ ମେଟ୍ରିକ୍ ଟନ୍ ଚାଉଳ ରାୟଗଡା ଜିଲ୍ଲାର ରାମପୁର ବ୍ଲକ୍‌ର କେରାପାଇ, ଗୋପୀନାଥପୁର, ଓଡି ଏବଂ ମାଲିଗାଁ ଗ୍ରାମପଞ୍ଚାୟତର ହିତାଧିକାରୀଙ୍କ ପାଇଁ ବଣ୍ଟାଯିବ । ସୂଚନା ମୁତାବକ ଗଞ୍ଜାମ ଜିଲ୍ଲାକୁ ସର୍ବାଧିକ ୫୫.୩୪୦ ମେଟ୍ରିକ୍ ଟନ୍, କଟକକୁ ୪୦.୮୪୦ ମେଟ୍ରିକ୍ ଟନ୍, ମୟୂରଭଞ୍ଜକୁ ୩୮.୪୬୦ ମେଟ୍ରିକ୍ ଟନ୍, ବାଲେଶ୍ୱରକୁ ୩୦.୭୧୦ ମେଟ୍ରିକ୍ ଟନ୍, ଖୋର୍ଦ୍ଧା ଜିଲ୍ଲାକୁ ୨୮.୩୩୦ ମେଟ୍ରିକ୍ ଟନ୍, ଯାଜପୁରକୁ ୨୮.୦୭୦ ମେଟ୍ରିକ୍ ଟନ୍ ଚାଉଳ ଦିଆଯାଇଛି ।

ସେହିପରି ପୁରୀ ଜିଲ୍ଲାକୁ ୨୬.୬୨୦ ମେଟ୍ରିକ୍ ଟନ୍, ବଲାଙ୍ଗୀରକୁ ୨୫.୧୮୦ ମେଟ୍ରିକ୍ ଟନ୍, କେନ୍ଦ୍ରାପଡାକୁ ୨୨.୭୬୦ ମେଟ୍ରିକ୍ ଟନ୍, ଅନୁଗୁଳକୁ ୧୯.୬୭୦ ମେଟ୍ରିକ୍ ଟନ୍, ବରଗଡକୁ ୨୪.୫୨୦ ମେଟ୍ରିକ୍ ଟନ୍, ଭଦ୍ରକକୁ ୨୨.୫୯୦ ମେଟ୍ରିକ୍ ଟନ୍, ବୌଦ୍ଧ ଜିଲ୍ଲାକୁ ୬.୫୦୦ ମେଟ୍ରିକ୍ ଟନ୍, ଦେବଗଡକୁ ୪.୭୮୦ ମେଟ୍ରିକ୍ ଟନ୍, ଢେଙ୍କାନାଳକୁ ୧୭.୩୫୦ ମେଟ୍ରିକ୍ ଟନ୍, ଗଜପତିକୁ ୯.୩୨୦ ମେଟ୍ରିକ୍ ଟନ୍, ଜଗତସିଂହପୁରକୁ ୨୦.୨୮୦ ମେଟ୍ରିକ୍ ଟନ୍, ଝାରସୁଗୁଡାକୁ ୯.୧୪୦ ମେଟ୍ରିକ୍ ଟନ୍, କଳାହାଣ୍ଡିକୁ ୨୩.୧୫୦ ମେଟ୍ରିକ୍ ଟନ୍, କନ୍ଧମାଳକୁ ୧୧.୧୮୦ ମେଟ୍ରିକ୍ ଟନ୍ ଚାଉଳ ଆବଣ୍ଟନ କରାଯାଇଛି ।

କେଉଁଝର ଜିଲ୍ଲାକୁ ୨୭.୩୬୦ ମେଟ୍ରିକ୍ ଟନ୍, କୋରାପୁଟକୁ ୨୧.୦୮୦ ମେଟ୍ରିକ୍ ଟନ୍, ମାଲକାନଗିରିକୁ ୮.୪୭୦ ମେଟ୍ରିକ୍ ଟନ୍, ନବରଙ୍ଗପୁରକୁ ୧୭.୩୩୦ ମେଟ୍ରିକ୍ ଟନ୍, ନୟାଗଡକୁ ୧୬.୦୨୦ ମେଟ୍ରିକ ଟନ୍, ନୂଆପଡାକୁ ୯.୬୧୦ ମେଟ୍ରିକ୍ ଟନ୍, ରାୟଗଡାକୁ ୧୪.୬୧୦ ମେଟ୍ରିକ୍ ଟନ୍, ସମ୍ବଲପୁରକୁ ୧୬.୪୫୦ ମେଟ୍ରିକ୍ ଟନ୍, ସୋନପୁରକୁ ୯.୭୬୦ ମେଟ୍ରିକ୍ ଟନ୍ ଓ ସୁନ୍ଦରଗଡ ଜିଲ୍ଲାକୁ ୩୨.୨୧୦ ମେଟ୍ରିକ୍ ଟନ୍ ଚାଉଳ ଆବଣ୍ଟନ କରାଯାଇଛି ।

# ଜାତୀୟ ପରିବାର କଲ୍ୟାଣ ଯୋଜନା ସେବା ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ

ରାଜ୍ୟବାସୀଙ୍କୁ ଉତ୍ତମ ସେବା ଯୋଗାଇ ଦେବାରେ ଓଡ଼ିଶା ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଲୋକସେବା ଅଧିକାର ଅଧିନିୟମ ପ୍ରଣୟନ ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏଥିରୁ ସବୁ ବର୍ଗର ଜନତା ଉପକୃତ ହୋଇପାରିବେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଜାନୁଆରୀ ଗତ ୨ ତାରିଖ ଦିନ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ୨୦୧୨ ଶୁଭାରମ୍ଭ କରିଛନ୍ତି । ଏହି ଆଇନ ଦ୍ୱାରା ଲୋକେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସରକାରୀ କାର୍ଯ୍ୟାଳୟରୁ ସେମାନଙ୍କ ସେବା ପାଇପାରିବେ ।

ଦେଶର ଦ୍ୱାଦଶ ରାଜ୍ୟ ଭାବେ ଓଡ଼ିଶା ଏହି ଆଇନ ପ୍ରଣୟନ କରିଛି । ପୂର୍ବରୁ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ, ବିହାର, ରାଜସ୍ଥାନ, ଜାମ୍ମୁ-କାଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ଛତିଶଗଡ, ଝାଡଖଣ୍ଡ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରିଛନ୍ତି । ଜାନୁଆରୀ ୨ତାରିଖରୁ କାର୍ଯ୍ୟକାରୀ ହୋଇଥିବା ଏହି ଆଇନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କର ୭ଟି ବିଭାଗର ୩୪ଟି ସେବାକୁ ଅନ୍ତର୍ଭୁକ୍ତ କରାଯାଇଛି । ସମୟକ୍ରମେ ସମସ୍ତ ୭୫ଟି ସେବାକୁ ଏହି ଆଇନର ଅନ୍ତର୍ଭୁକ୍ତ କରାଯିବ । ମହିଳା ଓ ଶିଶୁ ବିକାଶ ବିଭାଗର ଗୋଟିଏ ସେବାକୁ ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ଏହି ନୂଆ ଆଇନ ଦ୍ୱାରା ବିଭିନ୍ନ ସରକାରୀ ସେବା ପାଇଁ ଜନସାଧାରଣଙ୍କୁ ଆଉ ବାରମ୍ବାର ଯିବାକୁ ପଡିବ ନାହିଁ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସରକାରୀ କର୍ମଚାରୀମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଏହି ଆଇନରେ ବ୍ୟବସ୍ଥା ରହିଛି । ମହିଳା ଓ ଶିଶୁ ବିକାଶ ବିଭାଗ 'ଜାତୀୟ ପରିବାର କଲ୍ୟାଣ ଯୋଜନା'କୁ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ୨୦୧୨ର ପରିସରଭୁକ୍ତ କରିଛି । ଏହି ଆଇନରେ ବ୍ଲକ ଉନ୍ନୟନ ଅଧିକାରୀ, ନିଯୁକ୍ତିପ୍ରାପ୍ତ ଅଧିକାରୀ, ଉପଜିଲ୍ଲାପାଳ, ଅପିଲ ପ୍ରାଧିକାରୀ ଓ ଜିଲ୍ଲାପାଳଙ୍କୁ ପୁନଃ ନିରୀକ୍ଷଣ ପ୍ରାଧିକାରୀଭାବେ ଦାୟିତ୍ୱ ଦିଆଯାଇଛି ।

ଓଡ଼ିଶା ସରକାରଙ୍କର ଜାତୀୟ ପରିବାର କଲ୍ୟାଣ ଯୋଜନା ସେବା ନିମନ୍ତେ ଥିବା ନିର୍ଦ୍ଧାରିତ ଫର୍ମ ପଞ୍ଚାୟତ ସମିତି କିମ୍ବା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ମିଳିପାରିବ । ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୧୮ରୁ ୫୯ ବର୍ଷ ବୟସ୍କ ରୋଜଗାର କରୁଥିବା ପରିବାର ମୁଖ୍ୟ ବ୍ୟକ୍ତିଙ୍କ ମୃତ୍ୟୁ ହେତୁ ସେହି ପରିବାରର ପରବର୍ତ୍ତୀ ମୁଖ୍ୟ ସଦସ୍ୟ ଏହି ସେବା ପାଇଁ ଆବେଦନ କରିପାରିବେ ।

ଆବେଦନ କରିବା ସମୟରେ ଆବେଦନକାରୀ ନିମ୍ନଲିଖିତ କାଗଜପତ୍ର ସଂଲଗ୍ନ କରିବେ । (୧) ଯେକୌଣସି ସରକାରୀ ଡାକ୍ତରଙ୍କଠାରୁ ମୃତ୍ୟୁ ପ୍ରମାଣପତ୍ର ଏବଂ ମୃତ୍ୟୁର କାରଣ (୨) ବି.ପି.ଏଲ୍ କାର୍ଡ (୩) ସରକାରୀ ଡାକ୍ତରଙ୍କ ପ୍ରମାଣପତ୍ର ନଥିଲେ ତହସିଲଦାର/ପଞ୍ଚାୟତ ସମିତି ଅଧ୍ୟକ୍ଷ/ ସରପଞ୍ଚ/ୟୁଏଲ୍‌ବି ଅଧ୍ୟକ୍ଷଙ୍କଠାରୁ ମୃତ୍ୟୁ ପ୍ରମାଣପତ୍ର ଆଣିପାରିବେ । ଜନସାଧାରଣଙ୍କୁ ଏହି ସେବା ମାଗଣାରେ ମିଳିପାରିବ । ନିଯୁକ୍ତିପ୍ରାପ୍ତ ଅଧିକାରୀ ଆବେଦନପତ୍ର ପାଇବା ପରେ ୩୦ ଦିନ ପରେ ସେବା ଯୋଗାଇ ଦେବେ ।

ଆବେଦନକାରୀଙ୍କ ଦରଖାସ୍ତ ଖାରଜ ହୋଇଗଲେ କିମ୍ବା ଯେଉଁ ଆବେଦନକାରୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସେବା ଯୋଗାଇ ଦିଆଯିବ ନାହିଁ ସେ ଇଚ୍ଛା କଲେ ଆବେଦନ ପ୍ରତ୍ୟାଖ୍ୟାନ ହେବାର ୩୦ ଦିନ ମଧ୍ୟରେ ଅପିଲ ପ୍ରାଧିକାରୀ ବା ଉପଜିଲ୍ଲାପାଳଙ୍କ ନିକଟରେ ଅପିଲ କରିପାରିବେ ।

ପୁର୍ନବିଚାର ଲାଗି ରହିଥିବା ଉପରୋକ୍ତ ୩୦ଦିନ ସମୟ ସୀମା ଅତିକ୍ରାନ୍ତ ହୋଇଯିବା ପରେ ଅପିଲ୍ ପ୍ରାଧିକାରୀ ଚାହିଁଲେ

ଆଉ ୯୦ଦିନ ଅଧିକ ସମୟ ଆବେଦନକାରୀଙ୍କୁ ପ୍ରଦାନ କରିପାରିବେ, ଯଦି ତାଙ୍କର ହୃଦବୋଧ ହେବ ଯେ, ୩୦ଦିନ ମଧ୍ୟରେ ଆବେଦନକାରୀ ପୁର୍ନବିଚାର ଲାଗି ଦରଖାସ୍ତ ନକରିବାର ଯୁକ୍ତିଯୁକ୍ତ ଓ ଯଥେଷ୍ଟ କାରଣମାନ ରହିଛି । ଯଦି ଆବେଦନକାରୀ ଅପିଲ ପ୍ରାଧିକାରୀଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନହୁଅନ୍ତି ତେବେ ପୁନଃନିରୀକ୍ଷଣ ନିମନ୍ତେ ସେ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିପାରିବେ ।

ଆବେଦନ କରିବାର ୬୦ ଦିନ ମଧ୍ୟରେ ଜିଲ୍ଲାପାଳ ଆବେଦନ ପତ୍ରକୁ ନିରୀକ୍ଷଣ କରିବେ । ଅସଲ କାଗଜପତ୍ର ଓ ଅନ୍ୟାନ୍ୟ ପ୍ରମାଣପତ୍ରକୁ ବ୍ଲକ ସମ୍ପ୍ରସାରଣ ଅଧିକାରୀ କିମ୍ବା ସାମାଜିକ ଶୈକ୍ଷିକ ପରିଚାଳକ ୧୫ ଦିନ ମଧ୍ୟରେ ନିର୍ଦ୍ଧାରିତ ସ୍ଥାନରେ ତନଖି କରିବେ । ବ୍ଲକ ଉନ୍ନୟନ ଅଧିକାରୀ ୧୫ଦିନ ମଧ୍ୟରେ ସମସ୍ତ ଦରକାରୀ କାଗଜପତ୍ର ତଦନ୍ତ କରିବେ ଓ ଦରକାର ପଡିଲେ ସେ ସ୍ଥାନରେ ପହଞ୍ଚି ଅର୍ଥ ମଞ୍ଜୁର କରିବେ ।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମାଜ ମଙ୍ଗଳ ନିର୍ଦ୍ଦେଶିକା ଶ୍ରୀମତୀ ସୁଜାତା କାର୍ତ୍ତିକେୟନ ଏହି ସେବାର କାର୍ଯ୍ୟକାରିତା ନିମନ୍ତେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ପରିବାର କଲ୍ୟାଣ ଯୋଜନାର ନିୟମାବଳୀ ନିମ୍ନରେ ବର୍ଣ୍ଣନା କରାଗଲା ।

(୧) ଜାତୀୟ ପରିବାର କଲ୍ୟାଣ ଯୋଜନା ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟଙ୍କ ମୃତ୍ୟୁ ପରେ ସେହି ପରିବାରକୁ ଏକାଥରକେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । (୨) କେଉଁମାନେ ଏହି ସୁବିଧାର ହକ୍‌ଦାର ହେବେ ? ହିତାଧିକାରୀଙ୍କୁ କେଉଁ ଭିତ୍ତିରେ ମନୋନୀତ କରାଯିବ ? (କ) ପରିବାରର ମୁଖ୍ୟ (ପୁରୁଷ ବା ମହିଳା) ପରିବାରର ସଦସ୍ୟ ହୋଇଥିବେ ଏବଂ ତାଙ୍କ ରୋଜଗାରର ଅଂଶ ସମଗ୍ର ପରିବାରର ଆର୍ଥିକ ଭାଗର ସର୍ବାଧିକ ହୋଇଥିବ । (ଖ) ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ବୟସ ୧୮ରୁ ୫୯ ବୟସ ମଧ୍ୟରେ ହୋଇଥିବ । (ଗ) ଭାରତ ସରକାରଙ୍କ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ନିୟମ ପରିସର ମଧ୍ୟରେ ସେହି ପରିବାର ଚିହ୍ନଟ ହୋଇଥିବ । (ଘ) ସ୍ଥାନୀୟ ତଦନ୍ତ ପରେ ପରିବାରର ମୃତ ବ୍ୟକ୍ତିଙ୍କ ପରବର୍ତ୍ତୀ ମୁଖ୍ୟଙ୍କୁ ପରିବାର କଲ୍ୟାଣ ଯୋଜନାରେ ସେବା ଯୋଗାଇ ଦିଆଯିବ । ଏହି ଯୋଜନା ନିମନ୍ତେ ପରିବାରବର୍ଗ ମଧ୍ୟରେ ସ୍ୱାମୀ ଅଥବା ସ୍ତ୍ରୀ, ନାବାଳକ ସନ୍ତାନ, ଅବିବାହିତ କନ୍ୟା ଓ ନିର୍ଭରଶୀଳ ପିତାମାତାଙ୍କୁ ଅନ୍ତର୍ଭୁକ୍ତ କରାଯିବ । (୩) ଜାତୀୟ ପରିବାର କଲ୍ୟାଣ ଯୋଜନାର ଦରଖାସ୍ତ ଫର୍ମ ମାଗଣାରେ ଗ୍ରାମପଞ୍ଚାୟତ/ପଞ୍ଚାୟତ ସମିତି/ମ୍ୟୁନିସିପାଲିଟି/ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯିବ । (୪) ଜାତୀୟ ପରିବାର କଲ୍ୟାଣ ଯୋଜନାରେ ବ୍ଲକ ଉନ୍ନୟନ ଅଧିକାରୀ ଅର୍ଥ ମଞ୍ଜୁର କରିବେ । ଦରଖାସ୍ତ ଆବେଦନ କରିବାର ୩୦ଦିନ ମଧ୍ୟରେ ହିତାଧିକାରୀଙ୍କୁ ଅର୍ଥ ମଞ୍ଜୁର କରିବା ଦାୟିତ୍ୱ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଅର୍ପଣ କରାଯାଇଛି । ଦରଖାସ୍ତ ପାଇବା ପରେ ବିଡିଓ/ ଏକ୍‌ଜିକ୍ୟୁଟିଭ୍ ଅଫିସର/ମ୍ୟୁନିସିପାଲିଟି/ଏନ୍‌ଏସି କର୍ତ୍ତୃପକ୍ଷ ଆବେଦନପତ୍ରକୁ ତନଖି କରିବେ । ଦରଖାସ୍ତକାରୀ ବି.ପିଏଲ୍ ଶ୍ରେଣୀରେ ଅନ୍ତର୍ଭୁକ୍ତ କି ନାହିଁ, ତାଙ୍କ ବୟସ ଓ ମୃତ୍ୟୁର କାରଣ ସମ୍ପର୍କରେ ଏହି ତନଖି କରାଯିବ । ଅର୍ଥ ମଞ୍ଜୁର କରାଗଲା ଅଥବା ଦରଖାସ୍ତକୁ ପ୍ରତ୍ୟାଖ୍ୟାନ କରାଗଲା ସେ ବିଷୟରେ ଦରଖାସ୍ତକାରୀଙ୍କୁ ଜଣାଇ ଦିଆଯିବ ।

ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଏହି ମଞ୍ଜୁରୀ ଅର୍ଥ ପ୍ରଦାନ କରାଯିବ । ଏହି ଯୋଜନାରେ କେତୋଟି ପରିବାର ଉପକୃତ ହେଲେ ସେ ବିଷୟରେ ସର୍ବଶେଷ ତଥ୍ୟ ଏସ୍.ଏସ୍. ଡବ୍ଲ୍ୟୁ.ଓ.କଲେକ୍ଟରଙ୍କ ନିକଟକୁ ପଠାଇବେ । ସବ୍‌ଡିଭିଜନରୁ ମିଳିଥିବା ସୂଚନାକୁ ଭିତ୍ତିକରି ଡିଏସ୍‌ଡବ୍ଲ୍ୟୁ ଓ ଏକ ମାସିକ ପ୍ରୋଗ୍ରେସ୍ ରିପୋର୍ଟ ପ୍ରସ୍ତୁତ କରି କଲେକ୍ଟରଙ୍କ ଦସ୍ତଖତ ପରେ ମହିଳା ଓ ଶିଶୁ ବିକାଶ ବିଭାଗକୁ ପଠାଇବେ । ଏହି ଯୋଜନାର ଉପଯୁକ୍ତ ମନିଟରିଂ ବ୍ୟବସ୍ଥା ମଧ୍ୟ କରାଯାଇଛି । ସବ୍ କଲେକ୍ଟର ପ୍ରତି ମାସର ୫ତାରିଖ ସୁଦ୍ଧା ମାସିକ, ତ୍ରୈମାସିକ ଓ ବାର୍ଷିକ ପ୍ରୋଗ୍ରେସ୍ ରିପୋର୍ଟ ସମ୍ପୃକ୍ତ ଅଞ୍ଚଳ କଲେକ୍ଟରଙ୍କ ନିକଟକୁ ପଠାଇବେ । ଜିଲ୍ଲାର ଜିଲ୍ଲାପାଳ ମାସିକ, ତ୍ରୈମାସିକ ଓ ବାର୍ଷିକ ରିପୋର୍ଟକୁ ମହିଳା ଓ ଶିଶୁ ବିକାଶ ବିଭାଗକୁ ପରବର୍ତ୍ତୀ ମାସ ୧୦ ତାରିଖ ସୁଦ୍ଧା ପଠାଇବେ । ଜିଲ୍ଲାପାଳଙ୍କ ନିକଟରୁ ରିପୋର୍ଟ ମିଳିବା ପରେ ରାଜ୍ୟ ସରକାର ପରବର୍ତ୍ତୀ ମାସର ୧୫ ତାରିଖ ମଧ୍ୟରେ ଭାରତ ସରକାରଙ୍କ ନିକଟକୁ ପଠାଇ ଦେବେ ।

ଜାତୀୟ ପରିବାର ସହାୟକ ଯୋଜନା ପାଇଁ ଗଠିତ ହୋଇଥିବା ଜିଲ୍ଲାସ୍ତରୀୟ କମିଟି ମନିଟରିଂ ଓ ଏଭାଲ୍ୟୁଏଟ୍ କରିବେ । ଏହି ଯୋଜନାକୁ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଫେବୃଆରୀ ୨୦୧୩ ଶେଷସୁଦ୍ଧା 'ଜାତୀୟ ପରିବାର କଲ୍ୟାଣ ଯୋଜନା' ସେବା ପାଇବା ନିମନ୍ତେ ୪୯୧୦ଟି ଦରଖାସ୍ତ ମଧ୍ୟରୁ ୨୯୧୮ଟି କ୍ଷେତ୍ରରେ ଅର୍ଥ ମଞ୍ଜୁର ହୋଇଛି ଏବଂ ୧୯୯୨ଟି ଦରଖାସ୍ତ ପ୍ରୋସେସିଂ କରାଯାଉଛି ।

ଗବେଷଣା ଓ ତଥ୍ୟ ସୂଚନା ଅଧିକାରୀ
ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର

# ପ୍ରାଚୀନ ଓଡ଼ିଶା ହିଁ ଖୋର୍ଦ୍ଧା

ଜାନକୀ ବଲ୍ଲଭ ପଟ୍ଟନାୟକ

ମାମୁଁ ଘର ବାଙ୍କୀ ଡମପଡାକୁ ଯାଇଥିଲି । ଡମପଡା ହାଇସ୍କୁଲ ସାମନାରେ ରାସ୍ତାଟିଏ ପୂର୍ବ ଦିଗକୁ ଯାଇଛି । ସ୍ଥାନୀୟ ଜଣେ ଲୋକଙ୍କୁ ପଚାରିଲି । ଏ ରାସ୍ତାଟି କୁଆଡେ ଯାଇଛି ? ସେ କହିଲେ ଓଡ଼ିଶାକୁ ଯାଇଛି । ଆଉ କିଛି ପଚାରିଲିନି । ଭାବିଲି ମୟୂରଭଞ୍ଜଠାରୁ କୋରାପୁଟ ସବୁ ତ ଓଡ଼ିଶା । ପୁଣି ରାସ୍ତାଟା ଓଡ଼ିଶାକୁ କ'ଣ ଯାଇଛି ? ସେଇ ଡମପଡା ଶ୍ରୀ ମଦନମୋହନ ମନ୍ଦିର ପାଖେ ହଳଦିଆ ଆଡକୁ ଯାଇଥିବା ରାସ୍ତା ବିଷୟରେ ବିସ୍ତୃତ ପଚାରିବାରେ ଦୁଇ ଜଣ ଲୋକ କହିଲେ ଏହା ଓଡ଼ିଶାକୁ ଯାଇଛି । ମନରେ କୌତୁହଳ ଜନ୍ମିଲା । ସ୍ଥାନୀୟ ଲୋକମାନଙ୍କୁ ପୁଣି ଥରେ ପଚାରି ବୁଝିଲି । ସେମାନେ ଖୋର୍ଦ୍ଧାକୁ ଓଡ଼ିଶା କହୁଛନ୍ତି, ଜାଣିଲି । ଖୋର୍ଦ୍ଧାବାସୀ ହେତୁ ମନଟା ଖୁସି ହୋଇଗଲା । ଗର୍ବ ଅନୁଭବ କଲି । ଶ୍ରୀ କେଦାରନାଥ ମହାପାତ୍ରଙ୍କ ଖୋର୍ଦ୍ଧା ଇତିହାସ ପଢିଲି । ସେଥିରେ ମଧ୍ୟ ପାଇଲି ଯେ ଖୋର୍ଦ୍ଧା ହେଉଛି ପ୍ରକୃତରେ ଓଡ଼ିଶା ।

ଏବେ ମଧ୍ୟ ବର୍ତ୍ତମାନ ଓଡ଼ିଶାର କେତେକ ଜାଗାରେ ପୁରୁଣା ଲୋକମାନେ ଖୋର୍ଦ୍ଧାକୁ ଓଡ଼ିଶା ବୋଲି କହୁଛନ୍ତି । କାର୍ଯ୍ୟ ଉପଲକ୍ଷେ ବଉଦ-ସୋନପୁର ଯାଇଥିଲି । ସେଠାକାର ଲୋକମାନେ ମଧ୍ୟ କହିଲେ ଏ ରାସ୍ତା, ଓଡ଼ିଶା, ଜଗନ୍ନାଥ ପୁରୀ ଯାଇଛି । ପୁରୁଣା ବୟସ୍କ ଲୋକମାନେ ମଧ୍ୟ କହନ୍ତି କଟକ, ପୁରୀ ଏବଂ ଖୋର୍ଦ୍ଧା ବ୍ୟତୀତ ଅନ୍ୟସବୁ ସ୍ଥାନ ମୋଗଲ ବନ୍ଦୀ । ଏ ସମ୍ବନ୍ଧରେ ୧୮୮୬-୮୭ ମସିହାର ଟେଲର୍ ସାହେବଙ୍କ ବନ୍ଦୋବସ୍ତ ରିପୋର୍ଟରେ ଏହିପରି ଲେଖାଅଛି । 'ଓଡ଼ିଆମାନେ ଖୋର୍ଦ୍ଧାକୁ ଓଡ଼ିଶା ବୋଲି ଭାବନ୍ତି । ଆମ୍ଭେମାନେ ଯେତେବେଳେ ଖୋର୍ଦ୍ଧାର ଚତୁଃସୀମା ଚିହ୍ନିତ କରୁଥିଲୁ ବା ସେ ସମ୍ବନ୍ଧରେ ଅନୁସନ୍ଧାନ କରୁଥିଲୁ, ସେସମୟରେ ସୀମାନ୍ତର ଉଭୟ ପାର୍ଶ୍ୱସ୍ଥ ପ୍ରଜାମାନେ ଆମ୍ଭମାନଙ୍କୁ ସୀମା ଦେଖାଇ କହୁଥିଲେ ଯେ 'ଏହା ଓଡ଼ିଶା' ଏବଂ ତାହା 'ଡମପଡା' 'ଖଣ୍ଡପଡା' ଲେମ୍ବାଇ ଇତ୍ୟାଦି ଏବଂ ଖୋର୍ଦ୍ଧା ବ୍ୟତୀତ ଅନ୍ୟ କୌଣସି ଅଞ୍ଚଳକୁ ସେମାନେ ଓଡ଼ିଶା ବୋଲି କହୁ ନଥିଲେ ।

ଟେଲର୍ ସାହେବଙ୍କ ଉପରୋକ୍ତ ଉକ୍ତିରୁ ସେତେବେଳେ ଯେ ଖୋର୍ଦ୍ଧାକୁ ହିଁ ଓଡ଼ିଶା ବୋଲି କୁହାଯାଉଥିଲା, ଏହା ସ୍ପଷ୍ଟ ଜଣାପଡେ । ଖୋର୍ଦ୍ଧାର ଭାଷା ହିଁ ସ୍ୱଚ୍ଛ ଓଡ଼ିଆ ଭାଷା ଏହା ସମସ୍ତେ ଜାଣନ୍ତି । ୧୮୬୮-୬୯ରୁ ଭୋଇ ରାଜବଂଶର ରାଜଧାନୀ ଖୋର୍ଦ୍ଧାରେ ସ୍ଥାପିତ ହେବା ପରଠାରୁ ଖୋର୍ଦ୍ଧାର ବିଶେଷ ପ୍ରାଧାନ୍ୟ ଓ ପ୍ରସିଦ୍ଧି ରହିଛି । ପରେ ମୋଗଲ ସମ୍ରାଟମାନେ ଏହି ରାଜବଂଶକୁ ସମଗ୍ର ଓଡ଼ିଶାର ମହାରାଜା ବୋଲି ସ୍ୱୀକାର କରିଥିବାରୁ ଖୋର୍ଦ୍ଧା ଓଡ଼ିଶାର ଏକ ପ୍ରାଚୀନ ରାଜଧାନୀ ଭାବେ ପ୍ରସିଦ୍ଧି ଲାଭ କରିଥିଲା । ପ୍ରାୟତଃ ୧୮୦୪ରେ ଇଂରେଜମାନେ ଖୋର୍ଦ୍ଧା ଅଧିକାର କରିବା ଯାଏଁ ଖୋର୍ଦ୍ଧା ରାଜଧାନୀ ଏବଂ ଓଡ଼ିଶା ଭାବରେ ଗୌରବ ଲାଭ କରିଥିଲା ।

କଟକର ବାରବାଟୀ ଦୁର୍ଗ ଏବଂ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ବାରମ୍ବାର ବିଦେଶୀ ଆକ୍ରମଣ ଫଳରେ ଗଜପତି ମହାରାଜା କଟକ ଏବଂ ପୁରୀର ମଧ୍ୟବର୍ତ୍ତୀ ସ୍ଥାନ ବରୁଣେଇ ପାହାଡର ଘାଟୀ, ଯେଉଁଠାରେ ଶତ୍ରୁ ଭୟ ନଥିବ, ସମସ୍ତ ସ୍ଥାନକୁ ଯାତାୟାତ ସୁବିଧା ଥିବ, ଜଳବାୟୁ ସ୍ୱାସ୍ଥ୍ୟକର ହୋଇଥିବ ତଥା ପ୍ରାକୃତିକ ଦୃଶ୍ୟଭରା ମନୋରମ ସ୍ଥାନଟିଏ ହୋଇଥିବ ଏପରି ଖୋଜୁ ଖୋଜୁ ବରୁଣେଇ ପାହାଡ ପାଦଦେଶରେ ପହଞ୍ଚି ଦେଖିଲେ ଯେ ଗୋଟାଏ ବଗ, ଛଞ୍ଚାଣକୁ ମାଡି ବସିଛି । ଗଜପତି ମହାରାଜ ମନ୍ତ୍ରୀଙ୍କୁ ଏହାର କାରଣ ପଚାରିବାରୁ ମନ୍ତ୍ରୀ କହିଲେ ଏହା ବୀରମାଟି । ଗଜପତି ମହାରାଜା ଆନନ୍ଦିତ ହୋଇ ଏହି ସ୍ଥାନଟିକୁ

ତାଙ୍କର ରାଜଧାନୀ କରିବା ପାଇଁ ସ୍ଥିର କଲେ । ପ୍ରକୃତରେ ଖୋର୍ଦ୍ଧାର ମୃତ୍ତିକା ପ୍ରଧାନତଃ ନାଲିପଥର ଚଟାଣ ଓ ତା'ଉପରେ ନାଲି ପିକାମାଟିର ସ୍ତର । ରାଜଧାନୀ ହେବା ବହୁ ପୂର୍ବରୁ ମଧ ବୀର ପାଇକମାନେ ଏଠାରେ ବାସ କରୁଥିଲେ ଶତ୍ରୁ ସହ ଯୁଦ୍ଧ କରୁଥିଲେ । ଏଣୁ ବୀର ରକ୍ତରେ ରଞ୍ଜିତ ନାଲିମାଟି, ପରେ ବିଦେଶୀମାନଙ୍କ ସହ ସଂଗ୍ରାମ କରି ଏ ମାଟି ଅଧିକ ରକ୍ତରଞ୍ଜିତ ହେଲା । ପଦ୍ମଚରଣ ପଟ୍ଟନାୟକ ତାଙ୍କ 'ଖୋର୍ଦ୍ଧା ପ୍ରଥମ ଦର୍ଶନ' କବିତାରେ ବିହ୍ୱଳ ହୋଇ ଗାଇଛନ୍ତି–

କି ଭୂମିରେ ଆଜି ଦେଲି ମୁହିଁ ପାଦ
କି କଲି କି କଲି କେଡେ ଅପରାଧ
ଯହିଁ ଟେକି ଦେଲେ ଟେକାଖଣ୍ଡେ ଏଥି
ମିଳିଯିବ ବୀର–ଅସ୍ଥି–ମେଦ–ଗ୍ରନ୍ଥି ।

ସେଇ ଖୋର୍ଦ୍ଧା କଥା ମନେ ପକାଇ ଶ୍ରୀ ଗୋଦାବରୀଶ ମହାପାତ୍ର ତଦୀୟ 'ଉଠ କଙ୍କାଳ' କବିତାରେ ଖୋର୍ଦ୍ଧାର ସେ ବୀର ଗାଥାକୁ ସ୍ମରଣ କରାଇ ଦେଇଛନ୍ତି–

ପୃଥିବୀ ବିଦାରୀ ବାରବାଟୀ ମଡା ଉଠ ଉଠ ଚଞ୍ଚଳ
ଖୋରଧାର ଶତ ସରଦାର ଶିର କର ଉନ୍ନତତର

ଲୋକରତ୍ନ ଅଧ୍ୟାପକ କୁଞ୍ଜ ବିହାରୀ ଦାଶ ଖୋର୍ଦ୍ଧାର ଗୌରବ ଓ ବକ୍ସି ଜଗବନ୍ଧୁଙ୍କ ବିଷୟରେ ଲେଖିଛନ୍ତି–

ଭୈରବ ରବେ ଅଶନି ସେ ଦିନ
ଘୋଷିଲା ଖୋରଧା ପ୍ରାନ୍ତରେ
ନିଜ ବୈଭବ ତେଜ ଗୌରବ
ମନ୍ଦ୍ର ମଧୁର ମନ୍ତ୍ରରେ
ସୁପ୍ତ ପାଇକ ଦୃପ୍ତ ଚମକେ
ଦୀପ୍ତ ହେଲେ ସେ ଇଙ୍ଗିତେ
ବରୁଣେଇ ଗୁହା ଗର୍ଜି ଉଠିଲା
ଜୟ ଉତ୍କଳ ସଙ୍ଗୀତେ ।

ଗଙ୍ଗାଠାରୁ ଗୋଦାବରୀ ଯେପରି ଥିଲା ପ୍ରାଚୀନ ଉତ୍କଳ, ସେହିପରି ମହାନଦୀ ତଟରୁ ଚିଲିକା ପର୍ଯ୍ୟନ୍ତ ଅଞ୍ଚଳ ହିଁ ଖୋର୍ଦ୍ଧା ଇଲାକା । ବିଭିନ୍ନ ସମୟରେ ଏହି ମୂଳ ଓଡ଼ିଶା ଖୋର୍ଦ୍ଧା ହିଁ କଳିଙ୍ଗ, ଉତ୍କଳ, ଉଡ୍ର ଆଦି ନାମରେ ପରିଚିତ ଥିଲା । ଶ୍ରୀମଦ୍ ଭାଗବତରେ ବୈବସ୍ୱତ ମନୁଙ୍କ ପୌତ୍ର ଉତ୍କଳଙ୍କ ନାମାନୁସାରେ ଦିନେ ଏହା ଉତ୍କଳ ବୋଲାଉଥିବା କଥା ବର୍ଣ୍ଣିତ ହୋଇଛି । ମହାଭାରତ ଯୁଦ୍ଧରେ କଳିଙ୍ଗ ରାଜା ଶ୍ରୁତାୟୁଧ ନିଜର ଶହେ ପୁତ୍ରଙ୍କ ସହିତ ଯୋଗ ଦେଇଥିବାର ବର୍ଣ୍ଣନା ମିଳେ । ମଗଧ ସମ୍ରାଟ ମହାପଦ୍ମନନ୍ଦ ଖୋର୍ଦ୍ଧା ସହ କଳିଙ୍ଗର ଆଧୁନିକ ଶିଶୁପାଳ ଗଡ ଅଧିକାର କରିବା କଥା ଇତିହାସ କହେ, ଚୀନ୍ ପରିବ୍ରାଜକ ହୁଏନଂସା ୬୩୮ ଖ୍ରୀଷ୍ଟାବ୍ଦରେ ଉଡ୍ର (ଖୋର୍ଦ୍ଧା) ଓ କଙ୍ଗୋଦ ରାଜ୍ୟ ପରିଭ୍ରମଣ କରିବା ଜଣାଯାଏ । ଓଡ଼ିଆ ଜାତିର ଶ୍ରେଷ୍ଠ କୀର୍ତ୍ତି କୋଣାର୍କ, ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରାଦି ଏଇ ଖୋର୍ଦ୍ଧା ତାପଙ୍ଗ ଗଡର ପଥରରେ ନିର୍ମିତ ହୋଇଛି ।

ସଂସ୍କୃତ କାବ୍ୟ 'ଦୁର୍ଗୋତ୍ସବ ଚନ୍ଦ୍ରିକା'ରେ ଖୋର୍ଦ୍ଧା ରାଜା ରାମଚନ୍ଦ୍ରଦେବଙ୍କ ଯଶ ଏବଂ 'ବୀର ସପ୍ତସତୀ'ରେ 'ଖୋର୍ଦ୍ଧା ବୀର ଭୂମି ଭୂର୍ଷି ବିଦିତ' ଇତ୍ୟାଦି ଉଲ୍ଲେଖ ଅଛି ।

ଓଡିଆ ପୁରାଣ ଓ ଭକ୍ତି ସାହିତ୍ୟରେ ମଧ ଖୋର୍ଦ୍ଧାର ଶ୍ରେଷ୍ଠତା ନିମ୍ନମତେ ବର୍ଣ୍ଣିତ ହୋଇଛି । ବିଚିତ୍ର ଭାରତରେ ବିଶ୍ୱମ୍ଭର ଦାସ ଲେଖିଛନ୍ତି–

ପୃଥିବୀ ମଣ୍ଡଳେ ସାର ଭୂମି ଓଡ଼ିଶା
ଖୋରଧା ନାମେ ନଗର
ତହିଁରେ ନୃପତି ଶ୍ରୀ ବୀର କିଶୋର
ପ୍ରତାପରେ ବୀରବର ହେ ।

୧୭ଦଶ ଶତାବ୍ଦୀର ନୀଳ ସୁନ୍ଦର ଗୀତାରେ ଖୋର୍ଦ୍ଧା କଥା ଏହିପରି ବର୍ଣ୍ଣିତ ଅଛି–

କଳାସିଂହଡରେ ତହୁଁ ପଳାଇବ
ଖୋରଧା କରିବ ସ୍ଥିତି
ପଞ୍ଚଘାଟ ଯଦୁବଂଶ ଶେଷ କୁସେ
ନରେନ୍ଦ୍ର ଦେବ ନୃପତି ।

ଦୀନକଷ୍ଣ ଦାସଙ୍କ ରସ ବିନୋଦରେ ଅଛି–

ସେ ଦିନ ରାମଚନ୍ଦ୍ର ରାଜା ।
ଶୁଭେ ପାଳନ୍ତି ଜନପ୍ରଜା ।
ଖୋରଧା କଟକ ନଗର ।
ରହିଣ ଥିଲେ ନୃପବର ।

'ଦାର୍ଢ୍ୟତା ଭକ୍ତି' ଗ୍ରନ୍ଥରେ ବିପ୍ର ରାମଦାସ (୧୮ ଦଶ ଶତାବ୍ଦୀ)ରେ ଗାଇଛନ୍ତି–

ତତ୍‌କ୍ଷଣେ ଗରୁଡ ଆରୋହୀ
ଗଗନ ମାର୍ଗେ ଉଡିଯାଇ
ବିଜେ ଖୋରଧା ରଥି–ପୁରେ
ପ୍ରତାପରୁଦ୍ରର ମନ୍ଦିରେ ।

ସାହିତ୍ୟିକ ବିଶ୍ୱନାଥ ଖୁଣ୍ଟିଆଙ୍କ ରଚିତ 'ସମରଗୀତା' କହ୍ନେଇ ଚମ୍ପତିରାୟଙ୍କ 'ପାଇକଖେଦା' ଇତ୍ୟାଦିରେ ଖୋରଧା ରାଜା ଓ ପାଇକମାନଙ୍କ ବୀରତ୍ୱ ଗାଥା ବର୍ଣ୍ଣିତ ହୋଇଛି । ବିପ୍ର ମଧୁସୂଦନ ତାଙ୍କ 'ଫିରିଙ୍ଗି କଳି ଭାରତ'ରେ ଖୋର୍ଦ୍ଧା ରାଜାଙ୍କ ଗଡର ଏକ ଚମତ୍କାର ବର୍ଣ୍ଣନା ଦେଇଛନ୍ତି ।

ହର ଉଦ୍ୟାନ ବନ ଦକ୍ଷିଣ ଯେ ଭାଗେ
ବାରୁଣାବନ୍ତ ଗିରି ଅଛଇ ତାର ଲାଗେ ।
ସେ ଗିରି ଉପରେ ନୃପ କରିଛନ୍ତି ଘାଟି
ପୃଥିବୀର ଶଙ୍କା ଯେ କିଜାଣି ସିଂହ ଦୃଷ୍ଟି
ସେ ଗିରି ଉପରେ ଯେ ତୋଳାଇ ନବର
ଦିଶଇ ପଟାନ୍ତର ଅଳକା ଯେ ପୁର

'ଖୋର୍ଦ୍ଧାଦର୍ପଣ'ରେ ଦିଗାମ୍ବର ଶ୍ରୀଚନ୍ଦନ ବୀର ଦର୍ପରେ ଗାଇଛନ୍ତି–

ଧନ୍ୟ ଧନ୍ୟ ଖୋରଧା ତୁ, ନାମ ତୋର ଧନ୍ୟ
କ୍ଷୁରଧାର ପରା ରିପୁ ଗଣଙ୍କର ଜ୍ଞାନ ।

କେତେକେତେ ଭକ୍ତ କବିଙ୍କର ଖୋର୍ଦ୍ଧା ଭୂମିରେ ଆବିର୍ଭାବ ଘଟିଛି । ସେମାନଙ୍କ ଭକ୍ତିର ସାପ୍ଲୁତ କବିତା ମାନ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ସେମାନଙ୍କ ମଧ୍ୟରେ ଚାନ୍ଦ ଦାସଙ୍କ 'ଗୋପୀଚନ୍ଦନ', ଦନାଇ ଦାସଙ୍କ 'ଗୋପୀଭାଷା', ବୃନ୍ଦାବତୀ ଦାସଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଭକ୍ତଚରଣ ଦାସଙ୍କ 'ମଥୁରାମଙ୍ଗଳ' ଓ 'ମନଶିକ୍ଷା', ଗୌରଚରଣ ଅଧିକାରୀଙ୍କ' 'ଶ୍ରୀ ଗୌର ଜଗନ୍ନାଥ ଭଜନ' ଆଦିର ତୁଳନା ନାହିଁ । ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମନ୍ଦିର ମଧ୍ୟ ଖୋର୍ଦ୍ଧାର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଖୋର୍ଦ୍ଧାଗଡର ଶ୍ରୀ କୁଞ୍ଜବିହାରୀ ମନ୍ଦିର ଯାହା ପୂର୍ବେ ସାକ୍ଷୀଗୋପାଳ ମନ୍ଦିର ଥିଲା, ଶ୍ରୀ ସାକ୍ଷୀଗୋପାଳ ସେଠାରେ ଅବସ୍ଥାନ କରିଥିଲେ । ଶ୍ରୀ ରାଧାକାନ୍ତ ମନ୍ଦିର, ଶ୍ରୀ ଗୋବିନ୍ଦ ଜୀଉ ମନ୍ଦିର, ଶ୍ରୀ ରଘୁନାଥ ମନ୍ଦିର, ଶ୍ରୀ ରାଧା ବୃନ୍ଦାବନ ଚନ୍ଦ୍ର ମନ୍ଦିର (ବଡ ଓଡ଼ିଆ ମଠ) ଜଜାରସିଂହ, ବର୍ତ୍ତମାନ ଖୋର୍ଦ୍ଧା ସହରର ଶ୍ରୀ ରାଧାବଲ୍ଲଭ, ଶ୍ରୀ ଗୋପୀନାଥ, ଶ୍ରୀ ଲକ୍ଷ୍ମୀନାରାୟଣ, ମୁକୁନ୍ଦ ପ୍ରସାଦର ଶ୍ରୀ ଦଧିବାମନ ଜୀଉ, ଜାଗୁଳେଇ ପାଟଣାର ହସ୍ତପଦାଦି ପୂର୍ଣ୍ଣାବୟବ ଥିବା ଶ୍ରୀଜଗନ୍ନାଥ ଇତ୍ୟାଦି ବିଷ୍ଣୁପୀଠ, ଗୁରୁଜଙ୍ଗର ଧବଳେଶ୍ୱର, ଖୋର୍ଦ୍ଧାର ସିଦ୍ଧେଶ୍ୱର, ବାଲୁଙ୍କେଶ୍ୱର, ସ୍ୱପ୍ନେଶ୍ୱର ଆଦି ଶୈବପୀଠ, ବରୁଣେଇ, ଦୁଲଣା ମଙ୍ଗଳା ଆଦି ଶକ୍ତିପୀଠ, ପଲ୍ଲାଗ୍ରାମର ପ୍ରାଚୀନ ଗୌର ନିତ୍ୟାନନ୍ଦ ବିଗ୍ରହ (ବ୍ରଜ ବିହାରୀ ମନ୍ଦିର) ଆଦି ଧାର୍ମିକ ପୀଠ ବ୍ୟତୀତ ଆହୁରି ବହୁତ ମନ୍ଦିର ରହିଛି ଯାହାକି ଖୋର୍ଦ୍ଧାର ଗଜପତି ମହାରାଜାମାନଙ୍କର କୀର୍ତ୍ତି । ଓଡ଼ିଶାର ଗୌରବ ବୀର ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା କେତେକେତେ ବୀର ଏ ଜାତିର ଟେକ ରଖି ଇତିହାସରେ ଅମର ହୋଇଛନ୍ତି । ବ୍ରିଟିଶ ଶାସନ ବିରୁଦ୍ଧରେ ସମଗ୍ର ଭାରତବର୍ଷ ମଧ୍ୟରେ ଜୟୀ ରାଜଗୁରୁଙ୍କ ଦ୍ୱାରା ପ୍ରଥମେ ହିଁ ସ୍ୱାଧୀନତା ସଂଗ୍ରାମର ଆରମ୍ଭ, ଏହି ଖୋର୍ଦ୍ଧାରେ ହିଁ ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଗଜପତି ମହାରାଜାଙ୍କ ରାଜପ୍ରାସାଦର ଭଗ୍ନାବଶେଷ ଏବେ ମଧ୍ୟ ମୂକସାକ୍ଷୀ ରୂପେ ଦଣ୍ଡାୟମାନ । ବଙ୍ଗଳା ଅଧିକାର କରିବାର ଦୀର୍ଘ ୪୫ ବର୍ଷ ପରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରିଥିଲେ ।

ସର୍ବୋପରି ସମଗ୍ର ଓଡ଼ିଆ ଜାତିର ଟେକ ରଖିଛନ୍ତି ଖୋର୍ଦ୍ଧା ରାଜା ଶ୍ରୀ ରାମଚନ୍ଦ୍ର ଦେବ ଯିଏ କି କଳାପାହାଡ ଦ୍ୱାରା ବକ୍ର ହୋଇଥିବା ନୀଳଚକ୍ର ସଳଖ କରି କୁଜଙ୍ଗରୁ ବ୍ରହ୍ମ ଅଣାଇ ଖୋର୍ଦ୍ଧାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିର୍ମାଣ କରାଇ ଶ୍ରୀମନ୍ଦିରରେ ସେମାନଙ୍କୁ ପ୍ରତିଷ୍ଠା କଲେ । ବନ୍ଦ ହୋଇଥିବା ମହାପ୍ରସାଦଙ୍କୁ ପୁନଃ ପ୍ରଚଳନ କରି ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟା ଲାଭ କରିଥିଲେ । ବୋଧ ହୁଏ ନବକଳେବର ପ୍ରଥା ସେହି ସମୟରୁ ହିଁ ଅନୁସୃତ ହେଉଛି । ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ସହ ଖୋର୍ଦ୍ଧାର ନିବିଡ ସମ୍ପର୍କ । ଖୋର୍ଦ୍ଧା ଆଖପାଖରେ ବହୁ ପ୍ରାଚୀନ ଶ୍ରୀଚୈତନ୍ୟ ମନ୍ଦିର ଅଛି । ପ୍ରେମ ପୁରୁଷୋତ୍ତମ ଶ୍ରୀଚୈତନ୍ୟ ପୁରୀରୁ ଘୋରଡିଆ, ହରିଡାମଡା (ତରାବୋଇ) ପଲ୍ଲା, ଗୁଡୁମ ଗ୍ରାମ ହୋଇ ଶ୍ରୀହଙ୍କେଶ୍ୱରଙ୍କୁ ଦର୍ଶନ କରିବା ଯୋଗୁଁ ଏବଂ ତାଙ୍କ ଦାକ୍ଷିଣାତ୍ୟ ଯିବା ସମୟରେ ବ୍ରହ୍ମଗିରିରୁ ଚିଲିକା ପାର ହୋଇ ସୋରଣ, କୁସୁମୀ, କୁହୁଡି, ଚଣ୍ଡେଶ୍ୱର ଇତ୍ୟାଦି ଦର୍ଶନ କରିଥିବାରୁ ଖୋର୍ଦ୍ଧା ଭୂଖଣ୍ଡ ପବିତ୍ର ହୋଇଯାଇଛି । ଗ୍ରାମମାନଙ୍କରେ ଭାଗବତ ଟୁଙ୍ଗୀରେ ଭାଗବତର ସ୍ୱର ଓ ପ୍ରତି ଗ୍ରାମରେ ଶ୍ରୀ ଗୌର ବିହିତ ସଂକୀର୍ତ୍ତନ ଅନୁଷ୍ଠିତ ହେବା ଫଳରେ ଐକ୍ୟ ଓ ସଂହତି ଶ୍ରୀଜଗନ୍ନାଥଙ୍କ ଉଦାର ଧର୍ମର ସଂସ୍କୃତିର ପରିଚୟ ଦେଉଅଛି ।

ଓଡ଼ିଆ ଜାତିର ପ୍ରାଣ ଶ୍ରୀଜଗନ୍ନାଥ ମଧ୍ୟ ବିଭିନ୍ନ ସମୟରେ ବିଧର୍ମୀମାନଙ୍କ ଆକ୍ରମଣର କବଳରୁ ମୁକ୍ତ ହୋଇ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ କିଛିଦିନ ଅବସ୍ଥାନ କରିବା ଫଳରେ ଖୋର୍ଦ୍ଧା ଭୂମି ପବିତ୍ର ହୋଇଛି । ଖୋର୍ଦ୍ଧା ନିକଟ କାଇପଦରରେ ପୀର (ବୁଖାରୀବାବା)ଙ୍କୁ ହିନ୍ଦୁ ମୁସଲମାନ ଉଭୟେ ଉପାସନା କରନ୍ତି, ଗଜପତି ମହାରାଜ ପୀରଙ୍କ ପାଇଁ ଜମି ମଧ୍ୟ ଖଞ୍ଜିଥିଲେ । ଏଣୁ

ଖୋର୍ଦ୍ଧାର ସଂସ୍କୃତି ଉଦାର, ସାର୍ବଜନୀନ ଆଉ ଏହି ଖୋର୍ଦ୍ଧାରୁ ଗଜପତି ମହାରାଜ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିର୍ମାଣ କରି ପୁରୀ ଶ୍ରୀମନ୍ଦିରରେ ସଂସ୍ଥାପନ ଓ ଶ୍ରୀଜୀଉଙ୍କ ସେବା ପୂଜାର ଭିଆଣାଦି ସମସ୍ତ ଯୋଜନା କରିଥିବାରୁ ଖୋର୍ଦ୍ଧା ମଧ୍ୟ ଏକ ଜଗନ୍ନାଥ ପୀଠ । ଏକାଦିକ୍ରମେ ଖୋର୍ଦ୍ଧା ବୀର ଓ ଧର୍ମ ଐକ୍ୟାଦିର ଉଦାର ଭୂମି । ଏପରି ସ୍ଥାନ ଭାରତ ଭୂଖଣ୍ଡରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ଖୋର୍ଦ୍ଧାରେ ଯେତେବେଳେ କଚେରୀ, ଥାନା ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଆଦି ଥିଲା । ସେତେବେଳେ ଭୁବନେଶ୍ୱର କେବଳ ଶ୍ରୀଲିଙ୍ଗରାଜଙ୍କ ବ୍ୟତୀତ ଅନ୍ୟ କୌଣସି ପାଇଁ ପ୍ରସିଦ୍ଧି ଲାଭ କରି ନଥିଲା । ତାହା ଥିଲା କେବଳ ଏକାମ୍ର କାନନ, ନିବିଡ ଜଙ୍ଗଲ । ତେବେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଖୋର୍ଦ୍ଧାକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବା ପରଠାରୁ ଖୋର୍ଦ୍ଧାର ଭାଗ୍ୟାକାଶରେ ପରିବର୍ତ୍ତନ ଦେଖାଦେଇଛି ଓ ପ୍ରାଚୀନ ଉଡ୍ର ବା ଓଡ଼ିଶା ରାଜ୍ୟ ଖୋର୍ଦ୍ଧା ତାର ହୃତଗୌରବ ଲାଭ କରିବା ଦିଗରେ ଆଗୁସାର ହେଉଅଛି ।

ଶ୍ରୀଚୈତନ୍ୟ ବିହାର
ଖୋର୍ଦ୍ଧା

❖ ❖ ❖

# ଜାତୀୟ ପଞ୍ଚାୟତିରାଜ ଦିବସରେ ପୁରସ୍କୃତ ହେଲା ଓଡ଼ିଶା

## ପଞ୍ଚାୟତ ସଶକ୍ତିକରଣରେ ଓଡ଼ିଶା ଦେଶରେ ଚତୁର୍ଥ

ଗତ ୨୪ ତାରିଖ ଦିନ ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସରେ ଓଡ଼ିଶାକୁ ପୁରସ୍କୃତ କରାଯାଇଛି । ରାଜ୍ୟରେ ପଞ୍ଚାୟତ ସଶକ୍ତିକରଣ କାର୍ଯ୍ୟକ୍ରମ ସଞ୍ଚାଳନରେ ଓଡ଼ିଶା ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ, ଆଜିର କାର୍ଯ୍ୟକ୍ରମରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ କଳ୍ପତରୁ ଦାସ ପ୍ରଧାନମନ୍ତ୍ରୀଙ୍କଠାରୁ ଏ ବାବଦରେ ଏକ କୋଟି ଟଙ୍କା ପୁରସ୍କାର ଏବଂ ମାନପତ୍ର ଗ୍ରହଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ ସମ୍ବିଧାନର ୭୩ତମ ସଂଶୋଧନ ଫଳରେ ଦେଶରେ ଏକ ବିରାଟ ପରିବର୍ତ୍ତନ ହୋଇପାରିଥିବା ଦର୍ଶାଇ ଓଡ଼ିଶାରେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଏବଂ ମହିଳାମାନଙ୍କ ନିମନ୍ତେ କିପରି ପଞ୍ଚାୟତିରାଜ ବ୍ୟବସ୍ଥାରେ ଆସନ ସଂରକ୍ଷଣ ମାଧ୍ୟମରେ ବିଶେଷ ପ୍ରାବଧାନ କରାଯାଇଛି, ତାହା ଦର୍ଶାଇବା ସହ ଦେଶରେ ପଞ୍ଚାୟତଗୁଡ଼ିକୁ ଅଧିକ କ୍ଷମତାଶାଳୀ କରିବା ଦିଗରେ କେନ୍ଦ୍ର ଯତ୍ନବାନ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାରେ ନିୟମିତ ଭାବେ ଗ୍ରାମସଭା ଆୟୋଜନ କରାଯାଇ ଲୋକଙ୍କ ପ୍ରସ୍ତୁତ ଯୋଜନାଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଥିବା ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କ୍ରମରେ ଓଡ଼ିଶାର ୬ହଜାରରୁ ଊର୍ଦ୍ଧ୍ୱ ଗ୍ରାମପଞ୍ଚାୟତରେ ଗ୍ରାମସଭା ଆୟୋଜନ କରାଯାଇଛି, ଯେଉଁଥିରେ ୪୭ହଜାର ଗ୍ରାମ ଅନ୍ତର୍ଭୁକ୍ତ । ବ୍ୟବସ୍ଥା ଯେପରି ସ୍ୱଚ୍ଛତାର ସହ ସଞ୍ଚାଳିତ ଏବଂ ଲୋକାଭିମୁଖୀ ହୋଇପାରିବ, ସେଥିପାଇଁ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । କେନ୍ଦ୍ର ଦ୍ୱାଦଶ ଯୋଜନା ଅବଧି ମଧ୍ୟରେ ରାଜୀବ ଗାନ୍ଧୀ ପଞ୍ଚାୟତ ସଶକ୍ତିକରଣ ଅଭିଯାନ ଚଳାଇ ଥିବା ଯୋଗୁଁ ଧନ୍ୟବାଦ ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦକୁ ୪୦ ଲକ୍ଷ ଟଙ୍କା ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ପଞ୍ଚାୟତ ସମିତି ସ୍ତରରେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଏବଂ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ସଦର ବ୍ଲକ୍‌କୁ ୨୦ ଲକ୍ଷ ଟଙ୍କା ଲେଖାଏଁ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଗଞ୍ଜାମ ଜିଲ୍ଲାର ଦାରଭଦ୍ର ଗ୍ରାମପଞ୍ଚାୟତ, ସୁନାଧରା, ଇରେଣ୍ଡ୍ରା ଓ ନବରଙ୍ଗପୁର ଜିଲ୍ଲାର ବାଘ ସିଉନୀ ଗ୍ରାମପଞ୍ଚାୟତ ପ୍ରତ୍ୟେକଙ୍କୁ ୧୩ଲକ୍ଷ ଟଙ୍କା ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶାରୁ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କ ସମେତ ଉଚ୍ଚପଦାଧିକାରୀ ଓ ୪୦ ଜଣିଆ ନିର୍ବାଚିତ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତ କରିଥିଲେ ।

# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**May 2013**

୬୯ ଭାଗ ୧୦ମ ସଂଖ୍ୟା ବୈଶାଖ-ଜ୍ୟେଷ୍ଠ ମଇ- ୨୦୧୩

**ପ୍ରଦୀପ କୁମାର ଜେନା,** ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ

**ଡକ୍ଟର ହୁସେନ ରବିଗାନ୍ଧୀ**
ସମ୍ପାଦକ

**ଦେବେନ୍ଦ୍ର ପ୍ରସାଦ ଦାସ,** ଓ.ପ୍ର.ସେ.
ନିର୍ଦ୍ଦେଶକ

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ
**ମାନସ ନାୟକ**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

ସମ୍ପାଦନା ସହଯୋଗୀ
**ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**
**ସଚିଦାନନ୍ଦ ବାରିକ**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**

**ପ୍ରତିଖଣ୍ଡ : ଟ. ୫.୦୦**

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, iprsec.or@nic.in, ୱେବ୍‌ସାଇଟ୍ : www.orissagov.nic.in
ଫୋନ୍ : ୦୬୭୪-୨୫୩୦୨୧୧

# ସୂଚୀ


| | | | |
|---|---|---|---|
| • ମେ' ପହିଲା– ବିଶ୍ୱ ଶ୍ରମିକ ଦିବସ | ଜନାର୍ଦ୍ଦନ ପତି | .... | ୧ |
| • ମଇ ଦିବସ | ବିଜୟ କୁମାର ପଢ଼ିହାରୀ | .... | ୪ |
| • ରାଷ୍ଟ୍ରୀୟ ଶ୍ରମନୀତିର ଉନ୍ମେଷ ଓ ଉତ୍ତରଣ | ଲକ୍ଷ୍ମୀଚରଣ ସାମନ୍ତରାୟ | .... | ୭ |
| • ଆସ, ମୈତ୍ରେୟ ବୁଦ୍ଧ !! | ଚିନ୍ମୟ ରାୟ | .... | ୯ |
| • ଭୀମଭୋଇ : ସାର୍ଥକ ସାଧକ ଓ ଚିନ୍ମୟ ଚିନ୍ତକ | ଡକ୍ଟର ନାରାୟଣ ପଣ୍ଡା | .... | ୧୧ |
| • ଶ୍ରୀଜୟଦେବ ଓ ବୈଷ୍ଣବ ଧର୍ମ | ଡକ୍ଟର ଅଜିତ କୁମାର ତ୍ରିପାଠୀ | .... | ୧୬ |
| • ଭକ୍ତି ଓ ପ୍ରୀତିର କାବ୍ୟ ଗୀତଗୋବିନ୍ଦ | ଡକ୍ଟର ତ୍ରିନାଥ ପଟ୍ଟନାୟକ | .... | ୧୯ |
| • ସନ୍ଥ କବି ଭୀମ ଭୋଇଙ୍କ କାବ୍ୟ ଦର୍ଶନ | ପ୍ରଫେସର ଡକ୍ଟର ହାଡିବନ୍ଧୁ ମିର୍ଦ୍ଧା | .... | ୨୩ |
| • କବି ସଚ୍ଚି ରାଉତରାୟଙ୍କ ଉଦ୍ଦୀପ୍ତ କାବ୍ୟ–ଚେତନା | ଡକ୍ଟର ନୃସିଂହ ଷଡଙ୍ଗୀ | .... | ୨୬ |
| • କ୍ରାନ୍ତିଦୂତ ମହାକବି ରାଉତରାୟ ଓ ତାଙ୍କର ଅନନ୍ୟ କାବ୍ୟକଳା | ଡକ୍ଟର ଇନ୍ଦୁ ମିଶ୍ର | .... | ୨୯ |
| • ଉତ୍କଳ ଭାରତୀ କୁନ୍ତଳା କୁମାରୀ ଏକ ଅନନ୍ୟ ପ୍ରତିଭା | ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ | .... | ୩୬ |
| • ପଦ୍ମଶ୍ରୀ ମନୋରଞ୍ଜନ: ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ପୁରୋଧା | ବିମଳ କୁମାର ରାଉଳ | .... | ୩୯ |
| • ଓଡ଼ିଶା ଓ ଯାଜପୁର | ସୂର୍ଯ୍ୟମଣି ଖୁଣ୍ଟିଆ | .... | ୪୨ |
| • ଆବିଷ୍କୃତ ଐତିହାସିକ 'ମୋଗଲମାରୀ'ର ବୌଦ୍ଧ ବିହାର– ଏକ ସିଂହାବଲୋକନ | ଜୀବନକୃଷ୍ଣ ଦାସ ଅଧିକାରୀ | .... | ୫୨ |
| • ଆମ ପରମ୍ପରାରେ ବୃକ୍ଷଚେତନା | ନନ୍ଦକିଶୋର ସିଂହ | .... | ୫୬ |
| • ବିରି ପାଣି ପରବ | ଡକ୍ଟର ପ୍ରମୋଦିନୀ ହୋତା | .... | ୫୮ |
| • ବାଥୁଡି ଜନଜାତିର ନୃତ୍ୟ ଓ ଗୀତ | କ୍ଷୀରୋଦ ଚନ୍ଦ୍ର ନାୟକ | .... | ୬୦ |
| • ଜାତୀୟ ପରିବାର କଲ୍ୟାଣ ଯୋଜନା ସେବା ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ | ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ | .... | ୬୩ |
| • ପ୍ରାଚୀନ ଓଡ଼ିଶା ହିଁ ଖୋର୍ଦ୍ଧା | ଜାନକୀ ବଲ୍ଲଭ ପଟ୍ଟନାୟକ | .... | ୬୫ |


❖ ❖ ❖



ଗୌତମ ବୁଦ୍ଧ



ମହାକବି ଜୟଦେବ



ସନ୍ଥ କବି ଭୀମ ଭୋଇ



ଆଧୁନିକ କାବ୍ୟଧାରାର ମହାକବି ସଚ୍ଚି ରାଉତରାୟ

**ସମ୍ପାଦକୀୟ**

# ଶ୍ରମିକ ଦିବସ ଓ ଆଜିର ଶ୍ରମିକ

ଊନବିଂଶ ଶତାବ୍ଦୀରେ ଯେତେବେଳେ କାର୍ଲମାର୍କ୍ସଙ୍କ ବିରଚିତ 'କମ୍ୟୁନିଷ୍ଟ ମେନିଫେଷ୍ଟୋ' ବା ସାମ୍ୟବାଦୀ ଦଳର ଇସ୍ତାହାର ପ୍ରକାଶିତ ହୋଇଥିଲା (୧୮୪୮), ସେତେବେଳେ ୟୁରୋପରେ ଶିଳ୍ପ ସଭ୍ୟତାର ଥିଲା ପ୍ରାକ୍‌କାଳ । ତତ୍କାଳୀନ ଶିଳ୍ପ ସଭ୍ୟତାରେ ମାଲିକ ଶ୍ରେଣୀ ଦ୍ୱାରା ଶ୍ରମିକଟି କ୍ରୀତଦାସ ପରି ଅବସ୍ଥାରେ ଥିଲା । ତାର ସମଗ୍ର ପରିବାର ଥିଲେ ମାଲିକ ଶ୍ରେଣୀ ଅଧୀନସ୍ଥ । ସେମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ମାଲିକ ଶ୍ରେଣୀର କିଛି ବି କର୍ତ୍ତବ୍ୟ ନଥିଲା । ଶ୍ରମିକ ଶ୍ରେଣୀର ସାମାଜିକ ନିରାପତ୍ତା ଥିଲା ଶୂନ୍ୟ । କାର୍ଯ୍ୟ ସମ୍ପାଦନର ସମୟ ବି ୧୨/୧୪ ଘଣ୍ଟା ବା ତତୋଧିକ ଥିଲା ।

ତେଣୁ ମାର୍କ୍ସଙ୍କ ପରି ମହାନ ମାନବବାଦୀ ଦାର୍ଶନିକଗଣ ଅଭ୍ୟୁତ୍ଥାନ ବା ବିପ୍ଳବ ମାଧ୍ୟମରେ ସାମାଜିକ ତଥା ଆର୍ଥିକ ଅବସ୍ଥାର ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ ନିଜ ରଚନାମାନଙ୍କ ମାଧ୍ୟମରେ । ଫଳରେ ୟୁରୋପ ଓ ଆମେରିକା ମହାଦେଶରେ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସଙ୍ଗଠିତ ଭାବେ ଉଦ୍ୟମ ଆରମ୍ଭ ହୋଇଥିଲା ଏବଂ ଆମେରିକାର ଚିକାଗୋ ନଗରୀର ଶ୍ରମିକମାନଙ୍କ ଆତ୍ମବଳିଦାନ ଫଳରେ ଅନ୍ତତଃ ଦୈନିକ ୮ ଘଣ୍ଟା କାର୍ଯ୍ୟ କରିବାର ଅଧିକାର ଶ୍ରମିକ ଶ୍ରେଣୀ ପାଇପାରି ଥିଲେ ।

ଊନବିଂଶ ଶତାବ୍ଦୀ ତଥା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା (ଦକ୍ଷିଣ ଆମେରିକା)ର ଅଧିକାଂଶ ଦେଶ ଔପନିବେଶିକ ଶାସନ ପ୍ରଣାଳୀରେ ନିଷ୍ପେଷିତ ଅବସ୍ଥାରେ ଥିଲା । ସେହିସବୁ ଦେଶର ଶ୍ରମିକ ଓ କୃଷକ ଶ୍ରେଣୀ ସମାଜର ଅନ୍ୟାନ୍ୟ ଶ୍ରେଣୀର ଜନଗଣଙ୍କ ସହିତ ସମ୍ମିଳିତ ହୋଇ ନିଜ ଅଧିକାର ସହିତ ଜାତୀୟ ମୁକ୍ତି ସଂଗ୍ରାମ ଆରମ୍ଭ କରିଥିଲେ । ଫଳରେ ଏହି ମହାଦେଶର ଦେଶ ସମୂହ ରାଜନୈତିକ ମୁକ୍ତି ଲାଭ କରିଥିଲେ । ମାତ୍ର ସେମାନେ ଆର୍ଥିକ ମୁକ୍ତିଲାଭ କରିପାରି ନଥିଲେ । ଧୀରେ ଧୀରେ ରାଜନୈତିକ ମୁକ୍ତି ଫଳରେ ଆର୍ଥିକ ମୁକ୍ତିର ପଥ ସୁଗମ ହେବାକୁ ଲାଗିଲା । ଭାରତ ପରି ବିକାଶଶୀଳ ଦେଶର ଶ୍ରମିକ ସମାଜ ସ୍ୱାଧୀନତା ପରେ ଆର୍ଥିକ ମୁକ୍ତିର ପଥରେ ଅଗ୍ରସର ହେବାକୁ ଲାଗିଲା । ମାତ୍ର ବିଂଶ ଶତାବ୍ଦୀର ନବେ ଦଶକରେ ପୃଥିବୀ ପୃଷ୍ଠରୁ ସାମ୍ୟବାଦୀ ଋଷିଆର ବିଘଟନ ପରେ ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥା ବଳଶାଳୀ ହୋଇ ବିକାଶଶୀଳ ତଥା ବିକାଶୋନ୍ମୁଖୀ ଦେଶଗୁଡିକୁ ନିଜ ଅକ୍ଟୋପଶୀୟ ପଞ୍ଝାରେ ଜାବୁଡି ଧରି ଗିଳି ଯିବାକୁ ଉପକ୍ରମ କଲେ, ଯାହା ଏବେ ଅବ୍ୟାହତ ରହିଛି । ଫଳରେ ନବ୍ୟ ପୁଞ୍ଜିବାଦୀ ବ୍ୟବସ୍ଥାଟି ଉଦାରୀକରଣର ଆଢୁଆଳରେ ବଜାରଶ୍ରୟୀ ହୋଇଗଲା । ଲୋକଙ୍କ ମୌଳିକ ଆବଶ୍ୟକତା ପ୍ରତି ଧ୍ୟାନ ନଦେଇ ସୌଖୀନ ସାମଗ୍ରୀର ଉତ୍ପାଦନ ବଢାଗଲା । ଅଳ୍ପ ମୂଲ୍ୟର ଲୁଗା ବଦଳରେ  ଦାମିକା ଲୁଗାର ବହୁଳ ଉତ୍ପାଦନ କରି ବଜାରରେ ଏକ ଖାଉଟି ସଭ୍ୟତାକୁ ପ୍ରୋତ୍ସାହିତ କରାଗଲା ।

ଫଳରେ ବଜାରରେ ସୌଖୀନ ପଦାର୍ଥଗୁଡିକର ଦାମ କମିବା ବେଳେ ଖାଦ୍ୟ ଦ୍ରବ୍ୟର ଦାମ୍ ଆକାଶ ଛୁଆଁ ହେଲା । ସୌଖୀନ ଦ୍ରବ୍ୟର ଉତ୍ପାଦନର ମୂଲ୍ୟ ହ୍ରାସ କରିବାକୁ ଯାଇ ଯାନ୍ତ୍ରିକ ପଦ୍ଧତିରେ କଳକାରଖାନାର କାର୍ଯ୍ୟ ସମ୍ପାଦନ କରାଯିବାକୁ ଲାଗିଲା । ଏହାର କୁପରିଣାମ ଶ୍ରମିକ ଶ୍ରେଣୀକୁ ଭୋଗିବାକୁ ପଡିଲା ଏବଂ ଶ୍ରମିକ ଛଟେଇ ଏକ ମାମୁଲି କଥାରେ ପରିଣତ ହେଲା । ନିଯୁକ୍ତି ସୁଯୋଗ କ୍ରମଶଃ ହ୍ରାସ ପାଇବାରେ ଲାଗିବାରୁ ଲୋକଙ୍କ କ୍ରୟ ଶକ୍ତିର ବୃଦ୍ଧି ହେଲା ନାହିଁ । ଉଦାରୀକରଣ ଅର୍ଥନୀତି (ଭାରତରେ ଯାହାର ମୁଖ୍ୟ ଉଦ୍ୟୋକ୍ତା ଥିଲେ ସ୍ୱର୍ଗତ ପି.ଭି. ନରସିଂହ ରାଓ, ମନମୋହନ ସିଂହ, ପି. ଚିଦାମ୍ବରମ୍ ଓ ପ୍ରଣବ ମୁଖାର୍ଜୀ) ଦ୍ୱାରା ଏକ କ୍ଷୁଦ୍ର ଗୋଷ୍ଠୀ ବେଶ ଲାଭବାନ ହେଲେ । କୋଟିପତିଙ୍କ ସଂଖ୍ୟା ବୃଦ୍ଧି ପାଇଲା । ମାତ୍ର ତା ସହିତ  କାଙ୍ଗାଳଙ୍କ ସଂଖ୍ୟା ଶହ ଶହ ଗୁଣ ଅଧିକ ବୃଦ୍ଧି ପାଇବାକୁ ଲାଗିଲା ।

ଶ୍ରମିକ ଶ୍ରେଣୀ (ଯାହାଙ୍କ ଭିତରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଅନ୍ତର୍ଭୁକ୍ତ) ଅର୍ଥନୀତିର ଉଦାରୀକରଣ ଫଳରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ଅବସ୍ଥାର ପରିବର୍ତ୍ତନ ପାଇଁ ଓଡ଼ିଶାରେ ଏକ ବିକଳ୍ପ ବ୍ୟବସ୍ଥାର କଥା ଚିନ୍ତା କରାଯାଇଛି । ଏହାର ପରିଣାମ ସ୍ୱରୂପ କୃଷି କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଦେଇ ତାରି ମାଧ୍ୟମରେ ରୋଜଗାରର ଅବସର ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ଉଦ୍ୟମ କରିଛନ୍ତି । ଏହି ବିକଳ୍ପ ବିଚାର ପ୍ରତିଫଳିତ ହୋଇଛି  ରାଜ୍ୟ ସରକାରଙ୍କର ଚଳିତ ବର୍ଷର ବଜେଟ୍‌ରେ । ଏହି

ବଜେଟ୍ କୃଷି ଅଭିମୁଖୀ ଓ ଶ୍ରମିକ ଶ୍ରେଣୀର ହିତ ସାଧନର ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇପାରିଛି । ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟକୁ ତାର ପ୍ରକୃତ ସ୍ଥାନ ଦେବା ଉଦ୍ଦେଶ୍ୟରେ ଏ ବଜେଟ୍ ସଫଳ ହେବ ବୋଲି ଆଶା । ଫଳରେ କୃଷକ ଓ କୃଷି ଶ୍ରମିକ ସମେତ ସାଧାରଣ ମଣିଷଟି ଉପକୃତ ହୋଇପାରିବ ବୋଲି ଚିନ୍ତା କରାଯାଉଛି ।

ତେଣୁ ଆଜିର ଏହି ପବିତ୍ର ଶ୍ରମିକ ଦିବସରେ ଓଡ଼ିଶାର ଅଗଣିତ ଶିଳ୍ପ ଶ୍ରମିକ ତଥା କୃଷି ଶ୍ରମିକ ଶ୍ରେଣୀ ଉପକୃତ ହେବେ ବୋଲି ଆମର ବିଶ୍ୱାସ ।

ବିଶ୍ୱର ଶ୍ରମିକ ଏକ ହୁଅ ।

---

## ମହାତ୍ମା ଗୌତମ ବୁଦ୍ଧ, ମହାକବି ଜୟଦେବ, ସନ୍ଥକବି ଭୀମ ଭୋଇ ଓ ଜ୍ଞାନପୀଠ ବିଜେତା ନୂତନ ଓଡ଼ିଆ କବିତାର ସ୍ରଷ୍ଟା ପଦ୍ମଶ୍ରୀ ସଚ୍ଚି ରାଉତରାୟ ।

ମେ'ମାସଟି ଅନେକ ଦିଗରୁ ଓଡ଼ିଶା ପାଇଁ ଏକ ଐତିହାସିକ ମାସ । ଏହି ମାସରେ ବୈଶାଖ ପୂର୍ଣ୍ଣମୀ ପାଳିତ ହୋଇଥାଏ । ବୈଶାଖ ପୂର୍ଣ୍ଣମୀକୁ ବୁଦ୍ଧପୂର୍ଣ୍ଣମୀ ବୋଲି କୁହାଯାଏ । କାରଣ ଶାକ୍ୟ ମୁନି ଗୌତମ ବା ସିଦ୍ଧାର୍ଥ ଏହି ପୂର୍ଣ୍ଣମୀ ଅବକାଶରେ ଜନ୍ମ ଗ୍ରହଣ କରିଥିଲେ । କେତେକ ଐତିହାସିକ ଓ ଗବେଷକ ଗୌତମ ବୁଦ୍ଧଙ୍କ ପ୍ରକୃତ ଜନ୍ମସ୍ଥାନ ଓଡ଼ିଶା ବୋଲି ମଧ୍ୟ ବହୁ ଅକାଟ୍ୟ ଯୁକ୍ତି ଓ ତଥ୍ୟ ପ୍ରଦାନ କରିଛନ୍ତି ଏବଂ ଏ ଦିଗରେ ଗବେଷଣା ଏବେ ମଧ୍ୟ ଚାଲୁ ରହିଛି ।

ସେହିପରି ବୈଶାଖ ପୂର୍ଣ୍ଣମୀରେ ଓଡ଼ିଶାର ଆଉ ଜଣେ ମହାପୁରୁଷ ଧରାବତରଣ କରିଥିଲେ । ସେ ଆମ ଭାଷା ସାହିତ୍ୟର ଏକ ଚିର ଜାଜ୍ୱଲ୍ୟମାନ ପ୍ରଦୀପ ମହାନ୍ ସନ୍ଥ କବି ଭୀମ ଭୋଇ । ରେଢାଖୋଲ ପରି ସେସମୟର ଏକ ଅଖ୍ୟାତ ଗଡଜାତର ଘଞ୍ଚ ଅରଣ୍ୟରେ ଜନ୍ମିତ ଏହି ସନ୍ଥ କବି ଆମ ଜାତିକୁ ମୁକ୍ତିର ପ୍ରଥମ ମନ୍ତ୍ର ପ୍ରଦାନ କରିଥିଲେ । ସେ ଆମକୁ ଜାତି, ବର୍ଣ୍ଣ, ଧର୍ମ ଓ ସଂକୀର୍ଣ୍ଣତାର ବେଷ୍ଟନୀରୁ ମୁକ୍ତ ହୋଇ ଏକ ବିଶ୍ୱ ମାନବୀୟ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବା ପାଇଁ ପ୍ରେରିତ କରିଥିଲେ ।

ଏହି ମାସରେ ଗୀତଗୋବିନ୍ଦ ଗ୍ରନ୍ଥର ପ୍ରଣେତା ତଥା ମହାନ୍ ସଂସ୍କୃତ କବି ଶ୍ରୀଜୟଦେବଙ୍କ ଜୟନ୍ତୀ ମଧ୍ୟ ପାଳିତ ହୁଏ । ମହାକବି ଜୟଦେବ ଓଡ଼ିଶାରେ ଜନ୍ମ ଲାଭ କରିଥିଲେ ବି ଅନେକ ଗବେଷକ ଅନେକ ଦିନ ଯାଏଁ ଏହା ସ୍ୱୀକାର କରୁ ନଥିଲେ । ମାତ୍ର ସୁଖର କଥା, ଏବେ ଭାରତ ତଥା ଭାରତ ବାହାରର ବହୁ ଗବେଷକ ଓ ଐତିହାସିକ ମହାକବି ଜୟଦେବ ଓଡ଼ିଶାରେ ଜନ୍ମ ଲାଭ କରିଛନ୍ତି ବୋଲି ସ୍ୱୀକାର କରି ସାରିଛନ୍ତି । ଏହା ଓଡ଼ିଆ ଜାତିର ଅସ୍ମିତା ପାଇଁ ଆନନ୍ଦର କଥା । ଏଥିପାଇଁ ଓଡ଼ିଶାର ବହୁ ଗବେଷକ ଓ ଐତିହାସିକ ଅଶେଷ ଶ୍ରମ ସ୍ୱୀକାର କରି ମହାକବି ଜୟଦେବଙ୍କୁ ଓଡ଼ିଆ ବୋଲି ପ୍ରମାଣିତ କରି ତଥା ଏହି ତଥ୍ୟକୁ ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା ଗୃହୀତ କରାଇ ଆମ ଜାତିର ଧନ୍ୟବାଦାର୍ହ ହୋଇପାରିଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରାକ୍ତନ ସଂସ୍କୃତି ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଓ ଓଡ଼ିଶା ସରକାରଙ୍କର ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ଡକ୍ଟର ଅଜିତ୍ କୁମାର ତ୍ରିପାଠୀ ଅନ୍ୟତମ । ସେମାନେ ଅବଶ୍ୟ ସାଧୁବାଦର ପାତ୍ର ।

ଏହି ମେ' ମାସର ୧୧ ତାରିଖ ୧୯୧୬ ମସିହାରେ ଖୋର୍ଦ୍ଧା ସହର ଅନ୍ତର୍ଗତ ଗୁରୁଜଙ୍ଗଠାରେ ଜନ୍ମିତ କବି ସଚ୍ଚିଦାନନ୍ଦ ରାଉତରାୟ ଆମ ଭାଷା ସାହିତ୍ୟର ଅନନ୍ୟ ମହାରଥୀ । ସେ ଆଧୁନିକ ଓଡ଼ିଆ କାବ୍ୟକୁ ଏକ ନୂତନ ମାର୍ଗ ପ୍ରଦାନ କରି ଚିରସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କର କାବ୍ୟ ପ୍ରତିଭାକୁ ସ୍ୱୀକୃତି ପ୍ରଦାନ କରି ଭାରତ ସରକାର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀଠାରୁ ଆରମ୍ଭ କରି ଆମ ଦେଶର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଜ୍ଞାନପୀଠ ପୁରସ୍କାର' ପ୍ରାପ୍ତ ହୋଇ ଆମ ଭାଷା-ସାହିତ୍ୟକୁ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ।

ଏ ସମସ୍ତ ମହାପୁରୁଷଙ୍କୁ ଜନ୍ମ ଦେଇ ଓଡ଼ିଶା ଚିର ଗର୍ବିତ । ଏମାନଙ୍କ ଜନ୍ମ ଜୟନ୍ତୀ ଅବସରରେ 'ଉତ୍କଳପ୍ରସଙ୍ଗ' ସେମାନଙ୍କୁ ଭକ୍ତିଭରେ ପ୍ରଣାମ ଜଣାଉଅଛି ।

'ବନ୍ଦେ ଉତ୍କଳ ଜନନୀ'